# ବିଜୁ ଜନତା ଦଳ

## ଓଡ଼ିଶା ଜନମାନସର ସେବକ

### ଏକ ରାଜନୈତିକ ସମୀକ୍ଷା ସାହିତ୍ୟ




ଡକ୍ଟର ସୁବାଷ ନାୟକ

# ବିଜୁ ଜନତା ଦଳ

## ଓଡ଼ିଶା ଜନମାନସର ସେବକ

ଡକ୍ଟର ସୁବାଷ ନାୟକ

# ବିଜୁ ଜନତା ଦଳ
# ଓଡିଶା ଜନମାନସର ସେବକ

ଲେଖକ- ଡକ୍ଟର ସୁବାଷ ନାୟକ

ମୁଦ୍ରଣ- ରାମଲକ୍ଷ୍ମଣ କଂପ୍ୟୁଟର ,
ନୂଆବଜାର, ଭୁବନ, ଢେଙ୍କାନାଳ

# ଉତ୍ସର୍ଗ



ଓଡିଆ, ଓଡିଶା ଜନ ଜୀବନର ବିସ୍ମୟ ପୁରୁଷ, ଅନନ୍ୟ ବରେଣ୍ୟ, ଅନ୍ତର୍ଜାତୀୟ ସୃଜନଶୀଳ ପ୍ରତିଭାଦୀପ୍ତ, ବିରଳ ବ୍ୟକ୍ତିତ୍ୱ, ମୁକ୍ତ, ନିରପେକ୍ଷ, ଅବଧ ରାଜନୈତିକ ପୁଷ୍ଟପୋଷକ, ଦୁର୍ନିତୀବିରୋଧ ସଂଗ୍ରାମର ସାରଥି ମା'ମାଟି, ମଣିଷ ସ୍ୱପ୍ନର ସଫଳ ବିନ୍ଧାଣୀ, ବିଜୁ ଜନତା ଦଳ ସଭପତି, ଚାରିକୋଟି ଓଡିଆଙ୍କ ପ୍ରିୟ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ପବିତ୍ର କର କମଳରେ ମୁଁ ମୋର ମାନସ ମନ୍ଥନର ସ୍ୱୀୟ ସାରସ୍ୱତ ସମ୍ଭାର " ବିଜୁ ଜନତା ଦଳ ଓଡିଶା ଜନମାନସର ସେବକ" ଶୀର୍ଷକ ପୁସ୍ତିକାଟିକୁ ସମ୍ମାନର ସହ ସାଦର ସମର୍ପଣ କରୁଛି । କୃତୀର ସୁଖ୍ୟାତି ନୁହେଁ ପରନ୍ତୁ ଶ୍ରମସାର୍ଥକ ହେବାର ଗଭୀର ଆଶ୍ୱସ୍ତି ଆଶା କରି ରହୁଛି ।

26.12.13

(ଡକ୍ଟର ସୁବାଷ ନାୟକ)
ଲେଖକ

# ଅଗ୍ରଲେଖ

ମୁଁ ଡକ୍ଟର ସୁବାଷ ନାୟକ - ଲେଖକ ଏହି ପୁସ୍ତକ - " ବିଜୁ ଜନତା ଦଳ- ଓଡିଶା ଜନମାନସର ସେବକ" । ମୁଁ ଜଣେ ରାଜନୈତିକ ପରିବାରର ଦାୟାଦ । ମୋର ବାପା- ରାମଚନ୍ଦ୍ର ନାୟକ ଜଣେ ୩୦ ବର୍ଷର ଅଭିଜ୍ଞତା ସଂପର୍ଣ୍ଣ ରାଜନେତା ଅଟନ୍ତି । ଭାରତୀୟ ଜନତା ପାର୍ଟି (ବି.ଜେ.ପି)ର ପ୍ରତିଷ୍ଠାତା ସଭାପତି ତଥା ଭାରତର ପୂର୍ବତନ ପ୍ରଧାନ ମନ୍ତ୍ରୀ ଅଟଳବିହାରୀ ବାଜପାୟୀଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ସଦସ୍ୟ ନଂ- ୭୫୦୫ ତା ୦୫.୦୭.୧୯୮୪ ମସିହାରେ ବି.ଜେ.ପି.ର ସଦସ୍ୟ ହୋଇଥାନ୍ତି । ୧୯୮୫ ମସିହାରେ ୧୯ ଦିନ କାଳ ଏକ ରାଜନୈତିକ କାରାବରଣ କରି ଓଡିଶାରେ ବି.ଜେ.ପି.ର ପ୍ରଥମ ବିଧାୟକ କାମାକ୍ଷାନଗରଙ୍କୁ ବିଜୟୀ କରାଇବାର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସେ ବି.ଜେ.ପି. ଢ଼େଙ୍କାନାଳ ଜିଲ୍ଲାର ଜିଲ୍ଲା ଉପ-ସଭାପତି ଭାବରେ କାର୍ଯ୍ୟ କରିଥିଲେ । ଏତଦବାଦ୍ ରାଜ୍ୟସଭା ସାଂସଦ ଓ ଢ଼େଙ୍କାନାଳ ଲୋକସଭା ସାଂସଦଙ୍କ ନୋମିନୀ ଭାବରେ ଭୁବନ ଅ ଳରେ କାର୍ଯ୍ୟ କରି ଜନସାଧାରଣଙ୍କ ସେବାରେ ନିଜକୁ ସମର୍ପଣ କରିଛନ୍ତି । ବି.ଜେ.ପି.ର ରାଷ୍ଟ୍ରୀୟ ସଭାପତି ରାଜନାଥ ସିଂହ ଶ୍ରୀ ନାୟକଙ୍କର ରାଜନୈତିକ ସଂଗଠନିକ ଅଭିଜ୍ଞତାକୁ ରାଜ୍ୟସ୍ତରୀୟ ସଂଗଠନରେ ବିନିଯୋଗ କରିବା ପାଇଁ ତାଙ୍କର ପତ୍ର ସଂଖ୍ୟା- ୧୭୫/ବିଜେପି/ପି/ ୧.୮.୨୦୦୭ ରେ ରାଜ୍ୟ ନେତୃବୃନ୍ଦଙ୍କୁ ପ୍ରଦାନ କରିଥିଲେ । ମାତ୍ର ରାଜ୍ୟ ନେତୃତ୍ୱ ଏହାକୁ ଗୁରୁତ୍ୱ ନଦେବାରୁ ଦୀର୍ଘ ୨୫ ବର୍ଷର ସମ୍ପର୍କ ତୁଟାଇ ବିଜେପି ପରିତ୍ୟାଗ କରିଥିଲେ । ଓଡ଼ିଶାର ଜନପ୍ରିୟ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦେଲେ ପ୍ରାଥମିକସଭ୍ୟ ନଂ- ୬୩୫୬୦୨ ତା୧୧.୯.୨୦୦୮ । ସେ ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ବିଧାନସଭା ଆସନର ଜଣେ ବରିଷ୍ଠ ବିଜେଡି ନେତା ଭାବରେ କାର୍ଯ୍ୟରତ । ମୋ'ବାପା ତାଙ୍କର ନେତା, ନବୀନ ପଟ୍ଟନାୟକଙ୍କ ଦଳ ବିଜୁ ଜନତାଦଳ (ବିଜେଡି) ଉପରେ ଏକ ରାଜନୈତିକ ଧର୍ମ ପୁସ୍ତକ ରଚନା କରିବାକୁ ନିର୍ଦ୍ଦେଶନା ଦେଇଥିଲେ । ଆଜି ଉକ୍ତ ପୁସ୍ତକଟି ତାର ଏକ ଫଳସୃତି ।

ମୋର ଏହି ପୁସ୍ତକ ବିଜୁ ଜନତା ଦଳ-ଓଡ଼ିଶା ଜନମାନସର ସେବକ ମୁଖ୍ୟତଃ ଦ୍ୱିବିଧକାରକ । ପ୍ରଥମତଃ ଯାହାଙ୍କ ନାମରେ ଦଳ ଗଠିତ ବିଜୁ ପଟ୍ଟନାୟକଙ୍କ ଜୀବନୀ, ଦ୍ୱିତୀୟତଃ ବିଜେଡି ଗଠନରୁ ଅଦ୍ୟାବଧି ବିଭିନ୍ନ କାର୍ଯ୍ୟକ୍ରମର ଏକ ଗୁରୁତ୍ୱପୂର୍ଣ୍ଣ ସାରସଂକ୍ଷେପ । ଏ ପୁସ୍ତକଟିକୁ ରଚନା କରିବାରେ ମୋତେ ସାହାଯ୍ୟ ଓ ସହଯୋଗର ପ୍ରମୁଖ ସ୍ଥାନରେ ସର୍ବପ୍ରଥମେ ବିଜୁ ପଟ୍ଟନାୟକ ଜୀବନୀ ପୁସ୍ତକର ଲେଖକ ଡଃ ଶ୍ରୀଚନ୍ଦନ ମହାପାତ୍ରଙ୍କୁ ଧନ୍ୟବାଦ । ତାଙ୍କ ପୁସ୍ତକର ଅନେକ ରୋଚକ ତଥ୍ୟ ମୋ ପୁସ୍ତକଟିକୁ ପୂର୍ଣ୍ଣାଙ୍ଗ କରିବାରେ ସହାୟକ ହୋଇ ପାରିଛି କହିଲେ ଅତ୍ୟୁକ୍ତି ହେବନାହିଁ ।

ଏତଦ୍‌ବ୍ୟତୀତ ଅଧାପକ-ବିଧାୟକ କାଳିନ୍ଦୀ ଚରଣ ବେହେରା- ଅଧକ୍ଷ ବିଜେଡି ନିର୍ବାଚନ ଇସ୍ତାହାର କମିଟି- ୨୦୦୯ ପୁସ୍ତିକାଟି ମୋତେ ବହୁଳଭାବେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଅଛି । ଏତଦ୍ ବାଦ ବିଜୁ ଜନତାଦଳ, ଓଡିଶାର ଦଳ-ଓଡିଶାର ବଳ ଲିଫ୍‌ଲେଟ୍ ର ପ୍ରକାଶକ ବିଜେଡି ସାଧାରଣ ସଂପାଦକ ନରେନ୍ଦ୍ର କୁମାର ସ୍ୱାଇଁଙ୍କ ତଥ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ ଓ ଜନାଭିମୁଖୀ ଅଟେ । ଭାରତ ରତ୍ନ ଓ ବିଜୁ ପଟ୍ଟନାୟକ ଉଚ୍ଚକୋଟୀର ସ୍ତମ୍ଭର ଲେଖକ ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ପଟ୍ଟନାୟକଙ୍କ ନିକଟରେ ମୁଁ କୃତଜ୍ଞତା ଜ୍ଞାପନ କରୁଅଛି । ଏତଦ୍‌ବ୍ୟତୀତ ଓଡ଼ିଶାର ଲବ୍‌ଧ ପ୍ରତିଷ୍ଠିତ ଦୈନିକ ଓଡ଼ିଆ ଖବର କାଗଜରେ ଅନେକ ତଥ୍ୟ ମୋର ପୁସ୍ତିକାଟିକୁ ପୂର୍ଣ୍ଣାଙ୍ଗ କରିବାରେ ସହାୟକ ହୋଇପାରିଛି ।

ଏ ପୁସ୍ତକଟିକୁ ରଚନା କରିବାରେ ସମ୍ପୂର୍ଣ୍ଣ ଭାବରେ ସହଯୋଗରେ ହାତ ଦେଇଥିବା ମୋ ପରିବାରର ସମସ୍ତ ସଦସ୍ୟ/ସଦସ୍ୟା ଯଥା- ମୋ'ବାପା କାଠଶିଳ୍ପୀ-ରାଜନେତା ଶ୍ରୀଯୁକ୍ତ ରାମଚନ୍ଦ୍ର ନାୟକ, ମା- ଶ୍ରୀମତୀ ଭାରତୀ ଦେବୀ, ନାନୀ- ଲେଖିକା ଜୟନ୍ତୀ ନାୟକ, ଭିଣୋଇ- ସାମ୍ବାଦିକ ମହେନ୍ଦ୍ର କୁମାର ଲେଙ୍କା , ମଧ୍ୟମ ଭାଇ- ଆଡ୍‌ଭୋକେଟ୍ ପ୍ରକାଶ ନାୟକ, ସାନଭାଇ- ଗବେଷକ ମାନସ ନାୟକ (ଯେ କି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସାରସ୍ୱତ କୃତୀ ଉପରେ ଗବେଷଣାରତ ତଥା ଜଣେ ଲେଖକ-ଏକ ପୁସ୍ତକ- "ଗୀତା ମେହେଟ୍ଟା- ଜଣେ ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଲେଖିକା)" ସର୍ବୋପରି ଦୁଇଜଣ କୁନି ଭାଣିଜୀ ରାଜେଶ୍ୱରୀ ଓ ବ୍ରଜେଶ୍ୱରୀଙ୍କ ସହଯୋଗ।

ସର୍ବୋପରି ଏ ପୁସ୍ତିକାଟିକୁ ସମ୍ପୂର୍ଣ୍ଣ ଭାବରେ ପରିସ୍ଫୁଟନ କରିଥିବା- ରାମଲକ୍ଷ୍ମଣ କମ୍ପ୍ୟୁଟର ସେ ର, ଭୁବନର ସ୍ୱତାଧିକାରୀ ମନମୋହନ ସାହୁଙ୍କ ନିକଟରେ ବିଶେଷଭାବେ ଋଣୀ ଅଟେ। ପୁସ୍ତିକାଟିର ପ୍ରକାଶକ ନୂତନ ଭାବରେ ଆମର ଗଢ଼ିଉଠିଥିବା ଶ୍ରୀରାମ ପବ୍ଲିକେଶନ ଏବଂ ସର୍ବୋଚ୍ଚରେ ଏ ପୁସ୍ତକଟିର ମର୍ଯ୍ୟାଦା ମଣ୍ଡନ କରିଥିବା ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତାଦଳ ସଭାପତି ନବୀନ ପଟ୍ଟନାୟକଙ୍କୁ ଏ ପୁସ୍ତିକାଟିକୁ ଉତ୍ସର୍ଗ।

ଆଶାକରେ ଓଡ଼ିଶାର ସୃଜନମଣ୍ଡଳୀ ମୋର ଏହି ରାଜନୈତିକଧର୍ମୀ ପୁସ୍ତକଟିକୁ ପଠନ କରି ପାଠକୀୟ ସ୍ୱୀକୃତି ଲାଭ କରିଲେ ମୋର ଶ୍ରମ ସାର୍ଥକ ହେବ।

(ଡକ୍ଟର ସୁବାଷ ନାୟକ)
ଲେଖକ

# ସୂଚୀପତ୍ର

୧. ଝଡ଼ର ଇଗଲ ଓ ମାଟିର କୃଷ୍ଣସାର ଓଡ଼ିଶାର ଅନନ୍ୟ ବରେଣ୍ୟ
ଅବିସ୍ମରଣୀୟ ରାଷ୍ଟ୍ରନାୟକ- ବିଜୁ ପଟ୍ଟନାୟକ।
୨. ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧିନ ବିଜୁ ଜନତାଦଳ (ବିଜେଡି)
ସରକାରଙ୍କ ସଫଳତା ଓ ସଂକଳ୍ପ।
୩. ବିଜୁ ପଟ୍ଟନାୟକ ଓ ଭାରତରତ୍ନ / ବିଜୁ ପଟ୍ଟନାୟକଙ୍କ ୟୁନେସ୍କୋ କଳିଙ୍ଗ ପୁରସ୍କାର।
୪. ଭାରତୀୟ ରାଜନୀତିରେ ଆ ଳିକ ଦଳ ଭାବରେ ବିଜୁ ଜନତା ଦଳ(ବିଜେଡି) ଏକ ନମ୍ବର।
୫. ଜାତୀୟ ରାଜନୀତିରେ ନବୀନ ପଟ୍ଟନାୟକ।
୬. ବିଜୁ ଜନତା ଦଳ(ବିଜେଡି)ର ସଭାପତି- ନବୀନ ପଟ୍ଟନାୟକ।
୭. ଓଡ଼ିଶାର ପୌରସଭା ନିର୍ବାଚନରେ- ବିଜେଡି।
୮. ଓଡ଼ିଶାର ପ ାୟତରାଜ ନିର୍ବାଚନରେ- ବିଜେଡି।
୯. ବିଜେଡିରେ ବିଦ୍ରୋହ କ'ଣ ନୁଆକଥା ?
୧୦. ଓଡିଶା ବିଧାନସଭାରେ୧୦୮ ଜଣିଆ ବିଜୁ ଜନତା ଦଳରେ ୨୧ ମନ୍ତ୍ରୀ ଓ ୨୩ ପୂର୍ବତନ ମନ୍ତ୍ରୀ।
୧୧. ବିଜୁ ଜନତା ଦଳ (ବିଜେଡି) ଛାଡ଼ିଥିବା ନେତାଙ୍କ ରାଜନୈତିକ ଜୀବନ ଅନିଶ୍ଚିତତା ଭିତରେ।
୧୨. କେନ୍ଦ୍ର କଂଗ୍ରେସ ନେତୃତ୍ୱାଧୀନ ସରକାର ପାତର ଅନ୍ତର ନୀତି ବିରୁଦ୍ଧରେ ନୂଆ ଦିଲ୍ଲୀରେ
ବିଜେଡିର ଜନସମାଗମ -ଅସ୍ମିତ-ବନାମ-ହକ୍ ।
୧୩. ବିଜୁ ଜନତା ଦଳ ଓଡ଼ିଶାର ଦଳ- ଓଡ଼ିଶାର ବଳ।
୧୪. ଓଡିଶା ବିଧାନସଭା ଉପନିର୍ବାଚନରେ ବି.ଜେ.ଡି. ।
୧୫. ବିଜୁ ଜନତା ଦଳ (ବିଜେଡି) ର ନିର୍ବାଚିତ ବିଧାୟକଙ୍କ ନାମ ତାଲିକା।
୧୬. ବିଜେଡିର ନିର୍ବାଚିତ ଲୋକସଭା ସାଂସଦ ଓ ରାଜ୍ୟସଭା ସାଂସଦଙ୍କ ନାମ ତାଲିକା।
୧୭. ଫଟୋରେ ଫଟୋରେ- ବିଜୁ ଜନତା ଦଳ (ବିଜେଡି)।

# କବୟିତ୍ରୀଙ୍କ ମାନସପଟ୍ଟରେ "ବିଜୁ"

'ବିଜୁ' ଖାଲି ଏକ ନାମ ନୁହେଁ "ବିଜୟର ବା ୍ତା।"
ନବ ଉତ୍କଳର ସିଏ ମହାନ ନିର୍ମାତା।
ଦେଶ ଆଉ ଜାତି ପାଇଁ ସିଏ ଜୀବନକୁ ଲଗାଇଣି ବାଜି,
ଗଢ଼ିଛନ୍ତି ସୁମହତ ଅନେକ କୀରତି ରାଜି।
ଓଡିଆ ଜାତିର ସ୍ୱପ୍ନ ହୋଇଛି ସାର୍ଥକ
ପାରାଦ୍ୱୀପ ଅଟେ ତାଙ୍କ କୀ ି୍ତର କୋଣାର୍କ।
ରାଉରକେଲାର ବୃହତ ଶିଳ୍ପକାରଖାନା,
ଇଞ୍ଜିନିୟରିଂ କଲେଜ ତାଙ୍କରି କଳ୍ପନା।
ଚିରକାଳ ଏ ଜାତିକୁ ଦେଇତା ସାହସ,
ଓଡ଼ିଆଙ୍କ ଶୁଷ୍କଓଠେ ଫୁଟାଇବା ହସ,
ଏ ଜାତିର ଏ ଦେଶର ପ୍ରତିଷ୍ଠା ପାଇଁକି
କର୍ମକରି କେବେ ସିଏ ଯାଇନାହିଁ ଥକି।
ସୁଖରେ ଦୁଃଖରେ ସିଏ ସଭିଙ୍କର ସାଥୀ,
ଯୁଦ୍ଧରେ ସାଜି ଅଛନ୍ତି ନିଜେ ମହାରଥୀ।
ନ୍ୟାୟବନ୍ତ ବିଚାରକ ଗୁଣୀଗୁଣଗ୍ରାହୀ,
ଅର୍ଜିଥିବା ସୁନାମର ପଟ୍ଟାନ୍ତର ନାହିଁ।
ଏ ଜାତିର ବିମାନରେ ସିଏ ଥିଲେ ଦକ୍ଷ ପାଇଲଟ୍
ଶକ୍ତିକାର ଥିଲା ତାଙ୍କୁ କରିଥାନ୍ତା ଆଉଟ୍ ?
ସିଏ ତ କଳିଙ୍ଗବୀର କଳିଙ୍ଗର ଅମିତ ଗୌରବ,
ଇଣ୍ଡୋନେସିଆର' ଭୂମିପୁତ୍ର ମହକ ସୌରଭ।
ନାହିଁ ନାହିଁ ତାଙ୍କ ପରି ଆଉ କିଏ ନାହିଁ,
ଏ ଜାତିଟା ଝୁରୁଥିବ ତାଙ୍କୁ ସ୍ମରି କାଳକାଳ ପାଇଁ।

**ସୁଶ୍ରୀ ଶାନ୍ତିଲତା ସାହୁ** (ସୋନମ୍)

# ଝଡ଼ର ଇଗଲ ଓ ମାଟିର କୃଷ୍ଣସାର ଓଡ଼ିଶାର ଅନନ୍ୟ ବରେଣ୍ୟ ଅବିସ୍ମରଣୀୟ ରାଷ୍ଟ୍ରନାୟକ- ବିଜୁ ପଟ୍ଟନାୟକ

## ବିଜୁଙ୍କ ଜନ୍ମ

୧୯୧୬ ମସିହା ମାର୍ଚ୍ଚ ମାସ ୫ ତାରିଖଟି ଓଡ଼ିଶା ଇତିହାସରେ ଏକ ଅବିସ୍ମରଣୀୟ ଦିବସ । ତତ୍‌କାଳୀନ ଓଡ଼ିଶାର ରାଜନୈତିକ, ସାଂସ୍କୃତିକ, ଅର୍ଥନୈତିକ ତଥା ସାମାଜିକ ଗତି ପ୍ରଗତିର ପ୍ରାଣକେନ୍ଦ୍ର କଟକର ତୁଳସୀପୁର ସ୍ଥିତ ମାଜିଷ୍ଟ୍ରେଟ୍ ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କ ବାସଭବନକୁ କୋଳାହଳ ମୁଖରିତ କରି ୧୯୧୬ ମାର୍ଚ୍ଚ ୫ ତାରିଖ ପ୍ରଭାତର ପବିତ୍ର ଲଗ୍ନରେ ଯେଉଁ ଶିଶୁଟି ଭୂମିଷ୍ଠ ହୋଇଥିଲା ସେ ଭବିଷ୍ୟତରେ ଜନଗଣର ମହାନାୟକ ବିଜୁପଟ୍ଟନାୟକ ଭାବରେ ପରିଚିତ ଲାଭ କରିଥିଲା । ପିତାମାତା ତାର ନାମ ରଖିଥିଲେ ବିଜୟାନନ୍ଦ ପଟ୍ଟନାୟକ । ଡାକ ନାମ ଥିଲା ବିଜୁ । ନିଜର ନିଷ୍ଠା, ଅଧ୍ୟବସାୟ, ତ୍ୟାଗ, କର୍ମପ୍ରବଣତା, ସାମାଜିକ ତଥା ରାଜନୈତିକ ପ୍ରତିଷ୍ଠା ଏବଂ ଲୋକପ୍ରିୟତା ତାଙ୍କୁ ଏଭଳି ଏକ ସ୍ତରକୁ ନେଇ ଆସିଲା ଯାହା ଫଳରେ ସେ ପାଲଟି ଗଲେ ସମସ୍ତଙ୍କର ଅତି ଆପଣାର "ବିଜୁ" , କେବଳ "ବିଜୁ" । ବିଜୟାନନ୍ଦ ନାମକୁ କେହି ଆଉ ଉଚ୍ଚାରଣ କରିବାକୁ ଚାହିଁଲେ ନାହିଁ । "ବିଜୁ" କହିଲେ ଆବାଳବୃଦ୍ଧା ବନିତା ବୁଝିଯାଉଥିଲେ ସେଇ ତାଙ୍କର ଅତି ପ୍ରିୟ ନେତା, ସାଥୀ, ସହୋଦର, ଭାଇବନ୍ଧୁ, ବିଜୟାନନ୍ଦ ବା ବିଜୁପଟ୍ଟନାୟକ ।

## ବିଜୁଙ୍କ ଉପରେ ବାପା ଲକ୍ଷ୍ମୀନାରାୟଣ ଓ ମା ଆଶାଲତା ଦେବୀଙ୍କ ପ୍ରଭାବ

ବିଜୁପଟ୍ଟନାୟକଙ୍କର ପିତା ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଥିଲେ ଜଣେ ସ୍ୱାଧୀନଚେତା, ନିର୍ଭୀକ, ନିରପେକ୍ଷ, ଦେଶପ୍ରେମୀ ଭଦ୍ରବ୍ୟକ୍ତି । ସେ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଭାବରେ ଅବସ୍ଥାପିତ ହୋଇଥିଲେ । ତାଙ୍କର ଜନ୍ମସ୍ଥାନ ଥିଲା ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ଅ  ଳସ୍ଥ ଏକ ପଲ୍ଲୀଗ୍ରାମ ନୂଆଗାଁ । ଅଦ୍ୟାବଧି ତାଙ୍କ ବଂଶଧରମାନେ ସେଠାରେ ବାସ କରି ଆସୁଛନ୍ତି । ଲକ୍ଷ୍ମୀନାରାୟଣ ଅଧ୍ୟୟନ ଏବଂ କର୍ମସଂସ୍ଥାନ ପାଇଁ କଟକ ଆସି ତୁଳସୀପୁରଠାରେ ବସବାସ ଆରମ୍ଭ କରିଥିଲେ ।

ବିଜୁଙ୍କର ମାତା ଆଶାଲତା ଦେବୀ ଥିଲେ ଜଣେ ଆଦର୍ଶ ଗୃହିଣୀ । ଧର୍ମପରାୟଣା, ଦୟାଶୀଳା, ପରଦୁଃଖ ମୋଚନ ତତ୍ପରା, ସ୍ନେହମୟୀ ଜନନୀ । ସ୍ୱାମୀ, ସନ୍ତାନମାନଙ୍କର ଯାବତୀୟ ଅଳିଝଳି ବୁଝି ମଧ୍ୟ ସେ ତାଙ୍କ ଦ୍ୱାର ସମସ୍ତଙ୍କ ପାଇଁ ଖୋଲା ରଖିଥିଲେ । ଦୁଃଖୀ, ରଙ୍କି, ଭିକାରୀମାନେ ତାଙ୍କୁ ମାଆ ମାଆ ଡାକୁଥିଲେ । ସବୁରି ପେଟକଥା, ଅନ୍ତରର ବ୍ୟଥା ସେ ହୃଦୟଙ୍ଗମ କରିପାରୁଥିଲେ । ମାନବିକତା, ଦୟା, ଧର୍ମ, ସହାନୁଭୂତିର ସେ ଥିଲେ ଜୀବନ୍ତ ପ୍ରତିମୂ  ର୍ତ୍ତି । କାହାରି ଦୁଃଖ ଦେଖିପାରୁ ନଥିଲେ । ତାଙ୍କ ପାଖରୁ ଆସି କେହି କେବେ ଖାଲି ହାତରେ ଫେରିବାର ନଜୀର ନାହିଁ । ସେ ସମସ୍ତଙ୍କୁ ଆପଣାର ଭାବି ଆପ୍ୟାୟିତ କରୁଥିଲେ ।

ସେତେବେଳର ଓଡ଼ିଶା ଥିଲା ଖଣ୍ଡବିଖଣ୍ଡିତ । କିଛି ଅଂଶ ବଙ୍ଗରେ ତ କିଛି ବିହାର, ମଧ୍ୟପ୍ରଦେଶ ଏବଂ ଆନ୍ଧ୍ରପ୍ରଦେଶ ସହିତ ମିଶି ରହିଥିଲା । ସବୁ ଓଡ଼ିଆ ଭାଷାଭାଷୀ ଅ  ଳକୁ ଏକତ୍ରୀତ କରି ପୂର୍ଣ୍ଣାଙ୍ଗ ଓଡ଼ିଶା ଗଠନ ପାଇଁ ସ୍ୱପ୍ନ ଦେଖୁଥିଲେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ, ପାରଳା ମହାରାଜା ଆଦି ବରପୁତ୍ରମାନେ । ମୋଗଲ, ମରହଟ୍ଟା, ଇଂରେଜମାନଙ୍କର ମନମୁଖୀ ଶାସନ, ଶୋଷଣ, କଷଣର ଶିକାର ହୋଇ ଓଡ଼ିଆମାନେ ଖୁବ୍ ଦୟନୀୟ ଅବସ୍ଥାରେ କାଳ କାଟୁଥିଲେ । ଅର୍ଥନୀତି ଭୁଷୁଡ଼ି ପଡ଼ିଥିଲା । ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଆମାନେ ଥିଲେ ଅବହେଳିତ । ସେମାନଙ୍କୁ ଘୃଣ୍ୟ ଦୃଷ୍ଟିରେ ଦେଖୁଥିଲେ ଇଂରେଜମାନେ । ବଙ୍ଗାଳୀମାନେ ମଧ୍ୟ ଓଡ଼ିଆ ଭାଷା ବିଲୋପ ପାଇଁ ଚକ୍ରାନ୍ତରେ ଲାଗିପଡ଼ିଥିଲେ ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସ୍ୱର ଝଙ୍କୃତ ହେଉଥିଲା ଓଡ଼ିଶାର ପୁରପଲ୍ଲୀଠାରୁ ସହର ଯାଏ । ମହାତ୍ମାଗାନ୍ଧୀ ଙ୍କ ଜାତୀୟ ସ୍ୱାଧିନତା ଆନ୍ଦୋଳନର ପ୍ରଭାବ ମଧ୍ୟ ପଡ଼ିଥାଏ ଓଡ଼ିଶାବାସୀଙ୍କ ମନ ପ୍ରାଣରେ । ସମଗ୍ର ଓଡ଼ିଶାର ବିପ୍ଳବର ଲହରୀ ଖେଳୁଥିବା ସମୟରେ ବିଜୁଙ୍କ ଜନ୍ମ ଏକ ଉଲ୍ଲେଖନୀୟ ଘଟଣା । କେତେକ ସେତେବେଳେ ଅନୁମାନ କରି କହିଥିଲେ ଏ ପିଲାଟି ଦିନେ ବଂଶର, ଜାତିର, ଦେଶର ନାମ ଉଜ୍ଜ୍ୱଳ କରିବ । ମହାନ ବିପ୍ଳବୀ ହେବ । ସେମାନଙ୍କ କଥା ଅକ୍ଷରେ ଅକ୍ଷରେ ସତ୍ୟ ପ୍ରମାଣିତ ହେଲା । ସରକାରୀ ପଦବୀରେ ଅବସ୍ଥାପିତ ଥାଇ ମଧ୍ୟ ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କ ଜାତିପ୍ରୀତି, ଜନନୀ ଜନ୍ମଭୂମି ପ୍ରତି ପ୍ରବଳ ଆନୁଗତ୍ୟ ଥିଲା । ସେ

ବିପ୍ଳବୀମାନଙ୍କୁ ସବୁପ୍ରକାରେ ସାହାଯ୍ୟ ଯୋଗାଇ ଦେଇଥିଲେ । ଗୋପବନ୍ଧୁ, ମଧୁବାବୁଙ୍କର କାର୍ଯ୍ୟଶୈଳୀକୁ ସେ ପସନ୍ଦ କରୁଥିଲେ । ତାଙ୍କ ମନରେ ଓଡ଼ିଆ ଏକ ମହାନ ଜାତି । ଏ ଜାତିର କଳା-ସଂସ୍କୃତି, ଐତିହ୍ୟ, ଭାସ୍କର୍ଯ୍ୟର ତୁଳନା ନାହିଁ । ଏ ଜାତି ଭୀରୁ ନୁହେଁ । ଓଡ଼ିଆମାନେ ଐର ଖାରବେଳର ଦାୟାଦ । ଚଣ୍ଡାଶୋକକୁ ଧର୍ମାଶୋକରେ ପରିଣତ କରି ପାରିଥିଲେ ଏଇ ଓଡ଼ିଆମାନେ । ଅକ୍ଷୟ କୀର୍ତ୍ତି ସ୍ଥାପନ କରିବାକୁ ସକ୍ଷମ ହୋଇଥିଲେ ଯେଉଁ ଓଡ଼ିଆ ମାନେ ସେମାନେ କେବେ ହାରିଯିବାର ନୁହେଁ । ସେମାନେ ଦିଗ୍‌ବିଜୟୀ ଜାତି । ପ୍ରତ୍ୟେକ କ୍ଷେତ୍ରରେ ନିଜର ପତ୍ନୀ ଆଶାଲତାଙ୍କଠାରୁ ମଧ ଲକ୍ଷ୍ମୀନାରାୟଣ ପ୍ରେରଣା ପାଉଥିଲେ ।

ପିତାମାତାଙ୍କ ଚରିତ୍ରର ଅଖଣ୍ଡ ପ୍ରଭାବ ପଡ଼ିଥିଲା ବିଜୁଙ୍କ ଉପରେ । ପିତାଙ୍କ ପ୍ରେରଣା ପାଇ ବାଳକ ଅବସ୍ଥାରୁ ସେ ସ୍ପଷ୍ଟବାଦୀ, ଦୁଃସାହସୀ, ନିର୍ଭୀକ, ନିଷ୍ଠାବାନ ହୋଇ ପାରିଥିଲେ । ସେ ଖୁବ୍ ଜିଦ୍‌ଖୋର ଥିଲେ । ଯାହା କହୁଥିଲେ ତାହା କରି ଦେଖାଇ ଦେଉଥିଲେ । ଯାହା ଚାହୁଁଥିଲେ ତାହା କଳେବଳେ ହାସଲ କରୁଥିଲେ ।

## ବିଜୁଙ୍କ ଛାତ୍ରଜୀବନ

ଲକ୍ଷ୍ମୀନାରାୟଣଙ୍କର ତିନିଜଣ ପୁତ୍ର ଓ କନ୍ୟାଟିଏ ଥିଲେ । ବଡ଼ ଭାଇ ଜର୍ଜ, ସାନଭାଇ ସିଟୁ ଓ ଭଉଣୀ ସୀକୃତିଙ୍କ ସହିତ ବିଜୁ ଘର ନିକଟସ୍ଥ ମିଶନ ସ୍କୁଲରେ ବିଦ୍ୟାରମ୍ଭ କରିଥିଲେ । ତାଙ୍କର ସ୍ୱାସ୍ଥ୍ୟ ଦୁର୍ବଳ ଥିଲେ ମଧ ପାଠ ଏବଂ ଅନ୍ୟ କାମରେ ସେ ପ୍ରବୀଣ ଥିଲେ । ପାଠ ପଢିବା ସହିତ ଖେଳ କସରତ, ନଦୀପହଁରା, ଗୁଡ଼ିଉଡା ଆଦିରେ ସେ ପଟୁ ଥିଲେ । ଦରିଦ୍ର, ଅସହାୟମାନଙ୍କ ସେବାରେ ମଧ ନିଜକୁ ନିୟୋଜିତ କରୁଥିଲେ । ସ୍କୁଲର ଶ୍ରେଷ୍ଠ ଚାଟ ଭାବରେ ସେ ସବୁ ଶିକ୍ଷକଙ୍କ ପ୍ରିୟଭାଜନ ହୋଇପାରିଥିଲେ । ମିଶନ୍ ସ୍କୁଲର ପ୍ରଧାନ ଶିକ୍ଷକ ମିଲମ୍ୟାନ ସାହେବ ତାଙ୍କୁ ସବୁଠାରୁ ବେଶୀ ଭଲ ପାଉଥିଲେ । ପ୍ରତ୍ୟେକ କଥାରେ, କାମରେ ଆଗ ସେ ଖୋଜୁଥିଲେ ବିଜୁଙ୍କୁ ।

ସମୟକ୍ରମେ ମିଲମ୍ୟାନ ସାହେବ ଓଡ଼ଶା ଛାଡ଼ି ଇଂଲଣ୍ଡ ଚାଲିଗଲେ । ମିଶନ୍ ସ୍କୁଲର ଅବସ୍ଥାରେ ଅବନତି ପରିଲକ୍ଷିତ ହେଲା । ଲକ୍ଷ୍ମୀନାରାୟଣ ନିଜର ପିଲାମାନଙ୍କୁ ନେଇଗଲେ ରେଭେନ୍‌ସା କଲେଜିଏଟ ସ୍କୁଲକୁ । ସେଠାରେ ମଧ ବିଜୁ ଠିକ୍ ବିଜୁଳିପରି ଚମକି ଉଠିଲେ । ପ୍ରତ୍ୟେକ କ୍ଷେତ୍ରରେ ସବୁରି ଦୃଷ୍ଟି ଆକର୍ଷଣ କଲେ । ଶିକ୍ଷକମାନେ ତାଙ୍କ ପ୍ରତି ସୁନଜର ଦେଲେ । ୧୯୩୨ ରେ ସେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ଏ୍‌ଟ୍ରାନ୍‌ସ ପାଶ୍ କଲେ । ବିଜ୍ଞାନ ଓ କାରିଗରୀ ପ୍ରତି ତାଙ୍କର ଅଧିକ ଆଗ୍ରହ ଥିବାରୁ ସେ ରେଭେନ୍‌ସା କଲେଜରେ ବିଜ୍ଞାନ ଶ୍ରେଣୀରେ ନାମ ଲେଖାଇ ପାଠପଢା ଆରମ୍ଭ କଲେ । ଆଇ.ଏସ୍.ସି. ରେ କୃତିତ୍ୱ ଅର୍ଜନ କରି ବି.ଏସ୍.ସି ପଢିବା ସମୟରେ ବୈମାନିକ ହେବାପାଇଁ ତାଲିମ ନେବାକୁ ସୁଯୋଗ ସେ ପାଇଲେ । ନିଜର ଆଶା ଆକାଂକ୍ଷା ପୂରଣ କରିବା ସକାଶେ ସେ ବୈମାନିକ ତାଲିମ (ପାଇଲଟ ତାଲିମ୍) ଗ୍ରହଣ ପାଇଁ ଉତ୍କଣ୍ଠିତ ହୋଇପଡ଼ିଲେ । ପିତାଙ୍କୁ ନିଜର ମନକଥା ଜଣାଇଲେ । ସେତେବେଳକୁ ଲକ୍ଷ୍ମୀନାରାୟଣ ଅବସର ଗ୍ରହଣ କରି ସାରିଥାନ୍ତି । ବିମାନଚାଳକ ତାଲମ ନେବା ପାଇଁ ପ୍ରଚୁର ଅର୍ଥ ଆବଶ୍ୟକ । କ'ଣ କରିବେ ? ଏଣେ ମନା କରିପାରୁନଥାନ୍ତି ତେଣେ କୌଣସି ପ୍ରକାରେ ଅର୍ଥ ଯୋଗାଡ଼ ହୋଇ ପାରୁନଥାଏ । କେତେକ ପରାମର୍ଶ ଦେଲେ ବାସଘରଟିକୁ ବିକିଦେବା ପାଇଁ । ମାତ୍ର ସେଥିରେ ଲକ୍ଷ୍ମୀନାରାୟଣ ରାଜିହେଲେ ନାହିଁ । ବାସଘରଟିକୁ ହାତଛଡ଼ା କରିଦେଲେ ତାଙ୍କ ପିଲାମାନେ ମୁଣ୍ଡ ଗୁଞ୍ଜିବେ କେଉଁଠି ? ସେମାନେ ଅନାଥ ହୋଇଯିବେନି ? ଘୋର ମାନସିକଚିନ୍ତାରେ ଉପାୟ ଖୋଜୁଥିବା ବେଳେ ତାଙ୍କପାଇଁ ଏକ ସୁବର୍ଣ୍ଣ ସୁଯୋଗ ଆସ ଜୁଟିଗଲା ଯାହା ଫଳରେ ବିଜୁବାବୁଙ୍କର ସ୍ୱପ୍ନ ସାକାର ହୋଇ ପାରିଲା ।

ପାରଳା ମହାରାଜ ଲକ୍ଷ୍ମୀନାରାୟଣଙ୍କୁ ମାସକ ୧୨୦୦ ଟଙ୍କା ବେତନରେ ନିଜ ରାଜ୍ୟର ଦେୱାନ କରିନେବାକୁ ଆଗ୍ରହ ପ୍ରକାଶ କଲେ । ପରିବାରରେ ଆନନ୍ଦର ଲହରୀ ଖେଳିଗଲା । ବିଜୁବାବୁ ଚାଲିଲେ ଏରୋନେଟିକ୍ ଟ୍ରେନିଂ ସେ ରକୁ । ସେଠାରେ ଏକମାତ୍ର ଓଡ଼ିଆ ପୁଅ ସେ । ଅନ୍ୟମାନେ ସବୁ ବିଭିନ୍ନ ଦେଶର ତଥା ଆମ ଦେଶର ଅନ୍ୟ ରାଜ୍ୟମାନଙ୍କୁ ଆସିଥାନ୍ତି । ତଥାପି ନିଜର ଅଧବସାୟ ନିଷ୍ଠା ଦକ୍ଷତା ବଳରେ ସେ ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିବାକୁ ସକ୍ଷମ ହେଲେ । ଓଡ଼ିଆପୁଅର ଦମ୍ଭ, ସାହସ ପାଖରେ ସମସ୍ତେ ହାର ମାନିବାକୁ ବାଧ ହେଲେ । ବିଜୁ ବାବୁ କିନ୍ତୁ ଗର୍ବ କରୁନଥିଲେ ନିଜର ପାରଦର୍ଶିତା ପାଇଁ । ବରଂ ସମସ୍ତଙ୍କୁ ଅତି ଆପଣାର ଭାଇ ବନ୍ଧୁ ଭାବରେ ଗ୍ରହଣ କରିନେଇଥିଲେ ଯେଉଁଥିପାଇଁ ସେ ସବୁରି ପ୍ରିୟପାତ୍ର ହୋଇ ପାରିଥିଲେ । ଜଣେ ଦକ୍ଷ ପାଇଲଟ୍ ହେବାପରେ ସେ ଅନେକ ସ୍ୱପ୍ନ ଦେଖିଥିଲେ । ସେ ସବୁକୁ ସାକାର କରିବାପାଇଁ ଉଦ୍ୟମ ଆରମ୍ଭ କରିଦେଲେ ।

## ବିଜୁଙ୍କ କର୍ମାରମ୍ଭ ସୁଦକ୍ଷ ପାଇଲଟ୍

ବୈମାନିକ ତାଲମ କେନ୍ଦ୍ରରେ ନିଜର ଦକ୍ଷତା ପ୍ରତିପାଦିତ କରିସାରିବା ପରେ ବିଜୁଙ୍କର ମନରେ ଦେଖାଦେଲା ଅସୁମାରୀ କଳ୍ପନା । କିପରି ସେ ମୁକ୍ତ ବିହଙ୍ଗଟିଏ ପରି ନୀଳଆକାଶରେ ଉଡ଼ିବେ, ଦେଶ ବିଦେଶର ନାନାକଥା ଜାଣିବେ, ବିଦେଶୀ ଶିକ୍ଷା, ସଭ୍ୟତା, ଆଦବକାଇଦା, ସାହିତ୍ୟ ସଂସ୍କୃତି, ସାମାଜିକ ପରମ୍ପରା, ଚଳଣୀ ସଂପର୍କରେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିବେ ସେଇ ଚିନ୍ତାରେ ବୁଡ଼ି ରହିଲେ ଅନୁକ୍ଷଣ । ନିଜର ଶକ୍ତି, ସାହସ, ଦକ୍ଷତା ଉପରେ ତାଙ୍କର ଯଥେଷ୍ଟ ଆତ୍ମବିଶ୍ୱାସ ଥାଏ । ଚାକିରୀ ଉଦ୍ଦେଶ୍ୟରେ ବାହାରି ପଡ଼ିଲେ ସେ । ଇଣ୍ଡିଆନ୍ ନ୍ୟାସନାଲ ଏୟାରୱେଜ୍‌ରେ ତାଙ୍କୁ ସଙ୍ଗେ ସଙ୍ଗେ ନିଯୁକ୍ତି ମିଳିଗଲା । ଆନନ୍ଦରେ ନାଚିଉଠିଲା ତାଙ୍କର ମନ । ଏ ସମ୍ବାଦ ପ୍ରଚାରିତ ହୋଇଗଲା ସର୍ବତ୍ର । ଜ୍ଞାତିବନ୍ଧୁ ସାଙ୍ଗସାଥୀଙ୍କର ଶୁଭେଚ୍ଛା ବର୍ଷିଗଲା ତାଙ୍କ ଉପରେ । ସେଇଠାରୁ ସେ ଆଉ ପଛକୁ ଫେରିଚାହିଁ ନାହାନ୍ତି । ଆଗେଇ ଯାଇଛନ୍ତି ଜୀବନର ପ୍ରତ୍ୟେକ କ୍ଷେତ୍ରରେ । ହାରଜିତ୍‌କୁ ସେ ସମାନ ଭାବରେ ଗ୍ରହଣ କରିନେଇଛନ୍ତି ।

ଦିଲ୍ଲୀର ବେସାମରିକ ଏୟାରଲାଇନ୍‌ସରେ ମୁଖ୍ୟ ପାଇଲଟ ଭାବରେ ଅବସ୍ଥାପିତ ହେବାପରେ ତାଙ୍କ ମନୋବଳ ବହୁଗୁଣିତ ହୋଇଗଲା । ସେ ଭାରତର ବିଭିନ୍ନ ଅ ଳ ବୁଲିବା ସହିତ ବିଦେଶର ବହୁ ଦେଶ ଭ୍ରମଣର ସୁଯୋଗ ପାଇଲେ । ଅନେକ ଲୋକଙ୍କ ସହିତ ମିଶିଲେ । ସେମାନଙ୍କର ଶିକ୍ଷା, ସଂସ୍କୃତି, ସାହିତ୍ୟ, ସାମାଜିକତା ସଂପର୍କରେ ଜ୍ଞାନ ଆହରଣ କଲେ । ନିଜ ରାଜ୍ୟ ଓଡ଼ିଶା ସହିତ ତୁଳନା କରି କ୍ଷୋଭକଲେ । ଓଡ଼ିଶାକୁ ଅବହେଳିତ ଓଡ଼ିଆଙ୍କୁ ବିଶ୍ୱଦରବାରରେ ପରିଚିତ କରାଇବା ପାଇଁ ଦୃଢ଼ ଶପଥ ଗ୍ରହଣ କଲେ । ନିଜର ନିଷ୍ଠା, ଉଦ୍ୟମ ଏବଂ ଦକ୍ଷତା ବଳରେ ସେ ହେଲେ ସମଗ୍ର ବିଶ୍ୱଜନତାର ପରମବନ୍ଧୁ । ଅପ୍ରତିଦ୍ୱନ୍ଦୀ ରାଷ୍ଟ୍ରୀୟ ନେତା । ଜନଗଣର ଭାଗ୍ୟବିଧାତା । ଆ ି, ଅସହାୟ, ସର୍ବହରାର ସାଥୀ । ରାଜ୍ୟ ଏବଂ କେନ୍ଦ୍ର ରାଜନୀତିରେ ତାଙ୍କର ପ୍ରଭାବ ଓ ପ୍ରତିଷ୍ଠାକୁ କେହି ଅସ୍ୱୀକାର କରିପାରିବେ ନାହିଁ ।

## ବିବାହ ବନ୍ଧନରେ ବିଜୁ

ବିବାହ ଏକ ସାମାଜିକ ବନ୍ଧନ । ଯୁବକ ଆଉ ଯୁବତୀ ଏଇ ବନ୍ଧନରେ ଥରେ ବାନ୍ଧିହେବା ପରେ ଏକତ୍ର ବାସ କରିବାର ସାମାଜିକ ସ୍ୱୀକୃତି ପାଇଥାନ୍ତି । ସ୍ୱାମୀ-ସ୍ତ୍ରୀ ସାଜି ସଂସାର ଗଢନ୍ତି । ସନ୍ତାନ ଜନ୍ମକରି ବଂଶ ରକ୍ଷା କରନ୍ତି । ପ୍ରତ୍ୟେକ କନ୍ୟାପିତା ନିଜର ଯୌବନଦୀପ୍ତା କନ୍ୟାକୁ ଉପଯୁକ୍ତ ପାତ୍ର ସନ୍ଧାନ କରି ବିବାହ ଦେଇ କନ୍ୟାଦାୟରୁ ମୁକ୍ତ ହୋଇଥାନ୍ତି । ବରପିତା ମଧ ଅନୁରୂପ ଭାବରେ ପାତ୍ରୀ ଠିକ୍ କରି ପୁତ୍ରକୁ ବିବାହ କରାଇ ଭବିଷ୍ୟତ ବଂଶର ସମୃଦ୍ଧି କାମନା କରିଥାନ୍ତି ।

ଆଗରୁ ସାଧାରଣତଃ ପିତା ମାତା ମାନେ ନିଜନିଜର ପୁତ୍ରକନ୍ୟାଙ୍କ ସକାଶେ ଜୀବନସାଥୀ ବାଛୁଥିଲେ । କାଳକ୍ରମେ ଶିକ୍ଷା ଓ ସଭ୍ୟତାର ବିକାଶ ସଙ୍ଗେ ସଙ୍ଗେ ଏ ଧାରା ବଦଳିଗଲା । ଯୁବକ ଯୁବତୀ ମାନେ ନିଜ ଇଚ୍ଛାନୁସାରେ ଜୀବନସାଥୀ ବାଛିବାକୁ ଆଗେଇ ଆସିଲେ । ଯୋଉ ସମୟରେ ପିତାମାତାଙ୍କ ଇଚ୍ଛାକୁ ଗୁରୁତ୍ୱ ଦେଇ ପୁତ୍ରକନ୍ୟାମାନେ ସେମାନଙ୍କ ଜୀବନ ସାଥୀକୁ ସାଦରେ ଆପଣେଇ ନେଉଥିଲେ ସେଇ ସମୟରେ ଯୁବକ ବିଜୁ ନିଜପାଇଁ ନିଜ ପସନ୍ଦର ଜୀବନସାଥୀ ବାଛିବାକୁ ଆଗେଇ ଆସିଥିଲେ । ଏଥିରୁ ଅନୁମିତ ହୁଏ ତାଙ୍କର ସ୍ୱାତନ୍ତ୍ର୍ୟ ।

ସେତେବେଳକୁ ତାଙ୍କୁ ୨୩ ବର୍ଷ ହୋଇଥାଏ । ଲମ୍ବା ପତଳା ଗୌରବର୍ଣ୍ଣର ଆକର୍ଷଣୀୟ ଯୁବକ ପୁଣି ମୁଖ୍ୟ ପାଇଲଟ ଭାବରେ ଅବସ୍ଥାପିତ । ତାଙ୍କ ହାତରେ କନ୍ୟା ସମର୍ପଣ କରିବା ପାଇଁ ଅନେକ ପ୍ରତିଷ୍ଠିତ ବ୍ୟକ୍ତି ଆଗଭର ହେଲେ । ମାତ୍ର ବିଜୁ ନିଜେ ରାଓଲପିଣ୍ଡିର କନ୍ୟା ସୁଶ୍ରୀ ଜ୍ଞାନଦେବୀଙ୍କୁ ପସନ୍ଦ କଲେ । ଧର୍ମ, ଜାତି, ବର୍ଣ୍ଣର ବିଚାର ନକରି ବିଜୁ ଏକ ନୂତନ ଅଧ୍ୟାୟ ସୃଷ୍ଟି କଲେ । ସାଧାରଣତଃ ପିତାମାତାମାନେ ନିଜର ପୁତ୍ରକନ୍ୟାଙ୍କୁ ନିଜ ଜାତିରୁ ନିଜ ଅ ଳ ବା ପାଖାପାଖି ଅ ଳରୁ ବିବାହ କରାଇବାକୁ ସ୍ଥିର କରିଥାନ୍ତି । କିନ୍ତୁ ସ୍ୱାଧୀନଚେତା ବିଜୁ କୌଣସି ସଂକୀର୍ଣ୍ଣ ରାଶି ମଧ୍ୟରେ ଆବଦ୍ଧ ହେବାକୁ ଚାହୁଁ ନଥିଲେ । ସେ ନିଜେ ଓଡ଼ିଆ ପୁଅ, ଓଡ଼ିଶାର ସନ୍ତାନ ହୋଇ କାଶ୍ମୀରୀ କନ୍ୟା ପୁଣି ରାଓଲପିଣ୍ଡିରେ ବଢିଥିବା ଜ୍ଞାନଦେବୀଙ୍କୁ ଜୀବନସାଥୀ ଭାବରେ ଗ୍ରହଣ କରିବାକୁ ସ୍ଥିର ନିଷ୍ପ ି ନେଇ ନିଜର ମହାଭାରତୀୟତା ଏବଂ ଉଦାରତାର ପରିଚୟ ଦେଇଥିଲେ । ସେ ଭାବୁଥିଲେ ସମସ୍ତ ଭାରତୀୟ ସମାନ । କାହାରି ଅଲଗା ଜାତି ନାହିଁ , ଧର୍ମ ନାହିଁ , ଅଲଗା ସଂପ୍ରଦାୟ ନାହିଁ । ସମସ୍ତେ ଭାରତମାତାର ସନ୍ତାନ । ସମସ୍ତେ ଭାରତୀୟ । ଏହା କ'ଣ କମ୍ ଗୌରବର କଥା ?

ବିଜୁଙ୍କର ନିଷ୍ପ ି ଜାଣିବା ପରେ ପରିବାରର ଲୋକେ ଏବଂ ଜ୍ଞାତି ବନ୍ଧୁମାନେ ସମସ୍ତେ ରାଜି ହେବାକୁ ବାଧ ହେଲେ । କାରଣ ସେମାନେ ଜାଣିଥିଲେ ବିଜୁ ଭାରି ଜିଦ୍‌ଖୋର । କେବେ ହେଲେ ନିଜର ନିଷ୍ପ ିରୁ ଓହରିବେ ନାହିଁ । ସମସ୍ତେ ବାଧା ଦେଲେ ମଧ ସେ

ନିଜର ଜିଦ୍ ପୂରଣ କରିବେ ହିଁ କରିବେ । ଓଡ଼ିଶାର କଟକରୁ ସୁଦୂର ରାଓଲପିଣ୍ଡି, ଅନେକ ଦୂର । ଆଖି ପାଉନି । କଳନା କରି ହେଉନି । ଅଥଚ ବିଜୁଙ୍କର ସେଇ ଏକା ଜିଦ୍ । କ'ଣ କରାଯିବ ? କେମିତି ବାହାଘର ସମ୍ଭବ ହେବ ? ବରଯାତ୍ରୀଗଣ କେମିତି ଯିବେ ? ଆମ ସମାଜରେ ଅଧିକାଂଶ ଚାଲଚାଲି ଶୋଭାଯାତ୍ରାରେ ଯାଇ ପାଲିଙ୍କିରେ କାର, ଟ୍ରେକର, ବସରେ ଯାଇ ବିବାହ କରିଥାନ୍ତି । ମାତ୍ର ଏତେ ଦୂରକୁ ନା ଚାଲିକରି ଯାଇହେବ ନା କୌଣସି ଗାଡ଼ିରେ ଯିବା ସୁବିଧାଜନକ ହେବ ? ଏଇ ଚିନ୍ତାରେ ସମସ୍ତେ ଘାରି ହେଉଥିବା ବେଳେ ବିଜୁ ପ୍ରସ୍ତାବ ଦେଲେ ସେ ବିମାନରେ ବିବାହ କରିବାକୁ ଯିବେ । ବରଯାତ୍ରୀମାନେ ମଧ ବିମାନରେ ଯିବେ । ଯିଏ ଶୁଣିଲା ସେ ଆଶ୍ଚର୍ଯ୍ୟ ନହୋଇ ରହିପାରିଲା ନାହିଁ । ବିଜୁ ଥିଲେ ଅସାଧାରଣ । ସେ ଜଣେ ସାଧାରଣ ଯୁବକ ପରି ବିବାହ କରିଥାନ୍ତେ କିପରି ?

ଶେଷରେ ସେୟା ହେଲା । ବିଜୁ ବିମାନରେ ବରବେଶ ସାଜି ଉଡ଼ି ଚାଲିଲେ ରାଓଲପିଣ୍ଡି । ତାଙ୍କ ସହିତ ବରଯାତ୍ରୀମାନେ ମଧ ବିମାନରେ ଗଲେ । ତାଙ୍କ ବିବାହରେ ମୋଟ ସାତଗୋଟି ବିମାନ ବ୍ୟବହୃତ ହୋଇଥିଲା । ସେ ସମୟରେ ଏତେ ଗୁଡ଼ିଏ ବିମାନ ନେଇ ବିବାହ ଉତ୍ସବ ଅନୁଷ୍ଠିତ କରାଇବା କେତେ କଷ୍ଟକର ଏବଂ ବ୍ୟୟ ବହୁଳ ଏହା ଅନୁମାନ କରିବାର କଥା । ଯାହାହେଉ ୧୯୩୯ ମସିହାରେ ବିଜୁବାବୁ କାଶ୍ମୀରୀ  ସୁନ୍ଦରୀ ସୁଶ୍ରୀ ଜ୍ଞାନଦେବୀଙ୍କୁ ବିବାହକରି ପତ୍ନୀ ରୂପେ ଗ୍ରହଣ କଲେ ।

ଜ୍ଞାନଦେବୀ ଜ୍ଞାନର ଗନ୍ତାଘର । ପ୍ରତିଷ୍ଠିତ ଧନୀଘରର କନ୍ୟା ପୁଣି ହାକିମ ଘରର ପୁତ୍ରବଧୂ । ବିଳାସବ୍ୟସନର ପ୍ରାଚୁର୍ଯ୍ୟ, ଆଭିଜାତ୍ୟ, କୌଣସିଥିରେ ଅଭାବ ନଥିଲା । ସେ ମଧ ସୁନ୍ଦରୀ, ରୂପବତୀ, ତାଙ୍କ ମନରେ ଏତେ ଟିକିଏ ଗର୍ବ ନଥିଲା । ବିଜୁଙ୍କୁ ସ୍ୱାମୀ ରୂପେ ପାଇ ସେ ସୁଖୀ ହୋଇଥିଲେ । ଉପଯୁକ୍ତ ପତ୍ନୀ ହେବାକୁ ପଣକରିଥିଲେ । ସ୍ୱାମୀଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରେରଣା ଯୋଗାଇ ଦେଲେ ।

ଓଡ଼ିଶାମାଟିକୁ, ଓଡ଼ିଆମାନଙ୍କୁ ଅତି ସହଜରେ ଆପଣେଇ ନେଲେ ଜ୍ଞାନଦେବୀ । କେବଳ ସ୍ୱାମୀ ସୋହାଗିନୀ  ଅନୁରକ୍ତ ପତ୍ନୀ ଭାବରେ ବା ଜଣେ ଆଦର୍ଶ ଗୃହିଣୀ ଭାବରେ ନୁହେଁ । ସମାଜର ସେବା ପାଇଁ ସେ ଆଗେଇ ଆସିଲେ । ନିଜର ତିନି ସନ୍ତାନଙ୍କ ପରି ଭଲ ପାଇଲେ ଓଡ଼ିଶାର ଅଗଣିତ ସନ୍ତାନଙ୍କୁ । ଗାନ୍ଧାରୀ ସିନା ଥିଲେ ଶତପୁତ୍ରର ଜନନୀ । ସମସ୍ତଙ୍କ ପ୍ରତି ତାଙ୍କର ସ୍ନେହ, ଶ୍ରଦ୍ଧା, ମମତା, ଆଦର ଅତୁଟ ରହିଲା । ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ସ୍ୱାମୀଙ୍କୁ ପ୍ରେରଣା ଯୋଗାଇଲେ । ସବୁରି ସୁଖଦୁଃଖରେ ସହାୟ ହେଲେ- ଜ୍ଞାନଦେବୀ ।

ଅନ୍ୟପକ୍ଷରେ ସୁଶ୍ରୀ ଜ୍ଞାନଦେବୀଙ୍କ ପ୍ରେରଣା, ପ୍ରେମ, ଭଲ ପାଇବାର ପ୍ରଭାବରେ ଯୁବକ ଦୁର୍ଦ୍ଦାନ୍ତ ବିଜୁଙ୍କର ଚରିତ୍ରରେ ଅନେକ ପରିବ ର୍ନ ହେଲା । ସେ ସମସ୍ତଙ୍କୁ ଅତି ଆପଣାର ମଣିଲେ । ସମସ୍ତଙ୍କୁ ଭଲପାଇଲେ । ସବୁ ସଂକୀର୍ଣ୍ଣତାର ଉର୍ଦ୍ଧ୍ୱରେ ଥାଇ ମା, ମାଟି, ମାତୃଭୂମି ପାଇଁ ନିଜକୁ ଉତ୍ସର୍ଗ କରିବାକୁ ବଦ୍ଧପରିକର ହେଲେ । ବିଭିନ୍ନ ଦେଶକୁ ଯାଇ ଲୋକଙ୍କ ସହିତ ମିଶିଲେ । ସେମାନଙ୍କ ସଂପର୍କରେ ଜାଣିଲେ । ବିଶ୍ୱ ଦରବାରରେ ନେଇ ଓଡ଼ିଶା ଏବଂ ଓଡ଼ିଆଙ୍କୁ ପରିଚିତ କରାଇବା ପାଇଁ ଦୃଢ଼ ନିଷ୍ପ ି ନେଲେ ।

ଯିଏ ଯାହା କହୁ, ସମାଲୋଚନା କରୁ, ନିନ୍ଦକରୁ ବା ପ୍ରଶଂସା କରୁ ସେଥିରେ କାନ ନଦେଇ ସେ ନିଜ ଚଲାପଥରେ ଆଗେଇ ଚାଲିଲେ ଆଗକୁ ଆଗକୁ । ନିଜସ୍ୱ ନିଷ୍ଠା, ଆଦର୍ଶ, ଉଦ୍ୟମ ବଳରେ ସେ ଏମିତି ଏକ ଶୀର୍ଷକୁ ଉଠିଗଲେ ଯୋଉଠିକୁ ଗତ ଶତାବ୍ଦୀ ମଧ୍ୟରେ ଅନ୍ୟ କୌଣସି ଓଡ଼ିଆପୁଅ ଯାଇପାରି ନାହାନ୍ତି । ସେ ସାଜିଲେ ମହାନାୟକ । କୋଟି କୋଟି ଓଡ଼ିଆଙ୍କର ହୃଦୟର ମଉଡ଼ମଣି । କଳିଙ୍ଗର ମୁକୁଟ ବିହୀନ ସମ୍ରାଟ । ତାଙ୍କର ତୁଳନା ନାହିଁ । କଳନା କରି ହୁଏନା । ତାଙ୍କର ହୃଦୟର ବିଶାଳତା । ମାପି ହୁଏନା ତାଙ୍କ ମାବିକତାର ଗଭୀରତା । ବାସ୍ତବରେ ସେ ଅନନ୍ୟ, ଅସାଧାରଣ ।

## ଜୀବନ ସଂଗ୍ରାମରେ ବିଜୁ

"ଯେଉଁ ଜୀବନରେ ସଂଗ୍ରାମ ନାହିଁ ସେ ଜୀବନ ଜୀଇଁ ଲାଭ କ'ଣ ? ଯେଉଁ କାର୍ଯ୍ୟରେ ବାଧାବିଘ୍ନ ନାହିଁ, ସହଜ ସାଧ, ସେ କାର୍ଯ୍ୟ କରିବାରେ ଆନନ୍ଦ କାହିଁ ? ଯେଉଁ ରାସ୍ତାରେ ଖାଲ ଖମା ନାହିଁ, କ । ନାହିଁ, ଦୁର୍ଘଟଣା ନାହିଁ, ଦୁର୍ଗମ ନୁହେଁ ସୁଗମ ସେ ରାସ୍ତାରେ ଚାଲି ଲକ୍ଷ୍ୟସ୍ଥଳରେ ପହ ୍ବା କୋଉ ଗୌରବର କଥା ? ଯାହାର କେହି ଶତ୍ରୁ ନାହାନ୍ତି, ନିନ୍ଦୁକ, ସମାଲୋଚକ ନାହାଁନ୍ତି ସେ କ'ଣ ସ୍ୱୟଂ ସଂପୂର୍ଣ୍ଣ ମଣିଷ ?

ଏ ସବୁ ବିଜୁବାବୁଙ୍କର କଥା । ତାଙ୍କର ଏଭଳି କଥା ଶୁଣିଲେ ନେତାଜୀ ସୁଭାଷ ବୋଷଙ୍କ କଥା ମନକୁ ଆସେ । ଭାରତର

ସ୍ୱାଧୀନତା ସଂଗ୍ରାମ ଏବଂ ଗାନ୍ଧିଜୀଙ୍କର ସତ୍ୟ ଶାନ୍ତି ଅହିଂସା ନୀତିକୁ ସେ ପସନ୍ଦ କରୁନଥିଲେ । ସେ ଚାହୁଁଥିଲେ ଇଂରେଜମାନଙ୍କୁ ସିଧାସଳଖ ସମ୍ମୁଖୀ ଲଢେଇରେ ପରାସ୍ତ କରି ଏ ଦେଶରୁ ହଟେଇ ଦେବାକୁ । ଶାନ୍ତି ଶାନ୍ତି କହି ବିନାରକ୍ତପାତରେ ଭିକ୍ଷାଝୁଲି ପତେଇ ସ୍ୱାଧୀନତା ମାଗି ଆଣିବା ଅପେକ୍ଷା ନିଜର ଅଧିକାର ଜୋରକରି ଛଡ଼େଇ ଆଣିବାକୁ ସେ ପସନ୍ଦ କରୁଥିଲେ । ସେଇଥିପାଇଁ ସେ କହୁଥିଲେ "ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି ।" ବିନାରକ୍ତପାତରେ ଗାନ୍ଧିଜୀଙ୍କର ଅହିଂସା ବଳରେ ମିଳିଥିବା ସ୍ୱାଧୀନତାର ଆଜି ମୂଲ୍ୟବୋଧ କିଛି ନାହିଁ । ଚାରିଆଡ଼େ ହିଂସା, ସାଂପ୍ରଦାୟିକତା, ସନ୍ତ୍ରାସବାଦୀ କାର୍ଯ୍ୟକ୍ରମ, ବିଚ୍ଛିନ୍ନତା ସ୍ୱର କୁହୁଳୁଛି । ଯଦି ଲଢେଇ କରି ରକ୍ତଦେଇ ସ୍ୱାଧୀନତା ହାସଲ କରିଥାନ୍ତେ ତେବେ ଭାରତୀୟମାନେ ଆଜି ଯେଉଁ ଦୁଃଖ, ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି ତାହା ହୁଏତ ଭୋଗିବାକୁ ପଡ଼ିନଥାନ୍ତା ।

ବିଜୁ ଥିଲେ ଆଜୀବନ ସଂଗ୍ରାମୀ । ସଂଗ୍ରାମ କରିବାକୁ ସେ ସତତ ତିଆରି ଥିଲେ । ଦୁଃସ୍ଥିତି, ବାଧାବିଘ୍ନକୁ ସାମନା କରି ଲକ୍ଷ୍ୟସ୍ଥଳରେ ପହ ୍ବାକୁ ତାଙ୍କର ଥିଲା ପ୍ରବଳ ଝୁଙ୍କ । ଉପଯୁକ୍ତ ଶକ୍ତିଶାଳୀ ସକ୍ଷମ ଶତ୍ରୁ ନହେଲେ ତା ନିଜର ଆଶା ଆକାଂକ୍ଷା ପୂରଣ କରିବା ସକାଶେ ସେ ବୈମାନିକ ତାଲିମ (ପାଇଲଟ ତାଲିମ୍) ଗ୍ରହଣ ପାଇଁ ଉତ୍କଣ୍ଠିତ ହୋଇପଡ଼ିଲେ । ପିତାଙ୍କୁ ନିଜର ମନକଥା ଜଣାଇଲେ । ସେତେବେଳକୁ ଲକ୍ଷ୍ମୀନାରାୟଣ ଅବସର ଗ୍ରହଣ କରି ସାରିଥାନ୍ତି । ବିମାନଚାଳକ ତାଲମ ନେବା ପାଇଁ ପ୍ରଚୁର ଅର୍ଥ ଆବଶ୍ୟକ । କ'ଣ କରିବେ ? ଏଣେ ମନା କରିପାରୁନଥାନ୍ତି ତେଣେ କୌଣସି ପ୍ରକାରେ ଅର୍ଥ ଯୋଗାଡ଼ ହୋଇ ପାରୁନଥାଏ । କେତେକ ପରାମର୍ଶ ଦେଲେ ବାସଘରଟିକୁ ବିକିଦେବା ପାଇଁ । ମାତ୍ର ସେଥିରେ ଲକ୍ଷ୍ମୀନାରାୟଣ ରାଜିହେଲେ ନାହିଁ । ବାସଘରଟିକୁ ହାତଛଡ଼ା କରିଦେଲେ ତାଙ୍କ ପିଲାମାନେ ମୁଣ୍ଡ ଗୁଞ୍ଜିବେ କେଉଁଠି ? ସେମାନେ ଅନାଥ ହୋଇଯିବେନି ? ଘୋର ମାନସିକ
ସହିତ ଲଢିବାକୁ ସେ ପସନ୍ଦ କରୁନଥିଲେ । ସେ ଥିଲେ ସିଂହଛୁଆ । ଗର୍ବରେ ଛାତିଫୁଲେଇ ଚାଲିବାକୁ ପସନ୍ଦ କରୁଥିଲେ । ଯାହାକୁ ଯାହା କହୁଥିଲେ ରୋକଠୋକ ସାମନା ସାମନି । ଅପ୍ରିୟ ସତ୍ୟ କହିବାକୁ ଭଲପାଉଥିଲେ ବରଂ କେହି ଖରାପଭାବୁ । ଅଭିମାନ କରୁ ତାଙ୍କର କିଛି ଯାଏ ଆସେ ନାହିଁ । ଦୁଃଖ, ଦୁଃସ୍ଥିତି, ଦୁର୍ଘଟଣାକୁ ଆହ୍ୱାନ କରୁଥିଲେ ସେ ।

ସବୁ ବାଧାବିଘ୍ନର ମୁକାବିଲା କରି ଲକ୍ଷ୍ୟସ୍ଥଳରେ ପହ ୍ବାକୁ ଜୋରକରି ନିଜର ହକ୍ ହାସଲ କରିବାକୁ ସେ ବଦ୍ଧ ପରିକର ଥିଲେ । ବନ୍ଧୁର ଦୁର୍ଗମ ରାସ୍ତାରୁ କ । ହଟେଇ ଫୁଲ ବିଛେଇ ଦେଉଥିଲେ ସେ ଅନ୍ୟମାନଙ୍କ ପାଇଁ । ସମସ୍ତଙ୍କୁ ଆପଣେଇ ନେଉଥିଲେ । ଶତ୍ରୁ ହୋଇଥାଉ ପଛେ ତାକୁ ସମ୍ମାନ ଦେଉଥିଲେ । କାହାରି ଚରିତ୍ର ସଂହାର କରୁନଥିଲେ । ତାଙ୍କ ସଂଗ୍ରାମ ଓ ସାଧନାର କାହାଣୀ ଲେଖି ବସିଲେ ବିରାଟ ଗ୍ରନ୍ଥଟିଏ ହେବ । ତେବେ ତାଙ୍କ ସଂଗ୍ରାମୀ ଜୀବନର କେତୋଟି ଘଟଣାର ଅବତାରଣା କଲେ ଜଣାପଡ଼ିବ ଯେ ସେ କିପରି ବାଳକ ଅବସ୍ଥାରୁ ନିଜର ଦୁଃସାହସ ପ୍ରଦର୍ଶନ କରି ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷିତ କରିଥିଲେ । ତୁଳସୀ ଦୁଇ ପତ୍ରରୁ ବାସି ଉଠେ, ବିଛୁଆଟି କୁଣ୍ଢାଇ ହୁଏ ।

ଏ କଥା ସତ୍ୟ, ବାସ୍ତବ ଠିକ୍ ଚନ୍ଦ୍ରସୂର୍ଯ୍ୟ ପରି ।

ବିଜୁଥିଲେ ପ୍ରଥମଶ୍ରେଣୀ ମାଜିଷ୍ଟ୍ରେଟ୍‌ଙ୍କ ପୁତ୍ର । ତାଙ୍କ ବାପା ତାଙ୍କୁ ଓ ତାଙ୍କର ଭାଇମାନଙ୍କୁ ହାକିମ ଘରର ପିଲାପରି ଚଳିବାକୁ ଦେଇନଥିଲେ । ସେମାନଙ୍କୁ ସାଧାରଣ ଘରର ପିଲାଙ୍କ ପରି ଖେଳିକୁଦି ଧୂଳି ଧୂସରିତ ହୋଇ ଗଢିବାକୁ ଛାଡ଼ି ଦେଇଥିଲେ । ସେଇଥିପାଇଁ ତ ବିଜୁ ପିଲାଟି ଦିନରୁ ନିର୍ଭୀକ, ସ୍ପଷ୍ଟବାଦୀ ବାପାଙ୍କଠାରୁ ପ୍ରେରଣା, ସାହସ ପାଇ ସେ ଅଧିକ ଆଗ୍ରହର ସହିତ ଦୁଃସାହସିକ କାର୍ଯ୍ୟ କରିବାକୁ ଭଲ ପାଉଥିଲେ ।

## ମହାତ୍ମାଗାନ୍ଧୀଙ୍କ ଆଦର୍ଶରେ ବିଜୁ

ପରାଧୀନ ଭାରତବର୍ଷକୁ ଅତ୍ୟାଚାରୀ ଇଂରେଜ ଶାସକ ମାନଙ୍କ କବଳରୁ ମୁକ୍ତ କରିବା ପାଇଁ ଜାତିର ପିତା ମହାମାନବ ମହାତ୍ମାଗାନ୍ଧି ଦେଶବ୍ୟାପି ଆନ୍ଦୋଳନ ଆରମ୍ଭ କରି ଦେଇଥାନ୍ତି । ହିମାଚଳ ଠାରୁ କୁମାରୀକା ଯାଏ ମୁକ୍ତିର ମଶାଲ ଜଳୁଥାଏ ହୁତୁ ହୁତୁ ହୋଇ । ସଂଗ୍ରାମୀମାନେ ଜୀବନକୁ ପଣକରି ଇଂରେଜମାନଙ୍କ ବିରୁଦ୍ଧରେ ଜନମତକୁ ଦୃଢ଼ କରୁଥାନ୍ତି । ସତ୍ୟ, ଅହିଂସା, ନ୍ୟାୟ ପଥରେ ଚାଲି ଅସହଯୋଗ ଆନ୍ଦୋଳନ କରି ମହାତ୍ମାଗାନ୍ଧି ଦେଶକୁ ମୁକ୍ତ କରିପାରିବେ ବୋଲି ଦୃଢ଼ ନିଶ୍ଚିତ ହୋଇସାରିଥାନ୍ତି । ବନ୍ଦେମାତରମ୍ ଗାଇ ସଂଗ୍ରାମୀମାନେ ସଭାସମିତିରେ ଏକତ୍ରିତ ହେଉଥାନ୍ତି । ଇଂରେଜମାନେ ଯେତେ ଚେଷ୍ଟା କଲେ ମଧ ସ୍ୱାଧୀନତା ସଂଗ୍ରାମକୁ ଦମନ କରିପାରୁ ନଥାନ୍ତି । ଗୋଟାଏ ଲଙ୍ଗଳା ଫକୀରର ଆହ୍ୱାନରେ ଲଢେଇ କରିବାକୁ ଆଗେଇ ଆସିବେ ବୋଲି ଇଂରେଜମାନେ ବିଶ୍ୱାସ କରିପାରୁନଥାନ୍ତି । ୧୯୨୭ ବେଳକୁ ମହାତ୍ମାଗାନ୍ଧି ଦେଶର ବିଭିନ୍ନ ଅ ଳ ଗସ୍ତ କରୁଥାନ୍ତି । ଜନଗଣଙ୍କୁ ଏକଜୁଟ କରୁଥାନ୍ତି । ସେମାନଙ୍କ କାନରେ ମୁକ୍ତିର ମୋହନ ମନ୍ତ୍ର ଦେଉଥାନ୍ତି । ସେଇ ପରିପ୍ରେକ୍ଷୀରେ ଥରେ ମହାତ୍ମାଗାନ୍ଧି ଓଡ଼ିଶା

ଆସିଥାନ୍ତି । କଟକର ସ୍ୱରାଜ ଆଶ୍ରମରେ ସେ ଭାଷଣ ଦେବାର କାର୍ଯ୍ୟକ୍ରମ ସ୍ଥିର ହୋଇଥାଏ ।

ଅନେକ ସ୍ୱାଧୀନତା ସଂଗ୍ରାମୀ ଆସିଥାନ୍ତି । ଓଡ଼ିଶାର ପ୍ରତ୍ୟେକ ପ୍ରାନ୍ତରୁ ଆବାଳ ବୃଦ୍ଧବନିତା ଗାନ୍ଧିଙ୍କୁ ଥରେ ଦେଖିବାକୁ ତାଙ୍କ ମୁଖରୁ ଦିପଦ ଶୁଣିବାକୁ ଧାଇଁଥାନ୍ତି । ପ୍ରବଳ ଜନସମାଗମ । ଇଂରେଜ ହାକିମ ବ୍ୟାପକ ପୋଲିସ୍ ମୃତୟନ କରିଥାନ୍ତି । ଛାତ୍ର ବିଜୁଙ୍କର ଇଚ୍ଛାହେଲା । ସେ ମହାତ୍ମାଗାନ୍ଧିଙ୍କୁ ଦେଖିବେ; ତାଙ୍କ ଭାଷଣ ଶୁଣିବେ ଏବଂ ତାଙ୍କ ସହିତ ନିଜେ କଥା ହେବେ ।

ନିର୍ଦ୍ଦିଷ୍ଟ ଦିନ ନିର୍ଦ୍ଦିଷ୍ଟ ସମୟରେ ବିଜୁ ଏକାକୀ ଜନ ସମୁଦ୍ରର ଢେଉକାଟି ଆଗକୁ ଆଗକୁ ମାଡ଼ି ଚାଲିଥାନ୍ତି । ପୋଲିସ୍‌ମାନେ ତାଙ୍କୁ ବାରମ୍ବାର ବାଧା ଦେଉଥାନ୍ତି । ତଥାପି ସେ କାହାକୁ ନମାନି ଅନ୍ୟପଟରୁ ଗାନ୍ଧିଜୀଙ୍କ ଆଡ଼କୁ ମାଡ଼ି ଚାଲିଥାନ୍ତି । ଜଣେ ପୋଲିସ୍ ତାଙ୍କୁ ଟେକିନେଇ ବାହାରେ ଛାଡ଼ି ଦେଇ ଆସିଲା ଏବଂ ଅଫିସରଙ୍କୁ ମଧ କହିଲା । କିଛି ସମୟ ପରେ ଦେଖିଲା ଯେ ବିଜୁ ପୁଣି ଭିଡ଼ ଠେଲି ଆଗେଇ ଚାଲିଛନ୍ତି । ଭୀଷଣ ରାଗ ହେଲା ପୋଲିସ୍ ଅଫିସରଙ୍କର । ସେ ଲାଠି ପ୍ରହାର କଲେ । ବିଜୁଙ୍କ ମୁଣ୍ଡ ଫାଟି ରକ୍ତ ଧାର ଛୁଟିଲା । ସବୁରି ଦୃଷ୍ଟି ନିବଦ୍ଧ ହେଲା ତାଙ୍କରି ଉପରେ । ଲୋକମାନେ ପ୍ରବଳ ପାଟିତୁଣ୍ଡ କଲେ । ଇଂରେଜ ବିରୋଧୀ ସ୍ଲୋଗାନ ଦେଲେ । ମହାତ୍ମାଗାନ୍ଧିଙ୍କ ପର୍ଯ୍ୟନ୍ତ କଥାଗଲା । ସେ ନିଜେ ଆସି ବିଜୁଙ୍କୁ ସାଷ୍ଟମ କରାଇ ତାଙ୍କ ମୁଣ୍ଡ ଆଉଁସି ଦେଲେ । ତାଙ୍କୁ ଆଶୀର୍ବାଦ ଦେଲେ ତାଙ୍କର ଦୁଃସାହସ ଓ ନୀର୍ଭିକତା ପାଇଁ ।

ସେଇଦିନ ବିଜୁଙ୍କ ମନରେ ଇଂରେଜମାନଙ୍କ ପ୍ରତି ଘୃଣା ଭାବ ପୁଞ୍ଜୀଭୂତ ହେବାରେ ଲାଗିଲା । ସେମାନଙ୍କୁ ଦେଖିବା ମାତ୍ରେ ଗୁଳିକରି ଉଡ଼ାଇ ଦେବାକୁ ତାଙ୍କର ଇଚ୍ଛା ହେଲା । ମହାତ୍ମାଙ୍କର ଆଶିଷ ପାଇ ସେ ପରବ ୀ ସମୟରେ ସମଗ୍ର ଭାରତର ଦୃଷ୍ଟି ଆକର୍ଷଣ କରି ପାରିଲେ ।

## ଆଶୀର୍ବାଦରେ ବିଜୁ

ଗୋପବନ୍ଧୁ ଥିଲେ ଦୀନ ଦରିଦ୍ର କାଙ୍ଗାଳ ଅସହାୟଙ୍କର ସଖା । ଦରଦୀ ବନ୍ଧୁ । ଦୁଃଖୀ ଜନତାର ଦୁଃଖ ସେ ଦେଖିପାରୁ ନଥିଲେ । ପ୍ରାଣପଣେ ଚେଷ୍ଟା କରୁଥିଲେ ସମସ୍ତଙ୍କୁ ସାହାଯ୍ୟ କରିବା ପାଇଁ । ସେବା, ତ୍ୟାଗର ମୂ ିମନ୍ତ ପ୍ରତୀକ ଥିଲେ ସେ । ଓଡ଼ିଶାର ସର୍ବାଙ୍ଗୀନ ବିକାଶ ମଧ ଥିଲା ତାଙ୍କର ସ୍ୱପ୍ନ । ସେଇଥିପାଇଁ ତାଙ୍କୁ ଉତ୍କଳର ମଣି କୁହାଯାଉଥିଲା । ତାଙ୍କଭଳି ଅମାୟିକ, ଦରଦୀ, ଜନପ୍ରିୟ, ତ୍ୟାଗୀ ଜନସେବକ ଆଉ କେହି ଜନ୍ମିବେ ନାହିଁ । ଏ କଥା ସତ୍ୟ ।

ବନ୍ୟା, ବାତ୍ୟା, ମରୁଡ଼ି ଓଡ଼ିଆମାନଙ୍କର ଚିର ସହଚର । କେବେ ମରୁଡ଼ି ଦାଉରେ ସଢି ଲୋକେ ଘାସ ପତ୍ର ଖାଇବାକୁ କୁଣ୍ଠାବୋଧ କରନ୍ତି ନାହିଁ ତ କେବେ ବନ୍ୟାରେ ସର୍ବସ୍ୱ ହରାଇ ଭିକ୍ଷା ମାଗନ୍ତି । ମଝିରେ ମଝିରେ ବାତ୍ୟା, ମହାବାତ୍ୟା ଆସି ସବୁକିଛି ଧ୍ୱସ୍ତ ବିଧ୍ୱସ୍ତ କରିଦିଏ । ଗୋପବନ୍ଧୁ ସ୍ୱେଚ୍ଛାସେବୀମାନଙ୍କୁ ଏକାଠି କରି ଲୋକଙ୍କର ସେବା କରୁଥିଲେ । ଲୋକଙ୍କୁ ଚୁଡ଼ା, ଚଉଳ, ଲୁଗାପଟା ବା ୁଥିଲେ । ଏଭଳିକି ସେ ନିଜର ରୋଗିଣା ପୁଅକୁ ମଧ ଭୁଲିଯାଇଥିଲେ ଲୋକଙ୍କ ସେବାକାର୍ଯ୍ୟ ପାଇଁ ।

ଥରକର କଥା । ପ୍ରବଳ ବନ୍ୟାରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଘାଇ ଭାଙ୍ଗି ଅବସ୍ଥା ଶୋଚନୀୟ ହୋଇପଡ଼ିଥାଏ । ଘରଦ୍ୱାର ଭାସି ଯାଇଥାଏ । ଲୋକେ ବାସହରା ହୋଇ ଅନାହାରରେ ସଢୁଥାନ୍ତି । ଗୋପବନ୍ଧୁ କେତେଜଣ ସ୍ୱେଚ୍ଛାସେବୀଙ୍କୁ ଧରି ବନ୍ୟା ଳରେ ସାହାଯ୍ୟ କରିବାକୁ ଯାଇଥାନ୍ତି । ଚାରିଆଡ଼େ ଜଳମୟ । ଯେମିତି ସମଗ୍ର ଅ ଳଟି ଏକ ବିରାଟ ମହାସାଗର । ସେମାନେ ଡଙ୍ଗାରେ ଯାଉଥାନ୍ତି । ଜଣେ ବାଳକ ମଧ ସାଥିରେ ଥାଏ । ସେ ଛତାଟିଏ ଧରି ଗୋପବନ୍ଧୁଙ୍କ ପାଖେ ପାଖେ ଥାଏ । ତାଙ୍କୁ ଖରାରୁ ରକ୍ଷା କରୁଥାଏ । ହଠାତ୍ ଜୋର୍‌ରେ ପବନ ହେବାରୁ ଛତାଟି ଖସିଯାଇ ପାଣିରେ ଭାସି ଚାଲିଲା ।

ସମସ୍ତେ ହାଁ....ହାଁ..... କହୁ କହୁ କିଶୋର ଜଣେ ଡେଇଁ ପଡ଼ିଲା ପ୍ରବଳ ବନ୍ୟା ସ୍ରୋତକୁ । ଛତାତ ଗଲା । ତା ସହିତ ଏ ଦୁଃସାହସିକ କିଶୋରଟିର ମଧ ଜୀବନ ଯିବ । ଏଇ ଚିନ୍ତାରେ ସମସ୍ତେ ଘାରି ହେଲେ । ଗୋପବନ୍ଧୁ ଆଶ୍ଚର୍ଯ୍ୟ ଚକିତ ହୋଇ ଜଗନ୍ନାଥଙ୍କୁ ପ୍ରାର୍ଥନା କଲେ ବିଚରାକୁ ରକ୍ଷା କରିବା ପାଇଁ । ବନ୍ୟା ସ୍ରୋତକୁ ଖାତିର୍ ନକରି କିଶୋରଟି ଛତାଟିକୁ ଉଦ୍ଧାର କରି ଡଙ୍ଗାକୁ ଉଠି ଆସିଲା । ସମସ୍ତେ ବାହାବା କଲେ । କେତେକ ତାର ଏ ପ୍ରକାର ଦୁଃସାହସ ବୋକାମି ବୋଲି ମଧ ମନ୍ତବ୍ୟ ଦେଲେ । କିଶୋରଟି କହିଲା ଯଦି ଛତା ବଦଳରେ ଆମ ଭିତରୁ କେହି ପଡ଼ିଯାଇ ଥାନ୍ତ ପାଣିରେ ତେବେ କ'ଣ କେହି କିଛି କରିନଥାନ୍ତେ ? ଚାହୁଁ ଚାହୁଁ ତାକୁ ସମସ୍ତେ ମରିବାକୁ ଦେଇଥାନ୍ତେ ?

ସ୍ତବ୍ଧ ହୋଇଗଲେ ଗୋପବନ୍ଧୁ । କିଶୋରଟିର ପରିଚୟ ପାଇ ତାକୁ କୁଣ୍ଢାଇ ପକାଇ କହିଲେ, "ଧନ୍ୟ ....ଧନ୍ୟ ତୁମେ ବିଜୁ

! ଧନ୍ୟ ତୁମର ପିତାମାତା । ତୁମର ଦୁଃସାହସ ଦେଖି ମୁଁ ବିସ୍ମିତ ଏବଂ ମନ୍ତ୍ରମୁଗ୍ଧ । ତୁମର ଏଇ ଦୁଃସାହସ ହିଁ ଭବିଷ୍ୟତରେ ତମକୁ ଅନନ୍ୟ କରିଦେବ ସବୁରି ଆଗରେ । ତୁମେ ଓଡ଼ିଶାର ଗୌରବ । ତମର ତୁଳନା ନାହିଁ । ତମେ ନିଶ୍ଚେ ଦିନେ ଓଡ଼ିଶାର ନାମ ଉଜ୍ଜ୍ୱଳ କରିବ । ମୁଁ ତମକୁ ଆଶୀର୍ବାଦ କରୁଛି ତମେ ସବୁକ୍ଷେତ୍ରରେ ବିଜୟୀ ହୁଅ

ପଣ୍ଡିତ ଗୋପବନ୍ଧୁଙ୍କର ସେଇ ବାଣୀ ସତ୍ୟରେ ପରିଣତ ହେଲା । ବିଜୁ ନିଜର ପ୍ରତିଭା, ଦୁଃସାହସ, ନିଷ୍ଠା ବଳରେ ଓଡ଼ିଶାର ପ୍ରବାଦ ପୁରୁଷ ପାଲଟିଲେ । ଅକ୍ଷୟ କୀର୍ତ୍ତି ସ୍ଥାପନ କରି ଅମର ହୋଇଗଲେ । ଯୁଗ ଯୁଗ ପାଇଁ ଲୋକେ ତାଙ୍କୁ ସ୍ମରଣ କରିବେ । ତାଙ୍କର ଗୁଣଗାନ କରିବେ ।

## କ୍ରୀଡ଼ାବିତ୍ ବିଜୁ

ପିଲାଟି ଦିନରୁ ବିଜୁଙ୍କର ବହୁ ବିଲକ୍ଷଣ ପ୍ରତିଭା ବିକଶିତ ହୋଇଥିଲା । ସେ ଯେ କେବଳ ଭଲପାଠ ପଢୁଥିଲେ ତା ନୁହେଁ, ପାଠ ସହିତ ଅନ୍ୟ ଅନେକ ଗୁଣରେ ସେ ସମସ୍ତଙ୍କଠାରୁ ଆଗୁଆଥିଲେ । ଖେଳ ହେଉ, ତର୍କ ହେଉ,ସମାଜ ସେବା ହେଉ, ସବୁ କାମରେ ସେ ଆଗଭର ହୋଇ ବାହାରି ପଡୁଥିଲେ । ସେ ସମୟରେ କଟକର ରେଭେନ୍‌ସା କଲେଜିଏଟ୍ ସ୍କୁଲରେ ଅନେକ ସୁଖ୍ୟାତି ଥିଲା । ସେଇ ସ୍କୁଲରେ ପାଠପଢି ନେତାଜୀ ସୁଭାଷଚନ୍ଦ୍ର ବୋଷ୍ ତାର ଗୌରବ ବଢାଇଥିଲେ । ବିଜୁ ସେଠାରେ ପଢିବା ସମୟରେ ଶିକ୍ଷକମାନେ ନେତାଜୀଙ୍କ କଥା ମନେ ପକାନ୍ତି । କାରଣ ବିଜୁ ହିଁ ସେ ସ୍କୁଲର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖିଥିଲେ ନେତାଜୀଙ୍କ ପରି । ସେ ଜଣେ ଭଲ ଖେଳାଳୀ ଥିଲେ । ଫୁଟ୍‌ବଲ୍ ଏବଂ ହକି ପ୍ରତି ତାଙ୍କର ଯଥେଷ୍ଟ ଦୁର୍ବଳତା ଥିଲା । ସେ ଜଣେ ଦକ୍ଷ ସଂଗଠକ ମଧ ଥିଲେ । ଖେଳାଳୀ ଭାବେ ସେ ଅନେକ ଥର ଚମ୍ପିୟନ୍ ହୋଇ ଟ୍ରଫି ହାସଲ କରିଥିଲେ । ଫୁଟ୍‌ବଲ୍ ଖେଳରେ ସେ ଥିଲେ ଫରଓ୍ୱାର୍ଡ । ଗୋଲ୍ ଦେବାରେ ଧୂରନ୍ଧର । ତାଙ୍କରି ପାଇଁ ଆନ୍ତଃସ୍କୁଲ୍ ଚମ୍ପିୟନ୍‌ସିପ୍ ଫୁଟ୍‌ବଲ୍ ଖେଳରେ ବିଜୟୀ ହୋଇଥିଲା ରେଭେନ୍‌ସା କଲେଜିଏଟ୍ ସ୍କୁଲ୍ ।

ଏକ ବର୍ଷୋଢ୍ୟ ଉତ୍ସବରେ ମୁଖ୍ୟ ଅତିଥି ସ୍କୁଲ୍ ଫୁଟ୍‌ବଲ୍ ଟିମ୍‌ର କ୍ୟାପ୍‌ଟେନ୍ ଭୁବନାନନ୍ଦ ପଟ୍ଟନାୟକଙ୍କୁ ଟ୍ରଫି ଦେବାର ଥିଲା । ବିଜୁ ମଧ ସେ ଉତ୍ସବକୁ ଯାଇଥିଲେ । ପ୍ରବଳ ଜନସମାଗମ ହୋଇଥାଏ । "ହିପ୍ ହିପ୍ ହୁରେ" ଶବ୍ଦରେ ଗଗନ ପବନ ମୁଖରୀତ ହେଉଥିଲା । ଭାଷଣ ପରେ ନାମ ଘୋଷଣା କରାଗଲା । ଭୁବନାନନ୍ଦ ଯାଇ ମଞ୍ଚରେ ଛିଡ଼ା ହେଲେ ମୁଖ୍ୟ ଅତିଥିଙ୍କ ହାତରୁ ଟ୍ରଫି ଗ୍ରହଣ କରିବା ପାଇଁ । ମାତ୍ର ଏଇ ସମୟରେ ଏକ ଅପ୍ରତ୍ୟାଶିତ ଘଟଣା ଘଟିଗଲା । ଜନଗହଳି ଭିତରୁ ଦୌଡ଼ି ଆସି ବିଜୁ ମୁଖ୍ୟ ଅତିଥିଙ୍କ ହାତରୁ ଟ୍ରଫି ଝାମ୍ପିନେଲେ ଭୁବନାନନ୍ଦଙ୍କୁ ଠେଲିଦେଇ । ତାଙ୍କ ମତରେ "ଗୋଲ୍ ଦେଇ ଟିମ୍‌କୁ ଜିତାଇବି ମୁଁ ଆଉ ଟ୍ରଫି ଧରିବୁ ତୁ ?"

ସତରେ ବିଜୁ ଥିଲେ ଖୁବ୍ ସ୍ୱାଭିମାନୀ । କେହି ତାଙ୍କର ଏତାଦୃଶ କାର୍ଯ୍ୟକୁ ନାପସନ୍ଦ କଲେ ନାହିଁ । ବରଂ ସମସ୍ତେ ତାଙ୍କ ପ୍ରଶଂସାରେ ଶତମୁଖୀ ହୋଇ ଉଠିଲେ । ସେ ଏଣ୍ଟ୍ରାନ୍‌ସ୍ ପରୀକ୍ଷାରେ ପ୍ରଥମ ହୋଇ ପାଶ୍ କରିବା ପରେ ଓଡ଼ିଶାର ଏକମାତ୍ର ଶ୍ରେଷ୍ଠ ମହାବିଦ୍ୟାଳୟ ରେଭେନ୍‌ସା କଲେଜରେ ନାମ ଲେଖାଇଥିଲେ । ସେ ବି.ଏସ୍.ସି ପଢୁଥିବା ସମୟରେ ପାଇଲଟ ତାଲିମ ପାଇଁ ମନୋନୀତ ହୋଇଥିଲେ ଏବଂ ପରେ ବ୍ରିଟିଶ୍ ରୟାଲ୍ ଏୟାରଫୋର୍ସରେ ଯୋଗ ଦେଇଥିଲେ । ସେ ତିନି ବର୍ଷ କାଳ ରେଭେନ୍‌ସା କଲେଜର ଆଥ୍‌ଲେଟିକ୍ ଚମ୍ପିୟାନ୍ ହୋଇଥିଲେ ।

## ବିଜୁ ଓ ତାଙ୍କର ସାଇକେଲ

ଆଜିକାଲି ପରି ସେତେବେଳେ ନାନା କମ୍ପାନୀର ମୋଟର ସାଇକେଲ,ସ୍କୁଟର, କାର୍ ବାହାରିନଥିଲା । ଏବେତ ପିଲାମାନେ ଜନ୍ମ ହେବା ମାତ୍ରେ ସ୍କୁଟର୍, କାର୍ ପାଇଁ ଜିଦ୍ ଆରମ୍ଭ କରିଦେଉଛନ୍ତି । ମାତ୍ର ସେତେବେଳେ ଯାହା ଘରେ ସାଇକେଲ ଖଣ୍ଡିଏ ଥିଲା ତାକୁ ଅନ୍ୟମାନେ ବଡ଼ଲୋକ, ଧନୀ ବୋଲି ମାନୁଥିଲେ । ଗାଁ ଗହଳର ଲୋକେ ସାଇକେଲ ଦେଖିନଥିଲେ । କାଁ ଭାଁ କିଏ ସାଇକେଲଟେ ଧରି ପହଞ୍ଚିଗଲେ, ସମସ୍ତେ ଦେଖିବାକୁ ଦୌଡ଼ି ଆସୁଥିଲେ । ଆଶ୍ଚର୍ଯ୍ୟ ହେଉଥିଲେ ଦୁଇଟି ଚକରେ ସାଇକେଲ କିପରି ଦୌଡ଼ି ପାରୁଛି । ଏବେ ମଧ ସାଇକେଲ ଏକ ବିସ୍ମୟ ହୋଇ ରହିଛି । ଏହାକୁ ଗରିବର କାର୍, ହେଲିକପ୍ଟର ବୋଲି କୁହାଯାଏ । ସାଇକେଲର ନିର୍ମାତା ହିଁ ପ୍ରକୃତରେ ସର୍ବଶ୍ରେଷ୍ଠ ସମ୍ମାନର ଅଧିକାରୀ ହେବାର କଥା । ୧୯୩୦ ମସିହା ବେଳକୁ ଆମ ଦେଶରେ ଅଧିକ ସାଇକେଲର ପ୍ରଚଳନ ହୋଇନଥିଲା । ତେବେ ବିଜୁଙ୍କର ଏକ ସାଇକେଲ ଥିଲା ବୋଲି ସେ ଖୁବ୍ ଗର୍ବିତ ମନେ କରୁଥିଲେ ନିଜକୁ ।

ସାଇକେଲଟିଏ ଧରି ବିଜୁ ଚାରିଆଡ଼େ ବୁଲୁଥିଲେ । ତାଙ୍କର ଅତି ପ୍ରିୟ ସାଇକେଲକୁ ସେ କେବେ ହାତଛଡ଼ା କରୁନଥିଲେ ।

ଥରେ ସେ ତାଙ୍କର ପୈତୃକ ଅ ଳ ଭଞ୍ଜନଗରରୁ କଟକ ପର୍ଯ୍ୟନ୍ତ ୧୬୦ କିଲୋମିଟର ରାସ୍ତା ସାଇକେଲରେ ଆସି ରେକର୍ଡ଼ ପ୍ରତିଷ୍ଠା କରିଥିଲେ । ରେଭେନ୍‌ସା କଲେଜରେ ପଢୁଥିବା ବେଳେ ସେଇ ସାଇକେଲକୁ ସାଥୀ କରି ଆଉ ଏକ ରେକର୍ଡ଼ ପ୍ରତିଷ୍ଠା କରିଥିଲେ ଯାହାକୁ ଏଯାବତ୍ କେହି ଭାଙ୍ଗି ପାରିନାହାଁନ୍ତି ।

କଟକରୁ ସୁଦୂର ପେଶ୍‌ୱାର ସାଇକେଲ ଯାତ୍ରା ଏହା କ'ଣ କମ୍ ଆଶ୍ଚର୍ଯ୍ୟ ? ଭାରତର ପୂର୍ବ ଉପକୂଳରେ ଓଡ଼ିଶାର ରାଜଧାନୀ କଟକ ଆଉ ସୁଦୂର ପଶ୍ଚିମ ସୀମାନ୍ତର ପେଶ୍‌ୱାର ଯାହାକି ଦିନେ ଥିଲା କନିଷ୍କଙ୍କର ରାଜଧାନୀ । ଯେଉଁଠି ଯୁଦ୍ଧ ହୋଇଥିଲା ପୁରୁ ଏବଂ ଆଲେକ୍‌ଜାଣ୍ଡାରଙ୍କ ମଧ୍ୟରେ । ଏକା ଏକା ସାଇକେଲରେ କଟକରୁ ପେଶ୍‌ୱାର୍ ଯିବାକୁ ବିଜୁ ସାହସ କରିଥିଲେ । ମାତ୍ର ଶେଷରେ ଦୁଇଜଣ ବନ୍ଧୁଙ୍କୁ ସାଥିରେ ନେଇଥିଲେ । ସେମାନେ ଥିଲେ ଭ୍ରମରବର ସାହୁ ଏବଂ ଅମର ରାୟ । ଆଜିକାଲି ସାଇକେଲ ଯାତ୍ରୀମାନଙ୍କୁ ବିଭିନ୍ନ ସ୍ଥାନରେ ଲୋକେ ସମ୍ବର୍ଦ୍ଧନା ଦେଉଛନ୍ତି । ସେତେବେଳେ କିଛି ନଥିଲା । ୪୦୦୦କିଲୋମିଟର ଦୁର୍ଗମ ବନ୍ଧୁର ରାସ୍ତା । ତିନିଜଣ ଦୁର୍ଦ୍ଧାନ୍ତ ଦୁଃସାହସୀ ଯୁବକ ସାଇକେଲରେ ଅତିକ୍ରମ କରିଥିଲେ ସବୁ ବାଧା, ବିପଦ ଏବଂ ପହ ୍ଥିଲେ ପେଶ୍‌ୱାରରେ । ଏଭଳି ଦୁଃସାହସ ହୁଏତ ଆଉ କେହି କରିପାରି ନାହାଁନ୍ତି ସମଗ୍ର ଭାରତ ବର୍ଷରେ । କାଳକାଳ ପାଇଁ ଏହି ଐତିହାସିକ ସାଇକେଲ ଯାତ୍ରା ଓଡ଼ିଶାର ଯୁବ ସମାଜ ପାଇଁ ଏକ ଆହ୍ୱାନ ହୋଇ ରହିଯାଇଛି । ଏଥିପାଇଁ ବିଜୁହିଁ ଧନ୍ୟବାଦାର୍ହ ବୋଲି ତାଙ୍କର ସାଥିମାନେ ପ୍ରକାଶ କରିଛନ୍ତି । ବିଜୁଙ୍କ ପ୍ରେରଣା ସେମାନଙ୍କୁ ଉତ୍ସାହିତ କରିଥିଲା ।

## ବିଜୁଙ୍କ ଯାତ୍ରା - ସାଇକେଲରୁ ଡାକୋଟା ବିମାନ

ବିଜୁ ଚିରକାଳ ଉଚ୍ଚାଭିଳାଷୀ ଥିଲେ । ଯାହା ଶ୍ରେଷ୍ଠ, ସୁନ୍ଦର ଏବଂ ସମସ୍ତ ବସ୍ତୁଠାରୁ ପୃଥକ୍ ତାହାକୁ ପାଇବାପାଇଁ ସେ ଉଦ୍ୟମ କରୁଥିଲେ । କଳେବଳେ କୌଶଳେ ନିଜର ଲକ୍ଷ୍ୟ ହାସଲ ପାଇଁ ସେ ଜୀବନକୁ ବାଜି ଲଗାଇ ଦେଉଥିଲେ । ଯେଉଁ ବିଜୁ ସାଇକେଲକୁ ସାଥୀ କରି ଇତିହାସ ସୃଷ୍ଟି କରିଥିଲେ ସେ ପୁଣି ହେଲିକପ୍ଟର ଏବଂ ବିମାନ ଚାଳକ ହେବାକୁ ଜିଦ୍ ଧରି ବସିଥିଲେ । ଏହା ପଛରେ ମଧ ଏକ ସତ୍ୟ ଘଟଣା ରହିଛି ।

ସେତେବେଳେ ଲୋକେ ସାଇକେଲକୁ ସର୍ବାଧିକ ମର୍ଯ୍ୟାଦା ପ୍ରଦାନ କରୁଥିଲେ । କେହି ହେଲିକପ୍ଟର ବା ବିମାନ ସମ୍ପର୍କରେ କଳ୍ପନା ମଧ କରିପାରି ନଥିଲେ । ଥରେ ଜଣେ ବ୍ରିଟିଶ୍ ଅଧିକାରୀ ହେଲିକପ୍ଟରରେ କଟକ ଆସିଲେ ।

ପ୍ରବଳ ଖରା ଓ ଗରମ ହେଉଥାଏ । ହଜାର ହଜାର ଲୋକ ଦେଖିବାକୁ ଠୁଳ ହୋଇଗଲେ । ଏଭଳି ଏକ ବସ୍ତୁ ଜୀବନରେ କେହି ଦେଖିନଥିଲେ ଯାହାକି ଡେଣା ମେଲେଇ ଆକାଶରେ ପକ୍ଷୀପରି ଉଡ଼ିପାରେ । ତା ଦେହରେ ଯାତ୍ରୀ ଆସିପାରନ୍ତି । କିଏ ତାକୁ ପୁଷ୍ପକ ବିମାନ ବୋଲି ଅଭିହିତ କଲାତ କିଏ କହିଲା ତାହା ଏକ ମନପବନ ଘୋଡ଼ା । ପୁଣି କିଏ କହିଲା ଏହାକୁ ଆମେରିକା ବାସୀ ତିଆରି କରିଛନ୍ତି ତ କିଏ ଯୁକ୍ତି କଲା ଏହା ବ୍ରିଟେନର କୀ ି । ସେଇ ଜନଗହଳି ମଧ୍ୟରେ ଛାତ୍ର ବିଜୁ ଥିଲେ । ହେଲିକପ୍ଟରକୁ ଦେଖି ଆଶ୍ଚର୍ଯ୍ୟ ଚକିତ ହେଲେ ଏବଂ ତାକୁ ଥରେ ଛୁଇଁବାକୁ ବ୍ୟାକୁଳିତ ହୋଇପଡ଼ିଲେ । ସଶସ୍ତ୍ର ପୋଲିସ୍ ଚାରିପଟୁ ଘେରି ରହିଥାନ୍ତି । ହେଲିକପ୍ଟର ପାଖକୁ ଯିବାପାଇଁ ସବୁ ରାସ୍ତା ବନ୍ଦ । ତଥାପି ବିଜୁ ନିଜର ଉଦ୍ୟମରେ ସଫଳ ହେଲେ । ସମସ୍ତଙ୍କ ଆଖିରେ ଧୂଳି ଦେଇ ସେ ଯାଇ ହେଲିକପ୍ଟରଟିକୁ ଛୁଇଁଲେ । ପୋଲିସ୍ ଏସ୍.ପି. ହାରଗ୍ରିଭ୍‌ସ ରାଗରେ ତାଙ୍କ ଉପରେ ଲାଠି ପ୍ରହାର କଲେ ଅତି ନିର୍ଦ୍ଦୟ ଭାବରେ । ମୁଣ୍ଡରେ ଆଘାତ ପାଇ ଟଳିପଡ଼ିଲେ ବିଜୁ । ରକ୍ତରଞ୍ଜିତ ହୋଇଗଲା କଟକର ମାଟି । ତଥାପି ବିଜୁ ନିରସ୍ତ ହେଲେନି । ପ୍ରତିଜ୍ଞା କଲେ ସେ ନିଶ୍ଚେ ଜଣେ ପାଇଲଟ ହେବେ ଏବଂ ନିଜର ବିମାନ ଚଳାଇବେ । ବହୁଘାତ-ପ୍ରତିଘାତ, ଆର୍ଥିକ ଅନଟନ ସ ୍ ସେ ନିଜର ଲକ୍ଷ୍ୟ ହାସଲ କଲେ । ପାଇଲଟ ତାଲିମ ନେଇ ବ୍ରିଟିଶ୍ ରୟାଲ୍ ଏୟାର ଫୋର୍ସରେ ଯୋଗ ଦେଲେ । ବ୍ରିଟିଶ୍ ଅଧିକାରୀମାନେ ତାଙ୍କର ଦକ୍ଷତାରେ ସ୍ତବ୍ଧ ଚକିତ ହୋଇ ଗଲେ । ପରବ ୀ ସମୟରେ ବିଜୁ "କଳିଙ୍ଗ ଏୟାରଲାଇନସ୍" ପ୍ରତିଷ୍ଠା କରିଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସେ ବ୍ରିଟିଶ୍ ବାହିନୀ ପାଇଁ ଅନେକ କରିସ୍ମା ଦେଖାଇଥିଲେ । ୧୯୪୭ର ପାକିସ୍ତାନ ଆକ୍ରମଣ ବେଳେ ମଧ ସେ ଭାରତୀୟ ଆକାଶ ବାହିନୀର ମୁଖ୍ୟ ଆକର୍ଷଣ ପାଲଟି ଥିଲେ ।

## ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ବିଜୁଙ୍କ ଭୂମିକା

୧୯୪୦ ବେଳକୁ ସମଗ୍ର ଭାରତରେ ସ୍ୱାଧୀନତା ସଂଗ୍ରାମର ନିଆଁ କୁହୁଳି ସାରିଥିଲା । ଦୀର୍ଘ ଦୁଇଶହ ବର୍ଷଧରି ଇଂରେଜ

ଶାସକ ମାନଙ୍କର ଅନ୍ୟାୟ, ଅତ୍ୟାଚାରରେ ସଢି ସଢି ଭାରତୀୟମାନେ ଅତିଷ୍ଠ ହୋଇ ପଡ଼ିଥିଲେ । ସବୁରି ମନରେ ଥିଲା ସେଇ ଗୋଟିଏ ଚିନ୍ତା କିପରି ପରାଧୀନତାର ଶୃଙ୍ଖଳରୁ ମୁକ୍ତି ପାଇପାରିବେ । ଠିକଣା ସମୟରେ ମହାମାନବ ମହାତ୍ମାଗାନ୍ଧୀ ଆସି ସ୍ୱାଧୀନତା ଆନ୍ଦୋଳନକୁ ନୂଆ ମୋଡ଼ ଦେଲେ । ସତ୍ୟ, ନ୍ୟାୟପଥରେ ଚାଲି ଅହିଂସା ଏବଂ ଅସହଯୋଗ ଅସ୍ତ୍ର ବଳରେ ପ୍ରବଳ ପରାକ୍ରମୀ ଇଂରେଜମାନଙ୍କୁ ଭାରତ ଛାଡ଼ିବାକୁ ବାଧ କରିବା ପାଇଁ ସେ ଯୋଜନା କରି ଚାଲିଥିଲେ । କିନ୍ତୁ ନେତାଜୀ ସୁଭାଷଙ୍କର ନୀତି ଥିଲା ଅଲଗା । ସେ ଚାହୁଁଥିଲେ ସମ୍ମୁଖ ଯୁଦ୍ଧରେ ଇଂରେଜମାନଙ୍କୁ ପରାସ୍ତ କରି ଆମର ହକ ଦାବୀ ହାସଲ କରିବା ପାଇଁ । ଗାନ୍ଧି ଥିଲେ ଉଦାରପନ୍ଥୀ ଓ ନେତାଜୀ ଥିଲେ ଚରମପନ୍ଥୀ । ଦୁହିଁଙ୍କ ମଧରେ ଏଥିପାଇଁ ମନାନ୍ତର ସୃଷ୍ଟି ହୋଇଥିଲା ।

ନେତାଜୀ ସୁଭାଷ ସ୍ୱତନ୍ତ୍ର ଆଜାଦ୍‌ହିନ୍ଦ୍ ଫୌଜ ବା ଜାତୀୟ ବାହିନୀ ଗଢି ଇଂରେଜମାନଙ୍କ ବିରୁଦ୍ଧରେ ସଂଗ୍ରାମ ଜାରୀ ରଖିଥିଲେ । ତେଣେ ଦେଶର ଆବାଳବୃଦ୍ଧବନିତା ଜାତି, ଧର୍ମ, ସଂପ୍ରଦାୟ ଭୁଲି ମହାତ୍ମାଗାନ୍ଧୀଙ୍କ ଡାକରାରେ ଏକତ୍ରୀତ ହେଲେ । ଇଂରେଜମାନେ ସ୍ୱାଧୀନତା ଆନ୍ଦୋଳନକୁ କଠୋର ହସ୍ତରେ ଦମନ କରିବାକୁ ଚାହିଁଲେ । ତଥାପି ବିପ୍ଳବରେ ନିଆଁକୁ ଲିଭାଇ ପାରିଲେ ନାହିଁ । ସ୍ୱାଧୀନତା ସଂଗ୍ରାମୀ ମାନେ ଜୀବନକୁ ପାଣି ଛଡ଼େଇ ବିପ୍ଳବରେ ଝାସ ଦେବାକୁ ଆଗେଇ ଆସିଲେ । ମହାତ୍ମାଗାନ୍ଧୀଙ୍କ ସହିତ ପଣ୍ଡିତ ନେହେରୁ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ଲାଲ୍-ବାଲ୍-ପାଲ୍ ଏବଂ ଶତାଧିକ ନେତା ଯୋଗଦେଇ ସଂଗ୍ରାମକୁ ଅଧିକ ସକ୍ରିୟ କଲେ ।

ସେତେବେଳକୁ ବିଜୁ ବ୍ରିଟିଶ୍ ମାନଙ୍କ ଅଧୀନରେ ଚାକିରୀ କରିଥାନ୍ତି ଜଣେ ପାଇଲଟ ଭାବରେ । ତାଙ୍କ ମନମାନୁ ନଥାଏ । ପ୍ରାଣ ତହଲ ବିକଳ ହେଉଥାଏ କିପରି ସେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେବେ । କିପରି ନିଜର ମାତୃଭୂମିକୁ ବ୍ରିଟିଶ୍ କବଳରୁ ରକ୍ଷା କରିବେ । ଇଂରେଜମାନଙ୍କର ଗୋଲାମ ହୋଇ ରହିବାକୁ ସେ ଆଦୌ ପସନ୍ଦ କରୁନଥିଲେ । ଗୋପନରେ ସେ ମହାତ୍ମାଗାନ୍ଧୀ, ନେହେରୁ, ପଟେଲ୍ , ସୁଭାଷ, ଅରୁଣା ଆସଫ୍ ଅଲ୍ଲୀ, ଜୟପ୍ରକାଶ ନାରାୟଣ, ଅଚ୍ୟୁତ ପଟ୍ଟବର୍ଦ୍ଧନ, ନରେନ୍ଦ୍ର ଦେବ, ରାମମନୋହର ଲୋହିଆ ଆଦି ସ୍ୱାଧୀନତା ସଂଗ୍ରାମୀମାନଙ୍କ ସହିତ ସଂପର୍କ ରଖିଥିଲେ । ଚାକିରୀ ଛାଡ଼ିଦେବା ପାଇଁ ନିଷ୍ୱ ି ନେବା ଆଗରୁ ସେ ଥରେ ଜୟପ୍ରକାଶଙ୍କୁ ନିଜର ମନକଥା ଜଣାଇଲେ । ସେ ସମୟକୁ ଭାରତଛାଡ଼ ଆନ୍ଦୋଳନ ପାଇଁ ପ୍ରସ୍ତୁତି ଚାଲିଥାଏ । ହଜାର ହଜାର ଲୋକ ନିଜର ଚାକିରୀ, ବୃ ି, ବେଉସା ଛାଡ଼ି ଦେଇ ମହାତ୍ମାଗାନ୍ଧୀଙ୍କ ସହିତ ଆନ୍ଦୋଳନରେ ଯୋଗ ଦେଉଥାନ୍ତି ।

ବିଜୁ ଭାବିଲେ ଦେଶର ସ୍ୱାଧୀନତା ପାଇଁ ଏତେ ଲୋକ ଚାକିରୀ ଛାଡ଼ି ପାରୁଛନ୍ତି ଅଥଚ ସେ ପାରିବେନି କାହିଁକି ? ବ୍ରିଟିଶ୍‌ମାନଙ୍କର ଗୋଲାମ ହୋଇ ରହିବା ଅପେକ୍ଷା ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇ ମୃତ୍ୟୁବରଣ କଲେ ତାଙ୍କ ଜୀବନ ଧନ୍ୟ ହେବ । ମାତ୍ର ଜୟପ୍ରକାଶ ନାରାୟଣ ତାଙ୍କୁ ଅଲଗା ବାଟ ଦେଖାଇଦେଲେ । ସେ କହିଲେ, "ବିଜୁ! ତୁମେ ଚାକିରୀ ଛାଡ଼ିବ କାହିଁକି ? ବରଂ ତମେ ଚାକିରୀରେ ଥାଇ ପରୋକ୍ଷ ଭାବରେ ସ୍ୱାଧୀନତା ସଂଗ୍ରାମକୁ ଆଗେଇ ନିଅ । ସେମାନେ ଯେମିତି ଆମ ଦେଶକୁ ବାଣିଜ୍ୟ କରିବାକୁ ଆସି କୌଶଳରେ ଆମ ଦେଶର ଶାସକ ପାଲଟିଲେ ଏବଂ ଆମରି ଖାଇ ଆମ ଦେଶରେ ରହି ଆମ ଉପରେ ଅକଥନୀୟ ଅତ୍ୟାଚାର କରି ଚାଲିଲେ ତମେ ସେଇପରି ସେମାନଙ୍କର ଅ ି ଛୁରୀ ହୋଇ ତାଙ୍କରି ତ ି କାଟ । ଗୋପନରେ ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ସାହାଯ୍ୟ କର । ସେମାନଙ୍କୁ ବା ର୍ା ଦିଅ । ବିଭିନ୍ନ ସ୍ଥାନରେ ପ୍ରଚାରପତ୍ର, ବୁଲେଟିନ୍ ପହୁ ।ଅ । ସଂଗ୍ରାମୀମାନଙ୍କୁ ଗୋଟିଏ ସ୍ଥାନରୁ ନେଇ ଅନ୍ୟ ସ୍ଥାନରେ ପହୁ ।ଅ ।"

ବିଜୁଙ୍କ ମନ ଆନନ୍ଦରେ କୁରୁଳି ଉଠିଲା । ସେ ଅତି ଚତୁରତାର ସହିତ କୌଶଳରେ ସଂଗ୍ରାମୀମାନଙ୍କୁ ନେବାଆଣିବା କଲେ । ସଂଗ୍ରାମର ବା ର୍ା ବିଭିନ୍ନ ସ୍ଥାନରେ ପହ ।ଇଲେ । ନିଜ ଘରେ ଅସ୍ତ୍ର ଶସ୍ତ୍ର ଏବଂ ସଂଗ୍ରାମୀମାନଙ୍କୁ ଲୁଚାଇ ରଖିଲେ । କିନ୍ତୁ ଏ କାର୍ଯ୍ୟ ସେ ବେଶିଦିନ କରିପାରିଲେ ନାହିଁ । ଇଂରେଜମାନେ ତାଙ୍କ କାର୍ଯ୍ୟକଳାପ ଜାଣିପାରିଲେ । ତାଙ୍କୁ ଗିରଫକରି ଜେଲକୁ ପଠାଇ ଦେଲେ । ତାଙ୍କ ବିରୁଦ୍ଧରେ ଅଭିଯୋଗ ଫର୍ଦ୍ଦ ତିଆରି ହେଲା । ସେ ପାଖରେ ପିସ୍ତଲ ରଖିଥିଲେ । ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ନିଜଘରେ ଲଚାଇ ରଖିଥିଲେ । ତାଙ୍କ ଘରକୁ "ପଳାତକ ମାନଙ୍କର ସ୍ୱର୍ଗ" ବୋଲି ଇଂରେଜମାନେ ଆଖ୍ୟା ଦେଇଥିଲେ ।

ତାଙ୍କ ଝିଅ ଗୀତା ଏବଂ ସ୍ତ୍ରୀ ଜ୍ଞାନ ଦେବୀ ଘରେ ଥିବା ସମସ୍ତ ଅସ୍ତ୍ର ଶସ୍ତ୍ରକୁ ଛିଣ୍ଡାକନା ଗୁଡ଼େଇ ବାହାରକୁ ଫିଙ୍ଗି ଦେଇଥିବାରୁ ସେ କଥା ଇଂରେଜମାନେ ଜାଣିପାରି ନଥିଲେ ବି ସନ୍ଦେହ କରିଥିଲେ । ଇଂରେଜ ସରକାର ତାଙ୍କୁ ୧୯୪୩ ଜାନୁୟାରୀ ୧୩ ତାରିଖରେ ଗିରଫ କରି ଜେଲରେ ରଖିଥିଲେ । ୧୯୪୫ ରେ ସେ ପାରୋଲରେ ଖଲାସ ହୋଇଥିଲେ ।

ବିଜୁ ଭଲ ଭାବରେ ଜାଣିଥିଲେ ଯେ ଦିନେନାଦିନେ ସେ ନିଶ୍ଚିତ ଧରାପଡ଼ିବେ । ଇଂରେଜମାନେ ତାଙ୍କୁ ଫାଶୀ ଦେବେ ଅବା ଆଜୀବନ ଜେଲରେ ଘଣା ପେଶାଇବେ । ତଥାପି ସେ ଡରି ଯାଇନଥିଲେ । କଳିଙ୍ଗ ବୀରସେ । ଓଡ଼ିଆ ପୁଅ । ମୃତ୍ୟୁକୁ ସେ ଭୟ

କରୁନଥିଲେ । ଇଂରେଜମାନେ ତାଙ୍କୁ ବନ୍ଦୀ କରି ଅନେକ ଅତ୍ୟାଚାର କରିଥିଲେ । ସବୁ ମାଡ଼ଗାଳିକୁ ସେ ହସି ହସି ସହିଥିଲେ ନିଜର ମାଆ ମାଟି ମାତୃଭୂମିର ସୁରକ୍ଷା ପାଇଁ । ନିଜର ଜନ୍ମଗତ ଅଧିକାର ସ୍ୱାଧୀନତା ପାଇବାପାଇଁ ।

ବିଜୁଙ୍କୁ ଖଲାସ କରିଦେବା ପାଇଁ ତତ୍‌କାଳୀନ ପାରଳା ମହାରାଜା ବଡ଼ଲାଟଙ୍କୁ ଅନୁରୋଧ କରିଥିଲେ । ମାତ୍ର ଇଂରେଜମାନେ ତାଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଥିଲେ । କାରଣ ସେମାନେ ଭଲ ଭାବରେ ଜାଣିଥିଲେ ବିଜୁ
କେବେ ନୀରବ ହୋଇ ବସି ରହି ପାରିବେ ନାହିଁ । ନିଶ୍ଚିତ ପ୍ରତିଶୋଧ ନେବେ । ସେମାନେ ତାଙ୍କର ଦୁଃସାହସିକ କାର୍ଯ୍ୟ ଶୈଳୀରେ ଚକିତ ହୋଇଥିଲେ । ଇଂରେଜ ପାଇଲଟମାନେ ଏବଂ ସୁରକ୍ଷା ଅଧିକାରୀମାନେ ଭିତରେ ବିଜୁଙ୍କୁ ଡରୁଥିଲେ ।

ବିଜୁଙ୍କର ଦେଶପ୍ରେମ, ଜାତିପ୍ରେମ ଥିଲା ଅନନ୍ୟ । ଜଣେ ସ୍ୱାଧୀନତା ସଂଗ୍ରାମୀ ଭାବରେ ସେ କୌଣସି ନିର୍ଦ୍ଦିଷ୍ଟ ଗଣ୍ଡି ମଧ୍ୟରେ ବାନ୍ଧିହୋଇ ରହିନଥିଲେ । ସେ ଥିଲେ ମାନବିକତାର ପରମ ପୂଜାରୀ । ସମଗ୍ର ବିଶ୍ୱର ମାନବିକତାକୁ ସଂକୀର୍ଣ୍ଣତା ମଧ୍ୟରୁ ଉଦ୍ଧାର କରିବାକୁ ସେ ବଦ୍ଧ ପରିକର ଥିଲେ ।

ତାଙ୍କର ଶ୍ରୀନଗର ଅଭିଯାନ, ଇଣ୍ଡୋନେସିଆର ମୁକ୍ତି ସଂଗ୍ରାମରେ ଯୋଗଦାନ ତାଙ୍କୁ ଆନ୍ତର୍ଜାତିକ ସ୍ତରରେ ଶ୍ରେଷ୍ଠ ମାନବବାଦୀ ତଥା ଦେଶପ୍ରେମୀ ରୂପେ ଅଭିନନ୍ଦିତ କରିଛି । ତାଙ୍କ ଭଳି ଜଣେ ନିଷ୍ପାପର ନେତା, ତ୍ୟାଗୀ ଜନସେବା, ମହାନ ଜନନାୟକ ସମଗ୍ର ବିଶ୍ୱରେ ବିରଳ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ବ୍ରିଟିଶ ସରକାରଙ୍କର ଜଣେ ପାଇଲଟ ହିସାବରେ ସେ ତାଙ୍କ କର୍ତ୍ତବ୍ୟରେ କେବେ ଅବହେଳା ପ୍ରଦର୍ଶନ କରିନାହାଁନ୍ତି । ସେମାନଙ୍କର ନୀତିନିୟମକୁ ଆଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରି ମଧ୍ୟ ନିଜ ଦେଶ ମାତୃକା ପାଇଁ ଯାହା କରିଛନ୍ତି ତାହା ଅନ୍ୟ କାହାରି ପକ୍ଷରେ ସମ୍ଭବ ହେବନାହିଁ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସେ ଇଂରେଜ ଅଧିକାରୀ ଏବଂ ତାଙ୍କ ପରିବାର ବର୍ଗଙ୍କ ପାଇଁ ଅନେକ ଦୁଃସାହସିକ କାର୍ଯ୍ୟ କରିଛନ୍ତି । ଜାପାନୀ ଆକ୍ରମଣରେ ପୀଡ଼ିତ ଇଂରେଜ ମାନଙ୍କର ପରିବାର ଲୋକଙ୍କୁ ସେ ମାଳୟ, ସିଂଗାପୁର ଏବଂ ବ୍ରହ୍ମଦେଶରୁ ଉଦ୍ଧାର କରିଛନ୍ତି । କେବଳ ଭାରତରେ ଅବସ୍ଥାପିତ ଇଂରେଜ ଶାସକ, ପାଇଲଟ, ସୈନ୍ୟ ସାମନ୍ତଙ୍କର ସେ ଯେ ପ୍ରିୟପାତ୍ର ହୋଇପାରିଲେ ତା ନୁହେଁ ସୁଦୂର ଇଂଲଣ୍ଡରେ ମଧ୍ୟ ତାଙ୍କର ସୁନାମ ବ୍ୟାପି ଯାଉଥିଲା । ତାଙ୍କ ସଂପର୍କରେ ଜାଣି ବହୁ ସାଧାରଣ ଇଂଲଣ୍ଡ ବାସୀ ତାଙ୍କ ପ୍ରଶଂସାରେ ଶତମୁଖୀ ହୋଇଉଠିଥିଲେ । ସମସ୍ତ ପ୍ରକାର ଉଦାରତା, ମାନବିକତା ସତ୍ତ୍ୱେ ବିଜୁ ଥିଲେ ଭାରି ସ୍ୱାଭିମାନୀ । ନିଜ ଦେଶ, ନିଜ ଜାତି, ନିଜର ସ୍ୱାଭିମାନକୁ କେହି ବାଧା ପହଞ୍ଚାଇଲେ ସେ ସହ୍ୟ କରି ପାରନ୍ତିନି । କଳେ ବଳେ କୌଶଳେ ତାକୁ ଉଚିତ୍ ଶିକ୍ଷା ଦିଅନ୍ତି । ଯେସାକୁ ତେସା ନୀତି ଅବଲମ୍ବନ କରନ୍ତି ।

## ସ୍ୱାଭିମାନୀ ଦେଶପ୍ରେମୀ ବିଜୁ

କଥାରେ ଅଛି "ଯେମିତି ଦିଅଁକୁ ସେମିତି ପୂଜା" ବା "ଯେସାକୁ ତେସା, ହାରାମଜାଦାକୁ କୁରାଢ଼ୀ ପଶା" । ଏହାର ପ୍ରକୃତ ଅର୍ଥ ହେଉଛି ଯିଏ ଯେମିତି ବ୍ୟବହାର ଦେଖାଇବ ତାକୁ ଠିକ୍ ଅନୁରୂପ ବ୍ୟବହାର ମିଳିବା ଉଚିତ । ଯେମିତି ବୁଣିଲେ ସେମିତି ଫଳେ ନ୍ୟାୟରେ ଆମେ ଅନ୍ୟକୁ ଯେମିତି ବ୍ୟବହାର ଦେଖାଇବା ବା ଆମେ ଅନ୍ୟପ୍ରତି ଯେଉଁ ଆଚରଣ ପ୍ରଦର୍ଶନ କରିବା । ଯେମିତି ଅନ୍ୟକୁ ଆପଣେଇବା ଆମକୁ ଅନ୍ୟମାନେ ସେମିତି ଭାବରେ ଗ୍ରହଣ କରିବେ । ମାଲିକ ଭୃତ୍ୟକୁ ଯେମିତି ବ୍ୟବହାର ଦେଖାଇବେ ସେଇ ଅନୁପାତରେ ତାଠାରୁ ଭକ୍ତି ଏବଂ ଆନୁଗତ୍ୟ ଆଶା କରିବେ ।

ବିଜୁ ଥିଲେ ବ୍ରିଟିଶ୍ ରୟାଲ ଏୟାରଫୋର୍ସର ଜଣେ ସୁଦକ୍ଷ କର୍ତ୍ତବ୍ୟ ପରାୟଣ ପାଇଲଟ । ତାଙ୍କର କାର୍ଯ୍ୟଦକ୍ଷତାକୁ ନେଇ କେହି ସନ୍ଦେହ କରିବାର ଅବକାଶ ପାଉନଥିଲେ । ତତ୍‌କାଳୀନ ବଡ଼ଲାଟ ଲର୍ଡ଼ ୱାଭେଲ୍ ମଧ୍ୟ ବିଜୁଙ୍କୁ ଭଲ ପାଉଥିଲେ । ପସନ୍ଦ କରୁଥିଲେ । ବ୍ରିଟିଶ୍‌ମାନଙ୍କ ଅଧୀନରେ କାର୍ଯ୍ୟକରିବା ସତ୍ତ୍ୱେ ବିଜୁ କୌଶଳରେ ନିଜ ଦେଶର ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ସାହାଯ୍ୟ କରୁଥିଲେ । ଶେଷରେ ଧରାପଡ଼ି ଜେଲ୍ ଭୋଗିଥିଲେ । ତଥାପି ସେ ମୁଣ୍ଡ ନୁଆଁଇ ନଥିଲେ । ସେଇ ସମୟର ଏକ ଘଟଣା ଯୋଉଥିରୁ କି ବିଜୁଙ୍କର ଅନାବିଳ ଦେଶପ୍ରେମ ବାରିହୁଏ ତାହା ଏଠାରେ ଅବତାରଣା କରାଯାଉଛି ।

ଜଣେ ଆତ୍ମଗର୍ବୀ ଉଦ୍ଧତ ବ୍ରିଟିଶ୍ କର୍ଣ୍ଣେଲଙ୍କୁ ବିମାନରେ କ୍ୱେଟା ନେବାପାଇଁ ବିଜୁଙ୍କୁ ନିର୍ଦ୍ଦେଶ ଦିଆଯାଇଥାଏ । କର୍ଣ୍ଣେଲ୍ ପହଞ୍ଚିବା ପୂର୍ବରୁ ବିଜୁ ନିଜର କର୍ତ୍ତବ୍ୟ ସଂପାଦନ ପାଇଁ ପ୍ରସ୍ତୁତ ହୋଇ ଯାଇଥିଲେ । ଦିଲ୍ଲୀ ବିମାନ ଘାଟିରେ ସୁସଜ୍ଜିତ ବିମାନ ରଖି ବିଜୁ ବାହାରେ ବୁଲୁଥାନ୍ତି । ବ୍ରିଟିଶ୍ କର୍ଣ୍ଣେଲ୍ ବିମାନ ଘାଟିରେ ପହଞ୍ଚି ସମସ୍ତ ବ୍ୟବସ୍ଥା ଦେଖିଲେ ଏବଂ ପଚାରିଲେ, କିଏ ସେ ପାଇଲଟ ଯିଏ ମୋତେ

ନେଇ କ୍ୱେଟା ଯିବ ?

ବ୍ରିଟିଶ୍ କର୍ମଚାରୀମାନେ ଅଳ୍ପଦୂରରେ ଥିବା ବିଜୁଙ୍କୁ ଦେଖାଇ ଦେଇ ଆଉ କିଛି କହିବା ଆଗରୁ କର୍ଣ୍ଣେଲ୍ ରାଗରେ ଫାଟି ପଡ଼ିଲେ । ତାଙ୍କର ଧାରଣା ଥିଲା ଯେ କେହି ଦକ୍ଷ ବ୍ରିଟିଶ୍ ବା ଆମେରିକୀୟ ପାଇଲଟ୍ ତାଙ୍କୁ ନେଇଯିବ । ମାତ୍ର ବିଜୁଙ୍କୁ ଦେଖି ଏବଂ ସେ ଭାରତୀୟ ବୋଲିଜାଣି ଚିତ୍କାର କରି ଉଠିଲେ । ଏଇ ବ୍ଲଡି ଭାରତୀୟ ପାଇଲଟ୍ ମୋତେ ନେଇଯିବ ?

ସେ ହୁଏତ ବିଜୁଙ୍କ ସହିତ ଯାଇନଥାନ୍ତେ ସେଦିନ ମାତ୍ର କାର୍ଯ୍ୟର ଗୁରୁତ୍ୱ ଦୃଷ୍ଟିରୁ ଯିବାକୁ ବାଧ ହେଲେ । ଭାରତୀୟ ମାନଙ୍କ ପ୍ରତି ଘୃଣା ପ୍ରଦର୍ଶନ କରି ସେ ଯେପରି ଶବ୍ଦ ବ୍ୟବହାର କଲେ ତାହା ଶୁଣି ବିଜୁଙ୍କର ଇଚ୍ଛା ହେଉଥିଲା ସେଇଠି ତାଙ୍କର ଗର୍ବ ଭାଙ୍ଗି ଦେଇଥାନ୍ତେ । ମାତ୍ର ସେପରି କଲେନି । ଧୈର୍ଯ୍ୟର ସହିତ ନିଜ କାମ କରିଚାଲିଲେ । ମନଭିତରେ କର୍ଣ୍ଣେଲ୍‌ଙ୍କର ଘୃଣା ଓ ତାଚ୍ଛଲ୍ୟଭରା କଥା ଅନୁରଣିତ ହେଉଥାଏ ।

ସେ କର୍ଣ୍ଣେଲଙ୍କୁ ସାଲ୍ୟୁଟ୍ ମାରିଲେ । ଅତି ଭଦ୍ରଭାବରେ ବିମାନକୁ ପାଛୋଟି ନେଲେ ଏବଂ କର୍ଣ୍ଣେଲ୍ ବିମାନରେ ଆରାମରେ ବସି ସାରିବା ପରେ ବିଜୁ ବିମାନ ଚଳାଇଲେ । ଦିଲ୍ଲୀଠାରୁ ଅଳ୍ପ କିଛି ଦୂର ଉଡ଼ିଯିବା ପରେ ବିଜୁ ତାଙ୍କର ବ୍ରିଟିଶ୍ ସହକାରୀ ଚାଳକଙ୍କୁ ନିଜ ସିଟ୍‌ରେ ବସେଇ ବିଶ୍ରାମ ନେବା କଥା କହି କର୍ଣ୍ଣେଲ୍‌ଙ୍କ ପାଖକୁ ଆସିଲେ । ତାଙ୍କୁ ଦେଖି ବ୍ରିଟିଶ୍ କର୍ଣ୍ଣେଲ୍ ଚମକି ପଡ଼ିଲେ ଏବଂ ସୌଜନ୍ୟତା ଦୃଷ୍ଟିରୁ ପଚାରିଲେ, "ମିଃ ପଟ୍ଟନାୟକ ! କେମିତି ଅଛ ?
ଯେମିତି ରହିବା କଥା ସେମିତି ଅଛି କହି ବିଜୁ କର୍ଣ୍ଣେଲ୍‌ଙ୍କ ଛାତିରେ ପିସ୍ତଲ ଲଗାଇ ଗର୍ଜି ଉଠିଲେ, "ହ୍ୟାଣ୍ଡ୍‌ସ୍ ଅପ୍" ।

କର୍ଣ୍ଣେଲ୍ କଳ୍ପନା ବି କରିନଥିଲେ ବିଜୁ ଏମିତି କରିବେ ବୋଲି । ସେ ଥତମତ ହୋଇ କହିଲେ, ମିଃ ପଟ୍ଟନାୟକ । ଏ କଣ କରୁଛ ? ମିଃ କର୍ଣ୍ଣେଲ୍ ,ଏବେ କୁହ କିଏ ବ୍ଲଡି ? ଭାରତୀୟ ପାଇଲଟ ନା ବ୍ରିଟିଶ୍ କର୍ଣ୍ଣେଲ୍ ?

ଦେଖ ମିଃ ବିଜୁ । ତୁମେ ସୀମାଲଂଘନ କରୁଛ । ଯେତେହେଲେ ମୁଁ ତମର ସୁପରିୟର । ମୋ ପ୍ରତି ତମର ଏ ପ୍ରକାର ବ୍ୟବହାର ପାଇଁ ତମକୁ ଅନୁତାପ କରିବାକୁ ପଡ଼ିବ । ସେତେବେଳେ ପସ୍ତେଇବ । ଏଣ......

"ଶାଲା ସୁଅର କା ବଚା ! ବ୍ଲଡି ବାଷ୍ଟାର୍ଡ ବ୍ରିଟିଶ୍ କର୍ଣ୍ଣେଲ ! ତମେ ମୋତେ କ'ଣ ଭାବିଛକି ? ତମ ଅଧୀନରେ ଚାକିରୀ କରିଛି ବୋଲି ମୋ ମୁଣ୍ଡ କିଣି ନେଇଛ ? ମୋତେ, ମୋ ଦେଶର ଲୋକଙ୍କୁ ବ୍ଲଡି କହିବ ? ଘୃଣାରେ ନାକଟେକିବ ଆମକୁ ଦେଖି ? ଜାଣିଛ ତମ ପ୍ରଭୁ ୱାଭେଲ୍ ମଧ ମୋତେ ପସନ୍ଦ କରେ । ଛିଡ଼ାହୋଇ ରହ । କ୍ଷମା ମାଗ । ନଚେତ୍......

କର୍ଣ୍ଣେଲ୍ କ'ଣ କରିବେ କିଛି ଭାବିପାରିଲେ ନାହିଁ । ବ୍ରିଟେନ୍‌ରେ ହୋଇଥିଲେ ସେ କ'ଣ ନାହିଁ କ'ଣ କରି ସାରିଥାନ୍ତେ । ସାମାନ୍ୟ ଜଣେ ଭାରତୀୟ ତାଙ୍କୁ ବଳିଯିବ ? କିନ୍ତୁ..... ନା । ଜୀବନ ବ ାଇବାକୁ ହେବ । ଯେମିତି ହେଲେ କ୍ୱେଟାରେ ପହ ୍ବା ମାତ୍ରେ ଏହି ଉଦ୍ଧତ ଭାରତୀୟ ପାଇଲଟଟାକୁ ଗୁଳିରେ ଉଡାଇ ଦେବାକୁ ହେବ ।"ମୁଁ ତେବେ ଗୁଳି କରିବାକୁ ବାଧ ହେଉଛି । ୱାନ୍.... ଟୁ..... ବିଜୁଙ୍କର ଗମ୍ଭୀର ଗର୍ଜନ ଶୁଣି କର୍ଣ୍ଣେଲ୍ ଜଣକ ସଙ୍ଗେ ସଙ୍ଗେ କ୍ଷମା ପ୍ରାର୍ଥନା କଲେ । ଭାରତୀୟମାନଙ୍କୁ ଆଶାଳୀନ ଭାଷାରେ ଗାଳି ଦେଇଥିବାରୁ ଦୁଃଖ ପ୍ରକାଶ କଲେ । କ୍ୱେଟା ପର୍ଯ୍ୟନ୍ତ ଛିଡ଼ା ହୋଇଗଲେ ।

ତାପରେ ବିଜୁ ବିମାନ ଚାଳକ ଆସନକୁ ଗଲେ । ସେ ଭଲ ଭାବରେ ଅନୁମାନ କରିନେଲେ ଯେ କର୍ଣ୍ଣେଲ୍ ନିଶ୍ଚିତ ତାଙ୍କ ଉପରେ ପ୍ରତିଶୋଧ ନେବେ । ମାତ୍ର ସେ ଖୁବ୍ ଚତୁରତାର ସହିତ କର୍ଣ୍ଣେଲଙ୍କୁ ଓହ୍ଲାଇଦେଇ ବିଜୁଳି ଗତିରେ କୁଆଡ଼େ ଉଡାନ ହୋଇଗଲେ । କର୍ଣ୍ଣେଲ ନିଜ ରାଗକୁ ନିଜ ମଧରେ ଚାପି ରଖି ନୀରବ ରହିବାକୁ ବାଧ ହେଲେ ।

## ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମରେ ବିଜୁଙ୍କ ଭୂମିକା

ଦ୍ୱିତୀୟ ବିଶ୍ୱଯୁଦ୍ଧର ପରବ ୀ ଅବସ୍ଥାରେ ବିଶ୍ୱର ବହୁରାଷ୍ଟ୍ରରେ ସ୍ୱାଧୀନତା ସଂଗ୍ରାମ ଖୁବ୍ ଜୋରସୋରରେ ଆଗେଇ ଚାଲିଥାଏ । ଅଧିକାଂଶ ଦେଶରେ ଇଂରେଜମାନେ ସେମାନଙ୍କର ଉପନିବେଶ ସ୍ଥାପନ କରି ଶାସନ ଚଳାଇଥାନ୍ତି ।ସେଇଥିପାଇଁ ହୁଏତ କୁହାଯାଉଥିଲା ଇଂରେଜ ସାମ୍ରାଜ୍ୟରେ ସୂର୍ଯ୍ୟାସ୍ତ ହୁଏନାହିଁ । ତେବେ କେତେକ ଦେଶରେ ଡଚ୍, ପ ୁଗୀଜ ଏବଂ ଅନ୍ୟମାନେ ଶାସନ କରୁଥାନ୍ତି ।

ବିଦେଶୀ ଶାସକ ମାନଙ୍କର ଅନ୍ୟାୟ, ଅତ୍ୟାଚାରରେ ଅତିଷ୍ଠ ହୋଇ ବିଭିନ୍ନ ଦେଶର ନାଗରିକ ମାନେ ନିଜ ମାତୃଭୂମିକୁ ମୁକୁଳେଇବା ପାଇଁ ସଂଗ୍ରାମ ଜାରି ରଖିଥାନ୍ତି । ଭାରତରୁ ଇଂରେଜଶାସନ ବିଲୋପ ହୋଇନଥାଏ । କିନ୍ତୁ ପରିସ୍ଥିତି ଏପରି ଅବସ୍ଥାକୁ ଆସିଥାଏ ଯେ ଜଣାପଡୁଥାଏ ଇଂରେଜମାନେ ଖୁବ ଶୀଘ୍ର ଭାରତବାସୀଙ୍କୁ ସ୍ୱାଧୀନତା ଦେଇ ଏ ଦେଶ ଛାଡି ଚାଲିଯିବେ ।

ସେ ସମୟରେ ପଣ୍ଡିତ ନେହେରୁ ଭାରତୀୟ ରାଜନୀତିର କେନ୍ଦ୍ରବିନ୍ଦୁ ହୋଇ ସାରିଥାନ୍ତି । ସେ ବିଭିନ୍ନ ଦେଶରେ ଚାଲିଥିବା ମୁକ୍ତି ସଂଗ୍ରାମରେ ସମ୍ବାଦ ସଂଗ୍ରହ କରୁଥାନ୍ତି । ହଠାତ୍ ସେ ସମ୍ବାଦ ପାଇଲେ ଯେ ଇଣ୍ଡୋନେସିଆର ଅବସ୍ଥା ଖୁବ୍ ଶୋଚନୀୟ । ସେ ଦେଶର ମୁକ୍ତିସଂଗ୍ରାମୀ ଡଃ.ସୁକର୍ଣ୍ଣ, ଶାହରିୟର ଏବଂ ହାତା ଆଦିଙ୍କୁ ଡଚ୍ ବାହିନୀ ନଜରବନ୍ଦୀ କରି ରଖିଛନ୍ତି । କୋଉ ମୁହୂର୍ତ୍ତରେ ଯେ ସେମାନଙ୍କୁ ହତ୍ୟାକରି ଡଚ୍‌ମାନେ ସ୍ୱାଧୀନତା ସଂଗ୍ରାମକୁ ଦୃଢହସ୍ତରେ ଦମନ କରିଦେବେ ତାର କିଛି ଠିକ୍ ଠିକଣା ନାହିଁ । ନେହେରୁ ବିଚଳିତ ହୋଇପଡ଼ିଲେ । କିପରି ଇଣ୍ଡୋନେସିଆବାସୀଙ୍କୁ ସାହାଯ୍ୟ କରିହେବ, ଏଇ ଚିନ୍ତାରେ ଘାରିହେଲେ । କ'ଣ କରିବେ ? କିଏ ତାଙ୍କୁ ଏ ସଂପର୍କରେ ସତ୍ ପରାମର୍ଶ ଦେଇପାରିବ ? କିଏ ଏତେବଡ଼ ଦୁଃସାହସ କରିପାରିବ ? ଆସନ୍ନ ଏବଂ ନିଶ୍ଚିତ ମୃତ୍ୟୁ ବେଳକୁ ମୁକ୍ତିସଂଗ୍ରାମୀ ମାନଙ୍କୁ ଉଦ୍ଧାର କରିପାରିବ ?

ବ୍ରିଟିଶ୍ ରୟାଲ ଏୟାରଫୋର୍ସରେ କାମ କରୁଥିବା ସେଇ ଡେଙ୍ଗା, ଶକ୍ତିଶାଳୀ, ଦାମ୍ଭିକ ଓଡ଼ିଆ ପାଇଲଟ କଥା ତାଙ୍କର ମନେ ପଡ଼ିଗଲା । ବେଲ ବଜାଇଲେ । ସଙ୍ଗେ ସଙ୍ଗେ କଷଣେ ସତ୍ୟାଗ୍ରହୀ ହାଜର ହେଲେ ।

ନେହେରୁ - ତମେ ସେଇ ଦୁର୍ଦ୍ଦମନୀୟ ଦୁଃସାହସିକ ଓଡ଼ିଆ ପାଇଲଟକୁ ଜାଣିଛ ?
ସତ୍ୟାଗ୍ରହୀ - କିଏ ସାର ?
ନେହେରୁ - ସେ ପଟ୍ଟନାୟକ ନା ଆଉ କ'ଣ ମନେ ପଡୁନି । ଯିଏ ବ୍ରିଟିଶ୍ ଅଧିକାରୀଙ୍କ ପରିବାର ଲୋକଙ୍କୁ ଜାପାନୀ ସୈନ୍ୟଙ୍କ ଆକ୍ରମଣରୁ ରକ୍ଷା କରିଛି । ଯିଏ ଟାୱାର ଭଳି ଉଚ୍ଚ । ବଜ୍ରଭଳି ଶକ୍ତିଶାଳୀ । ପ୍ରବଳ ସ୍ୱାଭିମାନୀ । ସିଏ ମୃତ୍ୟୁ ସହିତ ପ୍ରତ୍ୟେକ୍ଷ ସଂଗ୍ରାମ କରିପାରେ । ସେଇ ଦୁର୍ଦ୍ଧାନ୍ତ ଦୁଃସାହସୀ ଓଡ଼ିଆ ପାଇଲଟଙ୍କୁ ଜାଣିଛ ?
ସତ୍ୟାଗ୍ରହୀ - ହଁ ସାର୍ । ସେ ବିଜୟାନନ୍ଦ ପଟ୍ଟନାୟକ । ବିଜୁ ସାର୍ ।
ନେହେରୁ - ସେ କେଉଁଠି ରହୁଛି ଜାଣିଛ ? ମୁଁ ତାକୁ ଏଇ ମୁହୂର୍ତ୍ତରେ ଚାହେଁ ।
ସତ୍ୟାଗ୍ରହୀ -ଏଠୁ ଅଳ୍ପ ଦୂରରେ କର୍ଣ୍ଣେଲ୍‌ଙ୍କ ବାସଭବନ ପଛପଟେ ସେ ରହୁଛନ୍ତି । ମୁଁ ସଙ୍ଗେ ସଙ୍ଗେ ତାଙ୍କୁ ଡାକି ଆଣୁଛି (ପ୍ରସ୍ଥାନ)
ନେହେରୁ- ସତରେ କ'ଣ ମୁଁ ବଞ୍ଚାଇ ପାରିବିନି ବନ୍ଧୁ ସୁକର୍ଣ୍ଣ, ଶାହରିଅର ଏବଂ ହାତା ଆଦିଙ୍କୁ ? ଇଣ୍ଡୋନେସିଆ ବାସୀଙ୍କ ଅକ୍ଳାନ୍ତ ଉଦ୍ୟମ, ଅବିଶ୍ରାନ୍ତ ସ୍ୱାଧୀନତା ସଂଗ୍ରାମ ନିଷ୍ଫଳ ହେବ ? ଡଚ୍‌ମାନେ ଜିତାପଟ ନେଇ ପୁଣିଥରେ ପଦବିଦଳିତ କରି ରଖିବେ ଇଣ୍ଡୋନେସିଆର ଜନସାଧାରଣଙ୍କୁ ? ସେମାନେ ମୁକ୍ତିର ସ୍ୱାଦ ଚାଖି ପାରିବେନି ? ନୂତନ ସକାଳର ନୂଆ ସୂର୍ଯ୍ୟକୁ ଅଭିନନ୍ଦନ ଜଣାଇ ପାରିବେନି ?
ନେପଥ୍ୟ- ମୁଁ ଆସିପାରେ କି ସାର୍ ?
ନେହେରୁ- ହଁ ତମେ ଆସିପାର ।
ବିଜୁ- (ପ୍ରବେଶି) - ନମସ୍କାର ସାର୍ ।
ନେହେରୁ- (ବିଜୁଙ୍କ ଆପାଦମସ୍ତକ ନୀରିକ୍ଷଣ କରି) ବସ । ଠିଆ ହେଲ କାହିଁକି ?
ବିଜୁ- (ବସି) ଧନ୍ୟବାଦ୍ ସାର୍ ।
ନେହେରୁ- ମୁଁ ଭାବିପାରୁ ନାହିଁ ଯେ ତମ ଆଗରେ କେମିତି ଉପସ୍ଥାପନ କରିବି ଏବଂ ତମେ ମୋ କଥାକୁ କେମିତି ଭାବରେ ଗ୍ରହଣ କରିବ ?
ବିଜୁ- କୁହନ୍ତୁ ସାର୍ । ଆପଣ ଯେମିତି ଚାହିଁବେ ମୁଁ ସେମିତି ଆପଣଙ୍କ ପାଇଁ କାମ କରିବାକୁ ପ୍ରସ୍ତୁତ ।
ନେହେରୁ- ତମ ଉପରେ ମୋର ଯଥେଷ୍ଟ ଭରସା ଅଛି । ସେଇଥି ପାଇଁତ ତମକୁ ଡାକିଛି ଆଲୋଚନା ପାଇଁ । ତମେ ଜାଣିଛ ? ଇଣ୍ଡୋନେସିଆରେ ଡଚ୍ ସରକାର ଅମାନୁଷିକ ଦମନଲୀଳା ଚଳାଇଛି ? ମୁକ୍ତି ସଂଗ୍ରାମର ମୁଖ୍ୟ ପୁରୋଧା ସୁକର୍ଣ୍ଣ, ଶାହରିୟର ଏବଂ ହାତା ଆଦିଙ୍କୁ ଅତର୍କିତ ଆକ୍ରମଣ କରି ବନ୍ଦୀ କରି ରଖିଛନ୍ତି । କୋଉ ମୂହୁର୍ତ୍ତରେ କ'ଣ ହେବ କହିହେବ ନାହିଁ । କିପରି ସେମାନେ ମୁକ୍ତ ହେବେ ଏଇ ଚିନ୍ତା ।
ବିଜୁ- ଆମକୁ ମଧ ଦୃଢ ହେବାକୁ ପଡ଼ିବ । ଅମଣିଷ ପାଲଟିବାକୁ ହେବ । କଳେବଳେ ସେମାନଙ୍କୁ ଉଡ଼ାଇ ଆଣିବାକୁ ପଡ଼ିବ ଡଚ୍‌ମାନଙ୍କ ଆଖିରେ ଧୂଳି ପକାଇ ।
ନେହେରୁ- ତମେ ପାଗଳ ନା ମୁଁ ପାଗଳ ?

ବିଜୁ- ବିଶ୍ୱାସ କରନ୍ତୁ ସାର୍ । ଆମ ଆଗରେ ଆଉ ଅନ୍ୟ ପନ୍ଥା ନାହିଁ ।
ନେହେରୁ- କ'ଣ କହିଲ ? ଏହା କ'ଣ ସମ୍ଭବ ?
ବିଜୁ- ଚେଷ୍ଟା ଆଉ ନିଷ୍ଠାରେ ସବୁ ସମ୍ଭବ ସାର୍ ।
ନେହେରୁ- ତମେ ଜାଣିଛ କୋଉଠି ଦିଲ୍ଲୀ ଆଉ କୋଉଠି ଜାକର୍ତ୍ତା, ହଜାର ହଜାର ମାଇଲ୍ ଦୂର । କିଏ ସେଇ ଭାରତୀୟ ଯେଉଁମାନେ ସେଠାକୁ ଯାଇ ନିଆଁ ଭିତରେ ପଶି ମୃତ୍ୟୁ ସହିତ ଲଢେଇ କରି ମୁକ୍ତି କରିପାରିବ ସେମାନଙ୍କୁ ?
ବିଜୁ- ଆପଣ କେବଳ ଆଦେଶ ଦିଅନ୍ତୁ । ବେଶୀ ଲୋକ ଦରକାର ନାହିଁ । ମୁଁ ଏକାଯିବି ଏବଂ ଡଚ୍‌ବାହିନୀକୁ ବୋକା ବନେଇ ସୁକର୍ଣ୍ଣ, ଶାହରିଆର ଆଦିଙ୍କୁ ଦିଲ୍ଲୀ ନେଇ ଆସିପାରିବି ।
ନେହେରୁ- ତମ ସାହସକୁ ତାରିଫ୍ ନକରି ରହି ପାରୁନି ପଟ୍ଟନାୟକ । ଭଗବାନ୍ ତମକୁ ସହାୟ ହୁଅନ୍ତୁ । ତମେ ସଫଳ ହୁଅ ତମର ଅଭିଯାନରେ ।
ବିଜୁ- ଧନ୍ୟବାଦ୍ ସାର୍ ।

ତାପରେ ବିଜୁ ପ୍ରସ୍ତୁତ ହୋଇଗଲେ ନିଜର ପ୍ରିୟ ଡାକୋଟା ବିମାନ ନେଇ ଇଣ୍ଡୋନେସିଆର ରାଜଧାନୀ ଜାକର୍ତ୍ତା ଅଭିମୂଖେ ଯାତ୍ରା କରିବା ପାଇଁ । ମନକୁ ଦୃଢ଼କରି, ଛାତିକୁ ପଥର କରି, ହୃଦୟରେ ଅନେକ ଆବେଗ, ଉଦ୍ଦୀପନା ଭରି, ନିଜର ଚାକିରୀ, ପରିବାରକୁ ପଛକରି 'ଡାକୋଟା' ଚଳାଇ ଅଗ୍ରସର ହେଲେ ଜାକର୍ତ୍ତା ଅଭିମୁଖେ ।

ତେଣେ ସାମ୍ରାଜ୍ୟବାଦୀ ଅହଂକାରୀ ଡଚ୍ ସରକାର ବିରୁଦ୍ଧରେ ଇଣ୍ଡୋନେସିଆର ଜନ ସାଧାରଣ ସଂଗ୍ରାମ ଅବ୍ୟାହତ ରଖିଥାନ୍ତି । ଡଚ୍ ବାହିନୀର ଦୃଷ୍ଟି ଏଡ଼େଇ କେହି ସେଠାରେ ପ୍ରବେଶ କରି ପାରୁନଥିଲେ ଅବା ମୁକ୍ତି ସଂଗ୍ରାମୀମାନେ କୌଣସି ଉପାୟରେ ଖବର ପଠାଇ ପାରୁନଥିଲେ । ଏଭଳି ଏକ ଘଡ଼ି ସନ୍ଧି ମୂହୁର୍ତ୍ତରେ ଦୁଃସାହସୀ ବିଜୁ ନିଜ ଜୀବନକୁ ବିପନ୍ନ କରି ଇଣ୍ଡୋନେସିଆ ବାସୀଙ୍କ ପାଇଁ ନିଜର ଅଭିଯାନ ଆରମ୍ଭ କଲେ । ତାଙ୍କୁ ଆଉ କୌଣସି କଥା ଶୁଣାଯାଉନଥିଲା ।

ଡଚ୍ , ଜାକର୍ତ୍ତା ଓ ଡାକୋଟା - ଏଇ ତିନି (D) କୁ ନେଇ ସେ ଯୋଜନା ପ୍ରସ୍ତୁତ କଲେ । କୌଶଳରେ ଇଣ୍ଡୋନେସିଆର ଖବର ଆଣି ନେହେରୁଙ୍କୁ ଦେଲେ । ନେହେରୁ ମଧ ଆକାଶରୁ ଖସିପଡ଼ିଲେ ବିଜୁଙ୍କର ଦୁଃସାହସିକ ପଦକ୍ଷେପ ସଂପର୍କରେ ଜାଣି । ଧନ୍ୟ ଓଡ଼ିଆ ପୁଅ । ଧନ୍ୟ କଳିଙ୍ଗ ବୀର । ସବୁ ଅସାଧ୍ୟକୁ ଯିଏ ସାଧନ କରିପାରେ ସେହିଁ କେବଳ ବିଜୟାନନ୍ଦ ନାମ ବହିପାରେ ।

ଇଣ୍ଡୋନେସିଆର ସଂଗ୍ରାମ ଯେତେବେଳେ ଚରମ ଅବସ୍ଥାରେ ପହଞ୍ଚିଲା ଏବଂ ଡଚ୍ ସରକାର ସମସ୍ତ ଉଦ୍ୟମ ସତ୍ତ୍ୱେ ପରାଜୟ ବରଣ କରିବା ନିଶ୍ଚିତ ହୋଇ ଆସିଲା ସେତେବେଳେ ଡଚ୍‌ମାନେ ଅଧିକ ହିଂସ୍ର ହୋଇ ଉଠିଲେ । ଜଳ, ସ୍ଥଳ- ଆକାଶରେ ଛାଇଗଲେ ଡଚ୍ ବାହିନୀ । ବିପ୍ଳବୀ ମୁକ୍ତି ସଂଗ୍ରାମୀମାନଙ୍କୁ ଶେଷ କରିଦେବା ପାଇଁ ଯୋଜନା ମଧ ପ୍ରସ୍ତୁତ ହୋଇଗଲା । ବିଜୁ ନଥିଲେ ହୁଏତ ଇଣ୍ଡୋନେସିଆ ସ୍ୱାଧୀନତା ଲାଭରୁ ବଞ୍ଚିତ ହୋଇଥାନ୍ତା । ଜନପ୍ରିୟ ନେତା ଡଃ ସୁକର୍ଣ୍ଣ, ଡଃ ମହମ୍ମଦ ହତା, ଶାହରିୟାର, ସୁବାନ୍ଦ୍ରି ଏବଂ ଡଃ ସୁଦର୍ଶନୀଙ୍କ ଜୀବନ ଦ୍ୱୀପ ଲିଭିଯାଇଥାନ୍ତା । କିନ୍ତୁ ଦୁର୍ଦ୍ଦମନୀୟ ଓଡ଼ିଆ ପାଇଲଟ ନିଜର ଦକ୍ଷତା, ଚତୁରତା ଏବଂ ଉପସ୍ଥିତ ବୁଦ୍ଧି ବଳରେ ପ୍ରବଳ ପରାକ୍ରମୀ ପ୍ରତିଶୋଧ ପରାୟଣ ଡଚ୍ ବାହିନୀ ଆଖିରେ ଧୂଳି ଛାଟି ଇଣ୍ଡୋନେସିଆର ବିପ୍ଳବୀ ନେତା ମାନଙ୍କୁ ନିଜର ଡାକୋଟା ବିମାନରେ ବସାଇ ଉଦ୍ଧାର କରି ଆଣି ଦିଲ୍ଲୀରେ ପହଞ୍ଚାଇ ଦେଲେ । ସମଗ୍ର ବିଶ୍ୱର ନେତୃବର୍ଗ ତଟସ୍ଥ ହୋଇଗଲେ । ଓଡ଼ିଆ ପୁଅର ବୀରତ୍ୱର କାହାଣୀ ଲିପିବଦ୍ଧ ହୋଇ ରହିଗଲା ଯୁଗ ଯୁଗ ପାଇଁ ଭାରତ ଏବଂ ଇଣ୍ଡୋନେସିଆର ଇତିହାସ ପୃଷ୍ଠାରେ । ଇଣ୍ଡୋନେସିଆ ସ୍ୱାଧୀନତା ପାଇଲା । ମୁକ୍ତ ହେଲା ଡଚ୍ କବଳରୁ ।

## ଇଣ୍ଡୋନେସିଆର ସର୍ବୋଚ୍ଚ ନାଗରିକ ସମ୍ମାନ-'ଭୂମିପୁତ୍ର' "ବିଜୁ"

ଇଣ୍ଡୋନେସିଆର ପ୍ରତ୍ୟେକ ନାଗରିକଙ୍କ ପାଇଁ ବିଜୁ ବା ବିଜୟାନନ୍ଦ ପଟ୍ଟନାୟକ ଏକ ଅଲୌକିକ ଆକର୍ଷଣ । ଯେଉଁମାନେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ ଏବଂ ବିଜୁଙ୍କୁ ଜାଣିଥିଲେ ସେମାନେତ ଚିର କୃତଜ୍ଞ ପାଲଟି ଯାଇଥିଲେ କଳିଙ୍ଗ ଗୌରବ ବିଜୁଙ୍କ ତ୍ୟାଗ, ତପସ୍ୟା, ନିଷ୍ଠା, ଦକ୍ଷତା ନିକଟରେ । ଯେଉଁମାନେ ସେତେବେଳେ ଶିଶୁଥିଲେ ପରବର୍ତ୍ତୀ ସମୟରେ ନିଜ ଦେଶର ସ୍ୱାଧୀନତା ସଂଗ୍ରାମର ଇତିହାସ ଅଧ୍ୟୟନ କରି ବିଜୁଙ୍କୁ ମନେ ପକାଇଲେ । ଝୁରି ହେଲେ ।

ସ୍ୱାଧୀନତା ପରବର୍ତ୍ତୀ ସମୟରେ ଇଣ୍ଡୋନେସିଆ ସରକାର ବିଜୁଙ୍କୁ ତାଙ୍କ ଦେଶର ପରମମିତ୍ର ରୂପେ ଗ୍ରହଣ କରି ସେ ଦେଶର ଶ୍ରେଷ୍ଠ ସମ୍ମାନ "ଭୂମିପୁତ୍ର" ଉପାଧିରେ ଭୂଷିତ କରିଥିଲେ । ଖାଲି ସେତିକି ନୁହେଁ ତାଙ୍କୁ ତୈଳ ଖଣି, ବିସ୍ତୃତ ଜଙ୍ଗଲ, ବସବାସ କରିବା ପାଇଁ ବିରାଟ ସୌଧ ଆଦି ଦାନସ୍ୱରୂପ ଦେଇଥିଲେ । ଅନ୍ୟ କେହି ହୋଇଥିଲେ ସେ ହୁଏତ ଇଣ୍ଡୋନେସିଆ ସରକାରଙ୍କ ଏ ପ୍ରକାର

ଅନୁଗ୍ରହକୁ ଏଡ଼େଇ ନ ଦେଇ ସେଇଠି ଯାଇ ଜୀବନଯାକ ବିଳାସ ବ୍ୟସନରେ ସମୟ କାଟି ପାରିଥାନ୍ତା ।

କିନ୍ତୁ ବିଜୁ ? ସେ ପରା ଓଡ଼ିଆ ପୁଅ ? କଳିଙ୍ଗ ବୀର ? ତ୍ୟାଗ, ତପସ୍ୟା, ନିଷ୍ଠାର ପୂଜାରୀ ସେ । ମଧୁ, ଗୋପବନ୍ଧୁ ଦେଶର ଦାୟାଦ । ସେ ଇଣ୍ଡୋନେସିଆ ସରକାରଙ୍କ ଠାରୁ ସବୁକିଛି ସାଦରେ ଗ୍ରହଣ କରି ପୁଣି ତାଙ୍କ ଦେଶବାସୀଙ୍କ ପାଇଁ ଉତ୍ସର୍ଗ କରି ଦେଇଥିଲେ । ତାଙ୍କ ପରି ମହାଦାନୀ ଆଉ କେତେଜଣ ଅଛନ୍ତି ଏ ଦେଶରେ ?

## ସ୍ୱାଧୀନତାର ସୁବର୍ଣ୍ଣଜୟନ୍ତୀ ଅବସରରେ ଇଣ୍ଡୋନେସିଆର ଶ୍ରେଷ୍ଠ ସମ୍ମାନରେ ବିଜୁ

୧୯୪୫ ଅଗଷ୍ଟ ୧୭ ତାରିଖରେ ସ୍ୱାଧୀନତା ଲାଭ କରିଥିବା ଇଣ୍ଡୋନେସିଆ ବାସୀ ସେମାନଙ୍କର ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ପାଳନ କରିଥିଲେ ୧୯୯୫ ମସିହାରେ । ଏଇ ଅବସରରେ ଇଣ୍ଡୋନେସିଆ ସରକାର ତାଙ୍କ ଦେଶର ସର୍ବୋଚ୍ଚ ସମ୍ମାନ ଚାରିଜଣ ଭାରତୀୟଙ୍କୁ ପ୍ରଦାନ କରିଥିଲେ । ସେଇ ଚାରିଜଣଙ୍କ ମଧ୍ୟରେ ଓଡ଼ିଆ ପୁଅ ବିଜୁ ରହିବା କମ ଗର୍ବ ଓ ଗୌରବର କଥା ନୁହେଁ ।

ନୂଆଦିଲ୍ଲୀସ୍ଥିତ ଇଣ୍ଡୋନେସିଆ ଦୂତାବାସରେ ୧୯୯୫ ଡିସେମ୍ବର ୧୨ ତାରିଖରେ ସେ ଦେଶର ଆମ୍ବାସାଡୋର ମହାମହିମ୍ ଏ.ଶାହାଲା ରାଜା ଗୁକ୍‌ଗୁଡ୍ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ସ୍ୱର୍ଗତ ଜବାହରଲାଲ୍ ନେହେରୁଙ୍କୁ " BINTANG REPUBLIC INDONESIA ADIPURNA " (first class star of Republic Indonesia ଏବଂ ବିଜୁ ପଟ୍ଟନାୟକ, ମହମ୍ମଦ ୟୁନୁସ୍, ପି.ଆର୍.ଏସ୍. ମଣିଙ୍କୁ ORDER OF SERVICE " BINTANG JASA UTAMA " (First class star of service) ପ୍ରଦାନ କରିଥିଲେ ।

ସ୍ୱର୍ଗତ ନେହେରୁଙ୍କ ପାଇଁ ଶ୍ରୀମତୀ ସୋନିଆ ଗାନ୍ଧୀ ପୁରସ୍କାର ଗ୍ରହଣ କରିଥିବା ବେଳେ ଶ୍ରୀ ବିଜୁ ପଟ୍ଟନାୟକ, ମହମ୍ମଦ ୟୁନୁସ୍ ଏବଂ ପି.ଆର୍.ଏସ୍. ମଣି ଉପସ୍ଥିତ ରହି ଇଣ୍ଡୋନେସିଆ ସରକାରଙ୍କର ସ୍ୱର୍ଣ୍ଣଜୟନ୍ତୀ ସମ୍ମାନ ଗ୍ରହଣ କରିଥିଲେ ।

ଇଣ୍ଡୋନେସିଆର ଆମ୍ବାସାଡର ଅନ୍ୟମାନଙ୍କ ଅପେକ୍ଷା ପଣ୍ଡିତ ନେହେରୁଙ୍କର ସହୃଦୟତା, ସହଯୋଗ ପାଇଁ ଏବଂ ବିଜୁବାବୁଙ୍କର ଦୁଃସାହସିକ ପଦକ୍ଷେପ, ମହନତ୍ୟାଗ, କ ର୍ତ୍ତବ୍ୟ ନିଷ୍ଠା ପାଇଁ ସେମାନଙ୍କୁ ବାରମ୍ବାର ଧନ୍ୟବାଦ ଅର୍ପଣ କରି ଦେଶବାସୀଙ୍କର କୃତଜ୍ଞତା ଜ୍ଞାପନ କରିଥିଲେ ।

## ବିଜୁଙ୍କ ଦୃଷ୍ଟିରେ ଓଡ଼ିଶା

ଆଜିର ଓଡ଼ିଶା ଅତୀତରେ "କଳିଙ୍ଗ" ନାମରେ ପ୍ରସିଦ୍ଧି ଲାଭ କରିଥିଲା । ପ୍ରାଚୀନ ଭାରତରେ "କଳିଙ୍ଗ" ଥିଲା ସୁସମୃଦ୍ଧ ଏବଂ ଶକ୍ତିଶାଳୀ ରାଜ୍ୟ । ପ୍ରତ୍ୟେକ କ୍ଷେତ୍ରରେ କଳିଙ୍ଗର ବିଜୟବାନା ଫରଫର ହୋଇ ଉଡୁଥିଲା । ଓଡ଼ିଆ ପାଇକ ପୁଅର ବୀରତ୍ୱ ଆଗରେ ମୁଣ୍ଡ ନୁଆଁଉଥିଲେ ମହାମହା ରଥୀମାନେ । ଶିଳ୍ପ, ନୌବାଣିଜ୍ୟରେ ଶୀର୍ଷ ସ୍ଥାନ ଅଧିକାର କରିଥିଲା । ଓଡ଼ିଆ ସାଧବ ପୁଅର ବୋଇତ ଯାଇ ଲାଗୁଥିଲା ସୁଦୂର ଜାଭା, ସୁମାତ୍ରା, ବାଲି, ବୋର୍ଣ୍ଣିଓରେ । ମସଲା, ପାଟଶାଢ଼ୀ, ଶ୍ରୀଜଗନ୍ନାଥଙ୍କ କୈବଲ୍ୟ କଣିକା ଦେଇ ବୋହି ଆଣୁଥିଲେ ଅମାପ ଧନରତ୍ନ । ହୀରା, ନୀଳା, ମୋତି, ମାଣିକରେ ଭରି ଉଠିଥିଲା ଗନ୍ତାଘର । କଳା, ଭାସ୍କର୍ଯ୍ୟ, ସ୍ଥାପତ୍ୟ ଶିଳ୍ପରେ ନିଜର ଦକ୍ଷତା ପ୍ରମାଣିତ କରିଥିଲେ ଓଡ଼ିଆମାନେ । ମନ୍ତ୍ର ତନ୍ତ୍ର କ୍ଷେତ୍ରରେ ମଧ୍ୟ ଶୀର୍ଷରେ ଥିଲା କଳିଙ୍ଗ । ବଡ଼ବଡ଼ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଲାଭ କରିଥିଲା । କଳିଙ୍ଗ ବାସୀ ମହା ପରାକ୍ରମୀ ଚଣ୍ଡାଶୋକଙ୍କୁ ପରିଣତ କରିଥିଲେ ଦେବାନାଂ ପ୍ରିୟଦର୍ଶୀ ଅଶୋକରେ ।

ମାତ୍ର ସବୁଦିନ ସମାନ ଯାଏନା । କାଳର କରାଳ କବଳରେ କଳିଙ୍ଗର ପତନ ଘଟିଲା । ଅଧୁନିକ ଓଡ଼ିଶା ୧୯୩୬ ରେ ବ୍ରିଟିଶ୍ ରାଜତ୍ୱ ବେଳକୁ ଏକ ଦରିଦ୍ରତମ ରାଜ୍ୟରେ ପରିଣତ ହେଲା । କର୍ପୂର ଉଡ଼ିଗଲା । କନା ଖଣ୍ଡିକ ପଡ଼ି ରହିଲା । ଓଡ଼ିଶା ଖଣ୍ଡବିଖଣ୍ଡିତ ହୋଇଗଲା । ମହାତ୍ମାଗାନ୍ଧୀ ଓଡ଼ିଶା ଗସ୍ତ କରିବା ପରେ କହିଲେ "ଯଦି ଦାରିଦ୍ର୍ୟ ଦେଖିବାକୁ ଚାହଁ ତେବେ ଓଡ଼ିଶାକୁ ଯାଅ ।" ଏକଥା ସେ ଖାମଖିଆଲି ଭାବେ କହିନଥିଲେ । ବରଂ ଗୁରୁତ୍ୱ ଦେଇ କହିଥିଲେ । ଆଜି ମଧ୍ୟ ଓଡ଼ିଶା ଭାରତର ଅନ୍ୟରାଜ୍ୟ ତୁଳନାରେ ଅନଗ୍ରସର ଏବଂ ଦରିଦ୍ର ରାଜ୍ୟ ଭାବେ ପରିଗଣିତ । ପେଟ ପାଇଁ ମାଆ ଏଠି ପିଲା ବିକୁଛି । ଓଡ଼ିଆ ପୁଏ ଗୋଟି ଖଟୁଛନ୍ତି । ଚିନ୍ତା କଲେ କ୍ଷୋଭ ଆସେ ମନରେ "କି ଥିଲା ଏ ରାଜ୍ୟ, କି ହୋଇଛି ଆଜ ?" କାହିଁ ଗଲା ସ୍ୱର୍ଣ୍ଣ ବୈଭବ । ଅମିତ ଗୌରବ ?

ମହାତ୍ମାଗାନ୍ଧୀଙ୍କର ଉକ୍ତିକୁ ମର୍ମେ ମର୍ମେ ଉପଲବ୍ଧି କରିଥିଲେ ମଧୁବାବୁ । ଆଧୁନିକ ଓଡ଼ିଶାର ଅଶୋକ ସାଜି ସେ ଏହାର ସର୍ବାଙ୍ଗୀନ ବିକାଶ ପାଇଁ ଅନେକ ସ୍ୱପ୍ନ ଦେଖିଥିଲେ । ସେ ସ୍ପଷ୍ଟ ଅନୁଭବ କରିଥିଲେ ଶିଳ୍ପର ବିକାଶନହେଲେ ଓଡ଼ିଶା ସମୃଦ୍ଧ ହୋଇପାରିବ ନାହିଁ । ସେ ଓଡ଼ିଶାକୁ ଏକ ଜର୍ମାନୀରେ ପରିଣତ କରିବାକୁ ଚାହିଁଥିଲେ । ନିଜସ୍ୱ ଉଦ୍ୟମରେ ପ୍ରତିଷ୍ଠା କରିଥିଲେ ଉତ୍କଳ ଗ୍ୟାଲେରୀ । କଟକର ତାରକସୀ କାମକୁ ପ୍ରୋତ୍ସାହିତ କରିଥିଲେ । ଓଡ଼ିଆଭାଷୀ ଅ ଳକୁ ଏକତ୍ରୀତ କରି ସ୍ୱତନ୍ତ୍ର ପୂର୍ଣ୍ଣାଙ୍ଗ ଓଡ଼ିଶା ପ୍ରଦେଶ ଗଠନ ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ । ଉତ୍କଳ ସମ୍ମିଳନୀ ଗଢ଼ି ପ୍ରତ୍ୟେକ ଓଡ଼ିଆଙ୍କୁ ଆହ୍ୱାନ ଦେଇଥିଲେ ସବୁପ୍ରକାର ସଂକୀର୍ଣ୍ଣତା ଭୁଲି ଏକମନ ଏକପ୍ରାଣ ହୋଇ ନବଉତ୍କଳ ଗଠନ କରିବା ପାଇଁ । ମାତ୍ର ତାଙ୍କର ସ୍ୱାଭିମାନ ତାଙ୍କୁ କାବୁ କଲା । ସେ ସାଲିସ୍ କରିପାରିଲେନି ବା ମାଲିସ୍ କରିପାରିଲେନି । ତାଙ୍କ ସ୍ୱପ୍ନ ଅଧୁରା ରହିଗଲା । ସେଇ କୂଳବୃଦ୍ଧ ଉତ୍କଳଗୌରବ ମଧୁସୁଦନଙ୍କର ସ୍ୱପ୍ନ ପ୍ରତ୍ୟେକ ଓଡ଼ିଆର ସ୍ୱପ୍ନ, ସେ ସ୍ୱପ୍ନ ଅଧା ଦେଖା ହୋଇ ରହିଗଲା । ସାକାର ରୂପ ଗ୍ରହଣ କରିପାରିଲାନି ।

ବିଜୁବାବୁ ମଧୁବାବୁଙ୍କର ସ୍ୱପ୍ନକୁ ସାକାର କରିବା ପାଇଁ ବଦ୍ଧ ପରିକର ହୋଇଥିଲେ । ଆନ୍ତର୍ଜାତିକ ସ୍ତରରେ ଶିଳ୍ପ, ବିଜ୍ଞାନର ପ୍ରଗତିରେ ସେ ଅଭିଭୂତ ହୋଇ ପଡ଼ିଥିଲେ । ସେ ଭାବୁଥିଲେ ବିଜ୍ଞାନ, ପ୍ରଯୁକ୍ତି, ଯାନ୍ତ୍ରିକ ଏବଂ ଶିଳ୍ପ କ୍ଷେତ୍ରରେ ଆଗେଇ ନପାରିଲେ କୌଣସି ଅ ଳ ଉନ୍ନତି କରିପାରିବ ନାହିଁ । ଏଇ ଲକ୍ଷ୍ୟ ଏବଂ ଆଭିମୂଖ୍ୟ ନେଇ ସେ ପ୍ରଥମେ ଆରମ୍ଭ କଲେ ଏକ ଶିଳ୍ପ । ତାର ନାମ ରଖିଲେ ବି. ପଟ୍ଟନାୟକ ଏଣ୍ଡ୍ କମ୍ପାନୀ । ପରେ ପରେ ଏହା ନାମିତ ହେଲା " କଳିଙ୍ଗ ଏ ର୍‌ପ୍ରାଇଜର୍ସ " ଭାବରେ ।

ଖୁବ୍ ଅଳ୍ପଦିନ ମଧରେ ଏହା ପ୍ରଗତି ପଥରେ ଆଗେଇ ଚାଲିଲା । ସବୁରି ଦୃଷ୍ଟି ଆକର୍ଷଣ କଲା । ଭାରତୀୟ ଅର୍ଥନୀତିରେ ପ୍ରଭାବ ବିସ୍ତାର କଲା । ତତ୍‌କାଳୀନ ଭାରତର ମୁକୁଟ ବିହୀନ ସମ୍ରାଟ ପଣ୍ଡିତ ନେହେରୁଙ୍କର ଶ୍ରଦ୍ଧା, ସଦିଚ୍ଛା ଲାଭ କଲା । ଷାଠିଏ ଦଶକ ବେଳକୁ ବିଜୁଙ୍କର ଶିଳ୍ପ ସାମ୍ରାଜ୍ୟ ୧୭୫ କୋଟି ସଂପ ିର ଅଧିକାରୀ ହୋଇ ସାରିଥିଲା । ଗୋଟିକ ପରେ ଗୋଟିଏ ଶିଳ୍ପ ଗଢ଼ି ଚାଲିଥିଲେ ବିଜୁ । ଆଶା ଏବଂ ଅଭିଳାଷ ଥିଲା ଓଡ଼ିଶା ଆଗେଇବ । ସବୁକ୍ଷେତ୍ରରେ ଶୀର୍ଷ ସ୍ଥାନ ଅଧିକାର କରିବ । କଳିଙ୍ଗର ଅତୀତ ଗୌରବ ଫେରି ଆସିବ । ଏଇ ପରିପ୍ରେକ୍ଷୀରେ ତାଙ୍କରି ଉଦ୍ୟମରେ ପ୍ରତିଷ୍ଠିତ ହୋଇଥିଲା ଓଡ଼ିଶା ଟେକ୍‌ସଟାଇଲ୍‌ସ , କଳିଙ୍ଗ, ଏୟାରଲାଇନ୍‌ସ, କଳିଙ୍ଗ ରିଫ୍ରାକ୍ଟୋରି ଏବଂ ଆହୁରି ଅନେକ ଛୋଟବଡ଼ ଶିଳ୍ପ କାରଖାନା । ପରବ ୀ ସମୟରେ ଏଗୁଡ଼ିକ ମଧରୁ କେତେକକୁ 'ଇଡ୍‌କୋ' ଗ୍ରହଣ କରିଥିଲା ଏବଂ କେତେକ ବନ୍ଦ ହୋଇ ଯାଇଥିଲା ।

ପାରାଦ୍ୱୀପ ବନ୍ଦର, ମିଗ୍‌ବିମାନ କାରଖାନା, ଇଞ୍ଜିନିୟରିଂ କଲେଜ, ସୈନିକ ସ୍କୁଲ୍, ରିଜିଓନାଲ୍ କଲେଜ, ବିଭିନ୍ନ ନିଗମ ଆଦି ବିଜୁ ବାବୁଙ୍କର ଅମର କୀ ୀ । ସେ ଶୟନେ ସ୍ୱପନେ ଅବା ଜାଗରଣେ ଓଡ଼ିଶା କଥା ହିଁ ଚିନ୍ତା କରୁଥିଲେ । ଓଡ଼ିଆଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ନୂଆ ନୂଆ ସ୍ୱପ୍ନ ଦେଖୁଥିଲେ । ସେ ସ୍ୱପ୍ନକୁ ସାକାର ରୂପ ଦେବାକୁ ଉଦ୍ୟମ ଜାରୀ ରଖୁଥିଲେ । ମାତ୍ର ଏକା ଏକା ଏକଲବ୍ୟ ପରି ସେ କେତେବା କ'ଣ କରି ପାରିଥାନ୍ତେ ? ଓଡ଼ିଶା ପାଇଁ ଓଡ଼ଆଙ୍କ ପାଇଁ ସେ ଯାହାକି କରିଯାଇଛନ୍ତି ତାହା ଅନ୍ୟ କାହାଦ୍ୱାରା କେବେ ସମ୍ଭବ ହେବନାହିଁ । ଏକଥା ସତ୍ୟ ।

## ଆଧୁନିକ ଓଡ଼ିଶାର ନିର୍ମାତା ବିଜୁ

ଭାରତ ଇତିହାସରେ ମୋଗଲ ସମ୍ରାଟ ଶାହାଜାହାନଙ୍କୁ ମହାନ୍ ନିର୍ମାତାର ଆଖ୍ୟା ଦିଆଯାଏ । ସେ ଭାରତକୁ ବିଶ୍ୱ ଦରବାରରେ ପରିଚିତ କରାଇଛନ୍ତି ତାଙ୍କ ଜୀବନର ଅକ୍ଷୟ କୀ ି ବିଶ୍ୱ କଳା-ସ୍ଥାପତ୍ୟର ଆଶ୍ଚର୍ଯ୍ୟ ପ୍ରତୀକ ତାଙ୍କ ପ୍ରେମର ଅମର ଅମ୍ଳାନ ଆଲେଖ୍ୟ ଆଗ୍ରାର ତାଜମହଲ ନିର୍ମାଣ କରି । ଶହ ଶହ ବର୍ଷ ଅତିକ୍ରାନ୍ତ ହୋଇଥିଲେ ମଧ ତାଜମହଲ ଯେମିତି ସେମିତି ଅକ୍ଷତ ଅବସ୍ଥାରେ ଅଛି । ସମଗ୍ର ବିଶ୍ୱର ସୌନ୍ଦର୍ଯ୍ୟ ପ୍ରେମୀ ପର୍ଯ୍ୟଟକ ମାନଙ୍କୁ ଆକର୍ଷିତ କରୁଛି । ବିଶ୍ୱର ଅନ୍ୟତମ ବସ୍ମୟ ଭାବରେ ମଧ ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିବାକୁ ସକ୍ଷମ ହୋଇଛି । ଶାହାଜାହାନ୍ ତାଙ୍କର ଶାସନକାଳ ମଧରେ ନିଜ ନାମରେ ଶାହାଜହାନାବାଦ ସହର ପ୍ରତିଷ୍ଠା କରିବା ସହିତ ଲାଲ୍‌କିଲ୍ଲା, ଜୁମାମସ୍‌ଜିଦ୍, ମୋତି ମସ୍‌ଜିଦ୍, ଦେଓ୍ୱାନ-ଇ-ଖାସ୍, ଦେଓ୍ୱାନ୍-ଇ-ଆମ୍ ପ୍ରଭୃତି ଅନେକ କୀ ି ସ୍ଥାପନ କରିଯାଇଛନ୍ତି । ସେ ନିଜପାଇଁ ନିଜର ଧର୍ମ ପାଇଁ ସଂପ୍ରଦାୟ ପାଇଁ ଯାହାକିଛି ନିର୍ମାଣ କରି ମୋଗଲ ଇତିହାସରେ ମହାନ୍ ନିର୍ମାତାର ଆସନ ଅଳଂକୃତ କରିଯାଇଛନ୍ତି ।

ଏଇ ପରିପ୍ରେକ୍ଷୀରେ ଆମେ ଯଦି ବିଜୁଙ୍କର କୀ ି ସମୂହର ପର୍ଯ୍ୟାଲୋଚନା କରିବା ତେବେ ଦୃଢ଼ ନିଶ୍ଚିତ ହୋଇପାରିବା ଯେ ବିଜୁ ହେଉଛନ୍ତି ଓଡ଼ିଶାର ସୁମହାନ ନିର୍ମାତା । ସେ ଯାହାକିଛି କରିଯାଇଛନ୍ତି ସେ ସବୁ ନିଜ ପାଇଁ ନୁହେଁ ନିଜର ପରିବାର ଲୋକଙ୍କ ପାଇଁ ନୁହେଁ । ସେଥିରେ ତାଙ୍କର ନିଜସ୍ୱ ସ୍ୱାର୍ଥ କିଛି ନାହିଁ ବା ନଥିଲା । ସବୁକିଛି ରାଜ୍ୟ ପାଇଁ, ଓଡ଼ିଆଙ୍କୁ, ଓଡ଼ିଶାକୁ ବିଶ୍ୱମାନଚିତ୍ରରେ ସ୍ଥାନୀତ କରିବା ପାଇଁ ସେ ଯେଉଁ ଦୁଃସାହସିକ ପଦକ୍ଷେପ ନେଇଛନ୍ତି, ନିନ୍ଦା ଅପବାଦ, ସମାଲୋଚନାର ଶରବ୍ୟ ହୋଇ ମଧ ଅବିଚଳିତ

ଭାବରେ ନିଜକୁ ଓଡ଼ିଆ ଜାତି ପାଇଁ ଉତ୍ସର୍ଗ କରିଯାଇଛନ୍ତି ତାର ପଟ୍ଟାନ୍ତର ନାହିଁ ।

**ପାରାଦ୍ୱୀପ ବନ୍ଦର :-** ବିଜୁଙ୍କ ଜୀବନର ଅକ୍ଷୟ କୀ ି, ତାଙ୍କ ସ୍ୱପ୍ନର କୋଣାର୍କ, ତାଙ୍କ ଅକ୍ଳାନ୍ତ ଉଦ୍ୟମର ପୀରାମିଡ଼, ତାଙ୍କ କଳିଙ୍ଗ ପ୍ରେମର ଅମର ସୌଧ ଅଦ୍ୱିତୀୟ ତାଜମହଲ ଯାହା ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିବାକୁ ସମର୍ଥ ହୋଇପାରିଛି । ଏସିଆ ମହାଦେଶର ସର୍ବ ବୃହ ମ ବନ୍ଦର ଭାବରେ ପରିଗଣିତ ହୋଇପାରିଛି ।

ବିଜୁ ଉଦ୍ୟମ କରିନଥିଲେ ହୁଏତ ପାରାଦ୍ୱୀପଠାରେ ଏଭଳି ଏକ ବୃହତ ବନ୍ଦର ପ୍ରତିଷ୍ଠା କେବେବି ସମ୍ଭବପର ହୋଇ ପାରିନଥାନ୍ତା । ଏଥିପାଇଁ ବିଜୁ ଅନେକ ସମାଲୋଚନାର ଶରବ୍ୟ ହୋଇଥିଲେ । ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ଏବଂ ସାଂସଦ ସ୍ୱର୍ଗତଃ ସୁରେନ୍ଦ୍ର ନାଥ ଦ୍ୱିବେଦୀ ପ୍ରଥମେ ବିଜୁଙ୍କୁ ସମାଲୋଚନା କରିଥିଲେ । କାରଣ ଭାରତ ସରକାର ପାରଦ୍ୱୀପଠାରେ ବନ୍ଦର ପ୍ରତିଷ୍ଠା ସଂପର୍କୀୟ ପ୍ରସ୍ତାବ ମଞ୍ଜୁର କରିବାକୁ କୁଣ୍ଠାପ୍ରକାଶ କରିବା ସ ୍ୱେ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପାରାଦ୍ୱୀପରେ ବନ୍ଦର ପ୍ରତିଷ୍ଠା ନିଶ୍ଚିତ ହେବ ବୋଲି ଘୋଷଣା କରିଥିଲେ । କୌଣସି ଯୋଜନା ମଞ୍ଜୁର ନ ହୋଇଥିଲେ ମଧ୍ୟ ବିଜୁ ସରକାରୀ ଖର୍ଚ୍ଚରେ ରାସ୍ତା ଓ ବିଜୁଳି ଆଲୋକ ବ୍ୟବସ୍ଥା କରି ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଇବାକୁ ସମର୍ଥ ହୋଇଥିଲେ । ସରକାରୀ ସ୍ୱୀକୃତି ନଥାଇ ଏକତରଫା ଭାବେ ପାରାଦ୍ୱୀପ ବନ୍ଦର ପ୍ରତିଷ୍ଠା ନେଇ ବିଜୁ ଯେଉଁ ହାୱା ସୃଷ୍ଟି କରିଥିଲେ ତାହା ପରବ ୀ ସମୟରେ ସାକାର ରୂପ ନେଲା ।

ଜଣେ ପାଶ୍ଚାତ୍ୟ ମନିଷୀଙ୍କ ଉକ୍ତି ଅନୁସାରେ, " *To make a good dream come true, the first requirement is a great capacity to dream, the second is persistence- a faith in the dream".* ଗୋଟିଏ ସୁଖି ସ୍ୱପ୍ନକୁ ସାକାର କରିବା ପାଇଁ ପ୍ରଥମ ଆବଶ୍ୟକତା ହେଲା ସ୍ୱପ୍ନ ଦେଖିବାର ବିରାଟ କ୍ଷମତା ବା ଶକ୍ତି ଏବଂ ଦ୍ୱିତୀୟ ଆବଶ୍ୟକତା ହେଲା ସେ ସ୍ୱପ୍ନକୁ ସାକାର କରିବା ପାଇଁ ଆବଶ୍ୟକ ଉଦ୍ୟମ କରିବା ଏବଂ ତାହା ଯେ ସାର୍ଥକ ହେବ ସେଥିରେ ଆତ୍ମବିଶ୍ୱାସ ରଖି ଆନ୍ତରିକତାର ଓ ନିଷ୍ଠାର ସହିତ କାର୍ଯ୍ୟ କରିବା ବିଜୁଙ୍କର ସ୍ୱପ୍ନ ଦେଖିବାର ସେ ତାକତ ଥିଲା ଏବଂ ସ୍ୱପ୍ନକୁ ସାକାର କରିବାର ଦକ୍ଷତା ଓ ଆତ୍ମବିଶ୍ୱାସ ଥିଲା । ସେତେବେଳେ ଚୀନ୍ ଆକ୍ରମଣ ଜନିତ ଦେଶର ଆଭ୍ୟନ୍ତରୀଣ ପରିସ୍ଥିତିକୁ ନେଇ ପ୍ରଧାନମନ୍ତ୍ରୀ ନେହେରୁ ଖୁବ୍ ବିଚଳିତ ଅବସ୍ଥାରେ ଥାଆନ୍ତି । ମନ ପରିବ ନ ସକାଶେ କିଛିଦିନ ପାଇଁ ବାହାରେ ବୁଲିଆସିବାକୁ ଇଚ୍ଛା କରୁଥାନ୍ତି । ଏହାହିଁ ଥିଲା ଏକ ସୁବର୍ଣ୍ଣ ସୁଯୋଗ । ନେହେରୁଙ୍କର ଅତିପ୍ରୟ ଟଲ୍‌ଟାୱାର ଗ୍ୟାରେ ଡ୍ ଡ୍ୟାନ୍‌ସିଂ ହୀରୋ ଦୁର୍ଦ୍ଧର୍ଷ ପାଇଲଟ ବିଜୁ ପ୍ରସ୍ତାବ ଦେଲେ ଓଡ଼ିଶାର ଉପକୂଳରେ ଭ୍ରମଣ ପାଇଁ ।

ଚାନ୍ଦବାଲି ଏବଂ ପାରାଦ୍ୱୀପ ମଧ୍ୟରେ ଥିବା ସାଗର ତୀରବ ୀ ଶ୍ୟାମଳିମାଭରା ଜଙ୍ଗଲ, ଭିତରକନିକା, ଗହୀରମଥା, ସାତଭାୟାର ବର୍ଣ୍ଣନା ଶୁଣି ନେହେରୁଙ୍କ ମନରେ ଗଭୀର ଉତ୍କଣ୍ଠା ଜାଗିଲା । ଏକ ଛୋଟ ଯାନ୍ତ୍ରିକ ନୌକାରେ ପଣ୍ଡିତ ନେହେରୁଙ୍କୁ ଧରି ବିଜୁ ବଙ୍ଗୋପସାଗର କୂଳେ କୂଳେ ପ୍ରକୃତିର ଅନୁପମ ଦୃଶ୍ୟ ଦେଖାଇନେଲେ । ସେମାନଙ୍କ ସହିତ ନୀଳମଣି ଏବଂ ଅନ୍ୟମାନେ ମଧ୍ୟ ଥିଲେ । ନେହେରୁ ଯେତେବେଳେ ପ୍ରକୃତିର ଶୋଭାସମ୍ଭାର ଭିତରେ ନିଜକୁ ହଜେଇ ଦେଇଥାନ୍ତି ଠିକ୍ ସେଇ ସମୟରେ ବିଜୁ ତାଙ୍କୁ କହୁଥାନ୍ତି, "ସାର୍ ! ଏହା ବଙ୍ଗୋପସାଗରର ଉପକୂଳର ଗଭୀରତମ ଅ ଳ । ଏଠାରେ ବନ୍ଦର ପ୍ରତିଷ୍ଠା କରିପାରିଲେ କେବଳ ଓଡ଼ିଶା କାହିଁକି ଭାରତର ମାନଚିତ୍ର ବଦଳିଯାଇ ପାରିବ ।"

ନେହେରୁ ସାମାନ୍ୟ ବରକ୍ତି ପ୍ରକାଶକରି କହିଲେ, "ବିଜୁ, ତମର ସାଧାରଣ ଜ୍ଞାନ ଏତେଟିକେ ନାହିଁ ? ମୁଁ ମନୋରମ ପ୍ରକୃତିର ଦୃଶ୍ୟକୁ ମନଭରି ଉପଭୋଗ କରୁଛି, ମୋତେ ବେଶ୍ ଭଲ ଲାଗୁଛି ଏଇ ବନ, ଫୁଲ, ମାଛ, ପକ୍ଷୀ, ଜୀବଜନ୍ତୁ, ବାଲିପଠା, କଇଁଛ । ସାଗରର ନୀଳ ଜଳରାଶି । ଉ ାଳ ଲହରୀ .... । ତମ ବନ୍ଦର ହୁଏତ ପରେ ହୋଇପାରିବ କିନ୍ତୁ ଏ ସବୁ ଦୃଶ୍ୟ କ'ଣ ଜୀବନରେ ମୁଁ କେବେ ଆଉଥରେ ଦର୍ଶନ କରିପାରିବି ?"

ଉପସ୍ଥିତ ଅନ୍ୟମାନେ ସ୍ତବ୍ଧ ହୋଇଗଲେ । ପ୍ରମାଦ ଗଣିଲେ କାଳେ ଭାବୁକ, ଦାର୍ଶନିକ ନେହେରୁ ବିରକ୍ତ ହୋଇ କ'ଣ ନାହିଁ କଣ କରିବସିବେ । ବିଜୁ କିନ୍ତୁ ନିର୍ବିକାର । କିଛି ସମୟ ନୀରବ ରହି ପୁଣି ନେହେରୁଙ୍କ ପାଖକୁ ଘୁ ୍ଯାଇ କହିଲେ, "ସାର୍! ଆପଣ ଯଦି ଓଡ଼ିଶାର ଦୁଃଖ ନବୁଝିବେ ଆଉ କିଏ ବୁଝିବ ? ଆପଣଙ୍କପରେ ଯିଏ ଆସିବେ ସେ କ'ଣ ଦରିଦ୍ର, ଅବହେଳିତ, ଅନଗ୍ରସର ଓଡ଼ିଶାବାସୀଙ୍କ ପାଇଁ ଏତେବଡ଼ ପଦକ୍ଷେପ ନେଇପାରିବେ ?"

ନେହେରୁ କିଛି ସମୟ ଚିନ୍ତା କରି କହିଲେ, "ମୁଁ ଦେଖୁଛି ବିଜୁ ତୁମେ ଏକଦମ୍ ନଛୋଡ଼ବନ୍ଧା । ଭାରି ଜିଦ୍ ଖୋର । ତମ କାମ

ନହେବା ଯାଏ ତମେ ମୋତେ ଶାନ୍ତିରେ ରଖାଇଦେବ ନାହିଁ ।" ବିଜୁ ମନେମନେ ହସି ପକାଇଲେ ଏବଂ ଗମ୍ଭୀର ହୋଇ କହିଲେ, "ସାର ! ଆପଣଙ୍କ ଇଚ୍ଛା । ମୁଁ ଆଉ କିଛି କହିବିନି । ଏଇ ଚୁପ୍ ହୋଇ ବସିଲି ।"

ତାପରର ଅବସ୍ଥା କାହାକୁ ବା ଅଜଣା ?

୧୯୬୨ ଜାନୁୟାରୀ ୩ ତାରିଖରେ ପଣ୍ଡିତ ନେହେରୁ ମୁଖ୍ୟମନ୍ତ୍ରୀ ବିଜୁଙ୍କ ଉପସ୍ଥିତିରେ ପାରାଦ୍ୱୀପ ବନ୍ଦରର ଭି ି ସ୍ଥାପନ କରିଥିଲେ । ୧୯୬୫ ଜୁନ୍ ୧ ତାରିଖରେ ଭାରତ ସରକାର ପାରାଦ୍ୱୀପକୁ ବନ୍ଦରରୂପେ ଘୋଷଣା କରି ନିଜ ଅଧୀନକୁ ନେଲେ ଏବଂ ୧୯୬୬ ନଭେମ୍ବର ୧୧ ଠାରୁ ପଣ୍ୟବାଡୀ ବନ୍ଦର ରୂପେ ଘୋଷଣା କଲେ । ସମୟକ୍ରମେ ପାରଦ୍ୱୀପ ଭାରତର ଅନ୍ୟତମ ସମୃଦ୍ଧ ବୃହ ମ ବନ୍ଦର ରୂପେ ପରିଗଣିତ ହୋଇ ପାରିଛି ।

ପାରାଦ୍ୱୀପ ବନ୍ଦର ଶୁଭଦେବା ଅବସରରେ ବିଜୁବାବୁ କହିଥିଲେ "*The Paradeep port shall soon became the greatest single factor for Orissa's growth and would be the gate-way of India on the Eastern coast.*"

ତାଙ୍କ କଥା ଅକ୍ଷରେ ଅକ୍ଷରେ ସତ୍ୟ ପ୍ରମାଣିତ ହୋଇଛି । ପାରାଦ୍ୱୀପ ଆଜି ବଙ୍ଗୋପସାଗରର ମୋତି । ଭାରତର ଜାତୀୟ ସଂପ ି । ସମଗ୍ର ଏସିଆ ମହାଦେଶର ଗର୍ବ ଗୌରବ ବାଣିଜ୍ୟର ପ୍ରଗତି ବଜାୟ ରଖିବାକୁ ସମର୍ଥ ହୋଇଛି । କଳିଙ୍ଗର ଗରିମାମୟ ଅତୀତର ସ୍ମୃତି ।

**ଏକସ୍‌ପ୍ରେସ୍ ହାଇୱେ :-** ବିଜୁଙ୍କର ଅନ୍ୟତମ ମହାନ୍ କୀ ି । ବାଣିଜ୍ୟ ବିକାଶର ମାଇଲ୍ ଖୁ । ବାଣିଜ୍ୟ କାରବାର ପାଇଁ ରାସ୍ତାଘାଟର ସୁବିଧା ଏକାନ୍ତ ପ୍ରୟୋଜନ । ପାରାଦ୍ୱୀପର ପ୍ରଭାବରେ ଓଡ଼ିଶାର ଯାଜପୁର, କେଉଁଝର, ସୁନ୍ଦରଗଡ଼ର ଲୁହାପଥର ସୁଦୂର ଜାପାନ, ଦକ୍ଷିଣ କୋରିଆକୁ ଯାଇପାରିଲା । ବୈଦେଶିକ ମୁଦ୍ରା ପାଣ୍ଠି ବୃଦ୍ଧି ହୋଇପାରିଲା । କେଉଁଝର , ଯାଜପୁର, କେନ୍ଦ୍ରାପଡ଼ା ଦେଇ ଏକ୍‌ସପ୍ରେସ୍ ହାଇୱେ ନିର୍ମିତ ହେବା ଫଳରେ ଅନେକ ନିଯୁକ୍ତି ସୃଷ୍ଟି ହୋଇପାରିଲା । ବାଣିଜ୍ୟର ଦ୍ରୁତ ବିକାଶ ଘଟିଲା । ଏଥିପାଇଁ ମଧ ବିଜୁ ନିନ୍ଦାର ଶରବ୍ୟ ହୋଇଛନ୍ତି । ବହୁ ଲୋକଙ୍କୁ ଟ୍ରକ୍ ଚପାଇ ମାରିଦିଆ ଯାଇଛି, ଅର୍ଥ ଆତ୍ମସାତ୍ ହୋଇଛି ବୋଲି ଗୁଜବ ତାଙ୍କର ସମାଲୋଚକମାନେ ପ୍ରଚାର କରିଛନ୍ତି । ହେଲେ ସେମାନଙ୍କ କଥାକୁ ବିଜୁ କର୍ଣ୍ଣପାତ କରି ନାହାନ୍ତି । ନିଜର ସ୍ୱପ୍ନକୁ ସକାର କରିବା ପାଇଁ ଓଡ଼ିଶାର ବିକାଶ ପାଇଁ ଝଡ଼ ଭଳି ଆଗେଇ ଯାଇଛନ୍ତି ।

**ମିଗ୍‌ବିମାନ କାରଖାନା:-** ବିଜୁଙ୍କ ବିଜ୍ଞାନ ପ୍ରଯୁକ୍ତି ପ୍ରତିଥିବା ଆସକ୍ତିର ନିଦର୍ଶନ । ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାର ସୁନାବେଡ଼ାଠାରେ ମିଗ୍‌ବିମାନ କାରଖାନା ପ୍ରତିଷ୍ଠା ସକାଶେ ସେ ପ୍ରଧାନମନ୍ତ୍ରୀ ନେହେରୁଙ୍କ ଉପରେ ଚାପ ପକାଇଥିଲେ । ବିଜୁ ଉଦ୍ୟମ କରିନଥିଲେ ତାହା ଯେ ଭାରତର ଉ ରପ୍ରଦେଶ, ମହାରାଷ୍ଟ୍ର କିମ୍ବା ଅନ୍ୟ କୋଉ ପ୍ରଦେଶରେ ହୋଇଥାନ୍ତା, ଏଥିରେ ସନ୍ଦେହ ନଥିଲା । କିନ୍ତୁ ଚତୁର, କୁଶଳୀ ବିଜୁ ନେହେରୁଙ୍କୁ ପ୍ରବ ାଇ ଓଡ଼ିଶାରେ ମିଗ୍‌ବିମାନ କାରଖାନା ପ୍ରତିଷ୍ଠା କରାଇ ଓଡ଼ିଶାର ପ୍ରଗତିରେ ଆଉ ଏକ ଚକ ଯୋଡ଼ି ଦେଲେ ।

ଓଡ଼ିଶାକୁ ଶିଳ୍ପ, ବାଣିଜ୍ୟ, ବୈଷୟିକ କ୍ଷେତ୍ରରେ ଭାରତର ଅଗ୍ରଣୀ ରାଜ୍ୟରେ ପରିଣତ କରିବା ସକାଶେ ବିଜୁ ନିଜର ଜୀବନ କାଳ ମଧରେ ସର୍ବଦା ଉଦ୍ୟମ କରି ଆସିଥିଲେ । ଅନେକ କ୍ଷୁଦ୍ର ଏବଂ ବୃହତ ଶିଳ୍ପ ପ୍ରତିଷ୍ଠା ପାଇଁ ଭାରତୀୟ ଶିଳ୍ପପତି ମାନଙ୍କୁ ନିମନ୍ତ୍ରଣ କରିଥିଲେ । ଅର୍ଥାଭାବରୁ ସଂପନ୍ନ ହୋଇପାରୁନଥିବା ହୀରାକୁଦ ବନ୍ଧ, ରାଉରକେଲାର ଲୌହ ଇସ୍ପାତ କାରଖାନାର ଅଗ୍ରଗତି ପାଇଁ କେନ୍ଦ୍ର ସହିତ ଲଢେଇ କରିଥିଲେ ଏବଂ ସଫଳ ମଧ ହୋଇଥିଲେ । ଫଳରେ ଏ ଦୁଇଟି ଯୋଜନାବଦ୍ଧ ପ୍ରୋଜେକ୍ଟ ସଂପୂର୍ଣ୍ଣ ହୋଇପାରିଥିଲା ।

ଓଡ଼ିଶାର ଛାତ୍ରମାନଙ୍କୁ ବୈଷୟିକ ଶିକ୍ଷା କ୍ଷେତ୍ରରେ ସୁଯୋଗ ଦେବା ପାଇଁ ତଥା ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପାଇଁ ସେ କେନ୍ଦ୍ର ସହାୟତାରେ ରାଉରକେଲାରେ ରିଜିଓନାଲ ଇଞ୍ଜିନିୟରିଂ କଲେଜ ସ୍ଥାପନ କରାଇଥିଲେ । ନିଜ ଉଦ୍ୟମରେ ରାଜ୍ୟ ସରକାରଙ୍କ ଖର୍ଚ୍ଚରେ ସେ ଏଇ ଅନୁଷ୍ଠାନକୁ ଆମେରିକାର ଶ୍ରେଷ୍ଠ ଇଂଜିନିୟରିଂ କଲେଜ ମାସାଚୁସେଟସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି ଢା ାରେ ଗଢିବାକୁ ଚେଷ୍ଟା କରିଥିଲେ । ଭୁବନେଶ୍ୱରଠାରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ସ୍ଥାପନ କରିଥିଲେ । ରିଜିଓନାଲ କଲେଜ ଅଫ ଏଜୁକେଶନ ସ୍ଥାପନ କରି ଶିକ୍ଷା କ୍ଷେତ୍ରରେ ବ୍ୟାପକ ଉନ୍ନତି ସାଧନ କରିଥିଲେ । ଏହା ଅଦ୍ୟାବଧି ଭାରତର ପୂର୍ବା ଳରେ ଏକ ସୁସମୃଦ୍ଧ ତାଲିମ କେନ୍ଦ୍ର ତଥା ଶିକ୍ଷାନୁଷ୍ଠାନ ଭାବରେ ନିଜର ଗୌରବ ଅକ୍ଷୁର୍ଣ୍ଣ ରଖି ପାରିଛି ।

ବାଲିମେଳା ବହୁମୁଖୀ ଜଳବିଦ୍ୟୁତ ଯୋଜନା ଏବଂ ତାଳଚେର ତାପଜ ବିଦ୍ୟୁତ କେନ୍ଦ୍ର ବିଜୁଙ୍କ କୀ ିର ଗୋଟିଏ ଗୋଟିଏ

ଜ୍ୱଳନ୍ତ ନିଦର୍ଶନ । ଚୌଦ୍ୱାରଠାରେ ଓ.ଟ.ଏମ୍ ବା ଓଡ଼ିଶା ଟେକ୍ସଟାଇଲସ ମିଲ୍ ପ୍ରତିଷ୍ଠା କରି ସେ ବୟନ ଶିଳ୍ପ କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲେ । ହଜାର ହଜାର ଲୋକଙ୍କ ମୁହଁରେ ଆହାର ଯୋଗାଇ ଥିଲେ ।

ଓଡ଼ିଆମାନେ ଚିରକାଳ ନିଜର ସାହସ, ବୀରତ୍ୱର ଗରିମା ପାଇଁ ଗରିୟାନ । ଓଡ଼ିଆ ପାଇକଯୁଗର ବୀରତ୍ୱ କିଏ ନ ଜାଣେ ? ଓଡ଼ିଶାର ପିଲାଏ ଜାତୀୟ ସ୍ରୋତରେ ସାମିଲ ହୋଇପାରିବେ ଏବଂ ନିଜ ସାହସ, ଶକ୍ତି, ବୀରତ୍ୱର ପରାକାଷ୍ଠା ଦେଖାଇପାରିବେ ବୋଲି ବିଜୁ ଭୁବନେଶ୍ୱରଠାରେ ଏକ ସୈନିକ ସ୍କୁଲ ପ୍ରତିଷ୍ଠା କରିଥିଲେ । ଏହାର ସୁନାମ ସମଗ୍ର ଭାରତବର୍ଷରେ ସର୍ବବାଦୀ ସମ୍ମତ ।

ବିଜୁ ନିଜକୁ କଳିଙ୍ଗର ସନ୍ତାନ ବୋଲି ସବୁଠି ଘୋଷଣା କରୁଥିଲେ । ତାଙ୍କର କଳିଙ୍ଗପ୍ରୀତି ଖୁବ୍ ଗଭୀର । ଅତୀତ କଳିଙ୍ଗର ଐତିହ୍ୟ, ବୈଭବ,ଶିଳ୍ପ, ବାଣିଜ୍ୟ, ସାଧବ ପୁଅର ବିଦେଶ ଯାତ୍ରା, କଳିଙ୍ଗ ବୀର ମାନଙ୍କର ନିଷ୍ଠା, ଦକ୍ଷତା, ପରାକାଷ୍ଠା, ତାଙ୍କୁ ସତେଯେପରି ବିଭୋର କରି ରଖିଥିଲା ଶୟନେ ସ୍ୱପନେ ଅବା ଜାଗରଣେ । ଦେଶ ବିଦେଶରେ ସେ କଳିଙ୍ଗର ମର୍ଯ୍ୟାଦା ରକ୍ଷା କରିଥିଲେ । ତାଙ୍କର କଳିଙ୍ଗ ପ୍ରତି ଆସକ୍ତି, ମୋହ, ପ୍ରେମ, କଳିଙ୍ଗର ବିକାଶ ପାଇଁ ଅନବରତ ଉଦ୍ୟମ ସକାଶେ ସମସ୍ତେ ତାଙ୍କୁ କଳିଙ୍ଗବୀର, କଳିଙ୍ଗ ସମ୍ରାଟ, କଳିଙ୍ଗ ଷଣ୍ଢ, କଳିଙ୍ଗର ସୌଦାଗର ବୋଲି କହୁଥିଲେ । ସେ କଳିଙ୍ଗ ସାମ୍ରାଜ୍ୟକୁ ପୁଣିଥରେ ଉଜ୍ଜୀବୀତ କରାଇବା ପାଇଁ ପ୍ରତିଷ୍ଠା କରିଥିଲେ କଳିଙ୍ଗ ଟ୍ୟୁବ୍‌ସ୍ କାରଖାନା, କଳିଙ୍ଗ ଆଇରନ୍ ଇଣ୍ଡଷ୍ଟ୍ରିଜ, କଳିଙ୍ଗ ରେଫ୍ରିଜରେଟେର୍‌ସନ୍, କଳିଙ୍ଗ ଏୟାରଲାଇନ୍‌ସ, କଳିଙ୍ଗ ଟାଇଲ୍‌ସ, କଳିଙ୍ଗ ରିଫ୍ରାକ୍ଟୋରିଜ୍ ଆଦି ଭୁବନେଶ୍ୱରଠାରେ ସେ ଏକ ଫ୍ଲାଇଙ୍ଗ୍ କ୍ଲବ୍ ପ୍ରତିଷ୍ଠା କରିଥିଲେ । ସେ ନିଜେ ପାଇଲଟ୍ ହେଲେ ଚଳିବନି । ଓଡ଼ିଶାକୁ ଆଗେଇ ନେବାକୁ ବହୁ ପାଇଲଟ୍ ଦରକାର ବୋଲି ସେ ଅନୁଭବ କରିଥିଲେ ।

୧୯୫୧ ମସିହାରେ ସେ ଆନ୍ତର୍ଜାତିକ ସ୍ତରରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଉକ୍ରର୍ଷ ସାଧନ ପାଇଁ ବୈଜ୍ଞାନିକମାନଙ୍କୁ ପୁରସ୍କୃତ କରିବାକୁ UNESCO କୁ ପାଣି ଯୋଗାଇ କଳିଙ୍ଗ ପୁରସ୍କାର ପ୍ରଦାନ ବ୍ୟବସ୍ଥା କରିଥିଲେ । ଅଦ୍ୟବଧି ବିଶ୍ୱର ବହୁ ଜରିତ୍‌କର୍ମା ନାମୀ ଦାମୀ ପ୍ରାଜ୍ଞ ବୈଜ୍ଞାନିକମାନେ ମହାର୍ଘ କଳିଙ୍ଗ ପୁରସ୍କାର ପାଇ ଆସୁଛନ୍ତି ।

୧୯୬୨ ଅକ୍ଟୋବର ୨ ତାରିଖରେ ସେ 'କଳିଙ୍ଗ' ନାମରେ ଏକ ଓଡ଼ିଆ ଦୈନିକ ସମ୍ବାଦପତ୍ର ପ୍ରକାଶନ ଆରମ୍ଭ କରିଥିଲେ । ଓଡ଼ିଶାର ଅନ୍ୟତମ ଲବ୍ଧ ପ୍ରତିଷ୍ଠିତ ଔପନ୍ୟାସିକ, ସାହିତ୍ୟିକ, ସାମ୍ବାଦିକ, ଗାଳ୍ପିକ, ସାଂସଦ ସୁରେନ୍ଦ୍ର ମହାନ୍ତି 'କଳିଙ୍ଗ'ର ସମ୍ପାଦନା ଦାୟୀତ୍ୱ ଗ୍ରହଣ କରିଥିଲେ । ଅବଶ୍ୟ ପରେ ବିଭିନ୍ନ କାରଣରୁ ଏହା ବନ୍ଦ ହୋଇଯାଇଥିଲା । ତାଙ୍କର କଳିଙ୍ଗ ଏ ର୍‌ପ୍ରାଇଜର୍ସ, କଳିଙ୍ଗ ଫାଉଣ୍ଡେସନ ତାଙ୍କୁ ଶୀର୍ଷ ସ୍ଥାନରେ ପହ ।ଇ ପାରିଥିଲା ।

କ୍ରୀଡ଼ା କ୍ଷେତ୍ରରେ ପ୍ରଗତି ଏବଂ ଖେଳାଳୀମାନଙ୍କୁ ଉତ୍ସାହିତ କରିବା ପାଇଁ ସେ "କଳିଙ୍ଗ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେ ୍ ଆରମ୍ଭ କରିଥିଲେ । ଏହି 'କଳିଙ୍ଗ କପ୍ 'ଜାତୀୟ ସ୍ତରରେ ତାର ମର୍ଯ୍ୟାଦା ବଜାୟ ରଖିବାକୁ ସମର୍ଥ ହୋଇପାରିଥିଲା ।

ଓଡ଼ିଶାର ଅର୍ଥନୈତିକ, ସାମାଜିକ, ଶିଳ୍ପ, ବାଣିଜ୍ୟିକ ପ୍ରଗତି ପାଇଁ ସେ କେତେଯେ ବନ୍ଧ, କେନାଲ, ରାସ୍ତା, ପୋଲ ନିର୍ମାଣ କରିଛନ୍ତି ତାର କଳନା କରିବା ଜଣେ ସାଧାରଣ ଲୋକ ପକ୍ଷରେ ଆଦୌ ସମ୍ଭବ ନୁହେଁ । ପ୍ରଶାସନିକ କ୍ଷେତ୍ରରେ ବ୍ୟାପକ ପରିବ ନ ଆଣିଥିଲେ । ସେହିଁ ପ୍ରଥମେ Public Undertaking ଉପରେ ଗୁରୁତ୍ୱ ଆରୋପ କରି Industrial Development Corporation, Forest Development Corporation, Fisheries Corporation, Food Corporation, Orissa Foresst Corporation ପରି ଅନେକ ନିଗମ ପ୍ରତିଷ୍ଠା କରିଥିଲେ । ଅଭୟାରଣ୍ୟ, କରତକଳ, ବିଦ୍ୟୁତ ଉନ୍ନୟନ ବୋର୍ଡ଼ ଠାରୁ ଆରମ୍ଭ କରି ବହୁତ ବିକାଶ ମୂଳକ କାର୍ଯ୍ୟ ସେ କରିଥିଲେ । ଏତେ ସ୍ୱଳ୍ପକାଳର ମୁଖ୍ୟମନ୍ତ୍ରୀତ୍ୱ ମଧ୍ୟରେ ଏତେ ସବୁ ବିରାଟ କରିକଳ୍ପନା କରି ସେସବୁକୁ କାର୍ଯ୍ୟରେ ପରିଣତ କରିବାର ଦକ୍ଷତା କେବଳ ବିଜୁଙ୍କର ହିଁ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ ।

## ଜାତୀୟ ରାଜନୀତିରେ ନେହରୁଙ୍କ ପରେ ବିଜୁ ନାମ ଚର୍ଚ୍ଚା ଥିଲା

ନେହେରୁଙ୍କ ପରେ କିଏ ? "After Neheru who ?" ଏ ପ୍ରଶ୍ନ କେବଳ ଓଡ଼ିଶାରେ ବା ଭାରତରେ ନୁହେଁ ସମଗ୍ର ବିଶ୍ୱର ନେତାମାନଙ୍କର ମନ ମସ୍ତିଷ୍କକୁ ଆନ୍ଦୋଳିତ କରିଥିଲା । ଏ ପ୍ରକାର ଏକ ପ୍ରଶ୍ନ ଉତ୍‌ଥାପନ କରି ବିଶେଷ ଚର୍ଚ୍ଚିତ ହୋଇଥିଲେ ଆମେରିକାର ଅନ୍ୟତମ ସାମ୍ବାଦିକ ଏବଂ ଲେଖକ ୱେଲେସ୍ ହ୍ୟାଙ୍ଗେନ୍ (Welles Hanfer) ସେ ତାଙ୍କ ପୁସ୍ତକରେ ଲେଖିଥିଲେ "*Biju is a force to recon with in the post Neheru wrangle for the Priminister's*

*job. Mr. Hangen commented upon Biju's support for Krishna Menon as the successor to Neheru in the words, "The onlu chief Minister who will be willing and able to give Menon effective support in a bid for power is Biju Pattnaik, the ruthless and unprincipled young multimillionaire, who runs the state of Orissa in Eastern India. Pattnaik is a kind of India's Huey long. He is addiceted to authoritarion methods and will stop at nothing in his pursuit of power. He won repute in congress by retrieving the party's fortune in 1961 midterm election in Orissa.*

ବିଜୁ ନିଜର ବ୍ୟକ୍ତିତ୍ୱ, ଦୃଢ଼ ଇଚ୍ଛାଶକ୍ତି, ଦୁଃସାହସିକ ପଦକ୍ଷେପ, ଜନପ୍ରିୟତା ପାଇଁ ଯେଉଁ ସ୍ତରକୁ ଉଠି ପାରିଥିଲେ ତାହା ଅନ୍ୟ କୌଣସି ରାଜନୈତିକ ନେତାଙ୍କ ଭାଗ୍ୟରେ ଜୁଟିନଥିଲା । ସେତେବେଳେ ସ୍ୱାଧୀନ ଭାରତର ମୁଖ୍ୟ ନାୟକ, ସ୍ରଷ୍ଟା, ଦ୍ରଷ୍ଟା, ଶାସନକର୍ତ୍ତା ଏବଂ କୋଟି କୋଟି ଭାରତୀୟଙ୍କର ଭାଗ୍ୟବିଧାତା ଥିଲେ ନେହେରୁ । ତାଙ୍କର ଶୁଭ ଦୃଷ୍ଟିରେ ପଡ଼ିବା, ତାଙ୍କର ଶ୍ରଦ୍ଧା ହାସଲ କରିବା କମ୍ କଥା ନୁହେଁ । ବିଜୁ ନିଜର ଦକ୍ଷତା, ନିଃସ୍ୱାର୍ଥପର ସେବା ମନୋବୃତ୍ତି ଏବଂ ବଳିଷ୍ଠ ବ୍ୟକ୍ତିତ୍ୱ ପାଇଁ ନେହେରୁଙ୍କର ଅତି ବିଶ୍ୱାସ ପାତ୍ର ହୋଇପାରିଥିଲେ । ତାଙ୍କ ଉପରେ ନେହେରୁଙ୍କର ଥିଲା ଅସୀମ ଭରସା, ଅଗାଧ ବିଶ୍ୱାସ ।

ଇଣ୍ଡୋନେସିଆର ମୁକ୍ତି ସଂଗ୍ରାମରେ ବିଜୁଙ୍କର କାର୍ଯ୍ୟଦକ୍ଷତା ପ୍ରମାଣିତ ହୋଇ ସାରିଥିଲା । ତା ପୂର୍ବରୁ ମଧ ସେ ବ୍ରିଟିଶ୍ ଅଧିକାରୀଙ୍କ ଅଧୀନରେ ଥାଇ ଭାରତର ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ପାଇଁ ଯେଉଁ ଦୁଃସାହସିକ କାର୍ଯ୍ୟ କରି ଚାଲିଥିଲେ ତାହା ତାଙ୍କୁ ନେହେରୁଙ୍କ ନିକଟତର କରିଥିଲା । ଇଣ୍ଡୋନେସିଆ ସଂଗ୍ରାମରେ କୃତିତ୍ୱ ତାଙ୍କୁ ନେହେରୁଙ୍କର ବିଶ୍ୱାସ ପାତ୍ର ବନେଇଦେଲା । ତାପରେ ଶ୍ରୀନଗର ଅପରେସନ, ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଇଂରେଜ ଅଧିକାରୀଙ୍କ ପରିବାର ବର୍ଗଙ୍କୁ ନିଜକୁ ବିପନ୍ନ କରି ଜାପାନୀ ସୈନ୍ୟଙ୍କ କବଳରୁ ମୁକ୍ତି କରିବା ଆଦି ଘଟଣାରେ ନେହେରୁ ବିଜୁଙ୍କର ଦକ୍ଷତା ପ୍ରତି ଆସକ୍ତ ହୋଇ ପଡ଼ିଥିଲେ । ପରବର୍ତ୍ତୀ ସମୟରେ ଯେତେବେଳେ ଚୀନ୍ ଆକ୍ରମଣ କଲା ସେତେବେଳେ ବିଜୁ ଥିଲେ ନେହେରୁଙ୍କର ଡାହାଣହାତ ସଦୃଶ । ଖାଲି ଡାହାଣହାତ କହିଲେ ବୋଧେ ଠିକ୍ ହେବନାହିଁ । ସେ ଥିଲେ ନେହେରୁଙ୍କର ଆଖି, କାନ, ମନ ମସ୍ତିଷ୍କ ସବୁକିଛି । ବିଜୁଙ୍କ ସହିତ ଆଗ ପରାମର୍ଶ ନକରି ସେ କୌଣସି ପଦକ୍ଷେପ ନେଉନଥିଲେ । ଏଭଳିକି ଭାରତୀୟ ପ୍ରତିରକ୍ଷା ଅଧିକାରୀମାନେ ବିଜୁଙ୍କ ପ୍ରତି ଇର୍ଷାପରାୟଣ ହୋଇପଡ଼ିଥିଲେ । ନେହେରୁ ବିଜୁଙ୍କ ମାଧମରେ ଆମେରିକାର ରାଷ୍ଟ୍ରପତି ଜନ୍.ଏଫ୍.କେନେଡି ଏବଂ ବିଶ୍ୱର ଅନ୍ୟ ନେତାଙ୍କ ସହିତ ସମ୍ପର୍କ ରକ୍ଷା କରିବାକୁ ସମର୍ଥ ହୋଇଥିଲେ ।

ଭାଗ୍ୟ ମଣିଷକୁ ବଡ଼ କରେ । ବିଜୁ ଭାଗ୍ୟକୁ ବିଶ୍ୱାସ କରୁନଥିଲେ । ଅସତ୍ ଉପାୟରେ କିଛି କରି ଉଚ୍ଚକୁ ଉଠିବାର ଅଭିଳାଷ ତାଙ୍କର ନଥିଲା । ନଚେତ୍ ବିଜୁ ଯେ ଭାରତର କର୍ଣ୍ଣଧାର ହୋଇ ପାରିଥାନ୍ତେ, ଏଥିରେ ସନ୍ଦେହ ନଥିଲା । ନେହେରୁଙ୍କ ମୃତ୍ୟୁ ବେଳକୁ ଓଡ଼ିଶାରେ ଛାତ୍ର ଆନ୍ଦୋଳନର ନିଆଁ ଜଳୁଥାଏ । ଚାରିଆଡ଼େ ବିଜୁ, ବିରେନ୍ ରାଉତ୍‌ରାୟଙ୍କ ବିରୁଦ୍ଧରେ ଝଡ଼ ବହୁଥାଏ । କେନ୍ଦ୍ରୀୟ ସ୍ତରରେ ବିଜୁ ସେ ସମୟକୁ ନିଜକୁ ପ୍ରତିଷ୍ଠିତ କରିବାର ସୁଯୋଗ ପାଇ ନଥାନ୍ତି ।

ନେହେରୁଙ୍କ ପରେ ତାଙ୍କର ଉତ୍ତରାଧିକାରୀ ହେବା ପାଇଁ ମୋରାରଜୀ ଦେଶାଇ, ମେନନ, ଇନ୍ଦୀରା ଆଦି ଆଗେଇ ଆସିଥିଲେ । ମାତ୍ର ଲାଲବାହାଦୁର ଶାସ୍ତ୍ରୀ ହିଁ ହେଲେ ଭାରତର ପ୍ରଧାନମନ୍ତ୍ରୀ । ତାଙ୍କର ବିଜୁଙ୍କ ପ୍ରତି ଭଲ ଧାରଣା ନଥିଲା । କାରଣ ସେତେବେଳକୁ ବିଜୁଙ୍କ ବିରୁଦ୍ଧରେ ନାନା ଦୁର୍ନୀତିର ଅଭିଯୋଗ ଅଣାଯାଇଥିଲା ତାଙ୍କର ରାଜନୈତିକ ପ୍ରତିଦ୍ୱନ୍ଦୀମାନଙ୍କ ଦ୍ୱାରା । ମୋରାରଜୀ, ମେନନ ଆଦି ସମସ୍ତେ ବିଜୁଙ୍କର ସହଯୋଗ ମଧ ଲୋଡ଼ିଥିଲେ କେନ୍ଦ୍ରୀୟ ନେତୃତ୍ୱ ନେବାପାଇଁ । କାମରାଜ ଯୋଜନାନୁସାରେ ବିଜୁ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ତଥାପି ଭୁବନେଶ୍ୱରରେ କଂଗ୍ରେସ ଅଧିବେଶନ କରାଇ ଯେଉଁ ସଫଳତା, ଲୋକପ୍ରିୟତା ହାସଲ କରିଥିଲେ ତାହା କେନ୍ଦ୍ରୀୟ ସ୍ତରରେ ତାଙ୍କୁ ପ୍ରତିଷ୍ଠିତ କରାଇ ପାରିଲା ନାହିଁ । କାରଣ ଓଡ଼ିଶାରେ ତାଙ୍କର ପ୍ରତିପକ୍ଷ ଦଳ ତାଙ୍କ ବିରୁଦ୍ଧରେ ନାନା ଦୁର୍ନୀତି ଏବଂ ସରକାରୀ ରାଜକୋଷ ଲଣ୍ଠନ ଆଦି ଅଭିଯୋଗ ଆଣି ପରିସ୍ଥିତିକୁ ଓଲଟ ପାଲଟ କରିଦେଲେ ।

ପୁଣି ଶାସ୍ତ୍ରୀଙ୍କ ମୃତ୍ୟୁପରେ ଯେତେବେଳେ ଇନ୍ଦୀରା ଭାରତର ପ୍ରଧାନମନ୍ତ୍ରୀ ହେଲେ ସେତେବେଳେ ବିଜୁ ଓଡ଼ିଶାର ରାଜନୈତିକ କ୍ଷେତ୍ରରେ ଏଭଳି ବଦନାମିତ ହୋଇଯାଇଥିଲେ ଯେ ତାଙ୍କ ଉପରେ କାହାରି ଶୁଭ ଦୃଷ୍ଟି ପଡ଼ିଲାନାହିଁ । ତାଙ୍କରି ପ୍ରତିଷ୍ଠିତ କାରଖାନାରେ ଶ୍ରମିକ ଆନ୍ଦୋଳନ ଦେଖାଗଲା । ତାଙ୍କରି ବନ୍ଧୁ ଶ୍ରମିକ ମାନଙ୍କ ନେତୃତ୍ୱ ନେଇ ତାଙ୍କ ବିରୁଦ୍ଧରେ ଆଗେଇଆସିଲେ । ୧୯୬୭ ବର୍ଷଟି

ଥିଲା ତାଙ୍କ ଜୀବନର ସବୁଠାରୁ ବଡ଼ ଦୁର୍ଦ୍ଦିନର ବର୍ଷ । ଚତୁର୍ଦ୍ଦିଗରୁ ସେ ଆକ୍ରାନ୍ତ-କ୍ଷତାକ୍ତ ହେଲେ । କଂଗ୍ରେସ ଦଳରୁ ବିରୋଧର ସମ୍ମୁଖୀନ ହେଲେ । ସ୍ୱତନ୍ତ୍ର ଜନ କଂଗ୍ରେସ ସରକାର ତାଙ୍କ ବିରୁଦ୍ଧରେ ଖାନ୍ନା କମିଶନ ବସାଇଲେ । ସେତେବେଳକୁ ତାଙ୍କର ଶିଳ୍ପ ସମୃଦ୍ଧିର ଉତ୍କର୍ଷ ୧୭୫ କୋଟିରେ ପହ ୍ ପାରିଥିଲା ଯାହାକି ସବୁରି ଦୃଷ୍ଟି ଆକର୍ଷଣ କଲା । ବିଜୁ ସେସବୁ ସରକାରୀ ଏବଂ ଗରିବ ଜନସାଧାରଣଙ୍କ ପାଣ୍ଠି ଲୁଣ୍ଠନ କରି ଅର୍ଜନ କରିଛନ୍ତି ବୋଲି ପ୍ରଚାରିତ ହେଲା । ଭାଗ୍ୟହୀନ ବିଜୁ ଓଡ଼ିଶାର ହୋଇ ରହିଗଲେ । ସର୍ବଭାରତୀୟ ସ୍ତରରେ ଯଦିଓ ପ୍ରସିଦ୍ଧି ଏବଂ ଜନପ୍ରିୟତା ହାସଲ କରି ପାରିଥିଲେ ତେବେ ଭାରତର ପ୍ରଧାନମନ୍ତ୍ରୀ ହେବାରୁ ବ ୍ତ ହେଲେ ।

## ନିନ୍ଦା ପ୍ରଶଂସାର ବହୁଉର୍ଦ୍ଧ୍ୱରେ ବିଜୁଙ୍କ ରାଜନୈତିକ ଜୀବନ

ବିଜୁଙ୍କର ରାଜନୈତିକ ଜୀବନରେ ଅନେକ ଉତ୍‌ଥାନ ପତନ ଆସିଥିଲା । ବ୍ୟକ୍ତିଗତ ଭାବରେ ମଧ ସେ ବହୁବାର ନିନ୍ଦିତ, ଅଭିନନ୍ଦିତ ହୋଇଛନ୍ତି । କିନ୍ତୁ କେବେହେଲେ ସେ କୋଉଥିରେ ବିଚଳିତ ହୋଇନାହାନ୍ତି । ବିପୁଳ ବିଜୟରେ ଉଲ୍ଲସିତ ହୋଇନାହାନ୍ତି ଅବା ଯେଉଁ ସମୟରେ ତାଙ୍କୁ ସମସ୍ତେ ଛାଡ଼ି ଚାଲିଯାଇଛନ୍ତି ଏବଂ ସେ ଏକା ହୋଇଯାଇଛନ୍ତି ସେତେବେଳେ ସେ ବିମର୍ଷ ହୋଇନାହାନ୍ତି । ଭଗବାନଙ୍କୁ ଡାକି ନାହାଁନ୍ତି । କାହାର ସାହାଯ୍ୟ ପାଇଁ ହାତ ପତେଇ ନାହାନ୍ତି । ଜୟରେ ହେଉ କି ପରାଜୟରେ ହେଉ ସେ ସର୍ବଦା ଚର୍ଚ୍ଚାରେ ରହି ଆସିଛନ୍ତି । ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ରାଜ୍ୟ ଏବଂ କେନ୍ଦ୍ରୀୟ ରାଜନୀତିରେ ସେ ବହୁ ଉର୍ଦ୍ଧ୍ୱକୁ ଉଠି ପାରିଛନ୍ତି । ସେ ଦଳକୁ ନେତୃତ୍ୱ ଦେଇଛନ୍ତି ଅବା ନୂଆଦଳ ଗଠନ କରିଛନ୍ତି । ବିରୋଧୀ ଦଳରେ ଏକତା ପ୍ରତିଷ୍ଠା ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି । ନିଜର ବିଚ୍ ି, କାର୍ଯ୍ୟଶୈଳୀ ଏବଂ ଅଜବ ଖିଆଲ ପାଇଁ ସେ ସବୁରି ଆଲୋଚନାର କେନ୍ଦ୍ର ବିନ୍ଦୁ ପାଲଟିଛନ୍ତି ।

ତାଙ୍କର ସ୍ୱପ୍ନବିଳାସ, ରୋକଠୋକ୍ କଥା, ତୁରନ୍ତ ପଦକ୍ଷେପ ଦୁଃସାହସିକ ଅଭିଯାନ, ଜନପ୍ରିୟତା ତାଙ୍କୁ ଜନଗଣର ସାଥୀରୂପେ ପ୍ରମାଣିତ କରିଛି । ସେ ଜଣେ ଅତିଥି କଳାକାର ନୁହଁନ୍ତି ରାଜନୀତିର ରଙ୍ଗମ ରେ । କଳେବଳେ କୌଶଳେ କ୍ଷମତା ଦଖଲ କରି ଆପଣାର ସ୍ୱାର୍ଥ ହାସଲ ପାଇଁ ସେ କେବେବି ଉଦ୍ୟମ କରିନାହାନ୍ତି । ବରଂ ସେ ଲୋକଙ୍କ ଭିତରେ ରହି ଲୋକଙ୍କ ପାଇଁ ଯାହା କିଛି କରିଛନ୍ତି ସେମାନଙ୍କର ନେତା ଭାବରେ , ଭାଇବନ୍ଧୁ ଭାବରେ, ଶୁଭଚିନ୍ତକ ଭାବରେ । ଓଡ଼ିଶାର ଗର୍ବ, ଗୌରବ, ଐତିହ୍ୟକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ସେ ସର୍ବଦା ସ୍ୱପ୍ନ ଦେଖୁଥିଲେ । ତାକୁ ସାକାର ରୂପ ଦେବା ପାଇଁ ଯଥାସାଧ ଉଦ୍ୟମ ଅବ୍ୟାହତ ରଖୁଥିଲେ । ତାଙ୍କ ସଂପର୍କରେ ଯିଏ ଯେତେ ନିନ୍ଦା, ଅପପ୍ରଚାର କରିଥିଲେ ମଧ ସେସବୁକୁ ସେ କେବେ ଗୁରୁତ୍ୱ ଦେଇ ନଥିଲେ । ସେ କହୁଥିଲେ"ମୁଁ ଯାହା କହୁଛି ମୋ ଦେଶପାଇଁ, ମୋ ଓଡ଼ିଶା ଭାଇଭଉଣୀ, ମା ମାଉସୀ ପାଇଁ, ସେମାନେ ଯଦି ଭାବୁଥାନ୍ତି ଯେ ମୁଁ ଖାଇଗଲି, ନେଇଗଲି, ସେମାନଙ୍କୁ ଲୁଣ୍ଠନ କରି ତେବେ ମୋର କିଛି କହିବାର ନାହିଁ ।

ସେଇମାନେ ଦିନେ ଅନୁଭବ କରିପାରିବେ ବିଜୁ ପଟ୍ଟନାୟକ କ'ଣ ? ଓଡ଼ିଶା ପାଇଁ ବିଜୁ କ'ଣ କରିଛି ବା ନକରିଛି । ବିଜୁ ଓଡ଼ିଶାକୁ ଧ୍ୱଂସ କରି ଦେଇଛି ନା ଗଢି ଦେଇଛି ? ମୋ ଓଡ଼ିଶାର, ମୋ ଜାତିର, ମୋ ଓଡ଼ିଆଙ୍କର ଗର୍ବ, ଗୌରବକୁ ବଜାୟ ରଖିବା ପାଇଁ ମୁଁ ଯଦି କିଛି ଅନ୍ୟାୟ କରିଛି, କାହାପାଖରେ ମୁଣ୍ଡ ନୁଆଁଇ ନାହିଁ, କାହା ସହିତ ସାଲିସ କରି ନାହିଁ ତେବେ ଏ ସବୁ ପ୍ରଶ୍ନର ଉ  ର ଦିନେ ମିଳି ଯିବ ସେମାନଙ୍କୁ । ସମୟ କହିବ ବିଜୁ କ'ଣ ? ବିଜୁ କିଏ ?

ଏଇ ପରିପ୍ରେକ୍ଷୀରେ ଆମେ "*Biju Patnaik, the legendary pilot and live wire politician*" ରୁ ଉଦ୍ଧାର କରିପାରିବା ଯେ, *Biju demonstrated pride and self respect of the oriyas. He did not bend or bow, cringe or crawl even before Neheru, Indira to retain power or further personal interest. The only vested interest he had was the dignity and honour of the oriyas. Biju is the most vocal proponent of Orissa's pride and presstige, glory and greatness, selfrespect and self pride of the oriyas.*

*His mission and message, his ambitions and his dreams make him a magnificent leader, a munificent man, he is a maverick a messenger and a man of men and women. Facts and statistics are inadequate to describe him, he difies methodical data and made up analysis. He is a multifaceted personality, full of controversies and contradictions, heterogenitics and op-*

*posites.*

*Biju shines in success and accomplishments, feasts and fortune, in wins ans elegance, but he is more lively, more lively wire, more lustroous in failures and falls, in pitfalls and flaws in setbacks and reversals, in isolation and infamies. He is great for his ingenuity and inventions, not for intergrity and innocence, he is great for his fluency and flamboyancy, not for fishy, fassy, pussy cat personality. He is great for his style and tamerity not for vices and vicissitudes.*

*He is a great politician. He stays with masses, in the mind of the masses whenever he is their master or whenever he is hated by them like a rotten egg or putrid tomato. Biju did not appease or assuage the masses with the selfish design to corner votes or gain power, rather he teased or pleased them like their elder, their leader, their destiny maker. Biju shocked people most often but he never sucked people who loved him and whom he loved. As such Biju was always Biju, nothing else or nothing less.*

ବିଜୁଙ୍କ ମତରେ ରାଜନୀତି ମାନେ ରାଜନୀତି । ସେଠି ବ୍ୟକ୍ତିଗତ ହିଂସା, ଆକ୍ରୋଶ, ନିନ୍ଦା-କୁତ୍ସାରଟନାର ସ୍ଥାନ ନାହିଁ । ଯେତେବେଳେ ତାଙ୍କର ସମର୍ଥକମାନେ ଜାନକୀ, ନନ୍ଦିନୀ, ମହତାବ ଆଦିଙ୍କ ସଂପର୍କରେ ଅପପ୍ରଚାର ବା ନିନ୍ଦାସୂଚକ ବାକ୍ୟ ପ୍ରୟୋଗ କରିବାକୁ ଚାହିଁଛନ୍ତି ସେତେବେଳେ ସେ ରୋକଠୋକ୍ ବାରଣ କରିଛନ୍ତି । ସେମାନଙ୍କୁ ବୁଝେଇ ଦେଇଛନ୍ତି ଯେ ସେମାନେ ବରଂ ମୋର ନିନ୍ଦା କରନ୍ତୁ କିନ୍ତୁ ତମେ କାହାର ବ୍ୟକ୍ତିଗତ ଜୀବନର ଘଟଣାକୁ ନେଇ ରାଜନୀତିର ହାୱାକୁ ପ୍ରଦୂଷିତ କରନାହିଁ । ବ୍ୟକ୍ତିଗତ କୁତ୍ସାରଟନାକୁ ମୁଁ ଘୃଣା କରେ । ଯାହାର ସତ୍ ସାହସ ନଥାଏ ସେ ଅନ୍ୟର ଚରିତ୍ର ସଂହାର କରେ ।

ବିଜୁ ତାଙ୍କ ଜୀବନରେ ଅନ୍ୟ ରାଜନୈତିକ ପ୍ରତିପକ୍ଷ ମାନଙ୍କର ଚରିତ୍ର ସଂହାର କେବେ କରି ନାହାଁନ୍ତି । ରାଜ୍ୟର କଂଗ୍ରେସ ନେତୃତ୍ୱ ଏବଂ ସେମାନଙ୍କ କାର୍ଯ୍ୟ ଶୈଳୀର ଦୃଢ ସମାଲୋଚନା କରିଥିବା ବିଜୁ ସେଇ ଏକା ରଙ୍ଗ ମ ରେ କେନ୍ଦ୍ରରେ ଅଧିଷ୍ଠିତା ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧୀଙ୍କର ଭୂୟସୀ ପ୍ରଶଂସା କରିଥିବାର ନଜୀର ରହିଛି ।

୧୯୬୪ ର ଛାତ୍ର ଆନ୍ଦୋଳନ ସମୟରେ ତାଙ୍କର ରାଜନୈତିକ ପ୍ରତିଦ୍ୱନ୍ଦୀମାନେ ତାଙ୍କୁ ଯେଉଁଭଳି ସମାଲୋଚନା କରିଥିଲେ, "ବିଜୁ, ବୀରେନ୍ କେଉଁଠି ? ମଦଭାଟି ଯେଉଁଠି ।" ଓଡ଼ିଶାର କିଏ ଛତରା ? ବିଜୁ, ବୀରେନ୍,ରାଉତରା " ଆଦି ପ୍ରଚାରିତ ଏବଂ ୧୯୬୭ ରେ ତାଙ୍କୁ ଯେଉଁଭଳି ଭାବରେ ଓଡ଼ିଶାର କଂଗ୍ରେସ ମହଲରୁ ଏକଘରକିଆ କରିଦିଆଯାଇଥିଲା ଏବଂ ୧୯୭୧ରେ ପରାଜୟର ଯେଉଁ ଦାରୁଣ ଦୁଃଖ ସେ ଆପଣେଇଥିଲେ, ଅନ୍ୟ କିଏ ହୋଇଥିଲେ ସେ ହୁଏତ ରାଜନୈତିକ ସନ୍ୟାସ ଗ୍ରହଣ କରି ନିଜର ବ୍ୟକ୍ତିଗତ ବିକାଶରେ ମାତି ପାରିଥାନ୍ତା । କ'ଣ ନଥିଲା ବଜୁଙ୍କର ? ବିରାଟ ଶିଳ୍ପ ସାମ୍ରାଜ୍ୟର  ଅଧିକାରୀ ଥିଲେ ସେ । କିନ୍ତୁ ସେ ବ୍ୟକ୍ତିଗତ ସ୍ୱାର୍ଥକୁ କେବେବି ଗୁରୁତ୍ୱ ଦେଇନଥିଲେ । ଓଡ଼ିଶାର, ଓଡ଼ିଶାବାସୀଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ସେ ନିଜ ଦେହର ପ୍ରତି ରକ୍ତବିନ୍ଦୁକୁ ଝରେଇ ଦେବାକୁ କୁଣ୍ଠାବୋଧ କରିନଥିଲେ । ସେ ତାଙ୍କର ସବୁ ସ୍ୱପ୍ନକୁ ସାକାର କରିବାକୁ ସୁଯୋଗ ପାଇପାରିଲେ ନାହିଁ । ଭାଗ୍ୟତ ଅନୁକୂଳ ହେଲା ନାହିଁ । ତା ସହିତ ଚୀନ୍ ଆକ୍ରମଣ, ବନ୍ୟା, ଦୁର୍ଭିକ୍ଷ ଆଦି ପ୍ରାକୃତିକ ବିପଦ ବାଧକ ହୋଇ ଦେଖାଦେଲେ । ପୁଣି ଏମିତି ଏକ ସମୟରେ ପ୍ରଧାନମନ୍ତ୍ରୀ ନେହେରୁଙ୍କର ସ୍ୱର୍ଗାରୋହଣ ତାଙ୍କର ସବୁ ପରିକଳ୍ପନାକୁ ଧୂଳିରେ ମିଶାଇ ଦେଲା । ପରବ ୀ ସମୟରେ ସେ ଇନ୍ଦୀରାଙ୍କ ମାଧମରେ ନିଜର ପୂର୍ବସ୍ଥିତି ଫେରିପାଇଥାନ୍ତେ ମାତ୍ର ପରିବେଶ, ପରିସ୍ଥିତି, ଭାଗ୍ୟ ତାଙ୍କୁ ସହାୟକ ହେଲା ନାହିଁ । ତାଙ୍କର ଶିଳ୍ପ ସାମ୍ରାଜ୍ୟ ସେତେବେଳକୁ ୧୭୫ କୋଟିରେ ପହ ୍ ସାରିଥିଲା । ତାହା ସବୁରି ଚକ୍ଷୁଶୂଳ ହେଲା । ସେ ଓଡ଼ିଶାର ରାଜକୋଷକୁ ଖୋଳକରି, ଗରିବ ଓଡ଼ିଆଙ୍କ ପେଟରେ ନାତମାରି ଏତେବଡ଼ ସଂପ ି ର ଅଧିକାରୀ ହୋଇପାରିଛନ୍ତି ବୋଲି ଅପପ୍ରଚାର କରାଗଲା ଯେଉଁଥିରେ ଇନ୍ଦୀରା ତାଙ୍କ ପାଇଁ ନିଜର ଦ୍ୱାର ବନ୍ଦ କରିଦେଲେ ।

ଓଡ଼ିଶା ରାଜନୀତିର ଭୀଷ୍ମପିତାମହ କୁହାଯାଉଥିବା ଡଃ ମହତାବ ହିଁ ଥିଲେ ବିଜୁଙ୍କ ପ୍ରଗତି ପଥରେ ପ୍ରଥମ ବାଧକ । ସେ ଦିଲ୍ଲୀ

ସମେତ ତାଙ୍କର ଡେଲି ପ୍ରଜାତନ୍ତ୍ରରେ ବିଜୁଙ୍କ ବିରୁଦ୍ଧରେ ନିୟମିତ ନିରବଚ୍ଛିନ୍ନ ଭାବରେ ପ୍ରଚାର ଚଳାଇଲେ । ଗୁଜବ ଏକ ଏମିତି ମନ୍ତ୍ର ଯାହା ନିମିଷକେ ବ୍ୟାପିଯାଏ ସହସ୍ର ମାଇଲ୍ । ବିଜୁଙ୍କର ବିବାହିତା ସ୍ତ୍ରୀ ଜ୍ଞାନ ଦେବୀଙ୍କୁ କେହି କେବେ ସାଧାରଣ ଭାବରେ ଦେଖିବାକୁ ପାଉନଥିଲେ । ସଭାସମିତିକୁ ସେ ଆସୁନଥିଲେ ଗରିବ, ଅଶିକ୍ଷିତ ଓଡ଼ିଆଙ୍କ ମନରେ ଏମିତି ଏକ ଧାରଣା ଭରି ଦିଆଯାଉଥିଲା ଯେ ବିଜୁ ଜଣେ ସ୍ୱୈଣ ପ୍ରବୃ ି ର ବ୍ୟକ୍ତି ।

Female, Factories and Fortune (ନାରୀ, କାରଖାନା ଏବଂ ଭାଗ୍ୟକୁ) ନେଇ ଆଗେଇ ଚାଲିଛନ୍ତି । Wine and Woman, Wealth (ନାରୀ, ମଦ ଓ ଧନ) ତାଙ୍କର ଅତିପ୍ରିୟ । ତାଙ୍କର ଅନେକ ସ୍ତ୍ରୀ ଅଛନ୍ତି । ବମ୍ବେ, ଦିଲ୍ଲୀ, କଲିକତା, ଭୁବନେଶ୍ୱର, କଟକ, ଲଣ୍ଡନ, ପ୍ୟାରିସ୍, ନ୍ୟୁୟର୍କରେ ତାଙ୍କର ବଡ଼ ବଡ଼ କୋଠା ଅଛି । ସବୁଠି ସେ ନିଜର ପ୍ରୟତମା ରକ୍ଷିତାମାନଙ୍କୁ ରଖିଛନ୍ତି । ସେମାନଙ୍କ ପାଇଁ ପ୍ରଚୁର ଖର୍ଚ୍ଚ କରୁଛନ୍ତି । ବିଳାସ ବ୍ୟସନରେ ମାତି ବିଜୁ ଓଡ଼ିଶାର ଅର୍ଥନୀତିକୁ ପଙ୍ଗୁ କରିଦେଇଛନ୍ତି । କୋଉଠି କେଉଁ ନାରୀ ଧର୍ଷିତା ହେଲେ, କୋଉଠି କାହାକୁ ହତ୍ୟା କରାଗଲେ, କୋଉଠି ବଡ଼ଧରଣର ଚୋରି ହେଲେ, ଅପରାଧୀ ଧରା ନପଡ଼ିଲେ ତା ପଛରେ ବିଜୁଙ୍କର ପ୍ରଚ୍ଛନ୍ନ ହାତ ଅଛି ବୋଲି ପ୍ରଚାର କରାଗଲା ।

ଡଃ ମହତାବ, ରାଜେନ୍ଦ୍ର ନାରାୟଣ ସିଂହଦେଓ, ପବିତ୍ର ମୋହନ ପ୍ରଧାନ, ବିଜୟ ପାଣି ଆଦି ନିର୍ବାଚନ ବେଳେ ପ୍ରଚାର କଲେ ଯେ ସେମାନଙ୍କର ପାଣ୍ଠି ନାହିଁ, ସେମାନେ ଗରିବ ମାତ୍ର ବିଜୁ କଟକ ପିଲା ଗୁଡ଼ି ଉଡ଼ାଇବା ପରି କଂଗ୍ରେସିଆଙ୍କ ପାଇଁ ଟଙ୍କା ଉଡ଼ାଉଛନ୍ତି । ବୁଣି ଦେଉଛନ୍ତି ବିଡ଼ା ବିଡ଼ା ନୋଟ ।

ଏକଥା ଅବଶ୍ୟ ସତ୍ୟ ଯେ ବିଜୁଥିଲେ ଖୁବ୍ ଦିଲ୍‌ଦାର ପ୍ରକୃତିର । ଅର୍ଥକୁ ସେ ଖାତିର୍ କରୁନଥିଲେ । ଖୋଲା ହାତରେ ଖର୍ଚ୍ଚ କରୁଥିଲେ । ଆଲ୍ଲା ଯାହାକୁ ଦିଅନ୍ତି ଛପର ଫାଡ଼ି କରି ଦିଅନ୍ତି ଭଳି ବିଜୁ ଯାହାକୁ ଦୟା ଦେଖାନ୍ତି ତାର ସବୁ ଦୁଃଖ ଘୁ ୍ଯାଏ ଏକାଥରକେ ।

ତାଙ୍କ ପାଖକୁ ଟଙ୍କା କୋଉଠୁ ଆସେ, କେମିତି ଖର୍ଚ୍ଚ ହୁଏ, କୁଆଡ଼େ ଯାଏ ତାହାର ହିସାବ ହୁଏତ କେହି ଦେଇ ପାରିବେନି । ସେ କିଛି ହିସାବ ନିଜେ ରଖନ୍ତିନି । ଓଡ଼ିଶାରେ ଏମିତି କେହି ନେତା ନାହାଁନ୍ତି ଯିଏକି ବିଜୁଙ୍କର ସାହାଯ୍ୟ ସହାନୁଭୂତି ଲାଭ କରି ନାହାନ୍ତି । କେବଳ ଓଡ଼ିଶାର ନେତାମାନଙ୍କୁ ଯେ ସେ ନିର୍ବାଚନ ସମୟରେ ସାହାଯ୍ୟ କରିଛନ୍ତି ତା ନୁହେଁ ଜାତୀୟ ସ୍ତରରେ ବହୁନେତାଙ୍କୁ ଏଭଳିକି ଇନ୍ଦିରାଙ୍କଠାରୁ ଏନ୍.ଟି.ରାମାରାଓଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ସାହାଯ୍ୟ କରିଛନ୍ତି ।

ସେ ନିଜେ ପ୍ରଗତି ଦଳ, ଲୋକଦଳ, ଉତ୍କଳ କଂଗ୍ରେସ, ଜନତା ଦଳ ପାଇଁ ପାଣ୍ଠି ଯୋଗାଇଛନ୍ତି । ଓଡ଼ିଶାର ପ୍ରାର୍ଥୀମାନଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦେବା ସଙ୍ଗେ ସଙ୍ଗେ ଭାରତର ଅନ୍ୟ ରାଜ୍ୟରେ ମଧ ନିଜ ସପକ୍ଷବାଦୀ ଦଳର ନେତାଙ୍କୁ ସାହାଯ୍ୟ କରିଛନ୍ତି । ଏସବୁର ପ୍ରମାଣ ଖୋଜିଲେ ମିଳିପାରିବ । କିନ୍ତୁ ଯେଉଁମାନେ ବିଜୁଙ୍କୁ ବଦନାମିତ କରିବା ପାଇଁ ସେ ଖାଇଗଲେ, ନେଇଗଲେ, ସବୁ ଚଳୁକରିଦେଲେ ବୋଲି ପ୍ରଚାର କରି ଆସୁଥିଲେ ସେମାନେ ତାଙ୍କ ବିରୁଦ୍ଧରେ ଗୋଟିଏ ହେଲେ ଦୁର୍ନୀତି ପ୍ରମାଣିତ କରିପାରିଲେ କି ? ଏ ପ୍ରଶ୍ନର ଉ ର ନିଷ୍ଚିତ ଭାବରେ “ନା” ।

ଅତଏବ ବିଜୁ ହିଁ ବିଜୁ । ସେ ନିଜେ ନିଜର ତୁଳନା । ତାଙ୍କ ସହିତ ଆଉ କାହାକୁ ତୁଳନା କରାଯାଇ ପାରିବ ନାହିଁ । ଅତ୍ୟନ୍ତ କ୍ଷୋଭ ଏବଂ ପରିତାପର ବିଷୟ ଯେ ଯେଉଁମାନେ ବିଜୁଙ୍କର ରାଜନୈତିକ ବିରୋଧୀ ସାଜି ତାଙ୍କ ବିରୁଦ୍ଧରେ ଅଯଥା ଅପପ୍ରଚାର କରି ନିଜେ ନାମ ନେବାର ଅପଚେଷ୍ଟା କରି ଚାଲିଥିଲେ ସେମାନେ ଯଦି ବିଜୁଙ୍କ ସହିତ ହାତମିଳାଇ ତାଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଆଗେଇ ଆସିଥାନ୍ତେ ଓଡ଼ିଶା ଆଜି ଭାରତର ପଛୁଆ ରାଜ୍ୟ ନହୋଇ ଏକ ସମୃଦ୍ଧ ଅଗ୍ରଣୀ ରାଜ୍ୟରେ ପରିଣତ ହୋଇ ପାରିଥାନ୍ତା, ଏଥିରେ ସନ୍ଦେହ ନାହିଁ ।

## ଜନତାଙ୍କ ନେତ୍ରମଣି ଥିଲେ ବିଜୁ

"ବିଜୁ" , ଏଇ ଦୁଇଟି ଅକ୍ଷରରେ ଯେମିତି କିଛି ଯାଦୁ ଭରି ରହିଥିଲା । ସେ କ୍ଷମତାରେ ଥାଆନ୍ତୁ ବା ନଥାନ୍ତୁ କିଛି ଯାଏ ଆସେ ନାହିଁ । ବିଜୁ ଆସୁଛନ୍ତି ପ୍ରଚାର ହୋଇଯିବା ମାତ୍ରେ ଲୋକଙ୍କର ସୁଅ ଛୁଟେ ଜନ୍ଦା ପିମ୍ପୁଡ଼ିଙ୍କ ପରି । ସମସ୍ତେ ଉତ୍କଣ୍ଠିତ ହୋଇପଡ଼ନ୍ତି । ତାଙ୍କୁ ଥରେ ଆଖି ପୁରେଇ ଦେଖିବା ପାଇଁ, ତାଙ୍କ ମୁହଁରୁ ଦି'ପଦ ଶୁଣିବା ପାଇଁ ଲୋକେ ଘ । ଘ । ଧରି ଅପେକ୍ଷା କରନ୍ତି । ଖରା, ବର୍ଷାକୁ ଖାତିର୍ କରନ୍ତି ନାହିଁ । ଏ ଦୃଷ୍ଟିରୁ ଦେଖିବାକୁ ଗଲେ ବିଜୁଙ୍କଠାରେ ଏମିତି କିଛି ସମ୍ମୋହନ ଶକ୍ତି ରହିଥିଲା ଯାହାକି ଲୋକଙ୍କୁ ପାଗଳପ୍ରାୟ କରିଦେଇଥିଲା ତାଙ୍କୁ ଦେଖିବା ପାଇଁ । ଏଣୁ "ସମ୍ମୋହନ" ର ଅନ୍ୟନାମ ବିଜୁ ବୋଲି କହିଲେ ଅତ୍ୟୁକ୍ତି ନାହିଁ ।

ମୂଳକଥା ହେଉଛି ବିଜୁଙ୍କର ବିଲକ୍ଷଣ ବ୍ୟକ୍ତିତ୍ୱ ତାଙ୍କ ପ୍ରତି ଲୋକମାନଙ୍କୁ ଆକର୍ଷିତ କରୁଥିଲା । ବାଳକ ବିଜୁଙ୍କର ଦେଶପ୍ରେମ, ଇଂରେଜମାନଙ୍କ ପ୍ରତି ଘୃଣାଭାବ, ମହାତ୍ମାଗାନ୍ଧୀଙ୍କୁ ଦର୍ଶନ କରିବାକୁ ଜିଦ୍‌କରି ପୋଲିସ ଲାଠିରେ ରକ୍ତାକ୍ତ ହେବା, ଇଂରେଜ ସାହେବଙ୍କ ହେଲିକେପ୍ଟରକୁ ଛୁଇଁବାର ଦୁଃସାହସ, ପାଇଲଟ ହେବାର ଜିଦ୍, ଇଂରେଜ ସିପାହୀଙ୍କୁ ଢେଲାମାଡ଼ ଆଦି ଅନେକ ଘଟଣା ଜନସାଧାରଣଙ୍କୁ ମନ୍ତ୍ର ମୁଗ୍ଧ କରିଥିଲା । ସେଥିରେ ଅତ୍ୟନ୍ତ ଦୁଃସାହସୀ ସିଂହ ଛୁଆ । ଇଂରେଜ ମାନଙ୍କ ଅତ୍ୟାଚାର ସହି ମଧ ଦେଶମାତୃକା ପ୍ରତି ନିଜ ଜୀବନ ଉତ୍ସର୍ଗ କରିବାକୁ ଆଗେଇ ଆସିଲେ । ଇଂରେଜମାନଙ୍କ ଅଧୀନରେ ପାଇଲଟ ଚାକିରୀ କରି ଭାରତୀୟ ସାଧୀନତା ସଂଗ୍ରାମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଦୁଇଥର ଜେଲ ଯାଇଥିଲେ । ଇଣ୍ଡୋନେସିଆର ମୁକ୍ତି ସଂଗ୍ରାମର ମୁଖ୍ୟ ନାୟକ ସାଜିଥିଲେ । ଚୀନ୍ ଆକ୍ରମଣ ସମୟରେ ନିଜ ଜୀବନକୁ ବିପନ୍ନ କରି ସୀମାନ୍ତରେ ନେଇ ସୈନ୍ୟମାନଙ୍କୁ ଖାଦ୍ୟ, ଔ ଷଧ ଯୋଗାଇଥିଲେ । ଶ୍ରୀନଗର ଅପରେସନ ମଧ ସେ ମୁଖ୍ୟଭୂମିକା ଗ୍ରହଣ କରିଥିଲେ । ତାଙ୍କରି ମାଧମରେ ନେହେରୁ ବିଶ୍ୱ ନେତୃବୃନ୍ଦଙ୍କ ସହ ସଂପର୍କ ରକ୍ଷା କରିପାରିଥିଲେ ।

ଓଡ଼ିଆ ପୁଅ କଳିଙ୍ଗ ବୀରର ଏଇସବୁ ଦୁଃସାହସିକ କାର୍ଯ୍ୟ, ନିର୍ଭୀକତା, ନିଃସ୍ୱାର୍ଥପରତା ସବୁରି ପ୍ରାଣରେ ତାଙ୍କ ପ୍ରତି ଅସୀମ ଶ୍ରଦ୍ଧା, ମମତା ଜାଗ୍ରତ କରିଥିଲା । ସେ ଥିଲେ ଦିବ୍ୟଦ୍ରଷ୍ଟା କ୍ରାନ୍ତିକାରୀ ବୀର । ଯାହା କହୁଥିଲେ ତାହା କାର୍ଯ୍ୟରେ ପରିଣତ କରିବା ପାଇଁ ଆପ୍ରାଣ ଉଦ୍ୟମ କରୁଥିଲେ । ଯେତେ ନିନ୍ଦା, ଅପବାଦର ଶିକାର ହୁଅନ୍ତୁ ପରେ ସେ ସର୍ବଦା ଓଡ଼ିଶାର, ଓଡ଼ିଆମାନଙ୍କର ବିକାଶ ପାଇଁ ଚିନ୍ତା କରୁଥିଲେ । ପ୍ରଶାସନିକ ସ୍ତରରେ ବ୍ୟାପକ ସଂସ୍କାର ଆଣିବାଠାରୁ ଆରମ୍ଭ କରି ପାରାଦ୍ୱୀପ ବନ୍ଦର, ଏକ୍ସପ୍ରେସ୍ ରାଜପଥ, ମିଗ୍ ବିମାନ କାରଖାନା, ସୈନିକ ବିଦ୍ୟାଳୟ, ଇଞ୍ଜିନିୟରିଂ ସ୍କୁଲ୍, ରିଜିଓନାଲ୍ କଲେଜ, ଆ ଲିକ ଇଞ୍ଜିନିୟରିଂ ମହାବିଦ୍ୟାଳୟ ଆଦି ଯେତେ କୀ ି ସେ ସ୍ୱଳ୍ପକାଳର କ୍ଷମତା ମଧରେ କରିଯାଇଛନ୍ତି ତାହା ଯେ ଆଉ କାହାଦ୍ୱାରା କେବେ ସମ୍ଭବ ହୋଇନଥାନ୍ତା ଏକଥା ଓଡ଼ିଶାର ଜନସାଧାରଣ ବେଶ୍ ବୁଝିପରିଥିଲେ ।

ସେତଥିଲେ କଳିଙ୍ଗ ଶିଳ୍ପ ସାମ୍ରାଜ୍ୟର ଚକ୍ରମ ୀ ସମ୍ରାଟ । ନିଜସ୍ୱ ସୁଖ, ବିଳାସ ବ୍ୟସନ ଚାହିଁଥିଲେ ସେ ବହୁ ଉର୍ଦ୍ଧ୍ୱକୁ ଉଠିଯାଇ ପାରିଥାନ୍ତେ । ବିଶ୍ୱସ୍ତରରେ ନିଜକୁ ପ୍ରତିଷ୍ଠିତ କରାଇ ପାରିଥାନ୍ତେ । ମାତ୍ର ସେ ଦରିଦ୍ର, ଅନଗ୍ରସର, ଚିର ଅବହେଳିତ, ବନ୍ୟା , ବାତ୍ୟା, ମରୁଡ଼ି ପ୍ରପୀଡ଼ିତ ଓଡ଼ିଆଙ୍କୁ ଛାଡ଼ି ରହିପାରିଲେ ନାହିଁ । ସେମାନଙ୍କ ମୁଖରେ କାଣିଚାଏ ହସ ଫୁଟେଇବା ପାଇଁ ସେମାନଙ୍କ ପେଟକୁ ଗଣ୍ଡେ ଦାନା ଯୋଗାଇବା ପାଇଁ ସେ ନିଜ ସ୍ୱାର୍ଥକୁ ବଳି ଦେଇଥିଲେ । ସେଥିଲେ ଜନସାଧାରଣଙ୍କର ପ୍ରକୃତ ପ୍ରତିନିଧି । ସେମାନଙ୍କ ସୁଖରେ ଦୁଃଖରେ ନିଜକୁ ସାମିଲ୍ କରିଥିଲେ । ଏଇଥି ପାଇଁ ତ ବିଜୁ ଯେତେବେଳେ ଯେଉଁ ଦଳରେ ରହୁଥିଲେ ସେଇଦଳ ଚର୍ଚ୍ଚିତ ହେଉଥିଲା । ତାଙ୍କର ବ୍ୟକ୍ତିତ୍ୱ ମଧ ସେମିତି ମହାନ୍ ଥିଲା । ଯେଉଁମାନେ ତାଙ୍କ ସହିତ ମିଶିଛନ୍ତି, ନିକଟ ସଂପର୍କରେ ଆସିଛନ୍ତି ସେମାନେ ଅନୁଭବ କରିଛନ୍ତି ବିଜୁଙ୍କର ଉଦାହରଣ । ମହନୀୟତା, ବନ୍ଧୁବତ୍ସଳତା । କଳିଙ୍ଗ ପ୍ରୀତି ଏବଂ କଳିଙ୍ଗ ପ୍ରତି ତାଙ୍କର ଆସକ୍ତି । ଯୋଉଠି ବିଜୁ ସେଇଠି ଜନସାଧାରଣ ।

## ବନ୍ଧୁପ୍ରେମୀ, ଦାନୀବୀର ବିଜୁ

ବିଜୁ ପଟ୍ଟନାୟକ ଥିଲେ ବନ୍ଧୁ ବତ୍ସଳ, ଅମାୟିକ ଏବଂ ମହାନ୍ ଦାତା । ଯଦିଓ କେତେକ ତାଙ୍କୁ ସମାଲୋଚନା କରନ୍ତି ଯେ ସେ ଖୁବ୍ ଗର୍ବୀ, ଅହଙ୍କାରୀ । ବିଳାସୀ ଏବଂ ସ୍ୱାର୍ଥପର । କିନ୍ତୁ ଯେଉଁମାନେ ତାଙ୍କ ସହିତ ମିଶିଛନ୍ତି, ନିଜ ସଂପର୍କରେ ଆସିଛନ୍ତି ସେମାନେ ଅନୁଭବ କରିପାରିଛନ୍ତି ବିଜୁ କ'ଣ ? ନଡ଼ିଆର ଉପର ଅଂଶ ଟାଣ ଏବଂ ଭିତରେ ନରମ ଶସ ପରି ବିଜୁଙ୍କର ବ୍ୟକ୍ତିତ୍ୱରେ ଦୁଇପ୍ରକାରର ଅନୁଭୁତି ଜଣେ ଉପଲବ୍ଧି କରିପାରିବ ।

କୁନି କୁନି ପିଲାମାନଙ୍କ ପ୍ରତି ତାଙ୍କର ଯଥେଷ୍ଟ ଦୁର୍ବଳତା ରହିଥିଲା । ସଭାସମିତି ମାନଙ୍କରେ ପିଲାମାନଙ୍କୁ ସେ କୋଳେଇ ନେଉଥିଲେ । ନିଜର ଫୁଲମାଳ ସେମାନଙ୍କୁ ପିନ୍ଧାଇ ଦେଉଥିଲେ । ପିଲାମାନେ ତାଙ୍କୁ ଶ୍ରଦ୍ଧାରେ ବିଜୁ ଅଜା ବୋଲି ସମ୍ବୋଧନ କରୁଥିଲେ । ପିଲାମାନଙ୍କ ପାଇଁ ଅନେକ ପାର୍କ ହେବା ଉଚିତ୍ ବୋଲି ସେ କହୁଥିଲେ । ନିଜର ବନ୍ଧୁମାନଙ୍କ ପ୍ରତି ସେ ଖୁବ୍ ସମ୍ବେଦନଶୀଳ ଥିଲେ । ବନ୍ଧୁଚର୍ଚ୍ଚାରେ କେବେ ଅବହେଳା କରୁନଥିଲେ । ସେ ସର୍ବଦା କହି ଚାଲନ୍ତି । ଅନ୍ୟକୁ କୁହାଇ ଦିଅନ୍ତି ନାହିଁ । କାରଣ ଏକଥା ସତ୍ୟ ଯେ ତାଙ୍କ କାହାଣୀ ହିଁ ଅସରା ।

ସେ ସମସ୍ତଙ୍କୁ ନାମ ଧରି ଡାକନ୍ତି । ଏପରିକି ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ଅରୁଣା ଆସଫ୍ ଅଲ୍ଲୀଙ୍କୁ ମଧ୍ୟ ସେ ଆସଫ୍ ଅଲ୍ଲୀ ଡାକୁଥିଲେ । ଇନ୍ଦୀରାଗାନ୍ଧୀଙ୍କୁ 'ଇନ୍ଦୁ' ବୋଲି ସମ୍ବୋଧନ କରୁଥିଲେ । ରାଜୀବ, ସଞ୍ଜୟ ଗାନ୍ଧୀଙ୍କର ସେ ଥିଲେ ପ୍ରି ଅଙ୍କଲ୍ । ସେମାନଙ୍କୁ ନାମଧରି ଡାକୁଥିଲେ । ମର୍କୁରିଆଲ୍ ଟେମ୍ପେରାମେ  ତାଙ୍କର । ମିଜାଜ୍ ଠିକ୍ ଅଛିତ ବେଶ୍ ଗପି ଚାଲିଥିବେ । ସର୍ବସ୍ୱ ଦେଇ ଦେବେ । ମୁଡ୍ ଠିକ୍ ନାହିଁ ମାନେ ସରିଲା । ଆଡ୍ ବାୟା ସୁଲ୍‌ତାନଙ୍କ ପରି ଯାହା ବୁଝିଥିବେ ସେୟା । କାହା କାନକୁହା କଥାରେ ଭଳିଯିବା ଲୋକ ନୁହଁନ୍ତି ସେ । ଯିଏ ଯେତେ ନିନ୍ଦାକରୁ କିଛି ଯାଏ ଆସେନା । ସେ ଯଦି ସାମନା ସାମନି ହୋଇଯାଏ ତାକୁ ଆଦର କରନ୍ତି ସେ । ଏଇ ତାଙ୍କର ଉଦାରତା ।

ରାଜନୀତିରେ କାହାରି ଚରିତ୍ର ସଂହାରକୁ ସେ ପ୍ରଶ୍ରୟ ଦିଅନ୍ତି ନାହିଁ । ସେ କହନ୍ତି ରାଜନୀତି ଅଲଗା । ବ୍ୟକ୍ତିଗତ ଚରିତ୍ର ଅଲଗା । କାହାର ବ୍ୟକ୍ତିଗତ ଚରିତ୍ରକୁ ନେଇ ରାଜନୀତିରେ ଆୟୁଧ କରିବା ମାଇଚିଆ ମାନଙ୍କର କାମ ।

ଭାରି ଦିଲ୍‌ଦାର ସେ । ବଦଖର୍ଚ୍ଚୀ । ମନ ହୋଇଛିତ ଯେତେ ଖର୍ଚ୍ଚ ହେଉଛି ହୋଇଯାଉ । ପରୱା ନାହିଁ । ବେପରୁଆ ବାଦ୍‌ଶାହା ସେ । ଶତ୍ରୁକୁ ମଧ୍ୟ ସେ ପାଖକୁ ଡାକି ଚା ଯାଚିବାର ନଜିର୍ ରହିଛି । ତାଙ୍କରି ଚୌଦ୍ୱାର କାରଖାନାରେ ଶ୍ରମିକ ଆନ୍ଦୋଳନ ଆରମ୍ଭ ହୋଇଯାଏ । ଛାତ୍ରଜୀବନରେ ତାଙ୍କ ସାଙ୍ଗ ଭୁବନାନନ୍ଦ ହିଁ ଥିଲେ ଶ୍ରମିକ ଆନ୍ଦୋଳନର ନେତା । ବହୁ ବର୍ଷପରେ ଦୁହିଁଙ୍କର ସାକ୍ଷାତ୍ । ହଠାତ୍ ବିଜୁ ତାଙ୍କୁ ଡାକିଦେଲେ । ଏକାଠି ଚା'ପିଇବା, ତା ପରେ ଯାହା କରିବାର କରିବା, ଭୁବନାନନ୍ଦ ବିଜୁଙ୍କ ନିମନ୍ତ୍ରଣକୁ ସାଧାରଣ ଭାବେ ଗ୍ରହଣ କରିପାରୁନଥିଲେ । କାରଣ ବିଜୁ ଥିଲେ ପୁଞ୍ଜିପତି ଏବଂ ସେ ଥିଲେ ଦରିଦ୍ର ଶ୍ରମିକ ପ୍ରତିନିଧି ।

ବିଜୁ କହିଥିଲେ, ଆରେ ଭୁବନ, ଆମେ ପ୍ରଥମେ ବନ୍ଧୁ । ପରେ ମୁଁ ପୁଞ୍ଜିପତି ହୁଏ କି ତୁ ଦରିଦ୍ର ଶ୍ରମିକ ନେତା ହୁଅ । ସେଥିରେ ଯାଏ ଆସେ କ'ଣ ? ଆସ ! ମନଖୋଲି ଗପିବା, ଚା' ପିଇବା । ସେଇଆ ହେଲା । ବିଜୁ ଶ୍ରମିକ ନେତା, କାରଖାନା କର୍ମଚାରୀ ଏବଂ ପ୍ରତିନିଧିଙ୍କ ସହିତ ବସି ଚା' ପାନ କରିଥିଲେ । ତାଙ୍କ ଜୀବନରେ ଏମିତି ଅନେକ ଘଟଣାର ନଜୀର ରହିଛି ।

ବିରାଟ କଳିଙ୍ଗ ଶିଳ୍ପ ସାମ୍ରାଜ୍ୟର ଅଧିପତି ହୋଇ ମଧ୍ୟ ତାଙ୍କର ଏତେଟିକେ ଗର୍ବ ନଥିଲା ନିଜର ଅର୍ଥବଳ, ଶିଳ୍ପ କାରଖାନା, ଅଟ୍ଟାଳିକା ପାଇଁ । ନିଜର ପରିବାର କଥା ସେ କେବେ ବୁଝୁନଥିଲେ । ଧନ, ପଦପଦବୀର ଅହଂକାର ତାଙ୍କୁ କାବୁ କରିପାରି ନଥିଲା । ତାଙ୍କର ଜଣେ ବାଲ୍ୟ ବନ୍ଧୁଙ୍କର ଅକାଳ ବିୟୋଗ ପରେ ବନ୍ଧୁପତ୍ନୀ ତାଙ୍କ ପାଖରେ ପହ ୍ ସାହାଯ୍ୟ ମାଗିଥିଲେ ।

କହିବା ବାହୁଲ୍ୟ ଯେ ବ ୍ଥିବାଯାଏ ବିଜୁ ନିଜର ସେଇ ବନ୍ଧୁପତ୍ନୀ, ତାଙ୍କର ସନ୍ତାନ ସନ୍ତତି ମାନଙ୍କ ପାଇଁ ଅନୁଦାନ ପ୍ରଦାନ କରି ଆସୁଥିଲେ । ସେମାନଙ୍କ ସମସ୍ତ ଖର୍ଚ୍ଚ ବହନ କରି ପାଠ ପଢାଇ ମଣିଷ କରାଇଥିଲେ ।

ତାଙ୍କ ପାଖରେ ଧନୀ, ଗରିବ, ଉଚ୍ଚ ନୀଚ ଭାବ ନଥିଲା । ସମସ୍ତଙ୍କୁ ସେ ସମାନ ଦୃଷ୍ଟିରେ ଦେଖୁଥିଲେ । ସେ ନିଜର ଜନୈକ ଭୃତ୍ୟର ଉତ୍ସବରେ ଯୋଗଦାନ କରି ସମସ୍ତଙ୍କୁ ତଟସ୍ଥ କରିଦେଇଥିଲେ ।

ପାଣ୍ଠି ସଂଗ୍ରହ କରିବାରେ ଏବଂ ଦାନକରିବାରେ ତାଙ୍କ ପରି ଆଉ ଜଣେ ନେତା ହୁଏତ ସମଗ୍ର ବିଶ୍ୱରେ ବିରଳ କହିଲେ ଭୁଲ୍ ହେବ ନାହିଁ । ସେ ଅନେକ ଦଳ ଗଢିଛନ୍ତି । ଦଳ ପାଇଁ ପାଣ୍ଠି ସଂଗ୍ରହ କରିଛନ୍ତି । ଦଳୀୟ ନେତାମାନଙ୍କୁ ନିର୍ବାଚନ ଲଢିବାକୁ ମୁକ୍ତହସ୍ତରେ ଦାନ କରିଛନ୍ତି । କେବଳ ନିଜର ସ୍ୱାର୍ଥ ପାଇଁ ନୁହେଁ ନିଜ ଦଳ ପାଇଁ ନୁହେଁ, ଅନ୍ୟ ଦଳର ନେତାମାନଙ୍କୁ ମଧ୍ୟ ମୁକ୍ତ ହସ୍ତରେ ସହାୟତା ଯୋଗାଇ ଦେଇଛନ୍ତି । ବିଜୁଙ୍କ ଠାରୁ ସହଯୋଗ ନେଇ ନେତାମାନେ ଦିଲ୍ଲୀ, ବମ୍ବେ, ଆନ୍ଧ୍ର, ବିହାର, ପଶ୍ଚିମବଙ୍ଗ, କର୍ଣ୍ଣାଟକରେ ନିର୍ବାଚନ ଲଢିବାର ନଜୀର ରହିଛି ।

ସେ ଥିଲେ କୋଟି କୋଟି ଟଙ୍କାର ମାଲିକ । ବିରାଟ ଶିଳ୍ପ ସାମ୍ରାଜ୍ୟରେ ସୌଦାଗର । ସାଧାରଣ ଲକ୍ଷେ, ଦିଲକ୍ଷ, ପଚାଶ

ହଜାରକୁ ସେ ଭୃକ୍ଷେପ କରୁନଥିଲେ । ଥରେ ଜଣେ ଶିଳ୍ପପତି ତାଙ୍କୁ ଦୁଇଲକ୍ଷ ଟଙ୍କାର ଚେକ୍‌ଟିଏ ଦେଇଥିଲେ । ସେ ସଙ୍ଗେ ସଙ୍ଗେ ତାହା ଚିରି ତାଙ୍କରି ଆଗରେ ଫୋପାଡ଼ି ଦେଇ ନୀଳମଣିଙ୍କୁ କହିଥିଲେ, ଇଏ ମୋତେ ଦି'ଲକ୍ଷ ଦେଖାଉଛି ? ସେ କଂଗ୍ରେସ ରାଜନୀତିରୁ ଓହରି ଆସିଥିଲେ ମଧ ଅଧିକାଂଶ କଂଗ୍ରେସନେତା ତାଙ୍କଠାରୁ ସାହାଯ୍ୟ ଗ୍ରହଣ କରୁଥିଲେ ।

ତତ୍‌କାଳୀନ କଂଗ୍ରେସ ମୁଖପାତ୍ର ନ୍ୟାସ୍‌ନାଲ ହେରାଲଡ ପାଇଁ ବିଜୁ ଉମାଶଙ୍କର ଦୀକ୍ଷିତଙ୍କୁ ପଚାଶ ହଜାର ଟଙ୍କାର ଏକ ଚେକ୍ ଦେଇଥିଲେ । ଶ୍ରଦ୍ଧା ସହକାରେ ତାଙ୍କ ହାତରେ ନଦେଇ ଚେକ୍‌ଟିକୁ ତାଙ୍କ ଉପରକୁ ଏକପ୍ରକାର ।

## ବିଜୁଙ୍କର ରାଜନୈତିକ ଜୀବନର ଉନ୍ମେଷ ଓ ଉ ରଣ

ରାଜନୈତିକ ଜୀବନରେ ଉତ୍‌ଥାନ-ପତନ, ଘାତ-ପ୍ରତିଘାତ ରହିବ ହିଁ ରହିବ । ଏ ଦୁନିଆଁ ସ୍ୱାର୍ଥପର । ମଣିଷ ସୁବିଧାବାଦୀ । ରାଜନୀତି କରିବା ଓ ପଶା ଖେଳିବା ସମାନ । ଉଭୟ ହାର-ଜିତ ରହିଛି । ନେତା, ମନ୍ତ୍ରୀ ହେଲେ କେତେବେଳେ ଫୁଲମାଳ ପିନ୍ଧିବାକୁ ପଡ଼େ ତ କେତେବେଳେ ଢେଲା ମାଡ଼ ଖାଇବାକୁ ହୁଏ । ପୁଣି ରାଜନୀତି ଏକ ହାଓ୍ୱା । ବର୍ଷା ଯୁଆଡ଼େ ଛତା ସେ ଆଡ଼େ ଦେଖାଇ ଚତୁରତାର ସହିତ ଖେଳିପାରିଲେ ଜଣେ ବାଜିମାତ କରିପାରିବ । ନହେଲେ ଡିଗବାଜି ମାରି ଚିତ୍‌ପଟାଂ ହୋଇଯିବ । କ୍ଷମତା ପାଇଁ. ସ୍ୱାର୍ଥପାଇଁ ନେତାମାନେ ପାଗଳ ହୁଅନ୍ତି । କାହା ସହିତ ସାଲିସ୍ କରନ୍ତିତ କାହାକୁ ମାଲିସ୍ କରି ନିଜର ସ୍ୱାର୍ଥ ସାଧନରେ ଲାଗିପଡ଼ନ୍ତି । କ୍ଷମତାକୁ ଜାବୋଡ଼ି ଧରିବାକୁ ଆପ୍ରାଣ ଉଦ୍ୟମ କରନ୍ତି । କିନ୍ତୁ ବିଜୁବାବୁ ଥିଲେ ସ୍ୱତନ୍ତ୍ର ଭିନ୍ନ କିସମର ନେତା । ଜୀବନରେ ଯଦି ସେ ସାଲିସ୍ କରିଥାନ୍ତେ ଏବଂ ମାଲିସ୍ କରି କ୍ଷମତାରେ ରହି ଫାଇଦା ହାସଲ କରିବାକୁ ଇଚ୍ଛା କରିଥାନ୍ତେ ତେବେ ତାଙ୍କୁ ମୃତ୍ୟୁ ପର୍ଯ୍ୟନ୍ତ କେହି କ୍ଷମତାରୁ ହଟେଇପାରିନଥାନ୍ତେ । ସେ ଥିଲେ ପ୍ରବଳ ସ୍ୱାଭିମାନୀ । ମୂଲ୍ୟବୋଧ ଭ ିକ ରାଜନୀତିକୁ ପସନ୍ଦ କରୁଥିଲେ । ନିଜର ବିବେକ, ଆଦର୍ଶ, ନିଷ୍ଠା, ମାନବିକତାକୁ କେବେ କାହାପାଖରେ ବିକିଦେବାକୁ ଚାହୁଁନଥିଲେ ଯେଉଁଥିପାଇଁ ସେ ଜୀବନର ଅଧିକାଂଶ ସମୟ କ୍ଷମତା ବାହାରେ ରହି ମଧ ଜନ ସମର୍ଥନ ହାସଲ କରିବାକୁ ସମର୍ଥ ହୋଇ ପାରିଥିଲେ । ଓଡ଼ିଶାର ମଉଡ଼ମଣି, ପ୍ରବାଦପୁରୁଷ ସାଜି ପାରିଥିଲେ । ତାଙ୍କର ରାଜନୈତିକ ଜୀବନରେ ସେ ବହୁ ଘାତ-ପ୍ରତିଘାତର ସମ୍ମୁଖୀନ ହୋଇଥିଲେ ମଧ କେବେ ବିଚଳିତ ହୋଇନଥିଲେ । ସିଂହଛୁଆ କଳିଙ୍ଗ ଷଣ୍ଢ । ଷଣ୍ଢାଟେକି ଛାତିଫୁଲେଇ ଚାଲୁଥିଲେ ସମ୍ରାଟଙ୍କ ପରି । ଏଥିପାଇଁ ତାଙ୍କୁ କୁହାଯାଏ ଦ୍ୱିତୀୟ ଖାରବେଳ ।

୧୯୪୨ ମସିହାର ଐତିହାସିକ ଭାରତଛାଡ଼ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରି ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସାହାଯ୍ୟ କରି ୧୯୪୩ ରେ ବନ୍ଦୀ ହୋଇଥିଲେ ଇଂରେଜ ସରକାରଙ୍କ ଦ୍ୱାରା । ୧୯୪୫ ରେ କଟକ ଜେଲ୍‌ରୁ ମୁକ୍ତ ହେବାପରେ ସେ ରାଜନୈତିକ କ୍ଷେତ୍ରକୁ ପଦାର୍ପଣ କରିଥିଲେ । ଯଦି ସେ ରାଜନୀତିରେ ପ୍ରବେଶ ନକରି ଶିଳ୍ପ ଜଗତରେ ଆବଦ୍ଧ ହୋଇ ରହିଥାନ୍ତେ ତେବେ ବିଶ୍ୱରେ ଅନ୍ୟତମ ଶ୍ରେଷ୍ଠ ଶିଳ୍ପପତି ଭାବରେ ଅଧିଷ୍ଠିତ ହୋଇପାରିଥାନ୍ତେ । ମାତ୍ର ତାଙ୍କର ଜୀବନ କେବଳ ଶିଳ୍ପପତି ହେବାରେ ସୀମିତ ନଥିଲା । ତାଙ୍କ ଭାଗ୍ୟରେ ଲେଖାଥିଲା ସେ ହେବେ ଓଡ଼ିଶାର ପ୍ରବାଦ ପୁରୁଷ । ରାଜନୀତି ରଙ୍ଗମ ର ମୁଖ୍ୟ ନାୟକ । କୋଟି କୋଟି ଜନତାଙ୍କର ମଉଡ଼ମଣି । ମନନୟନ ତାରା । ସେୟା ହେଲା । ସେ ନିଜସ୍ୱ ଶିଳ୍ପ କାରଖାନା ଗଢିବା ଦିଗରେ ଆଉ ମନ ନବଳାଇ ରାଜନୀତିରେ ପ୍ରବେଶ କଲେ ।

ଜଣେ ସୁଦକ୍ଷ ସୁଚତୁର ବୈମାନିକରୁ ଜନପ୍ରିୟ ରାଜନୀତିଜ୍ଞ ହେବା କମ୍ କଥା ନୁହେଁ । ଭାରତର ଲୌହମାନବୀ ବିଶ୍ୱବନ୍ଦିତା ନାରୀ ନେତ୍ରୀ ପ୍ରଧାନମନ୍ତ୍ରୀ ଇନ୍ଦୀରା ଗାନ୍ଧିଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ରାଜୀବ ଯେତେବେଳେ ପ୍ରଧାନମନ୍ତ୍ରୀ ଆସନ ଅଳଂକୃତ କଲେ ସେତେବେଳେ ରାଜନୈତିକ ଦିବ୍ୟଦ୍ରଷ୍ଟାଗଣ ତାଙ୍କୁ ଭିନ୍ନ ଦୃଷ୍ଟିରେ ଦେଖିଥିଲେ । ମନ୍ତବ୍ୟ ଦେଇଥିଲେ ପାଇଲଟ ହୋଇ ବିମାନ ଚଳାଇବା ଆଉ ଦେଶର କର୍ଣ୍ଣଧାର ହୋଇ ଦେଶ ଚଳାଇବା ଏକାକଥା ହୋଇ ନପାରେ । କିନ୍ତୁ ବିଜୁ ଯେତେବେଳେ ପାଇଲଟରୁ ରାଜନୀତି କରିବା ପାଇଁ ଆଗେଇ ଆସିଲେ ସେତେବେଳେ କେହି ମନ୍ତବ୍ୟ ଦେବାକୁ ସାହସ କରିନଥିଲେ । କାରଣ ବିଜୁ ଇଂରେଜ ସରକାରଙ୍କ ଅଧୀନରେ ପାଇଲଟ ଭାବରେ ଅବସ୍ଥାପିତ ହୋଇ ମଧ ଭାରତର ସ୍ୱାଧୀନତା ସଂଗ୍ରାମକୁ ନୂଆ ମୋଡ଼ ଦେଇଥିଲେ । ସେ ଆକାଶରେ ଉଡ଼ିବାକୁ ଚାହୁଁଥିଲେ ନିଜର ବିଳାସ ପାଇଁ ନୁହେଁ ଦେଶପାଇଁ, ଜାତିପାଇଁ, ନିଜ ଲୋକମାନଙ୍କର ଉନ୍ନତି ପାଇଁ । ପଣ୍ଡିତ ନେହେରୁଙ୍କର ସେ ଥିଲେ ହାତ, ଆଖି, କାନ, ମନ , ହୃଦୟ, ସବୁକିଛି । ନେହେରୁ ତାଙ୍କ ସହିତ ପରାମର୍ଶ କରୁଥିଲେ । ତାଙ୍କୁ ବିଭିନ୍ନ ସ୍ଥାନକୁ ପଠାଉଥିଲେ । ରାଜନୀତିରେ ପ୍ରବେଶ କରିବା ଆଗରୁ ସେ ଅନେକ ପରୀକ୍ଷାରେ ନିଜର ଦକ୍ଷତା ପ୍ରମାଣିତ କରିସାରିଥିଲେ ।

ବିଜୁଙ୍କର ରାଜନୈତିକ ଗୁରୁ ଥିଲେ ଉତ୍କଳ କେଶରୀ ଡଃ ହରେକୃଷ୍ଣ ମହତାବ ଯିଏକି ସ୍ୱାଧୀନୋ ର ଓଡ଼ିଶାର ପ୍ରମୁଖ ରାଜନୀତିଜ୍ଞ ତଥା ମଧବ ୀ ସରକାରର ମୁଖ୍ୟ-ମନ୍ତ୍ରୀ ଥିଲେ । ସେ ବହୁ ଯୁବକଙ୍କୁ ରାଜନୀତି ମଧକୁ ଟାଣି ଆଣିଥିଲେ । ବିଜୁ ଥିଲେ ତାଙ୍କରି ସଫଳ ଆବିଷ୍କାର । ସେ କେବେ ହେଲେ ବିଜୁଙ୍କୁ ବିଜୁ ବୋଲି ଡାକୁ ନଥିଲେ । ସର୍ବଦା ବିଜୟ ବୋଲି କହୁଥିଲେ । କାରଣ ବିଜୟର ଅର୍ଥ ବିଜୟ । ଜିତାପଟ । ଭାରତର ସ୍ୱାଧୀନତା ପ୍ରାପ୍ତି ସମୟରେ ବିଜୁ ଥିଲେ ଡଃ ମହତାବଙ୍କର କାୟାର ଛାୟା । ତାଙ୍କର ପ୍ରାଇଭେଟ୍ ସେକ୍ରେଟାରୀଭାବେ କାମ କରୁଥିଲେ । ଡଃ ମହତାବଙ୍କର ପ୍ରେରଣା, ପଣ୍ଡିତ ନେହେରୁଙ୍କର ଶୁଭାଶିଷ ଏବଂ ବହୁ ରାଷ୍ଟ୍ରୀୟ ସ୍ୱାଧୀନତା ସଂଗ୍ରାମୀଙ୍କର ଶ୍ରଦ୍ଧା, ସଦିଚ୍ଛାକୁ ସମ୍ବଳ କରି ସେ ରାଜନୀତିକୁ ଆପଣେଇ ନେଲେ । ୧୯୪୬ ରେ ପ୍ରଥମ କରି ପ୍ରୋଭିନ୍‌ସିଏଲ୍ ଓଡ଼ିଶା ଆସେମ୍ବ୍ଲିକୁ କଟକ ଆସନରୁ ନିର୍ବାଚିତ ହେଲେ ।

ସ୍ୱାଧୀନତା ପରେ ୧୯୪୭ ରେ ସେ ପୁଣି କଟକ ଆସନରୁ ନିର୍ବାଚିତ ହୋଇ ନିଜର ଜନପ୍ରିୟତା ପ୍ରମାଣିତ କଲେ । ୧୯୫୨ ରେ ସେ ନିଜର ପୂର୍ବ ପୁରୁଷଙ୍କ ଭିଟାମାଟି ଭଞ୍ଜନଗର ଆସନରୁ ନିର୍ବାଚନ ଲଢ଼ି ବିଜୟ ହାସଲ କଲେ । ତାପରେ ସେ ଆଉ ପଛକୁ ଫେରି ଚାହିଁ ନାହାଁନ୍ତି । ଗୋଟିକ ପରେ ଗୋଟିଏ ପାହାଚ ଅତିକ୍ରମ କରି ସେ ରାଜନୀତିର ଶୀର୍ଷ ସୋପାନରେ ପହ ୍ ପାରିଛନ୍ତି । ରାଜ୍ୟ ଏବଂ କେନ୍ଦ୍ରରେ କ୍ଷମତା ହାସଲ କରିଛନ୍ତି । ଅନେକ ଉତ୍‌ଥାନ ପତନ ମଧରେ ଗତି କରିଛନ୍ତି । ପ୍ରବଳ ଜନ ସମର୍ଥନ ହାସଲ କରିଛନ୍ତି ପୁଣି ବହୁ ନିନ୍ଦା-ଅପବାଦର ଶରବ୍ୟ ହୋଇଛନ୍ତି । କିନ୍ତୁ କେବେହେଲେ ନିଜର ଲକ୍ଷ୍ୟ ପଥରୁ ବିଚ୍ୟୁତ ହୋଇନାହାନ୍ତି । ନିଜର ଆଦର୍ଶକୁ ବଳି ଦେଇ ନାହାଁନ୍ତି । କ୍ଷମତା ପାଇଁ କାହାରି ଅନୁଗ୍ରହ ପ୍ରାର୍ଥନା କରି ନାହାଁନ୍ତି । କାହା ସହିତ ସାଲିସ୍ କରିନାହାଁନ୍ତି । ଏକା ଏକା ଏକଲବ୍ୟ ପରି ଆଗେଇ ଚାଲିଛନ୍ତି ଜୀବନର ଶେଷଲଗ୍ନ ଯାଏ ତାଙ୍କର ମରଶରୀର ପବିତ୍ର ସର୍ଗଦ୍ୱାରରେ ମିଶିଯିବା ଯାଏ । ସେ ପାଲଟି ଯାଇଛନ୍ତି ଅନନ୍ୟ, ଅସାଧାରଣ, ଅପ୍ରତିଦ୍ୱନ୍ଦୀ ରାଷ୍ଟ୍ରନାୟକ, ଜିତିବାରେ ରେକର୍ଡ଼ କରିଛନ୍ତି ହାରିବାରେ ମଧ ରେକର୍ଡ଼ କରିଛନ୍ତି ।

୧୯୪୭ ରୁ ୧୯୬୦ ପର୍ଯ୍ୟନ୍ତ ଜାତୀୟ କଂଗ୍ରେସ ଓଡ଼ିଶାର ଶାସନ କ୍ଷମତା ଅକ୍ତିୟାର କରିଥିଲେ ମଧ ଏକକ ସଂଖ୍ୟାଗରିଷ୍ଠତା ହାସଲ କରିବାକୁ ସକ୍ଷମ ହୋଇପାରି ନଥିଲେ । ଏଇଥି ପାଇଁ ତତ୍‌କାଳୀନ ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ ଓଡ଼ିଶା କଂଗ୍ରେସ ନେତାମାନଙ୍କୁ ସଂପୂର୍ଣ୍ଣ ରୂପେ ଭରସା କରିପାରୁ ନଥିଲେ । ଏହାର ସୁଯୋଗ ନେଲେ ବିଜୁ । ନେହେରୁଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଲେ ଯେ ଯଦି ତାଙ୍କୁ ଦାୟିତ୍ୱ ଦିଆଯାଏ ତେବେ ସେ ଓଡ଼ିଶାରେ କଂଗ୍ରେସର ସ୍ୱରୂପ ବଦଳାଇ ଦେବେ । ୧୯୬୧ ରେ ବିଜୁ ଓଡ଼ିଶା ପ୍ରଦେଶ କଂଗ୍ରେସର ସଭାପତି ଭାବେ ଅଧିଷ୍ଠିତ ହେଲେ ଏବଂ ତାଙ୍କରି ନେତୃତ୍ୱରେ କଂଗ୍ରେସ ଦଳ ଓଡ଼ିଶାର ମଧବ ୀ କାଳୀନ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହେଲା । ବିଜୁଙ୍କ କରିସ୍ମା ସମସ୍ତଙ୍କୁ ସ୍ତବ୍ଧଚକିତ କରିଦେଲା ।

ସେ ପର୍ଯ୍ୟନ୍ତ ଓଡ଼ିଶା ରାଜନୀତିର ମୁଖ୍ୟ ନାୟକ ଥିଲେ ଡଃ ମହତାବ, ନବକୃଷ୍ଣ ଚୌଧୁରୀ ଏବଂ ବିଶ୍ୱନାଥ ଦାସ । ଜନସାଧାରଣଙ୍କ ଦୃଷ୍ଟିରେ ସେଇମାନେ ହିଁ ଥିଲେ ପୋଖତ, ଅଭିଜ୍ଞ, ପ୍ରବୀଣ ନେତା । ରାଜନୀତି କ'ଣ ସେମାନେ ଜାଣନ୍ତି । ଶାସନ କ'ଣ ସେମାନେ ଜାଣନ୍ତି । ବିଜୁଙ୍କୁ କେହି ନେତାଭାବରେ ନୁହେଁ ବରଂ ଜଣେ ଦୁଃସାହସୀ ଦକ୍ଷ ପାଇଲଟ, ଶିଳ୍ପପତି ଭାବରେ ଗ୍ରହଣ କରି ନେଇଥିଲେ । ସମସ୍ତଙ୍କର ଚିନ୍ତା, ଚେତନା, ପରିକଳ୍ପନାକୁ ବଦଳାଇ ଦେଲେ ବିଜୁ । ତାଙ୍କର ସାଂଗଠନିକ ଦକ୍ଷତା, ନୂଆ ନୂଆ ସ୍ଲୋଗାନ, ନୂତନ ଚିନ୍ତାଧାରା ସମସ୍ତଙ୍କୁ ଆକର୍ଷିତ କଲା । ପ୍ରାଦେଶିକ ଏବଂ ରାଷ୍ଟ୍ରୀୟ ସ୍ତରର କଂଗ୍ରେସ ନେତାମାନେ ମଧ କଳ୍ପନା କରି ନଥିଲେ ଯେ ବିଜୁଙ୍କ ନେତୃତ୍ୱରେ ତାଙ୍କ ଦଳ ଏଭଳି କମାଲ ଦେଖାଇ ପାରିବ । ବିଜୁ ହେଲେ ସର୍ବ ଜନପ୍ରିୟ, ସର୍ବବାଦୀ ରାଜନୀତିଜ୍ଞ, ତାଙ୍କୁ ବାଧାଦେବା ସକାଶେ କେହି ସାହସ କଲେ ନାହିଁ ।

ତାଙ୍କର ନୂତନ ସ୍ଲୋଗାନ, "ମୋ ହାତ ମୁଠାକୁ ଟାଣକର । ମୋ ଦଳକୁ ଭୋଟ ଦେଇ ଜୟଯୁକ୍ତ କରାଅ । ମୁଁ ସବୁ ଚାଳ ଛପର ଘର ବଦଳରେ ଟାଇଲ ଘର କରିଦେବି । ଘରେ ଘରେ ଦିନରାତି ଝଲମଲ କରିବ ବିଜୁଳିବତୀ । ଗରିବ ହୋଇ କେହି ରହିବେ ନାହିଁ । ଭୋକ ଉପାସରେ କେହି ମରିବେ ନାହିଁ । ଖଣି, ଖାଦାନ, ଶିଳ୍ପ କାରଖାନା ଗଢ଼ିବି । ଓଡ଼ିଶାକୁ ବମ୍ବେ (ଏବର ମୁମ୍ବାଇ) ବନେଇ ଦେବି " ଓଡ଼ିଶାର ଭୋଟର ମାନଙ୍କୁ ଆକର୍ଷିତ କଲା । ସେ ଯୁଆଡ଼େ ଗଲେ ହଜାର ହଜାର ଲୋକଙ୍କର ସୁଅ ଛୁଟିଲା । ତାଙ୍କ ଦଳ ଆଶାତୀତ ସଫଳତା ହାସଲ କରି ବିଧାନସଭାରେ ସଂଖ୍ୟାଗରିଷ୍ଠ ହେଲା । ସେ ହେଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ।

କିନ୍ତୁ ଏଥିରେ ସନ୍ତୁଷ୍ଟ ହୋଇ ପାରିଲେନି ତାଙ୍କର ରାଜନୈତିକ ଗୁରୁ ଡଃ ହରେକୃଷ୍ଣ ମହତାବ । ବିଜୁ ନିଜ ଗୁରୁଙ୍କ ଚିତା କାଟିଛନ୍ତି ବୋଲି ପ୍ରଚାରିତ ହେଲା । ଡଃ ମହତାବଙ୍କ ନେତୃତ୍ୱରେ କିଛି କଂଗ୍ରେସ ନେତା ତାଙ୍କର ବିରୋଧାଚରଣ କଲେ । ତଥାପି ବିଜୁ ସେଥିରେ ବିଚଳିତ ହେଲେ ନାହିଁ ।

୧୯୬୧ ଜୁନ୍ ୨୩ ତାରିଖରେ ଓଡ଼ିଶାର ତତ୍‌କାଳୀନ ରାଜ୍ୟପାଳ ମହାମହିମ ଅଯୋଧ୍ୟାନାଥ ଖୋସଲା ତାଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ପାଠ କରାଇଲେ । ସେତେବେଳେ ଭାରତର ଅନ୍ୟରାଜ୍ୟ ମାନଙ୍କରେ ଯେଉଁ ବିଜ୍ଞ ପ୍ରବୀଣ ରାଜନୀତିଜ୍ଞ ମାନେ ମୁଖ୍ୟମନ୍ତ୍ରୀ ରୂପେ ଅବସ୍ଥାପିତ ହୋଇଥିଲେ ସେମାନଙ୍କ ସହିତ ପାଦମିଳାଇ କାନ୍ଧକୁ କାନ୍ଧ ମିଶାଇ ଚାଲିବାକୁ ସକ୍ଷମ ହେଲେ ବିଜୁ । ସେମାନଙ୍କ ମଧ୍ୟରେ ଥିଲେ ବି.ପି. ଚେଲିହା, ପ୍ରତାପ ସିଂହ କାଇରୋଁ, ମୋରାରଜୀ ଦେଶାଇ, ବିଧାନ ଚନ୍ଦ୍ର ରାୟ, ଗୋବିନ୍ଦ ବଲ୍ଲଭ ପନ୍ଥ, ପଣ୍ଡିତ ରବିଶଙ୍କର ଶୁକ୍ଳା ଆଦି । ସେମାନଙ୍କ ସହିତ ସମକକ୍ଷ ହେଲେ କଳିଙ୍ଗ ସମ୍ରାଟ ବିଜୁ । ଅତୀତର ଗୌରବ ଏବଂ ବୈଭବକୁ ଫେରାଇ ଆଣିବା ପାଇଁ ସେ ଉଦ୍ୟମ ଆରମ୍ଭ କରିଦେଲେ । ଗରିବ ଓଡ଼ିଶାର ରୂପ ରଙ୍ଗ ବଦଳାଇ ଦେବାକୁ ବଦ୍ଧ ପରିକର ହେଲେ । ବ୍ୟାପକ ଖଣି, ଖାଦାନ, ଶିଳ୍ପ ପ୍ରତିଷ୍ଠା କରିଚାଲିଲେ । ନିଜର ନିର୍ବାଚନ ମଣ୍ଡଳୀ ଚୌଦ୍ୱାରକୁ ଶିଳ୍ପ ସମୃଦ୍ଧ କରି ଗଢି ତୋଳିଲେ । ସମଗ୍ର ଭାରତର ଦୃଷ୍ଟି ଆକର୍ଷଣ କଲା ଚୌଦ୍ୱାରର ଶିଳ୍ପ କାରଖାନା । ଲୋକେ କୁହାକୁହି ହେଲେ ଏମିତିକା ଉନ୍ନତି ସମ୍ଭବ ହେଲେ ବିଜୁ ନିଶ୍ଚିତ ଓଡ଼ିଶାକୁ ବମ୍ବେ ବନେଇ ପାରିବେ । ତାଙ୍କ ପ୍ରତି ସବୁରି ଭରସା ଆସିଲା । ଅଜାଡ଼ି ହୋଇପଡ଼ିଲା ଶ୍ରଦ୍ଧା, ସଦିଚ୍ଛା ।

ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ସେ ଅନେକ ନୂତନ ଯୋଜନାର ଶୁଭାରମ୍ଭ କଲେ । ଦାରିଦ୍ର୍ୟ ଦୂରୀକରଣ ସକାଶେ ବ୍ୟାପକ ଶିଳ୍ପାୟନ ଉପରେ ଗୁରୁତ୍ୱ ଦେଲେ । ପ୍ରଶାସନର ଧାରାକୁ ସଂପୂର୍ଣ୍ଣ ବଦଳାଇ ଦେଲେ । କ୍ଷୁଦ୍ର ଶିଳ୍ପ ଏବଂ ଭାରିଶିଳ୍ପ ପ୍ରତିଷ୍ଠା ପାଇଁ ବହୁ ଶିଳ୍ପପତି ଏବଂ ସଂସ୍ଥାମାନଙ୍କୁ ନିମନ୍ତ୍ରଣ କଲେ । ରାଉରକେଲାରେ ନିର୍ମାଣାଧୀନ ଥିବା ଲୌହ ଇସ୍ପାତ କାରଖାନା ଏବଂ ହୀରାକୁଦ ବନ୍ଧର କାର୍ଯ୍ୟକୁ ତ୍ୱରାନ୍ୱିତ କରାଇଥିଲେ । କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାଇ ଓଡ଼ିଶାର ସୁନାବେଡ଼ାଠାରେ ମିଗ୍ ବିମାନ କାରଖାନା, ରାଉରକେଲାଠାରେ ଆ ଳିକ ଯାନ୍ତ୍ରିକ ମହାବିଦ୍ୟାଳୟ, ଭୁବନେଶ୍ୱରରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା କରାଇ ଥିଲେ । ନିଜସ୍ୱ ଉଦ୍ୟମରେ ଆମେରିକାର ମାସେଚୁସେଟ୍‌ସ ଯାନ୍ତ୍ରିକ ମହାବିଦ୍ୟାଳୟ ସହିତ ରାଉରକେଲା ଯାନ୍ତ୍ରିକ ମହାବିଦ୍ୟାଳୟକୁ ସମକକ୍ଷ କରାଇବାରେ ସକ୍ଷମ ହୋଇଥିଲେ । ସେ ବାଲିମେଳା ବହୁମୁଖୀ ଜଳ ବିଦ୍ୟୁତ ଯୋଜନା, ତାଳଚେରରେ ତାପଜ ବିଦ୍ୟୁତ ପରିଯୋଜନା କାର୍ଯ୍ୟକାରୀ କରାଇଥିଲେ । ସବୁଠାରୁ ବଡ଼ କଥା ହେଉଛି ମହାନଦୀ ମୁହାଣରେ ବଙ୍ଗୋପସାଗର କୂଳରେ ପାରାଦ୍ୱୀପ ବନ୍ଦର ପ୍ରତିଷ୍ଠା । ଏହା ତାଙ୍କୁ ଚିର ଅମର କରି ରଖିବ । ବିଜୁ ଉଦ୍ୟମ କରି ନଥିଲେ ଯେ ପାରାଦ୍ୱୀପ ବନ୍ଦର ପ୍ରତିଷ୍ଠିତ ହୋଇ ପାରିନଥାନ୍ତା ଏହା ନିଃସନ୍ଦେହରେ କୁହାଯାଇପାରେ । ଏକ୍‌ସପ୍ରେସ୍ ହାଇୱେ ତାଙ୍କରି କୃତିତ୍ୱ । ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ଓଡ଼ିଶାର ଶିଳ୍ପ, ବାଣିଜ୍ୟ, କଳା, ସଂସ୍କୃତି, ସାହିତ୍ୟ, ଅର୍ଥନୀତି ସମୃଦ୍ଧ ହୋଇଥିଲା ।

କିନ୍ତୁ ଦୁଃଖର କଥା ଯେ ବିଜୁ ବେଶୀକାଳ ପାଇଁ ମୁଖ୍ୟମନ୍ତ୍ରୀ ପଦରେ ରହିପାରିଲେ ନାହିଁ । ତାଙ୍କର ବିରୋଧୀମାନେ ତାଙ୍କ ବିରୁଦ୍ଧରେ ନାନା ଚକ୍ରାନ୍ତ ଆରମ୍ଭ କରିଦେଲେ । କାମରାଜ ଯୋଜନାନୁସାରେ ଦଳକୁ ଅଧିକ ମଜବୁତ କରିବା ପାଇଁ ମୂଲ୍ୟବୋଧ ଭି ିକ ରାଜନୀତିର ପ୍ରତିଷ୍ଠା ପାଇଁ ବିଜୁ ଇସ୍ତଫା ଦେଲେ ୧୯୬୩ ଅକ୍ଟୋବର ୨ ତାରିଖରେ । ୧୯୬୧ ଜୁନ୍ ୨୧ ରୁ ୧୯୬୩ ଅକ୍ଟୋବର ୨ ଏଇ ସ୍ୱଳ୍ପ ବ୍ୟବଧାନର ମୁଖ୍ୟମନ୍ତ୍ରୀତ୍ୱ କାଳରେ ବିଜୁ ଓଡ଼ିଶା ପାଇଁ ଯାହା କରି ଯାଇଛନ୍ତି ହୁଏତ ବିଶ୍ୱର ଅନ୍ୟ କୌଣସି ଦେଶରେ କେହି ସଫଳ ହୋଇନଥିବେ । ବିଜୁ ଇସ୍ତଫା ଦେବାପରେ ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ ହେଲେ ବୀରେନ୍ ମିତ୍ର ଯିଏକି କଟକ ଆସନରୁ ପ୍ରତିନିଧିତ୍ୱ କରୁଥିଲେ ।

ବୀରେନ୍ ଭିନ୍ନ ପ୍ରକୃତିର ମଣିଷ ଥିଲେ । ସେ ବିଜୁଙ୍କ ବ୍ୟତୀତ ଅନ୍ୟ କାହାକୁ ମାନୁନଥିଲେ । ଆଇନ୍, କାନୁନ୍, ଶାସନ ଅପେକ୍ଷା ସେ ବିଜୁଙ୍କ କଥାକୁ ଅଧିକ ଗୁରୁତ୍ୱ ଦେଉଥିଲେ, ବିରୋଧିମାନଙ୍କୁ ଏହା ଖୋରାକ୍ ଯୋଗାଇଲା । ସେମାନେ ପ୍ରଚାର କଲେ ଯେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ର ନୁହଁନ୍ତି ବରଂ ପରୋକ୍ଷରେ ଥାଇ ବିଜୁ ହିଁ ଶାସନ କରୁଛନ୍ତି । ବିଜୁଙ୍କର ଏ ଯୋଜନା ବେଶୀକାଳ ତିଷ୍ଠି ପାରିଲା ନାହିଁ । ୧୯୬୪ ରେ ଓଡ଼ିଶାର ଛାତ୍ର ଆନ୍ଦୋଳନ ତାଙ୍କର ସବୁ ପ୍ରସିଦ୍ଧି, ସୁନାମକୁ ଧୂଳିରେ ମିଶାଇ ଦେଲା । ସାମାନ୍ୟ ଘଟଣାକୁ ନେଇ ପୋଲିସ ଅତ୍ୟାଚାର ବିରୁଦ୍ଧରେ ଛାତ୍ରମାନଙ୍କର ପ୍ରତିବାଦକୁ ଗ୍ରହଣ କରି ନେଇଥିଲେ ହୁଏତ ପରିସ୍ଥିତି ଅଲଗା ହୋଇଥାନ୍ତା । ମାତ୍ର ବୀରେନ ମିତ୍ର ନିଜ ଜିଦ୍‌ରେ ଅଟଳ ରହିଲେ । ପୋଲିସ୍ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ । ବିଜୁଙ୍କର ବାମ ଏବଂ ଡାହାଣ ହାତ ସଦୃଶ ଥିଲେ ବୀରେନ୍ ମିତ୍ର ଏବଂ ନୀଳମଣି ରାଉତରାୟ ଯେଉଁମାନେ କି କ୍ଷମତାର ବଳୟ ଭିତରେ ରହି ଦୁର୍ନୀତିର ଗନ୍ତାଘର ପାଲଟି ଯାଇଥିଲେ ।

ଶିଷ୍ୟ ବିରୁଦ୍ଧରେ ପ୍ରଚାର କରିବାକୁ ଆଗେଇ ଆସିଲେ ବିଜୁଙ୍କର ରାଜନୈତିକ ପ୍ରତିଦ୍ୱନ୍ଦୀ ଡଃ ମହତାବ । ଛାତ୍ର ଆନ୍ଦୋଳନର ନିଆଁ କୁହୁଳି ସମଗ୍ର ଓଡ଼ିଶାର ଗଳିକନ୍ଦିରେ ଗ୍ରାମା ଳ ଠାରୁ ସହରା ଳଯାଏ, ପ୍ରାଥମିକ ସ୍ତରରୁ ବିଶ୍ୱବିଦ୍ୟାଳୟ ଯାଏ ଲେଲିହାନ ଶିଖା ତୋଳି ଜଳି ଉଠିଲା । ସ୍ଲୋଗାନ ଗୁଡ଼ିକ ଏମିତି ଥିଲା ଯେ ତାହା ଆନ୍ଦୋଳନକୁ ଇନ୍ଧନ ଯୋଗାଇଲା । ସେଗୁଡ଼ିକର ସ୍ୱର ଖୁବ୍ ତୀବ୍ରତର ଥିଲା । "ଓଡ଼ିଶାରେ କିଏ ଛତରା ? ବିଜୁ-ବୀରେନ୍-ରାଉତରା ।" ବିଜୁ ବୀରେନ୍ କେଉଁଠି ? ମଦଭାଟି ଯେଉଁଠି ।" ଯେଉଁ ବିଜୁଙ୍କର

୧୯୬୧ ର ସ୍ଲୋଗାନ ଜନଗଣଙ୍କୁ ବିମୋହିତ କରିଥିଲା, ତାଙ୍କ ଆଡ଼କୁ ଆକର୍ଷିତ କରିଥିଲା ସେ ବିଜୁଙ୍କ ବିରୁଦ୍ଧରେ ଲୋକେ ସଂଗଠିତ ହେଲେ । ଏହାର ଏକମାତ୍ର କାରଣ ଥିଲା ବିଜୁ ତାଙ୍କର ନିର୍ବାଚନୀ ପ୍ରତିଶ୍ରୁତି ଗୁଡ଼ିକୁ ସଠିକ୍ ଭାବରେ ପୂରଣ କରି ପାରିନଥିଲେ । ବୃହତର ସ୍ୱାର୍ଥ ଦୃଷ୍ଟିରୁ ଓଡ଼ିଶାର ସମୃଦ୍ଧି କଥା ଚିନ୍ତା କରୁଥିବା ବିଜୁ ଏତେ ଅଳ୍ପ କାଳର କ୍ଷମତା ହାତରେ ଧରି ସାଧାରଣ ଜନତାଙ୍କ ପାଇଁ କିଛି କରିପାରିନଥିଲେ ।

ଯେଉଁମାନେ ବିଜୁଙ୍କୁ ତୁଳନା କରୁଥିଲେ ମହାମେଘବାହନ ଐର ଖାରବେଳଙ୍କ ସହିତ, କହୁଥିଲେ ବିଜୁ ହେଉଛନ୍ତି ନବ ଉତ୍କଳର ମହାନ ନିର୍ମାତା, ସେଇମାନେ ଘୋଷଣା କଲେ । ବିଜୁ-ବୀରେନ୍-ରାଉତରା ଏ ରାଜ୍ୟର ନାଦୀର ଶାହ, ମହମ୍ମଦ, ଚେଙ୍ଗିଜ ଖାଁ ।

ବିଜୁ ପୂର୍ବପରି ନେହେରୁଙ୍କୁ ପ୍ରଭାବିତ କରିପାରିଲେନି । ଯଦିଓ ବୀରେନ ଥିଲେ ଏକାନ୍ତ ଭାବରେ ବିଜୁଙ୍କର ଅନୁଗତ ସେ ମଧ ବିଜୁଙ୍କ ସ୍ୱପ୍ନକୁ ସାକାର ରୂପ ଦେବା ପାଇଁ ଆଖି ଦୃଶିଆ କିଛି କରିପାରିଲେନି । ତେବେ ବିଜୁ ସବୁ ନିନ୍ଦା ଅପବାଦକୁ ମୁଣ୍ଡେଇନେଲେ ନିର୍ବିକାର ଭାବେ ଭୁବନେଶ୍ୱରଠାରେ ଅଲ୍ ଇଣ୍ଡିଆ କଂଗ୍ରେସ କନ୍‌ଫରେନ୍ସ ଆୟୋଜନରେ ଲାଗିପଡ଼ିଲେ । ତାଙ୍କର ଉଦ୍ଦେଶ୍ୟ ଥିଲା ଏହା ଫଳରେ ସେ ନିଜର ପୂର୍ବ ପ୍ରତିଷ୍ଠା ଏବଂ ଭାବମୂର୍ତି ପୁଣି ଥରେ ଫେରିପାଇବେ । ମାତ୍ର ବିଧି ବାମ ହେଲା । ଭାଗ୍ୟ ତାଙ୍କ ସହିତ ଲୁଚକାଳି ଖେଳିଲା । ସେ ନିଜର ସମସ୍ତ ଶକ୍ତି ଖଟେଇ ଭୁବନେଶ୍ୱର କଂଗ୍ରେସ ଅଧିବେଶନକୁ ସାଫଲ୍ୟ ମଣ୍ଡିତ କରାଇ ପାରିଥିଲେ । ଜାତୀୟ ନେତାମାନେ ତାଙ୍କର ପ୍ରଶଂସାରେ ଶତମୁଖ ହୋଇ ଉଠିଥିଲେ । କିନ୍ତୁ ଭୁବନେଶ୍ୱରରୁ ଫେରିବାପରେ ନେହେରୁଙ୍କର ମହାପ୍ରୟାଣ ଘଟିଲା । ତାଙ୍କର ଉ ରାଧିକାରୀ ଲାଲବାହାଦୂରଙ୍କର ବିଜୁଙ୍କ ଉପରେ ଭଲ ଧାରଣା ନଥିଲା । ବିରୋଧୀ ବାଲାଏ ସେମାନଙ୍କର ଅଭିଯାନକୁ ଅଧିକ ତ୍ୱରାନ୍ୱିତ କଲେ । ଫଳରେ ଲାଲବାହାଦୂର ବୀରେନଙ୍କୁ ହଟାଇ ସଦାଶିବ ତ୍ରିପାଠୀଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ଅବସ୍ଥାପିତ କଲେ । ସେ କଂଗ୍ରେସ ନାବକୁ କୂଳରେ ଲଗାଇ ପାରିଲେନି । ବିଜୁ, ବୀରେନ୍ ରାଉତରାୟଙ୍କ ପାଇଁ କଂଗ୍ରେସ ବୁଡ଼ିଗଲା ବୋଲି ଧାରଣା ସୃଷ୍ଟି ହେଲା । ବିଜୁ କଂଗ୍ରେସ ଦଳରେ ଏକଘରିଆ ହୋଇପଡ଼ିଲେ । ୧୯୬୭ ନିର୍ବାଚନରେ ଡଃ ମହତାବଙ୍କର ଜନକଂଗ୍ରେସ ଏବଂ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କର ସ୍ୱତନ୍ତ୍ର ପାର୍ଟି ମିଶି ଓଡ଼ିଶାରେ ପ୍ରଥମ ମିଳିତ ମନ୍ତ୍ରୀମଣ୍ଡଳ ଗଠନ କଲେ । ଚୁକ୍ତି ଅନୁସାରେ ରାଜେନ୍ଦ୍ର ନାରାୟଣ ସିଂହଦେଓ ହେଲେ ମୁଖ୍ୟମନ୍ତ୍ରୀ ଏବଂ ପବିତ୍ର ମୋହନ ଜନକଂଗ୍ରେସ ପକ୍ଷରୁ ହେଲେ ଉପମୁଖ୍ୟମନ୍ତ୍ରୀ ।

ବିଜୁ ୧୯୬୭ ନିର୍ବାଚନରେ ପାଟକୁରା ଆସନରୁ ହାରିଲେ । ମାତ୍ର ପରବର୍ଷ ସେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ । ୧୯୭୧ ନିର୍ବାଚନରେ ସେ ଚାରୋଟି ବିଧାନସଭା ଏବଂ ଗୋଟିଏ ଲୋକସଭା ଆସନରେ ଅବତୀର୍ଣ୍ଣ ହୋଇଥିଲେ ନିଜ ପ୍ରତିଷ୍ଠିତ ଉତ୍କଳ କଂଗ୍ରେସ ପ୍ରାର୍ଥୀ ଭାବରେ । ଦୁଃଖ ଏବଂ ପରିତାପର ବିଷୟ ସେ ସବୁ ଆସନରେ ହାରି ଯାଇଥିଲେ ଯଦିଓ ତାଙ୍କ ଦଳ ବେଶ୍ ଭଲ ଫଳାଫଳ ହାସଲ କରିଥିଲା । ଡଃ ମହତାବଙ୍କ ପ୍ରରୋଚନାରେ ତତ୍‌କାଳୀନ ଗୃହମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପବିତ୍ର ମୋହନ ପ୍ରଧାନ ବିଜୁଙ୍କ ବିରୁଦ୍ଧରେ ଖାନ୍ନା କମିଶନ ବସାଇଥିଲେ । ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ମଧ ଏହାକୁ ସ୍ୱୀକୃତି ଦେଇଥିଲେ । ଅଭିଯୋଗ ହୋଇଥିଲା ଯେ ବିଜୁ ବହୁ ଦୁର୍ନୀତି ସହିତ ଜଡ଼ିତ । କୋଟି କୋଟି ଟଙ୍କା ହଡପ କରିଛନ୍ତି ରାଜକୋଷରୁ । ଖାନ୍ନା କମିଶନ ୧୯୬୬ ଅକ୍ଟୋବର ୨୬ ରେ କାର୍ଯ୍ୟଭାର ଗ୍ରହଣ କରି ୧୯୬୯ ଜାନୁୟାରୀରେ ତାଙ୍କର ରିପୋର୍ଟ ଦାଖଲ କରିଥିଲା । ଏଇ ଚଉଦ ମାସ ସମୟ ବିଜୁଙ୍କୁ ଚଉଦ ବର୍ଷ ପରି ଲାଗିଥିଲା । ନିନ୍ଦା ଅପବାଦର ଡେଙ୍ଗୁରା ଚାରିଆଡ଼େ ବାଜୁଥିଲା ତାଙ୍କ ନାମରେ । ରାମଚନ୍ଦ୍ର ଚଉଦବର୍ଷ ବନବାସ ସାରି ଅଯୋଧା ଫେରିଆସିବା ପରି ଚଉଦମାସ ପରେ ବିଜୁ ପୁଣି ନୂଆ ଭାବରେ ନିଜକୁ ଉପସ୍ଥାପିତ କରିବାକୁ ସୁଯୋଗ ପାଇଲେ । ଖାନ୍ନା କମିଶନ ତାଙ୍କ ବିରୁଦ୍ଧରେ କୌଣସି ପ୍ରକାର ଦୁର୍ନୀତି ପ୍ରମାଣିତ କରିପାରି ନଥିଲେ । ଏହା ଥିଲା ଏକ ସୁପରିକଳ୍ପିତ ଚକ୍ରାନ୍ତ । ତାଙ୍କର ରାଜନୈତିକ ଗୁରୁ ଏବଂ ବିରୋଧୀମାନେ ମିଶି ତାଙ୍କୁ ରାଜନୀତିରୁ ସଂପୂର୍ଣ୍ଣ ରୂପେ ହଟାଇ ଦେବା ପାଇଁ ବିଧିବଦ୍ଧ ଯୋଜନ କରିଥିଲେ । କାରଣ ସେମାନେ ଭଲ ଭାବରେ ଜାଣିଥିଲେ ଯେ ବିଜୁଙ୍କ ଆଗରେ ତାଙ୍କର ଚାଲାଖି ଚଳିପାରିବ ନାହିଁ । ବିଜୁଙ୍କ ବିରୁଦ୍ଧରେ ଦୁର୍ନୀତି ପ୍ରମାଣିତ ହୋଇପାରିଲାନି । ବିଜୁ ହୁଏତ ସେ ସମୟରେ କିଛି ଚମତ୍କାର ଦେଖାଇ ପାରିଥାନ୍ତେ । ମାତ୍ର ଭାଗ୍ୟ ତାଙ୍କ ପ୍ରତି ସହାୟ ହେଲା ନାହିଁ । ସେ କ୍ଷମତାକୁ ଫେରିପାରିଲେ ନାହିଁ । ୧୯୭୧ ଉପନିର୍ବାଚନରେ ସେ ରାଜନଗରରୁ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହେଲେ ।

୧୯୭୪ ରେ ସେ ପୁଣିଥରେ ପାଟକୁରା ଆସନ ବଜାୟ ରଖିଲେ ଏବଂ ଓଡ଼ିଶା ବିଧାନସଭାରେ ବିରୋଧୀଦଳର ନେତୃତ୍ୱ ନେଲେ । ଉତ୍କଳ କଂଗ୍ରେସ ଓ ସ୍ୱତନ୍ତ୍ର ପାର୍ଟିର ମିଶ୍ରଣରେ ଗଠିତ ପ୍ରଗତି ଦଳ ଲୋକଙ୍କର ବିଶ୍ୱାସ ଜିତିବାରେ ସକ୍ଷମ ହୋଇପାରିଲାନି । ୧୯୭୫ ରେ ଭାରତର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦୀରା ଗାନ୍ଧୀ ଦେଶରେ ଜରୁରୀ ପରିସ୍ଥିତି ଜାରି କଲେ । ଗଣତନ୍ତ୍ରର ଗଳାରୁଦ୍ଧ କରାଗଲା । ବିଜୁଙ୍କ ସମେତ ସମଗ୍ର ଦେଶର ବହୁ ପ୍ରତିଷ୍ଠିତ ଜନପ୍ରିୟ ନେତାଙ୍କୁ ଗିରଫ କରି ଜେଲ୍‌ର ଅନ୍ଧାରୀ କୋଠରୀକୁ ପଠାଇ

ଦିଆଗଲା । ମୌଳିକ ଅଧିକାର କ୍ଷୁର୍ଣ୍ଣ ହେଲା । ୧୯୭୭ ରେ କେନ୍ଦ୍ରରେ କଂଗ୍ରେସ ଦଳ ମୂଳପୋଛ ହୋଇଗଲା । ବହୁ ଦଳ ମିଶି ନୂତନ ଭାବରେ ଜନତା ଦଳ ପ୍ରତିଷ୍ଠା କଲେ । ତାର ପ୍ରତିଷ୍ଠାତା ସଦସ୍ୟ ଭାବରେ ବିଜୁଙ୍କର ପ୍ରଭାବ କେନ୍ଦ୍ରୀୟ ରାଜନୀତିରେ ଦୃଢ଼ୀଭୂତ ହେଲା । ଓଡ଼ିଶାରେ ମଧ୍ୟ ତାଙ୍କ ଦଳ ଶାସନ କ୍ଷମତା ଫେରି ପାଇଲା । ଦୀର୍ଘ ୧୫ ବର୍ଷ ପରେ ସେ କେନ୍ଦ୍ରରେ କ୍ୟାବିନେଟ ମନ୍ତ୍ରୀ ହୋଇ ଖଣି ଓ ଇସ୍ପାତ ଭଳି ଗୁରୁତ୍ୱ ପୂର୍ଣ୍ଣ ବିଭାଗର ଦାୟୀତ୍ୱ ନିର୍ବାହ କଲେ । କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ହେଲେ ମୋରାରଜୀ ଦେଶାଇ ।

କିନ୍ତୁ ୧୯୮୦ରେ ଦେଶର ଅବସ୍ଥା ପୁଣିଥରେ ବଦଳିଗଲା । ଇନ୍ଦୀରାଗାନ୍ଧୀ ତାଙ୍କର ପୂର୍ବାବସ୍ଥା ଫେରି ପାଇଲେ । ବହୁଦଳରୁ ଆସି ଜନତାଦଳ ଗଠନ କରି କେନ୍ଦ୍ରର ଶାସନ ଡୋରୀ ହାତେଇ ଥିବା ନେତା ମାନଙ୍କ ମଧ୍ୟରେ ତାଳମେଳ ରହିଲା ନାହିଁ । ଦେଶର ସ୍ୱାର୍ଥ ଅପେକ୍ଷା ସେମାନେ ଆପଣା ସଂକୀର୍ଣ୍ଣ ସ୍ୱାର୍ଥରେ ମାତିଲେ । ଜନତାଦଳ ଶାସନ ଭୁଷୁଡ଼ି ପଡ଼ିଲା । ବିଭାଜିତ ହେଲା । ଇନ୍ଦୀରାଙ୍କ ନେତୃତ୍ୱରେ କେନ୍ଦ୍ରରେ କଂଗ୍ରେସ ସରକାର ଗଠିତ ହେଲା । ବିଜୁ କିନ୍ତୁ ପ୍ରବଳ ଇନ୍ଦୀରାହାୱା ସତ୍ତ୍ୱେ କେନ୍ଦ୍ରାପଡ଼ା ସିଟ୍ ବଜାୟ ରଖିଲେ । ୧୯୮୪ ଅକ୍ଟୋବର ୩୧ ରେ ଇନ୍ଦୀରା ନିହତ ହେବା ପରେ ପୁଣି ନିର୍ବାଚନ ହେଲା । ସମଗ୍ର ଦେଶରେ ଇନ୍ଦୀରା ପୁତ୍ର ରାଜୀବଙ୍କ ପାଇଁ ଅନୁକମ୍ପା ମୂଳକ ବାତାବରଣ ସୃଷ୍ଟି ହେଲା । ତଥାପି ବିଜୁ ଓଡ଼ିଶାର ବିରୋଧୀ କଂଗ୍ରେସ ପ୍ରାର୍ଥୀଭାବରେ କେନ୍ଦ୍ରାପଡ଼ାରୁ ଜିତି ହ୍ୟାଟ୍ରିକ୍ କରିଥିଲେ । ତାଙ୍କ ପ୍ରାଣ ସର୍ବଦା ଓଡ଼ିଶା ଏବଂ ଓଡ଼ିଆଙ୍କ ପାଇଁ କାନ୍ଦୁଥିଲା । ଏଣୁ ସେ ୧୯୮୫ ରେ ଲୋକସଭାରୁ ଇସ୍ତଫା ଦେଇ ରାଜ୍ୟବାସୀଙ୍କ ସେବା ପାଇଁ ଭୁବନେଶ୍ୱର ବିଧାନସଭା ଆସନରୁ ନିର୍ବାଚିତ ହେଲେ ।

୧୯୯୦ରେ ତାଙ୍କର ଓଡ଼ିଶା ବଞ୍ଚାଅ ଆହ୍ୱାନ ପୁଣିଥରେ ଓଡ଼ିଶାବାସୀଙ୍କୁ ଉଦ୍‌ବୃଦ୍ଧ କଲା । ତାଙ୍କ ଜନତାଦଳ ଓଡ଼ିଶାରେ ବିପୁଳବିଜୟ ହାସଲ କଲା । ସେ ଦ୍ୱିତୀୟଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆସନ ଅଳଂକୃତ କଲେ ୧୯୯୦ ମାର୍ଚ୍ଚ ୫ ତାରିଖରେ ଠିକ୍ ତାଙ୍କରି ଜନ୍ମତିଥିରେ । ୧୪୭ ଆସନ ମଧ୍ୟରୁ ୧୨୩ ଆସନ ଲାଭ କରିବା ଏକ ସର୍ବକାଳୀନ ରେକର୍ଡ଼ । ଏହାକୁ ହୁଏତ ଭବିଷ୍ୟତରେ ମଧ୍ୟ ଆଉ କୌଣସି ଦଳ ବା ନେତା ଭାଙ୍ଗିପାରିବା ଆଦୌ ସମ୍ଭବ ନୁହେଁ ।

ଦ୍ୱିତୀୟବାର ମୁଖ୍ୟମନ୍ତ୍ରୀ ହେବାପରେ ସେ ତାଙ୍କର ଅଧୁରା ସ୍ୱପ୍ନ ସବୁକୁ ସାକାର କରିବା ପାଇଁ ଅଙ୍ଗୀକାର ବଦ୍ଧ ହୋଇ ଦ୍ୱିଗୁଣ ଉତ୍ସାହରେ ଲାଗି ପଡ଼ିଲେ । ବୃଦ୍ଧ ବୟସରେ ମଧ୍ୟ ଯୁବକ ଭଳି କାର୍ଯ୍ୟକ୍ଷମ ଓ ଚଳଚଞ୍ଚଳ ହୋଇଉଠିଲେ । ରାଜ୍ୟର ରାସ୍ତାଘାଟ, ବିଜୁଳି ବ୍ୟବସ୍ଥା, ଶିକ୍ଷା, ସ୍ୱାସ୍ଥ୍ୟ, କୃଷିର ଉନ୍ନତି ପାଇଁ ଗୁରୁତ୍ୱ ଦେଲେ । ଦିନ ମଜୁରିଆ ମାନଙ୍କର ମଜୁରୀ ବଢ଼ାଇଲେ । ନିର୍ମଳ ପ୍ରଶାସନ ଦେବା ପାଇଁ ଶାସନ କ୍ଷେତ୍ରରେ ଅନେକ ସଂସ୍କାର ଆଣିଲେ । ଓଡ଼ିଶାର ୧୩ଟି ଜିଲ୍ଲାକୁ ଭାଙ୍ଗି ୩୦ଟି ଜିଲ୍ଲାରେ ପରିଣତ କଲେ । ପାରାଦ୍ୱୀପ ବନ୍ଦରରେ ଐତିହାସିକ କଳିଙ୍ଗ ବାଲିଯାତ୍ରାର ଶୁଭାରମ୍ଭ କରି ଅତୀତର ଗର୍ବ ଗୌରବକୁ ଫେରାଇ ଆଣିବାକୁ ଯତ୍ନ କଲେ । ଇଣ୍ଡୋନେସିଆର ଯୁଗପୁରୁଷ ଡଃ ସୁକର୍ଣ୍ଣୋଙ୍କର ପୁତ୍ରୀ ମେଘାବତୀ ସୁକର୍ଣ୍ଣୋପୁତ୍ରୀ ଏବଂ ଅନ୍ୟ ଅଧିକାରୀଙ୍କୁ ଅଣାଇ ପାରାଦ୍ୱୀପରେ ବିରାଟ ବାଲିଯାତ୍ରା ଉତ୍ସବର ଆୟମାରମ୍ଭ କଲେ । ସେବେ ଠାରୁ ଅଦ୍ୟାବଧି ଖୁବ୍ ଜାକଜମକରେ ପାରାଦ୍ୱୀପରେ ବାଲିଯାତ୍ରା ଅନୁଷ୍ଠିତ ହୋଇଆସୁଛି । ରାଜ୍ୟରେ ଦ୍ୱିତୀୟ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ଆପ୍ରାଣ ଉଦ୍ୟମ କଲେ । ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଲେ । ରାଜ୍ୟର ତିନିହଜାର ଉଚ୍ଚ ବିଦ୍ୟାଳୟ ଏବଂ ପ୍ରାଥମିକ ବିଦ୍ୟାଳୟକୁ ସରକାରୀ ଘୋଷଣା କଲେ ଯାହା ହୁଏତ କେବେ କାହା ପକ୍ଷରେ ସମ୍ଭବ ହୋଇପାରି ନଥାନ୍ତା ।

ସେ ଥିଲେ ଜଣେ ଦୃଢ଼ମନା ବେପରୁଆ ବ୍ୟକ୍ତି । ଯାହା କହୁଥିଲେ ରୋକ୍‌ଠୋକ୍ । ଯାହା ନିଷ୍ପତ୍ତି ନେଉଥିଲେ ବେଧଡ଼କ । କୋଟେରୀ ଗୋଷ୍ଠୀକୁ ପସନ୍ଦ କରୁନଥିଲେ । କହାକୁ ଖାତିର କରୁନଥିଲେ । ଅପ୍ରିୟ ସତ୍ୟ ପ୍ରକାଶ କରି ଦେଉଥିଲେ । ତାଙ୍କ ପାଖରେ ଗୋପନୀୟତା ବୋଲି କିଛି ନଥିଲା । ଶେଷ ଆଡ଼କୁ ତାଙ୍କ କଥା ଓ କାମରେ ତାଳମେଳ ରହିଲା ନାହିଁ । କେତେକ ତାଙ୍କୁ ଆଡ଼ବାୟା ବୋଲି ଆଖ୍ୟା ଦେଲେ । ପେଞ୍ଚ ପାଞ୍ଚ, ଟାଉଟରୀ ତାଙ୍କୁ ଜଣାନଥିଲା । ତାଙ୍କ ଜୀବନ ଥିଲା ଏକ ଖୋଲା ପୃଷ୍ଠା । ସେଥିରେ ସ୍ପଷ୍ଟବାଦୀ, ନିର୍ଭୀକ, ସାହସୀ, ଧୈର୍ଯ୍ୟବାନ । ତାଙ୍କୁ କିଏ ସମାଲୋଚନା କରୁ, ନିନ୍ଦାକରୁ ବା ପ୍ରଶଂସା କରୁ ସେଥିରେ ତାଙ୍କର ମନ ବିଚଳିତ ହେଉନଥିଲା । ସେଥିଲେ ସବୁ କ୍ଷେତ୍ରରେ ନିର୍ବିକାର ।

ଦେଶର ପ୍ରଚଳିତ ଅବସ୍ଥା, ଶାସନ କ୍ଷେତ୍ରରେ ସ୍ଥାଣୁତା, ଅଗ୍ରଗତିର ବାଧା ଦେଖି ସାମରିକ ଶାସନ ପାଇଁ ପ୍ରସ୍ତାବ ଦେଇଥିଲେ । ଚାକିରୀ କ୍ଷେତ୍ରରେ ମହିଳା ମାନଙ୍କ ପାଇଁ ତିରିଶ ଭାଗ ସ୍ଥାନ ସଂରକ୍ଷଣ କରିବା ଆବଶ୍ୟକ ବୋଲି କହି ସମାଲୋଚିତ ହୋଇଥିଲେ । ତୈଳ ସଂରକ୍ଷଣ ପାଇଁ ସେ ନିଜେ ସାଇକେଲରେ ସଚିବାଳୟକୁ ଯାଆ ଆସ କରିବା, ରିକ୍‌ସାରେ ଆସି ରିକ୍‌ସାବାଲାକୁ ଶହେ ଟଙ୍କା ଦେବା, କାହାକୁ ମାଡ଼ ଦେଇ ହଜାରେ ଟଙ୍କା ପୁରସ୍କାର ଦେବା, ଦୁର୍ନୀତିଗ୍ରସ୍ତ ଅଫିସର ମାନଙ୍କୁ ମାଡ଼ ଦେବା କଥା କହି ସଚିବାଳୟରେ

ନିଜେ କର୍ମଚାରୀଙ୍କ ରୋଷର ଶିକାର ହେବା ଆଦିକୁ ନେଇ କେତେକ ତାଙ୍କୁ ଆଡ଼୍ପାଗଳା ତୋଗଲକ ବୋଲି ସମାଲୋଚନା କରିଥିଲେ । ସେ କିନ୍ତୁ କୌଣସି କଥାକୁ ଗୁରୁତ୍ୱ ଦେଉନଥିଲେ । ନିଜ ନୀତି, ଆଚରଣ ଏବଂ ନିଷ୍ପତ୍ତିରେ ଅଟଳ ଅବିଚଳ ରହୁଥିଲେ । ସର୍ବଦା ଛାତି ଫୁଲାଇ ମୁଣ୍ଡଟେକି ରାଜାପରି ବାଟ ଚାଲୁଥିଲେ । ସେ ପାଗଳ ରାଜା ହୁଅନ୍ତୁ ବା ସମାଲୋଚକଙ୍କ ଦୃଷ୍ଟିରେ ପ୍ରବଳ ଆତ୍ମକୈନ୍ଦ୍ରିକ ହୁଅନ୍ତୁ ସର୍ବଦା ସାଧାରଣ ଜନତାଙ୍କ ଦୃଷ୍ଟିରେ ପୂଜନୀୟ, ବନ୍ଦନୀୟ ହୋଇ ରହିଛନ୍ତି ଏକଥା ସମସ୍ତେ ସ୍ୱୀକାର କରିବାକୁ ବାଧ ।

ଯେଉଁମାନଙ୍କୁ ସେ ରାଜନୀତିକୁ ଆଣିଥିଲେ, ଯେଉଁମାନଙ୍କୁ ସେ ବିଭିନ୍ନ କ୍ଷେତ୍ରରେ ସୁଯୋଗ ଦେଇଥିଲେ ସେମାନେ ଆପଣାର ନ୍ୟସ୍ତ ସ୍ୱାର୍ଥ ପାଇଁ ତାଙ୍କ ସହିତ ବେଇମାନୀ କଲେ ଯାହା ଫଳରେ ୧୯୯୫ ନିର୍ବାଚନରେ ପୁଣିଥରେ ତାଙ୍କ ଦଳ ପରାଜୟ ବରଣ କରିବାକୁ ବାଧ ହେଲା । ସେ କିନ୍ତୁ ୧୯୯୫ ରେ ତାଙ୍କର ଭୁବନେଶ୍ୱର ସିଟ୍ ବଜାୟ ରଖି ହାଟ୍ରିକ୍ କରିଥିଲେ ।

୧୯୯୬ ରେ ସେ ଓଡ଼ିଶାର ଦୁଇଟି ଲୋକସଭା ଆସନରୁ ଜିତି ନିଜର କରିସ୍ମା ଦେଖାଇଥିଲେ । ଦକ୍ଷିଣ ଓଡ଼ିଶାର ଆସ୍କା ଓ କଟକ ଆସନରୁ ବିଜୟୀ ହୋଇ ତାଙ୍କ ନେତୃତ୍ୱ, ବ୍ୟକ୍ତିତ୍ୱ ଏବଂ ଜନପ୍ରିୟତାର ପ୍ରମାଣ ଦେଇଥିଲେ । ତାଙ୍କ ବିରୁଦ୍ଧରେ ପ୍ରଚାର କରିବାକୁ ଆସିଥିବା କେନ୍ଦ୍ରୀୟ ନେତା ପି.ଭି. ନରସିଂହରାଓ, ଅଟଳ ବିହାରୀ ବାଜପେୟୀଙ୍କ ସମସ୍ତ ଉଦ୍ୟମ ବିଫଳ ହୋଇଥିଲା । ଏହାଥିଲା ବିଜୁଙ୍କର ଶେଷ ନିର୍ବାଚନ । ସେ କଟକ ଆସନରୁ ଇସ୍ତଫା ଦେଇ ଆସିକା ଲୋକସଭା ଆସନ ବଜାୟ ରଖିଥିଲେ ।

୧୯୯୭ ଏପ୍ରିଲ୍ ୧୭ ତାରିଖରେ ବିଜୁଙ୍କର ମହାପ୍ରୟାଣ ଘଟିଲା । ତାଙ୍କର ଅବର୍ତ୍ତମାନରେ ପ୍ରମାଣିତ ହୋଇଗଲା ତାଙ୍କର ଜନପ୍ରିୟତା । ସମଗ୍ର ଓଡ଼ିଶା ନୁହେଁ , ସମଗ୍ର ଭାରତ ନୀରବ ନିସ୍ତବ୍ଧ ହୋଇ ଗଲା ଦୁଃଖରେ, ଅନୁଶୋଚନାରେ । ତାଙ୍କର ସମାଲୋଚକ, ନିନ୍ଦୁକ, ବିରୋଧୀମାନେ ମଧ ଭାଙ୍ଗିପଡିଲେ ଆତ୍ମଗ୍ଲାନୀରେ । ଜଳିଲେ ଅନୁତାପାନଳରେ । ସବୁରି ଶ୍ରଦ୍ଧା, ଅନୁକମ୍ପା ଅଜାଡ଼ି ହୋଇପଡ଼ିଲା । ୧୯୯୭ ରେ ଲୋକସଭା ଉପନିର୍ବାଚନରେ ବିଜୁଙ୍କ ପୁଅ ନବୀନ ଯିଏକି ରାଜନୀତି କ'ଣ ଜାଣିନଥିଲେ ଏବଂ ପ୍ରଥମ କରି ଜନତା ଦଳର ମଙ୍ଗ ସମ୍ଭାଳିଥିଲେ । ଆସ୍କା ଆସନରୁ ଜିତିଲେ ଏବଂ ୧୯୯୮ ନିର୍ବାଚନରେ ମଧ ତାଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ୯ଟି ଏବଂ ଏହାର ମେଣ୍ଟ ଭୁକ୍ତ ବି.ଜେ.ପି ୭ଟି ଆସନରୁ ବିଜୟ ହାସଲ କରିଥିଲେ । ଏହା ନବୀନଙ୍କ ପାଇଁ ନୁହେଁ ବରଂ ସମ୍ଭବ ହୋଇଥିଲା ବିଜୁଙ୍କର ଜନପ୍ରିୟତା, ନିଷ୍ଠା ଏବଂ ଆଦର୍ଶ ପାଇଁ ।

## ପଞ୍ଚ ମହାଭୂତରେ ଲୀନ ମହାରଥୀ ବିଜୁ

ବିଜୁ ଥିଲେ ଓଡ଼ିଶାର ଗର୍ବ ଓ ଗୌରବ । ବିଜୟର ପ୍ରତୀକ । ବୀର ଖାରବେଳଙ୍କର ଦାୟାଦ । କଳିଙ୍ଗର ଅଜେୟ ବୀର । ଓଡ଼ିଆଙ୍କର ସ୍ୱାଭିମାନ । ସେ ଥିଲେ ସର୍ବକାଳୀନ ସର୍ବବାଦୀ ନେତା । ଜନଗଣମନର ଦେବତା । ସର୍ବହରାର ସାଥୀ, ବହୁଘାତ ପ୍ରତିଘାତ, ଝଡଝଞ୍ଜା, ଉତ୍ଥାନ ପତନ, ଜୟ-ପରାଜୟ ମଧ ଦେଇ ଗତିକରିଥିଲେ ମଧ ଜୀବନର ଶେଷ ଲଗ୍ନ ପର୍ଯ୍ୟନ୍ତ ସେ ଗର୍ବର ସହିତ ମୁଣ୍ଡ ଟେକି ଚାଲିଥିଲେ । କେବେ କୌଣସି ପରିସ୍ଥିତିରେ ଭାଙ୍ଗିପଡ଼ି ନଥିଲେ । କାହାର ଦୟା, ଅନୁକମ୍ପା ଗ୍ରହଣ କରିନଥିଲେ । ମୁଣ୍ଡ ନୁଆଁଇ ନଥିଲେ କାହା ପାଖରେ । ହାତ ପାତି ନଥିଲେ । କାହାର ଦୟା, ଅନୁକମ୍ପା ଗ୍ରହଣ କରିନଥିଲେ । କ୍ଷମତା ପାଇଁ ସେ ନେହେରୁ, ଇନ୍ଦୀରା, ମୋରାରଜୀଙ୍କ ପାଖରେ ମଧ ମୁଣ୍ଡ ନୁଆଁଇ ନଥିଲେ । ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ସେ ଚାହିଁଥିଲେ ଅନେକ କିଛି କରିପାରିଥାନ୍ତେ । ଅନ୍ୟମାନଙ୍କ ଅନୁଗ୍ରହ କାମନା କରି କ୍ଷମତା ରାଜନୀତିର ଶୀର୍ଷ ସୋପାନରେ ଅଧିଷ୍ଠିତ ହୋଇପାରିଥାନ୍ତେ । ମାତ୍ର ସେ ନିଜ ପାଇଁ କିଛି ବି ଚାହିଁନଥିଲେ । ଯାହା ଚାହିଁଥିଲେ କେବଳ ଓଡ଼ିଶା ପାଇଁ, ଓଡ଼ିଆଙ୍କ ପାଇଁ ।

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପରେ ବିଜୁ ଥିଲେ ଦ୍ୱିତୀୟ ଓଡ଼ିଆ ପୁଅ ଯିଏକି ସମସ୍ତ ପ୍ରକାର ଆତ୍ମକୈନ୍ଦ୍ରିକ ସ୍ୱାର୍ଥ, କ୍ଷମତା ଲାଳସାରେ ଉର୍ଦ୍ଧ୍ୱରେ ରହି ଓଡ଼ିଆଙ୍କର ସ୍ୱାଭିମାନକୁ ବଜାୟ ରଖିଥିଲେ । ମାଲିସ୍, ସାଲିସ୍, ପାଲିସ୍ କୋଉଥିରେ ହେଲେ ସେ ନିଜକୁ ସାମିଲ୍ କରିନଥିଲେ । ଚାମଚାଗିରିକୁ ସେ ଆଦୌ ପସନ୍ଦ କରୁନଥିଲେ । କାହା ଆଗରେ ଗୋଡ଼ ଭାଙ୍ଗି ଛିଡ଼ା ହୋଇ ନାହାଁନ୍ତି । ଏଭଳିକି ନିଜର ବସମାନଙ୍କ ପାଖରେ ମଧ ମୁଣ୍ଡନୁଆଁଇ ନାହାଁନ୍ତି । ରୋକ୍ଠୋକ୍ ଜବାବ୍ ଦେଇଛନ୍ତି ମୁହେଁ ମୁହେଁ । ଖାଣ୍ଟି ଅପ୍ରିୟ ସତ୍ୟ କହି ଜୀବନରେ ଅନେକ ଶତ୍ରୁ ଗୁଣ୍ଡେଇଛନ୍ତି ବରଂ କେବେ ମିଥ୍ୟାର ଆଶ୍ରୟ ନେଇ ନାହାନ୍ତି ।

ନିଜର ନୀତି, ଆଦର୍ଶ, ନିଷ୍ଠାରୁ ଟଳି ନାହାଁନ୍ତି । ଯେତେବେଳେ ଯାହା ନିଷ୍ପତ୍ତି ନେଇଛନ୍ତି ସେଥିରେ ଅବିଚଳିତ ରହିଛନ୍ତି । ଝଡ଼ ଆସୁ, ବତାସ ଆସୁ, ପୃଥ୍ୱୀ ପ୍ରଳୟ ହୋଇଯାଉ, ତାଙ୍କର କିଛି ଯାଏ ଆସେନା । ସେ ନିଜର କର୍ତ୍ତବ୍ୟ କରିଚାଲନ୍ତି । ସେ ଥିଲେ ଜଣେ

ବାସ୍ତବ ନେତା । କେବେ କାହାର ଅଧୀନତା ସ୍ୱୀକାର କରିନାହାଁନ୍ତି । ସର୍ବଦା ନେତୃତ୍ୱ ନେଇଛନ୍ତି ବା ପରିସ୍ଥିତିର ଚାପରେ ନେତା ଗଢ଼ିଛନ୍ତି ଯେଉଁମାନେ କି ତାଙ୍କର ବିନା ପରାମର୍ଶରେ ପାଦେ ଆଗେଇବାକୁ ସାହସ କରିନାହାଁନ୍ତି । ପ୍ରତ୍ୟେକ୍ଷରେ ହେଉ ବା ପରୋକ୍ଷରେ ହେଉ ସେହିଁ ନେତୃତ୍ୱ ବଜାୟ ରଖିଛନ୍ତି ।

ମଧୁବାବୁ ଯେମିତି କେବଳ ଓଡ଼ିଶା ପାଇଁ, ଓଡ଼ିଆଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ଆଜୀବନ ଉଦ୍ୟମ କରିଥିଲେ, ଲଢ଼ିଥିଲେ ଠିକ୍ ସେହିପରି ବିଜୁ ମଧ ଜୀବନଯାକ ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଓଡ଼ିଶା ଓ ଓଡ଼ିଆଙ୍କ ପାଇଁ ସଂଗ୍ରାମ ଜାରି ରଖିଥିଲେ । ତାଙ୍କର ଦ୍ୱିତୀୟବାର ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଯେତେବେଳେ କେନ୍ଦ୍ରରେ ଚନ୍ଦ୍ରଶେଖରଙ୍କ ନେତୃତ୍ୱରେ କଂଗ୍ରେସର ବାହ୍ୟ ସମର୍ଥନରେ ଶାସନ ପରିଚାଳିତ ହେଉଥିଲା ସେତେବେଳେ ବିଜୁବାବୁ ରୋକ୍‌ଠୋକ୍ ଘୋଷଣା କରିଥିଲେ ଯଦି କେନ୍ଦ୍ର ଓଡ଼ିଶା ପ୍ରତି ବୈମାତୃକ ମନୋଭାବ ପୋଷଣ କରେ ଏବଂ ଓଡ଼ିଶାକୁ କେନ୍ଦ୍ରୀୟ ସାହାଯ୍ୟରୁ ବ ୍ଚିତ କରେ ତେବେ ଓଡ଼ିଶାବାସୀ ବାଧ ହେବେ ମହାଭାରତୀୟ ସ୍ରୋତରୁ ଅଲଗା ହୋଇ ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିବା ପାଇଁ । ବିଜୁଙ୍କ ବ୍ୟତୀତ ହୁଏତ ଓଡ଼ିଶାର ଅନ୍ୟ କୌଣସି ମୁଖ୍ୟମନ୍ତ୍ରୀ ଏ ପ୍ରକାର ରୋକ୍‌ଠୋକ୍ କଥା କେନ୍ଦ୍ରର ପ୍ରଧାନମନ୍ତ୍ରୀଙ୍କୁ କହିବାକୁ ସାହସ କରିପାରିନଥାନ୍ତେ । ସେ ଥିଲେ ଦୁଃସାହସର ଜ୍ୱଳନ୍ତ ଦୃଷ୍ଟାନ୍ତ । ଯେମିତି ଉଦାର, ସେମିତି ରକ୍ଷ, କଠୋର । ସେ ଥିଲେ ଓଡ଼ିଶାର ମିଜାଜୀ ସମ୍ରାଟ । ବେତାବ୍ ବାଦ୍‌ଶାହ । ଚରମ ଖାମଖିଆଲି । କାହାକୁ ପା ମାଗିଲେ ପା ହଜାର ଫିଙ୍ଗି ଦେଉଥିଲେ ତ କାହାକୁ ସ୍ପଷ୍ଟ ମନା କରି ଦେଉଥିଲେ ।

ସେ ଯାଚକର ମୁଖମଣ୍ଡଳକୁ ଚାହିଁ ଦେଇ ତାର ଅନ୍ତରକୁ ପଢ଼ି ପାରୁଥିଲେ । ତାଙ୍କୁ କେହି ଠକିବାକୁ ଚେଷ୍ଟା କରି ମଧ ଠକେଇ ପାରୁନଥିଲେ । କେତେକ ତାଙ୍କୁ ଆତ୍ମଗର୍ବୀ, ଫୁଟାଣିଆ, ଉଦ୍ଧତ, ନିଷ୍ଠୁର ବୋଲି ସମାଲୋଚନା କରୁଥିଲେ । ଏହା ନିଛିକ ମିଥ୍ୟା । କାରଣ ସେ ଗର୍ବ କରୁଥିଲେ କେବଳ ନିରୁତା ଓଡ଼ିଆଭାବେ । ଓଡ଼ିଆଙ୍କ ସ୍ୱାଭିମାନର ସୁରକ୍ଷା ପାଇଁ । ତା ଛଡ଼ା ସେ ନିଜେ ଅନୁଭବ କରିଥିଲେ ଯେଉଁ ମଣିଷର ଆତ୍ମସମ୍ମାନ ନଥାଏ, ଯାହାର ନିଜ ତଉପରେ ଭରସା ଓ ବିଶ୍ୱାସ ନଥାଏ, ଯିଏ ନିଜର ଦକ୍ଷତା ପ୍ରମାଣିତ କରିବାକୁ ସତ୍‌ସାହାସ କରିପାରେନା, ଯିଏ ପରକଥା ଶୁଣି ବିଚଳିତ ହୋଇପଡ଼େ, ଯିଏ ତୋଷାମଦିଆଙ୍କ ଚକ୍ରାନ୍ତର ଶିକାର ହୁଏ ସେ ଜୀବନରେ ଉପରକୁ ଉଠିପାରେ ନାହିଁ । ତାର ମଣିଷ ପଣିଆ ନଥାଏ । ଏ ଦୃଷ୍ଟିରୁ ସେଥିଲେ ଖା ି ମର୍ଦ୍ଦ । ପୁରୁଷ ପୁଙ୍ଗବ । ମାଇଚିଆଙ୍କ ପରି ଗୋଟିଏ କଥା କହି କାମରେ ଅନ୍ୟ ପ୍ରକାର ଆଚରଣ ଦେଖାଉ ନଥିଲେ । "ମର୍ଦ୍ଦକା ବାତ୍ ହାତୀକା ଦାନ୍ତ୍" ର ପ୍ରତୀକ ସେ । ଯାହା ଯେତେବେଳେ କହୁଥିଲେ ତାହା କାମରେ ପରିଣତ କରି ଦେଖାଇ ଦେବାକୁ ସକଳ ଉଦ୍ୟମ କରୁଥିଲେ ।

ଯଦିଓ ସେ ନିଜର କେତେକ ସ୍ୱପ୍ନକୁ ସାକାର କରିବାକୁ ସକ୍ଷମ ହୋଇନଥିଲେ, କଥା ଦେଇ କାମରେ ପରିଣତ କରିପାରିନଥିଲେ , ପ୍ରଶାସନିକ ସ୍ତରରେ କେତେକ ପଦକ୍ଷେପ ନେଇ ସମାଲୋଚିତ ହୋଇଥିଲେ ତଥାପି ସେ ନିଜର ଜନପ୍ରିୟତା ହରାଇ ନଥିଲେ । ନିସ୍ୱ କାଙ୍ଗାଳ ଗରିବ ଅସହାୟଙ୍କ ପାଇଁ ସେ ଅନେକ ସୁବିଧା ସୁଯୋଗ ସୃଷ୍ଟି କରିଥିଲେ । ବିଜୁ ଥିଲେ ସଦା ସକ୍ରିୟ, ସତେଜ, ଚଳଚ ଳ, ଶେଷ ଅବସ୍ଥା ପର୍ଯ୍ୟନ୍ତ ସେ ଯୁବକର ଉଦ୍ଦାମତା ନେଇ କାର୍ଯ୍ୟ କରି ଚାଲିଥିଲେ । ନିଜକୁ ଯୁବକ ବୋଲି ପରିଚୟ ଦେବାକୁ କୁଣ୍ଠିତ ହେଉନଥିଲେ । ତାଙ୍କଠାରେ ଥିଲା କି ଏକ ସମ୍ମୋହନ ଶକ୍ତି କେଜାଣି ସେ ଯେତେବେଳେ ଯେଉଁଠିକୁ ଯାଉଥିଲେ ସେଠାରେ ପ୍ରବଳ ଜନସମାଗମ ସୃଷ୍ଟି ହେଉଥିଲା । ସେ ଯେଉଁ ଦଳର ଥାଆନ୍ତୁ ନା କାହିଁକି ଲୋକେ ତାଙ୍କୁ ହିଁ ସମର୍ଥନ କରି ଆସୁଥିଲେ । ସେ ଯଦି ସାଲିସ୍ କରିପାରିଥାନ୍ତେ ତେବେ ଚିରକାଳ ଚର୍ଚ୍ଚିତ ହୋଇଥାନ୍ତେ ଶାସନ ଗାଦିରେ ବସି । କ୍ଷମତା ପାଇଁ ସେ ପାଗଳ ନଥିଲେ ।

ସେ ସ୍ୱାର୍ଥାନ୍ଧ ନ ଥିଲେ । ଏଣୁ କାହାକୁ ଭୟ କରୁନଥିଲେ । ବିରୋଧୀମାନେ ବାରମ୍ବାର ସେ ଖାଇଗଲେ, ନେଇଗଲେ, ରାଜକୋଷକୁ ଚଳୁ କରିଦେଲେ ବୋଲି ସମାଲୋଚନା କରିଥିଲେ ଏବଂ ତାଙ୍କର ରାଜନୈତିକ ପ୍ରତିଦ୍ୱନ୍ଦୀମାନେ ତାଙ୍କ ବିରୁଦ୍ଧରେ କମିଶନ ବସାଇ ଥିଲେ ମଧ ପ୍ରମାଣିତ କରିପାରି ନଥିଲେ କିଛି । ମଧୁବାବୁଙ୍କ ପରି ନିଃସ୍ୱାର୍ଥପର ଭାବରେ ନିଜର ସମସ୍ତ ବ୍ୟକ୍ତିଗତ ଅଭିଳାଷକୁ ତ୍ୟାଗ କରି ଓଡ଼ିଆ ଜାତିର ନନ୍ଦିଘୋଷକୁ ସେ ଆଗେଇ ନେଇଥିଲେ । ଓଡ଼ିଶାକୁ ଭାରତରେ ନୁହେଁ ସମଗ୍ର ବିଶ୍ୱ ଦରବାରରେ ପରିଚିତ କରାଇଥିଲେ । ବାସ୍ତବରେ ସେ ଥିଲେ ଓଡ଼ିଶାର ଅପ୍ରତିଦ୍ୱନ୍ଦୀ ଜନନାୟକ । ତାଙ୍କ ସହିତ ଅନ୍ୟ କାହାରି ତୁଳନା କରାଯାଇ ନପାରେ । ସେ ନିଜେହିଁ ନିଜର ତୁଳନା । ସର୍ବଭାରତୀୟ ସ୍ତରରେ ଏବଂ ଆନ୍ତର୍ଜାତିକ ସ୍ତରରେ ଅଧିକାଂଶ ବିଜ୍ଞ, ପ୍ରାଜ୍ଞ, ରାଜନୀତିଜ୍ଞମାନେ ଜାଣିଥିଲେ ବିଜୁଙ୍କୁ ।

କଳିଙ୍ଗର ବୀରପୁଙ୍ଗବ, ଦୁର୍ଦ୍ଧମନୀୟ ଦୁଃସାହସୀ ପୁରୁଷ, କର୍ମବୀର, ଅଗଣିତ ଜନସାଧାରଣଙ୍କର ପ୍ରିୟନେତା ମହାରଥୀ ବିଜୁ ମହାପ୍ରୟାଣର ଅବ୍ୟବହିତ ପୂର୍ବରୁ ଭାରତ ପାର୍ଲ୍ୟାମେ ରେ ଲୋକସଭାର ସଦସ୍ୟ ଥିଲେ । ୧୯୯୭ ମାର୍ଚ୍ଚ ୨୯ ତାରିଖରେ ହଠାତ୍

ଶ୍ୱାସକଷ୍ଟ ଅନୁଭବ କରିବାରୁ ତାଙ୍କୁ ନୂଆଦିଲ୍ଲୀସ୍ଥ ରାମମନୋହର ଲୋହିଆ ହସ୍‌ପିଟାଲ୍‌କୁ ନିଆଯାଇଥିଲା । ସୁଦକ୍ଷ ଡାକ୍ତରମାନଙ୍କର ଅକ୍ଳାନ୍ତ ଉଦ୍ୟମ ସ ୍ୱ ତାଙ୍କ ଅବସ୍ଥାରେ ଉନ୍ନତି ନହେବାରୁ ତାଙ୍କୁ ଏସକର୍ଟ ହାର୍ଟସ ଇନ୍‌ଷ୍ଟିଚ୍ୟୁଟକୁ ସ୍ଥାନାନ୍ତର କରାଗଲା । ସେଠାରେ ବିଶେଷଜ୍ଞମାନେ ଯଥାସମ୍ଭବ ଉଦ୍ୟମ କଲେ । ମାତ୍ର ବିଧିର ବିଧାନ କେ କରିବ ଆନ ? କଥାରେ ଅଛି ଯେତେବେଳକୁ ଯେଉଁ ଯୋଗ ନାସ୍ତିନକରେ ବ୍ରହ୍ମାଶିବ । ମ ୍ୟ ମଣ୍ଡଳେ ଦେହ ବହି, ଦେବତା ହେଲେ ହେଁ ମରଇ । ବିଜୁତ ମଣିଷ ମାତ୍ର । ଦେବତା ନୁହଁନ୍ତି । ସେ ବା ମୃତ୍ୟୁ କବଳରୁ ନିଷ୍କୃତି ପାଇଥାନ୍ତେ କିପରି ? ଶେଷରେ ମୃତ୍ୟୁ ପାଖରେ ହାର ମାନିବାକୁ ବାଧ ହେଲେ । କିଛି ଦିନ କୃତ୍ରିମ ଶ୍ୱାସ ପ୍ରଶ୍ୱାସ ମଧ୍ୟରେ ରହି ସେ ମୃତ୍ୟୁ ସହିତ ସଂଗ୍ରାମ କରିଥିଲେ ।

୧୯୯୭ ଅପ୍ରେଲ ୧୭ ତାରିଖ ଘ.୮.୩୦ ମିନିଟ୍‌ରେ ତାଙ୍କର ମହାପ୍ରୟାଣ ଘଟିଲା । ଠିକ୍ ତାପର ଦିନ ଅର୍ଥାତ୍ ୧୮ ତାରିଖ ସକାଳ ୮ଘ.୩୦ରେ ତାଙ୍କର ମରଶରୀରକୁ ସ୍ୱତନ୍ତ୍ର ବିମାନ ଯୋଗେ ଅଣାଗଲା କଳିଙ୍ଗ ଭୂଇଁକୁ । ଭୁବନେଶ୍ୱର ବିମାନ ବନ୍ଦରରେ ସେତେବେଳକୁ ଅପେକ୍ଷାରତ ଲକ୍ଷ ଲକ୍ଷ ବିଜୁପ୍ରେମୀ ଆବାଳ ବୃଦ୍ଧ ବନିତା । ସବୁରି ଚକ୍ଷୁରେ ଅଶ୍ରୁର ବନ୍ୟା । ଛୋଟ ବଡ଼, ଉଚ୍ଚ ନୀଚ, ଧନୀ ଗରିବ, ଅଫିସର, ଚାକର, ମନ୍ତ୍ରୀ ଚାମଚା କିଛି ତଫାତ ବାରି ହେଉନଥିଲା । ବିଜୁଙ୍କ ବିଶାଳ ବ୍ୟକ୍ତିତ୍ୱ ସମସ୍ତଙ୍କୁ ସମାନ କରି ଦେଇଥିଲା ଯେମିତି । ଗଗନ ପବନ କଂପି ଉଠୁଥାଏ ବିଜୁ ପଟ୍ଟନାୟକ ଅମର ରହେ ଧ୍ୱନିରେ । ସର୍ବସାଧାରଣଙ୍କ ଶେଷ ଦର୍ଶନ ପାଇଁ ବିରାଟ ଶୋଭାଯାତ୍ରାରେ ନିଆଯାଇ ତାଙ୍କ ନଶ୍ୱର ଶରୀରକୁ ତାଙ୍କର ଅତି ଅପଣାର ନବୀନ ନିବାସରେ ରଖା ଯାଇଥିଲା । ସେଇଦିନ ଅପରାହ୍ନ ୨ଘ. ସମୟରେ ତାଙ୍କୁ ନିଆଯାଇଥିଲା ଶ୍ରୀକ୍ଷେତ୍ର ପୁରୀର ସ୍ୱର୍ଗଦ୍ୱାରକୁ । ଲକ୍ଷ ଲକ୍ଷ ଜନତାଙ୍କର ଶୋକାପ୍ଲୁତ ଅନ୍ତରରେ ପ୍ରତିଧ୍ୱନିତ ହେଉଥାଏ ବିଜୁଙ୍କର କଥା ଓ କାହାଣୀ । ରାଷ୍ଟ୍ରୀୟ ମର୍ଯ୍ୟାଦା ସହକାରେ ସନ୍ଧ୍ୟା ୫ଘ. ୫୦ମିନିଟ୍‌ରେ ଚନ୍ଦନ କାଷ୍ଠର ଜୁଇ ପରେ ଶୁଆଇ ତାଙ୍କର ଜ୍ୟେଷ୍ଠ ପୁତ୍ର ପ୍ରେମ ମୁଖାଗ୍ନି ପ୍ରଦାନ କରିଥିଲେ । ଚନ୍ଦନ ଆଉ ଘୃତାହୂତିର ମିଶ୍ରଣରେ ଲେଲିହାନ ଶିଖା ଛୁଇଁଗଲା ମହାକାଶକୁ । କଳିଙ୍ଗ ବୀର, ଏ ଯୁଗର ଖାରବେଳଙ୍କ ନଶ୍ୱର ଶରୀର ମିଶିଗଲା ପ ମହାଭୂତରେ । ଗୋଟାଏ ଯୁଗର ଅବସ୍ଥାନ ହୋଇଗଲା । ତାଙ୍କ ଅନ୍ତ୍ୟେଷ୍ଟି ରଥଯାତ୍ରାକୁ ବଳେଇ ପଡ଼ିଲା । ତେଣେ ସମୁଦ୍ରର ଘୋ ଘୋ ଗର୍ଜନ ଏଣେ ଜନ ସମୁଦ୍ରର ଲୋତକ ବର୍ଷଣ ।

ପୁରୀ ସ୍ୱର୍ଗଦ୍ୱାରକୁ ଆସି ଦିବଂଗତ ମହାରଥୀଙ୍କର ଅନ୍ତ୍ୟେଷ୍ଟି କ୍ରିୟାରେ ଯୋଗ ଦେଇଥିବା ରାଷ୍ଟ୍ରୀୟ ଏବଂ ରାଜ୍ୟ ସ୍ତରୀୟ ନେତାମାନଙ୍କ ସଂପର୍କରେ ଯେଉଁମାନେ ଜାଣିଛନ୍ତି, ଯେଉଁମାନେ ଜାଣିଛନ୍ତି, ଯେଉଁମାନେ ସେମାନଙ୍କର ଉପସ୍ଥିତି ଅନୁଭବ କରିଛନ୍ତି ସେମାନେ ମର୍ମେ ମର୍ମେ ଉପଲବ୍ଧି କରିପାରିଥିବେ । ବିଜୁଙ୍କର ଜନପ୍ରିୟତା କେତେ ବ୍ୟାପକ ଥିଲା । ତାଙ୍କ ବ୍ୟକ୍ତିତ୍ୱ, ଚରିତ୍ର, କାର୍ଯ୍ୟଧାରାକୁ କେତେ ବଡ଼ ବଡ଼ ନେତା, ମନ୍ତ୍ରୀ, ପ୍ରଧାନମନ୍ତ୍ରୀ ମାନେ ପସନ୍ଦ କରୁଥିଲେ । ଆନ୍ତରିକ ଭାବରେ ଭଲ ପାଉଥିଲେ ତାଙ୍କୁ ।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ, ଉପମୁଖ୍ୟମନ୍ତ୍ରୀ ବସନ୍ତ ବିଶ୍ୱାଳ, ହେମାନନ୍ଦ ବିଶ୍ୱାଳ, ମନ୍ତ୍ରୀ ମତଲୁବ୍ ଅଲ୍ଲୀ, ସୁର ରାଉତରାୟ, ରବୀନ୍ଦ୍ର ସେଠୀ, ଅମର ପ୍ରଧାନ, ଜୟଦେବ ଜେନାଙ୍କ ସମେତ ବିରୋଧୀଦଳର ଅଧିକାଂଶ ନେତା, ଉପନେତା ଏବଂ ସମଗ୍ର ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଲକ୍ଷ ଲକ୍ଷ ବିଜୁ ଅନୁରକ୍ତ ଜନ ସାଧାରଣ ଯୋଗ ଦେଇଥିଲେ ।

ଏମାନଙ୍କ ବ୍ୟତୀତ ରାଜ୍ୟ ବାହାରୁ, କେନ୍ଦ୍ରରୁ ଏବଂ ଅନ୍ୟ ରାଜ୍ୟମାନଙ୍କରୁ ମଧ ବହୁ ବିଜୁପ୍ରେମୀ ନେତା, ମନ୍ତ୍ରୀ, ଜନତା ଆସିଥିଲେ । ସେମାନଙ୍କ ମଧ୍ୟରେ ପ୍ରଧାନମନ୍ତ୍ରୀ ଦେବଗୌଡା, ପୂର୍ବତନ ପ୍ରଧାନ ମନ୍ତ୍ରୀ ଚନ୍ଦ୍ର ଶେଖର, ଅଟଳ ବିହାରୀ ବାଜପେୟୀ , କୃଷ୍ଣକାନ୍ତ (ଆନ୍ଧ୍ର ପ୍ରଦେଶର ରାଜ୍ୟପାଳ ଓ ପରେ ଉପରାଷ୍ଟ୍ରପତି). ଭାରତର ପୂର୍ବତନ ଉପପ୍ରଧାନମନ୍ତ୍ରୀ ଦେବୀଲାଲ୍, ପ୍ରଫେସର ମଧୁ ଦଣ୍ଡବତେ, ଲାଲୁ ପ୍ରସାଦ ଯାଦବ, ବି.ଏସ୍.ଶେଖାୱତ୍, ଏସ୍. ଆର୍. ବୋମାଇ, ରାମବିଲାସ ପାଶ୍ୱାନ, ଡି.ପି. ଯାଦବ, ଲାଲ୍‌କୃଷ୍ଣ ଆଡ୍‌ଭାନୀ (ତତ୍‌କାଳୀନ ସଭାପତି ଭାରତୀୟ ଜନତା ପାର୍ଟି) ଇଣ୍ଡୋନେସିଆରୁ ଦୌଲତ୍ ଏଚ୍.ଏ. ପସାରିବା, କର୍ଣ୍ଣେଲ୍ ହେ ୍ନ୍ ଆଦି ଉପସ୍ଥିତ ରହି କଳିଙ୍ଗ ବୀର ବିଜୁଙ୍କ ପ୍ରତି ହୃଦୟର ଶେଷ ଶ୍ରଦ୍ଧାଞ୍ଜଳି ଓ ଅନ୍ତରର ଅନନ୍ତ ପ୍ରଣତି ବାଢିଥିଲେ ।

ସମଗ୍ର ରାଜ୍ୟ ଓ ଦେଶରେ ଶୋକର ଗଭୀର ଛାୟା ଖେଳିଯାଇଥିଲା । ଏଭଳି ଅଭୁତପୂର୍ବ ଶୋକୋଚ୍ଛ୍ୱାସ ବୋଧହୁଏ ପୂର୍ବରୁ ଓଡ଼ିଶାର ଅନ୍ୟ କୌଣସି ନେତାଙ୍କ ପ୍ରତି ପ୍ରଦର୍ଶିତ ହୋଇନାହିଁ । ବିଜୁଙ୍କର ମୃତ୍ୟୁ ଆଉ ଶବ ଶୋଭାଯାତ୍ରାକୁ କେତେକ ମହୀୟସୀ ଇନ୍ଦୀରାଙ୍କ ସହିତ ତୁଳନା କରିବାକୁ କୁଣ୍ଠିତ ହୋଇ ନାହାଁନ୍ତି ।

## ଓଡ଼ିଶା ଲକ୍ଷ୍ମୀଛଡ଼ା ହୋଇଗଲା- ଲକ୍ଷ୍ମୀଙ୍କ ବରପୁତ୍ର ବିଜୁଙ୍କୁ ହରାଇ

ପ୍ରକୃତରେ ଦେଖିବାକୁ ଗଲେ ବିଜୁଥିଲେ ଲକ୍ଷ୍ମୀବନ୍ତ । ସେ ଥିଲେ, ଓଡ଼ିଶା ପ୍ରାଣ ପ୍ରାଚୁର୍ଯ୍ୟରେ ଭରି ଉଠିଥିଲା । ଓଡ଼ିଶାର ରଙ୍ଗ ରୂପ ଅବସ୍ଥାକୁ ସଂପୂର୍ଣ୍ଣ ବଦଳାଇ ଦେଇଥିଲେ ସେ । ଓଡ଼ିଆଙ୍କୁ ବିଶ୍ୱ ଦରବାରରେ ପରିଚିତ କରାଇବା ପାଇଁ ଉଦ୍ୟମ ସଦା ଅବ୍ୟାହତ ରଖିଥିଲେ । ସେ ଥିଲେ ଓଡ଼ିଶାର ମହାନ୍ ନିର୍ମାତା । ତାଙ୍କ ଦ୍ୱାର ଓଡ଼ିଶା ଭାରତର ଅନ୍ୟ ରାଜ୍ୟମାନଙ୍କ ସହିତ ସବୁ କ୍ଷେତ୍ରରେ ସମକକ୍ଷ ହୋଇ ପାରିଥିଲା । ତାଙ୍କରି ପ୍ରୟାସରେ ଓଡ଼ିଶାର ସାମାଜିକ, ଆର୍ଥିକ, ରାଜନୈତିକ, ବାଣିଜ୍ୟିକ ଅଭିବୃଦ୍ଧି ଘଟିଥିଲା । ଶିଳ୍ପ, କାରଖାନା, ବିଜ୍ଞାନ ପ୍ରଯୁକ୍ତିର ପ୍ରସାର ଘଟିଥିଲା । ସେ ଚାଲିଗଲେ । ସତେ ଯେମିତି ସବୁ କିଛି ଓଲଟ ପାଲଟ ହୋଇଗଲା ।

ସେ ଯେଉଁଦିନ ସ୍ୱର୍ଗାରୋହଣ କଲେ ସେ ଦିନଟି ଥିଲା ୧୯୯୭ ଅପ୍ରେଲ ୧୭ ତାରିଖ ଗୁରୁବାର । ସମଗ୍ର ଭାରତରେ ହିନ୍ଦୁ ପତିବ୍ରତା ନାରୀମାନେ ନିଷ୍ଠାର ସହିତ ପାଳନ କରୁଥିଲେ ପବିତ୍ର ସୁଦଶାବ୍ରତ । ଏଇ ବ୍ରତରେ ଜଗଜ୍ଜନନୀ ମା ଲକ୍ଷ୍ମୀଙ୍କର ପୂଜା ଆରାଧନା କରାଯାଏ । ଏଭଳି ଏକ ଅତି ପବିତ୍ର ଦିବସରେ ବିଜୁ ଓଡ଼ିଶବାସୀଙ୍କୁ ଶୋକ ସାଗରରେ ଭସେଇ ଅନାଥ କରି ଚାଲିଯିବାକୁ ଲକ୍ଷ୍ୟ କରି ଅନେକ ଦୁଃଖରେ ମର୍ମାହତ ହୋଇ ପ୍ରକାଶ କରିଛନ୍ତି ଯେ ବିଜୁଙ୍କ ସହିତ ମା'ଲକ୍ଷ୍ମୀ ମଧ୍ୟ ଓଡ଼ିଶା ଛାଡ଼ି ଚାଲିଗଲେ । ଓଡ଼ିଶା ଲକ୍ଷ୍ମୀଛଡ଼ା ହୋଇଗଲା । ସେ ଥିଲେ ଲକ୍ଷ୍ମୀଙ୍କର ବରପୁତ୍ର । ଅଭାବ, ଅନଟନ, ଅସୁବିଧା, କ'ଣ ସେ ଖାତିର୍ କରୁନଥିଲେ । ଯେମିତି ହେଉନା କାହିଁକି ସେ ସବୁ ଅବ୍ୟବସ୍ଥା, ଅଭାବକୁ ପୂରଣ କରୁଥିଲେ । ତାଙ୍କ ପରି ଆଉଜଣେ କରିତ୍କର୍ମା, ନିର୍ଭୀକ, ଦୁଃସାହସୀ, ସ୍ୱାଭିମାନୀ ଓଡ଼ିଆ ହୁଏତ ଆଉ କେବେ ଉତ୍କଳ ଜନନୀର କୋଳମଣ୍ଡନ କରିବେ ନାହିଁ ।

## ବିଜୁଙ୍କ ଦେହାନ୍ତରେ ଓଡ଼ିଶାର ସାର୍ବଜନୀନ ଶୁଦ୍ଧିକ୍ରିୟା ସଂପନ୍ନ

ଆମ ହିନ୍ଦୁ ଧର୍ମାନୁସାରେ କେହି ଜଣେ ମୃତ୍ୟୁବରଣ କଲେ ତା ପାଇଁ ତା ପରିବାର ଲୋକେ ଶୁଦ୍ଧିକ୍ରିୟା ପାଳନ  କରନ୍ତି । ଅଶ୍ରୁମୋଚନ ସହ ଶୋକପାଳନ କରନ୍ତି । ଅସ୍ଥି ତର୍ପଣ କରନ୍ତି । ଜାତି, କୁଳ, ଗୋତ୍ର ଅନୁସାରେ କର୍ମ ସଂପାଦନ କରନ୍ତି । ଆତ୍ମାର ସଦ୍‌ଗତି ପାଇଁ ବିଧିବିଧାନ ପାଳନ୍ତି । ସ୍ନାନଶୌଚ ସହିତ ଲଣ୍ଡା ହୁଅନ୍ତି । ଘାଟରେ ବୁଡ଼ନ୍ତି । ବିଜୁ କିନ୍ତୁ ଥିଲେ ସଂପୂର୍ଣ୍ଣ ଭିନ୍ନ ଉପାଦାନରେ ଗଢ଼ା  ଏକ ଅଜବ ଖିଆଲର ମଣିଷ । ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ବ୍ୟତୀତ ଅନ୍ୟ କୌଣସି ଦେବ ଦେବୀ ବା ଧର୍ମକୁ ମାନୁନଥିଲେ । ନିଜର ଜାତି, କୁଳ, ଗୋତ୍ର ସଂପର୍କରେ କୋଉଠି ପ୍ରକାଶ କରୁନଥିଲେ । ତାଙ୍କର ପରିବାର ପୂର୍ବରୁ ବ୍ରାହ୍ମଧର୍ମ ଗ୍ରହଣ କରିଥିଲେ ବୋଲି ତାଙ୍କ ଘରେ ହିନ୍ଦୁ ରୀତିନୀତିକୁ ବିଶେଷ ଭାବେ ଗୁରୁତ୍ୱ ଦିଆଯାଉନଥିଲା । ତଥାପି ତାଙ୍କର ଶୁଦ୍ଧିକ୍ରିୟା ହିନ୍ଦୁଧର୍ମ ନୀତି ଅନୁସାରେ ସଂପୂର୍ଣ୍ଣ କରାଯାଇଥିଲା । ତାଙ୍କର ଗୋତ୍ର "କଶ୍ୟପ" ବୋଲି ଜ୍ଞାତିମାନେ ପ୍ରକାଶ କରିଥିଲେ । ସେ ଥିଲେ ଏକାନ୍ତ ଭାବରେ କର୍ମବୀର । କର୍ମକୁ ସେ ବେଶୀ ଗୁରୁତ୍ୱ ଦେଉଥିଲେ । ପଣ୍ଡିତ ଗୋପବନ୍ଧୁଙ୍କର ନୀତି "କର୍ମେ ଜୀଏ ନର କର୍ମ ଏକା ତାର ଜୀବନର ମାନଦଣ୍ଡ" କୁ ସେ ଅନ୍ତରର ସହିତ ଗ୍ରହଣ କରିନେଇଥିଲେ । ଜୀବନର ଶେଷ ଲଗ୍ନ ଯାଏ କର୍ମ ହିଁ କର୍ମ କରି ଚାଲିଥିଲେ । ସେ ଥିଲେ କର୍ମବୀର ।

ତାଙ୍କ ଶୁଦ୍ଧିକ୍ରିୟା ସମଗ୍ର ରାଜ୍ୟରେ ଚା  ଲ୍ୟ ସୃଷ୍ଟି କରିଥିଲା । ସତେ ଯେପରି ସେ ଥିଲେ ଓଡ଼ିଶାର ଏକମାତ୍ର ମୁରବୀ ଯିଏକି ସବୁରି ପରିବାରର ମୁଖ୍ୟ । ତାଙ୍କ ପାଇଁ ବହୁ ବ୍ୟକ୍ତି ଲଣ୍ଡା ହୋଇଛନ୍ତି । ଶିଦ୍ଧିକର୍ମ ପାଳନ କରିଛନ୍ତି । ରାଜ୍ୟଯାକ ଏଭଳି ସାର୍ବଜନୀନ ଭାବରେ କେବେ ଆଉ କାହାରି ପାଇଁ ସାର୍ବଜନୀନ ଶୁଦ୍ଧିକ୍ରିୟା ସଂପନ୍ନ ହୋଇନାହିଁ  ବା ଭବିଷ୍ୟତରେ ଆଉ କାହା ପାଇଁ ହେବାର ମଧ ଅବକାଶ ନାହିଁ । ଏଇଥିରୁ ଜଣାପଡ଼େ ବିଜୁଙ୍କର ବିଶେଷତ୍ୱ ।

## ବିଜୁଙ୍କ ସଂପର୍କରେ ବିଶିଷ୍ଟ ବ୍ୟକ୍ତିଙ୍କ ମତ, ମନ୍ତବ୍ୟ, ଭିନ୍ନମତ

ବାଳକ ଅବସ୍ଥାରୁ ବିଜୁ ନିଜର ଦୁଃସାହସିକତା, ନିର୍ଭୀକତା, ସ୍ପଷ୍ଟବାଦିତା ପାଇଁ ଚର୍ଚ୍ଚିତ ହୋଇ ଆସିଛନ୍ତି । ତାଙ୍କୁ କିଏ କିପରି ଭାବରେ ଗ୍ରହଣ କରିଛନ୍ତି, ତାଙ୍କ ସଂପର୍କରେ କିଏ କ'ଣ କହିଛନ୍ତି ବା ମନ୍ତବ୍ୟ ଦେଇଛନ୍ତି ସେ ସବୁକୁ ନେଇ ବିଜୁ କେବେ ବିଚଳିତ ହୋଇ ନାହାଁନ୍ତି । ସେ ସର୍ବଦା ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିଛନ୍ତି । କାହାକୁ ଖାତିର୍ କରିନାହାଁନ୍ତି । ବରଂ ଜୀବନଯାକ ଓଡ଼ିଶା ଓ ଓଡ଼ିଆଙ୍କ ପାଇଁ କାର୍ଯ୍ୟ କରିଛନ୍ତି । ପାଠରେ, ଶାଠରେ, ରାଜନୀତିରେ ସର୍ବଦା ଚର୍ଚ୍ଚିତ ହୋଇ ଆସିଛନ୍ତି ।

* ବିଜୁ ଆମ ସ୍କୁଲର ଗର୍ବ ଓ ଗୌରବ ।

(ମିଶନ ସ୍କୁଲର ପ୍ରଧାନ ଶିକ୍ଷକ ମିଲ୍‌ମ୍ୟାନ ସାହେବ)

* ବିଜୁ ଫୁଟବଲ ମ୍ୟାଚରେ ଗୋଲ ଦେଇ ଆମ ବିଦ୍ୟାଳୟର ଗୌରବ ବଢ଼ାଇଛି । ଏ_ାନ୍‌ସ ପରୀକ୍ଷାରେ ପ୍ରଥମ ହୋଇ ନାଁ ରଖିଛି ।

(ରେଭେନ୍‌ସା କଲେଜିଏଟ୍ ସ୍କୁଲର ଶିକ୍ଷକବୃନ୍ଦ)

* ବିଜୁ ରେଭେନ୍ସା କଲେଜର ବେଷ୍ଟ ଆଥଲେଟ । ଟ୍ୟାଲେ ଡ ଚମ୍ପିୟନ । କଲେଜର ଗର୍ବ

(ରେଭେନ୍ସା କଲେଜର ପ୍ରିନ୍ସପାଲ)

* ବିଜୁ ସର୍ବଦା ଆମ ଆଗରେ ରହୁଥିଲା । ସେ ଥିଲା ଆମର ନେତା ।

(ପ୍ରାଣବନ୍ଧୁ କର)

* ଏତେବଡକଟେ ପିଲା । ତାର ପୁଣି ସାହସ ଦେଖ । ଆମକୁ ଢେଲା ମାରୁଛି ?

(ଗୋରା ସିପାହୀ)

* ଏ ପିଲାଟି ଦିନେ ଏ ରାଜ୍ୟର ନାଁ ରଖିବ ।

(ମହାତ୍ମାଗାନ୍ଧୀ)

* ବିଜୁ ଏକ ଦୁର୍ଦ୍ଧର୍ଷ ପ୍ରତିଭା । ସେ ସବୁକିଛି କରିପାରେ । ସବୁ ଅସମ୍ଭବକୁ ସମ୍ଭବ କରିବାର ଶକ୍ତି ତାଙ୍କଠି ଅଛି ।

(ଇଂରେଜ ସାହେବ)

* ଏ ପିଲାଟିର ସାହସ ତ କମ୍ ନୁହେଁ । ସାମାନ୍ୟ ଛତାଟିଏ ପାଇଁ ପ୍ରବଳ ଜଳସ୍ରୋତକୁ ଲମ୍ଫ ଦେଇ ପାରିଲା ? ଇଏତ ବଡ଼ ହେଲେ ଓଡ଼ିଶା ପାଇଁ ଅନେକ କିଛି କରିପାରିବ ।

(ପଣ୍ଡିତ ଗୋପବନ୍ଧୁ ଦାସ)

* ବିଜୁଙ୍କ ପରି ଟ୍ୟାଲେ ଡ ଛାତ୍ର ମୁଁ ଖୁବ୍ କମ୍ ଦେଖିଛି ଯିଏକି ସବୁକ୍ଷେତ୍ରରେ ନିଜର ଶ୍ରେଷ୍ଠତ୍ୱ ପ୍ରମାଣିତ କରିବାକୁ ବ୍ୟଗ୍ର । (ରେଭେନ୍ସା କଲେଜର ଜନୈକ ଅଧାପକ)

* ଇସହଙ୍କ ଝପ୍ପବଭୟଝ କ୍ଷସଳର ବ ଚଛଝ୍ଝବଙ୍କସୟ. ଐର ଙ୍ଗସକ୍ଷକ୍ଷ ଝସଝର.

(ଉ. ଜବହଶଝ୍ଝବକ୍ଷବମକ୍ଷବଝଚ)

* ଇଭ ଓଭୟସବଭ ବଭୟ ଝଝ ପ୍ପବକ୍ଷକ୍ଷ ?

(ଗଝ. ଋକ୍ଷରପ୍ପମକ୍ଷରଝ)

* ଐର ସଝ କ୍ଷଙ୍କଭୟଝରୟ ଝରଝମରଭପ୍ପ ସଭସଙ୍କସମବକ୍ଷ ପ୍ପଝ ପ୍ପକ୍ଷର ମବଙ୍କଝର ବଭୟ ସଭପ୍ପରଝରଝପ୍ପ ଝଲ ପ୍ପକ୍ଷର ରଙ୍କଝସଝର

ଐର ଙ୍ଗସକ୍ଷକ୍ଷ ଭଝପ୍ପ ଝରଝଙ୍ଗର, ଭଙ୍କପ୍ପ ଝପ୍ପବଭ କ୍ଷସଝ ଙ୍କବଝପ୍ପରଝ. ଞଝ ଳରରଝ କ୍ଷସଙ୍କ ସଭ ପ୍ପକ୍ଷର ଝବଚ- ଝଝକ୍ଷକ୍ଷ ଝଲ ଜଇର ଙ୍କରବଭଝ ପ୍ପଝ ବକ୍ଷକ୍ଷଝଙ୍ଗ ବ ୟସରକ୍ଷବଝୟ ମଝସଙ୍କସଭବକ୍ଷ ଝଭ ଝବଝଝକ୍ଷର ପ୍ପଝ ଝଝଝଙ୍ଗକ୍ଷ ଝଭ ସଭଭଝମରଭପ୍ପ ଝସମଭସମଳରଝ ବଭୟ ଝଙ୍କଝସକ୍ଷଝ.

(ଗଝ. ଉଝୟ, ଈଝସପ୍ପସଝକ୍ଷ ଇସଝଲଝମର ଇଙ୍କପ୍ପକ୍ଷଝସପ୍ପଚ)

* ଇଝର ଚଝଙ୍କ ଝଝ ଙ୍କଚଝରକ୍ଷଲ ଙ୍କବୟ ? ଘ ଘ ଘ ଘ ଘ ............. ଓପ୍ପ ସଝ ଝରବକ୍ଷକ୍ଷଚ ଝଝ. ଓପ୍ପ'ଝ ଝର- ବକ୍ଷକ୍ଷଚ ଝଝ ଚଝଙ୍କଭଶଙ୍କବଭ, ଚଝଙ୍କ ବଝର ଶଝରବପ୍ପ ଚବପ୍ପପ୍ପବଭବସଳ.

(ଚବଭୟସପ୍ପ ଘରକ୍ଷରଝଙ୍କ)

* ଙ୍କ, ଝଙ୍କଝର ପ୍ପକ୍ଷବପ୍ପ ଚଝଙ୍କଭଶ ପ୍ପବକ୍ଷକ୍ଷ ଝସକ୍ଷଝପ୍ପ ଙ୍ଗକ୍ଷଝ ବକ୍ଷଙ୍ଗବଚଝ ଝଙ୍କଲଲଝ ମସଶବଝ ବଭୟ ଝଝଝଙ୍କପ୍ପଝ " ଈକ୍ଷଝଝୟଚ, ଭକ୍ଷଝଝୟଚ" ଉକ୍ଷଝଙ୍କ ରଙ୍ଗରଝ କ୍ଷର ଝରଲରଝଝ ମବଭ ବକ୍ଷଝଭର ଝବଙ୍ଗର ଝବକ୍ଷବଝସଚବଝ ବଭୟ ଐବପ୍ପପ୍ପବ.

(ଇଭ ଓଭୟଝଭରଝସବଭ)

* ଇସହଙ୍କ ସଝ ଭଝପ୍ପ ଙ୍କରବଭ ଝଝ ଙ୍କରବଭୟରଝସଭଶ. ଝକ୍ଷଝଙ୍କକ୍ଷୟ କ୍ଷର କ୍ଷବଙ୍ଗର ବଝଝଝଝବମକ୍ଷରୟ ଝଝ ବଝ ଝରବକ୍ଷରୟ ପ୍ପଝ ଉବଙ୍ଗରକ୍ଷକ୍ଷ, ଝକ୍ଷଝଙ୍କକ୍ଷୟ କ୍ଷର କ୍ଷବଙ୍ଗର ବଝଝକ୍ଷଝଶସଝରୟ ପ୍ପଝ ପ୍ପକ୍ଷର ଈଝସପ୍ପ- ସଝକ୍ଷ ବଙ୍କପ୍ପକ୍ଷଝଝସପ୍ପସରଝ କ୍ଷର ଙ୍ଗଝଙ୍କକ୍ଷୟ କ୍ଷବଙ୍ଗର ଭରରଭ ୟସଝମକ୍ଷବଝଶରୟ ସଭ ପ୍ପକ୍ଷର ଳସଝଝପ୍ପ ଝକ୍ଷବମର.

* ଐର ସଝ ଭଝପ୍ପ ଝଭକ୍ଷଚ କ୍ଷରବୟଝପ୍ପଝଝଭଶ, ଭଙ୍କପ୍ପ କ୍ଷଝଭରଝପ୍ପ ପ୍ପଝ ପ୍ପକ୍ଷର କ୍ଷସକ୍ଷପ୍ପ.

(ଇ ଈଝସପ୍ପସଝକ୍ଷ ଇସଝ ଝପ୍ପବଲଲ)

* ଐବଙ୍ଗବକ୍ଷବଝ ସଝ ପ୍ପକ୍ଷର ଈବକ୍ଷବଝବଙ୍କ, ପ୍ପକ୍ଷର ଙ୍କଝଭବଝମକ୍ଷ ଝଲ ୟରକ୍ଷକ୍ଷସ ବଭୟ କ୍ଷସଝ ପ୍ପରଭୟରଝ, ଝକ୍ଷରଭୟରଝ, ଭଝ ଭକ୍ଷଙ୍କଭୟରଝ କବକ୍ଷସଭଶବ ଚସକ୍ଷଝପ୍ପ ଇସହଙ୍କ ସଝ ବପ୍ପ କ୍ଷସଝ ଭରମଳ ବଭୟ ମବକ୍ଷକ୍ଷ. ଓଲ ଘରକ୍ଷରଝଙ୍କ ଝବଚଝ ଶଝ, କ୍ଷର ଭରଙ୍ଗରଝ ଝବଚଝ ଭଝ.

(ଇଭ ଓଭୟକ୍ଟଭରଙ୍ଗସବଭ ଲସଶଷସ୍ପରକ୍ସ)

* ଓକ୍ଟ ଛକ୍ଟଙ୍କ ଲଭକ୍ଟଙ୍ଗ ଇସହଙ୍କ ? ଝଷବସ୍ପ ସ୍ପବକ୍ଷକ୍ଷ, ସ୍ପସସ୍ପବଭସମ କ୍ଟସକ୍ଷକ୍ଟସ୍ପ ଙ୍ଗଷକ୍ଟ ଙ୍ଗବକ୍ଷଲଙ୍ଗ କ୍ଷସଳର ବ ମକ୍ଟ-କ୍ଷକ୍ଟଙ୍ଗଙ୍ଗଙ୍କଙ୍ଗ ବଭୟ ଶବଛରଙ୍ଗ କ୍ଷସଳର ହରଙ୍ଗଙ୍ଗ ବଭୟ ୟବଙ୍ଗଷରଙ୍ଗ କ୍ଷସଳର ଙ୍ଖରଭଙ୍କଙ୍ଗ ବଭୟ ଙ୍କକ୍ଟଙ୍ଖରଙ୍ଗ କ୍ଷସୟର ଗବକ୍ସଙ୍ଗ ଙ୍ଗଷକ୍ଟ ଲକ୍ଷରଙ୍ଗ ସଭସ୍ପକ୍ଟ ୟକ୍ସରବୟରୟ ଐବକ୍ଟବଭରଙ୍ଗର ଶବକ୍ସକ୍ସସଙ୍ଗକ୍ଟଭଙ୍ଗ ବଭୟ ମବଭସ୍ପକ୍ଟଭଙ୍କରଭସ୍ପଙ୍ଗ, କ୍ଟକ୍ଟଙ୍ଗସସ୍ପସକ୍ଟଭ ବଭୟ କ୍ଟକ୍ସସଙ୍ଗ କ୍ଟଭଙ୍ଗ ବଭୟ ବସକ୍ସ କ୍ଷସଲସ୍ପରୟ ଇକ୍ସସସ୍ପସଙ୍ଗଷ ମସସ୍ପସଛରଭକ୍ସଚ ଙ୍ଗଷକ୍ଟଙ୍କସ୍ପସଭଶ ଝଙଝ ବୟଙ୍ଖରଭସ୍ପରୟ ବସ୍ପ ସ୍ପଷବସ୍ପ ଓଭୟକ୍ଟ- ଭ ର ଙ୍ଗ ସ ବ ଭ ୟବଙ୍ଗଭ ଙ୍ଗସସ୍ପଷ ଷସଙ୍ଗ ଷକ୍ଟଙ୍କରକ୍ଷଚ ଙ୍ଗସଲର ବଙ୍ଗ ମକ୍ଟ-କ୍ଟସକ୍ଷକ୍ଟସ୍ପ ବଭୟ ବସକ୍ସକ୍ଷସଲସ୍ପରୟ ସ୍ପଷର ଙ୍ଖବକ୍ଷସବଭସ୍ପ

କ୍ସରଙ୍ଖକ୍ଟକ୍ଷଙ୍କସ୍ପସକ୍ଟଭବକ୍ସସରଙ୍ଗ ବସ୍ପ ସ୍ପଷର ସ୍ପଙ୍ଗସଭଲସଭଶ କ୍ଟଲ ବଭ ରଚର ବଭୟ ଭରଲକ୍ଟକ୍ସର ସ୍ପଷର ରଙ୍ଖରକ୍ସ ଙ୍ଖସଶସକ୍ଷବଭସ୍ପ ଓଙ୍କସ୍ପମଷ ମକ୍ଟଙ୍କକ୍ଷୟ ଭଙ୍କସ୍ପ ବଭ ରଚରକ୍ଷସୟ.

(ଇଭ ଓଭୟକ୍ଟଭରଙ୍ଗସବଭ ଖରବୟରକ୍ସ)

* ଇସହକ୍ଟଚ ସଙ୍ଗ ସ୍ପବକ୍ଷକ୍ଷ ବଭୟ ସ୍ପବକ୍ଷରଭସ୍ପରୟ.ଇସହକ୍ଟଚ ସଙ୍ଗ ରକ୍ତଙ୍କସଙ୍ଖବକ୍ଷରଭସ୍ପ ସ୍ପକ୍ଟ ଙ୍ଖସମସ୍ପକ୍ଟକ୍ସଚ.

(ଓକ୍ସ. ଗବଷବସ୍ପବଭ)

* ଓ କ୍ଷସଳର ସ୍ପଷବସ୍ପ ସ୍ପବକ୍ଷକ୍ଷ, ସ୍ପବକ୍ଷରଭସ୍ପରୟ ଓଭୟସବଭ କ୍ଟସକ୍ଷକ୍ଟସ୍ପ, ସ୍ପଷର କ୍ଟରସ୍ପ କ୍ଟଲ ଘରଷରକ୍ସଙ୍କ.

(ଐ.ର. କରଭଭରୟଚ)

* ଇସହଙ୍କ ସଙ୍ଗ ବ ଲକ୍ଟକ୍ସମର ସ୍ପକ୍ଟ କ୍ସରମଳକ୍ଟଭ ଙ୍ଗସସ୍ପଷ ସଭ ସ୍ପଷର କ୍ଟକ୍ଟଙ୍ଗସ୍ପ ଘରଷରକ୍ସଙ୍କ ଙ୍ଗକ୍ସବଭଶକ୍ଷର ଲକ୍ଟକ୍ସ ସ୍ପଷର କ୍ଟକ୍ସସଙ୍କରଙ୍କସଭସଙ୍ଗସ୍ପରକ୍ସ'ଙ୍ଗ ହକ୍ଟଭ.

(ଗକ୍ସ. ଡରକ୍ଷକ୍ଷରଙ୍ଗ ଐବଭଶରଭ)

* ବିଜୁ ପଟ୍ଟନାୟକଙ୍କର ଉତୁଙ୍ଗ ବ୍ୟକ୍ତିତ୍ୱ ସମକାଳୀନ ଇତିହାସରେ ଅଲିଭା ସ୍ୱାକ୍ଷର ବହନ କରିଛି । ଦେଶର ସେ ଜଣେ ଅଗ୍ରଗାମୀ ରାଜନୀତିଜ୍ଞ । ସଦା ଚ ଳ, ଯୁବ ସୁଲଭ, ଦୁଃସାହସିକ ।

(ଏଚ୍.ଡି. ଦେବଗୌଡା)

* ବିଜୁଙ୍କର ଶ୍ରୀନଗର ଅଭିଯାନ, ଇଣ୍ଡୋନେସିଆ ମୁକ୍ତି ସଂଗ୍ରାମୀଙ୍କ ପାଇଁ ଦୁଃସାହସିକ ପଦକ୍ଷେପ, ଚୀନ୍ ଆକ୍ରମଣ ବେଳେ ସୈନ୍ୟ ବାହିନୀ ପାଇଁ ଖାଦ୍ୟ ଯୋଗାଇ ନିଜକୁ ବିପନ୍ନ କରି ଯେଉଁ ଦୃଷ୍ଟାନ୍ତ ରଖିଯାଇଛନ୍ତି ତାହା ଦେଶର ଯୁବ ସମାଜକୁ ଉଦ୍‌ବୁଦ୍ଧ କରିବ ।

(ଡଃ ଶଙ୍କର ଦୟାଲ୍ ଶର୍ମା)

* ବିଜୁପରି ଜଣେ ମହାନ୍ ସ୍ୱାଧୀନତା ସଂଗ୍ରାମୀ, ଦେଶପ୍ରେମୀ,ଦିଲ୍‌ଦାର ବ୍ୟକ୍ତିଙ୍କୁ ବନ୍ଧୁରୂପେ ପାଇ ମୁଁ ଗର୍ବିତ ।

(ଡଃ. ଫାରୁକ୍ ଅବ୍‌ଦୁଲ୍ଲା)

* ବିଜୁ କହିଲେ ଓଡ଼ିଶାକୁ ବୁଝାଏ । ବିଜୁଙ୍କ ବିନା ଓଡ଼ିଶାର ଅର୍ଥନୈତିକ ପ୍ରଗତି ହୁଏତ ସମ୍ଭବ ହୋଇନଥାନ୍ତା ।

(ଏନ୍.ଟି.ଆର୍)

* ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପାଇଁ ବିଜୁଙ୍କର ଅବଦାନ ଅତୁଳନୀୟ ।

(ମନୋହର ଯୋଶୀ)

* ଭାରତୀୟ ରାଜନୀତିରେ ବିଜୁଙ୍କର ସ୍ଥାନ କିଛି କମ୍ ନୁହେଁ । ଜନତା ଦଳ ଗଠନରେ ପ୍ରମୁଖ ଭୂମିକା ସେ ହିଁ ନେଇଥିଲେ ।

(ଚନ୍ଦ୍ରଶେଖର)

* ବିଜୁଙ୍କପରି ଆଉ ଜଣେ ଦୁଃସାହସୀ ପାଇଲଟ ଏ ଦେଶରେ ଏ ଯାଏ ଜନ୍ମ ହୋଇନାହାଁନ୍ତି ।

(ଲାଲୁ ପ୍ରସାଦ ଯାଦବ)

* ସେ ଥିଲେ ଓଡ଼ିଶାର ଗର୍ବ ଓ ଗୌରବ । କଳିଙ୍ଗ ଥିଲା ତାଙ୍କ ଜୀବନର ସ୍ୱପ୍ନ । ତାଙ୍କର କଳିଙ୍ଗପ୍ରୀତି ଅନନ୍ୟ ।

(ଡଃ ରାଧାନାଥ ରଥ)

* ବିଜୁ ଥିଲେ ଝଡ଼ର ଇଗଲ, ମାଟିର ମୂ କାର । ସେ ଥିଲେ ଯୁବ ସୁଲଭ କର୍ମ ପ୍ରେରଣାର ସ୍ରୋତ । ସେ କେବେ ପରାଜୟ ବରଣ କରିନାହାଁନ୍ତି ।

(ଜାନକୀ ବଲ୍ଲଭ ପଟ୍ଟନାୟକ)

* ଦେଶର ଅର୍ଥନୈତିକ ବିକାଶରେ ବିଜୁବାବୁଙ୍କର ଅବଦାନ ଅତୁଳନୀୟ ।

(ପି. ଚିଦାମ୍ବରମ୍)

*	ବିଜୁଙ୍କ ବ୍ୟକ୍ତିତ୍ୱର ତୁଳନା ନାହିଁ । ସେ ସବୁରି ଆକର୍ଷଣର କେନ୍ଦ୍ରବିନ୍ଦୁ ।

(ଜୟଲଳିତା)

*	ବିଜୁଙ୍କ ଜୀବନୀ ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ ।

(କାହ୍ନୁ ଚରଣ ଲେଙ୍କା)

*	ବିଜୁ ଥିଲେ ଓଡ଼ିଶାର ନେହେରୁ । ତାଙ୍କୁ ଅନ୍ୟ ସହିତ ତୁଳନା କରାଯାଇ ପାରେନା ।

(ଶେଖ୍ ମତଲୁବ୍ ଅଲ୍ଲୀ)

*	ବିଜୁବାବୁ ଥିଲେ ଜାତୀୟ ରାଜନୀତିର ଅନ୍ୟତମ ଉଜ୍ଜ୍ୱଳ ଜ୍ୟୋତିଷ । ଓଡ଼ିଆଙ୍କ ସ୍ୱାଭିମାନ କହିଲେ ବିଜୁଙ୍କୁ ବୁଝାଏ ।

(ଭାଗବତ ପ୍ରସାଦ ମହାନ୍ତି )

*	ଧୈର୍ଯ୍ୟ, ଦୁଃସାହସ, କର୍ମଦକ୍ଷତାର ଜ୍ୱଳନ୍ତ ପ୍ରତୀକ ଥିଲେ ବିଜୁ । ବିତର୍କିକ ବ୍ୟକ୍ତିତ୍ୱ ହୋଇ ମଧ୍ୟ ସବୁରି ପ୍ରିୟ ପାତ୍ର ସାଜିଥିଲେ ।

(ଚିନ୍ତାମଣି ଦ୍ୟାନ୍ ସାମନ୍ତରାୟ)

*	ବିଜୁ ଥିଲେ କଳିଙ୍ଗର ନବ ନିର୍ମାତା ।

(ପଦ୍ମଶ୍ରୀ ଡଃ ସଚ୍ଚି ରାଉତରାୟ)

*	ନିଜପାଇଁ ନିଜ ପରିବାର ପାଇଁ କିଛି ନଭାବି ସେ ସର୍ବଦା ଓଡ଼ିଶାର ଓଡ଼ିଆଙ୍କ ପାଇଁ ଭାବୁଥିଲେ ।

(ନୀଳମଣି ରାଉତରାୟ)

*	ବିଜୁବାବୁ ଓଡ଼ିଶାର ପ୍ରବାଦ ପୁରୁଷ । ଉତ୍କଳ ଜନନୀର ସୁଯୋଗ୍ୟ ସନ୍ତାନ ।

(ବସନ୍ତ କୁମାର ବିଶ୍ୱାଳ)

*	ବିଜୁବାବୁ ଥିଲେ ଓଡ଼ିଶାର ସ୍ୱାଭିମାନ, ସାହସ, ବୀରତ୍ୱର ପ୍ରତୀକ । ସେ ଓଡ଼ିଶାର ଦ୍ୱିତୀୟ ଖାରବେଳ ।

(ଶରତ କୁମାର କର)

*	ବିଜୁଙ୍କର ତୁଳନା ନାହିଁ । ସେ ଦେଶର ଜଣେ ଅନନ୍ୟ ଅସାଧାରଣ ରାଷ୍ଟ୍ରନୀତିଜ୍ଞ ।

(କେ.ଆର୍. ନାରାୟଣନ୍)

*	ବିଜୁ ପଟ୍ଟନାୟକ ହିମାଳୟ ପରି ଅଟଳ ଅବିଚଳ ନିଜ ନିଷ୍ଠାରେ । ଭାରତୀୟ ରାଜନୀତିରେ ତାଙ୍କ ବ୍ୟକ୍ତିତ୍ୱର ତୁଳନା କରିହେବ ନାହିଁ ।

(ବିଶ୍ୱନାଥ ପ୍ରତାପ ସିଂହ)

*	ଗଣତନ୍ତ୍ର ସୁରକ୍ଷା ପାଇଁ, କେନ୍ଦ୍ର-ରାଜ୍ୟ ସଂପର୍କରେ ସମୀକରଣ ପାଇଁ ଆହ୍ୱାନ ଦେଇ ବିଜୁ ପଟ୍ଟନାୟକ ସମସ୍ତଙ୍କ ଆଖି ଖୋଲି ଦେଇଛନ୍ତି ।

(ଜ୍ୟୋତି ବସୁ)

*	ବିଜୁବାବୁ ପ୍ରକୃତରେ ଥିଲେ ଜଣେ ଯୁଗାନ୍ତକାରୀ ମହାପୁରୁଷ । ତାଙ୍କୁ ନେଇ ଓଡ଼ିଶା କେତେ ଶତାବ୍ଦୀ ଯାଏ ଗର୍ବ କରିବ କିଏ କହିପାରିବ ? ତାଙ୍କୁ ବାଦ୍ ଦେଇ ଆଧୁନିକ ଓଡ଼ିଶାର ଇତିହାସ ଲେଖାଯାଇ ପାରିବନି ।

(ଶ୍ରୀମତୀ ନନ୍ଦିନୀ ଶତପଥୀ)

*	ବିଜୁ ପଟ୍ଟନାୟକ ଜଣେ ମର୍ଯ୍ୟାଦାବନ୍ତ ରାଷ୍ଟ୍ରନାୟକ ।

(ବୀରଭଦ୍ର ସିଂହ)

*	ବିଜୁ ପଟ୍ଟନାୟକ ଜଣେ ଆନ୍ତର୍ଜାତିକ ସ୍ତରର ବ୍ୟକ୍ତି । ସେ ଓଡ଼ିଶାରେ ଜନ୍ମ ହୋଇ ଧନ୍ୟ କରିଛନ୍ତି ସେ ରାଜ୍ୟକୁ ।

(ଏ.କେ. ଆନ୍ଥୋନି)

*	ବିଜୁ ଥିଲେ ଓଡ଼ିଶାର ସ୍ୱାଭିମାନ । ଅତୀତ ଗୌରବର ଉଦ୍ଧାରକର୍ତ୍ତା । କଳିଙ୍ଗ ବାଲିଯାତ୍ରା ଆରମ୍ଭ କରି ସେ ନିଜ କଳିଙ୍ଗ ପ୍ରୀତିର ପରିଚୟ ଦେଇଛନ୍ତି ।

(ଦୈନିକ ପ୍ରଜାତନ୍ତ୍ର)

*	ବିଜୁ ଥିଲେ କେବଳ ଓଡ଼ିଶାର ନୁହେଁ ସମଗ୍ର ଭାରତ ବର୍ଷର ଗୌରବ ।

(ରବି ରାୟ)

*	ବିଜୁଙ୍କ ବିୟୋଗରେ ଭାରତୀୟ ରାଜନୀତି କ୍ଷେତ୍ରରୁ ଏକ ମହୀରୁହ ଟଳି ପଡ଼ିଲା । ଗୌରବର ବହ୍ନିମାନ ଶିଖା ଲିଭିଗଲା ।

(ଦୈନିକ ସମାଜ)

*	ବିଜୁବାବୁଙ୍କ ବିୟୋଗରେ ଓଡ଼ିଶାର ଯେଉଁ ଅପୂରଣୀୟ କ୍ଷତି ହେଲା ତାହା ବର୍ଣ୍ଣନାତୀତ । ଓଡ଼ିଆ ପୁଏ ତାଙ୍କ ପାଇଁ ନିଜକୁ

ଓଡ଼ିଆ ବୋଲି ଗର୍ବ କରୁଥିଲେ ।

(ଦୈନିକ ସମ୍ବାଦ)

* ବିଜୁ ପଟ୍ଟନାୟକ ଥିଲେ ଓଡ଼ିଶାବାସୀଙ୍କ ପାଇଁ ସବୁକିଛି । ସେ ଥିଲେ ଓଡ଼ିଆଙ୍କର ନେତା, ଦାତା, ସଖା, ବନ୍ଧୁ, ସହୋଦର । ସୁଖରେ ଦୁଃଖରେ, ହସରେ କାନ୍ଦରେ ସେ ଥିଲେ ଓଡ଼ିଆଙ୍କ ସାଥୀ ।ଦ

(ହେମାନନ୍ଦ ବିଶ୍ୱାଳ)

* ଓଡ଼ିଶାର ଗର୍ବ ଓ ଗୌରବ କହିଲେ ବିଜୁଙ୍କୁ ବୁଝାଉ ଥିଲା । ସେ ହିଁ ତ ଓଡ଼ିଶାର ପ୍ରକୃତ ନିର୍ମାତା ।

(ବାଙ୍କ ବିହାରୀ ଦାସ)

* ବିଜୁଙ୍କପରି ଜଣେ ଦୁଃସାହସୀ, କର୍ମପ୍ରବଣ, ଯୁବସୁଲଭ, ଦିଲ୍‌ଦାର ବ୍ୟକ୍ତି ମୁଁ ଅନ୍ୟତ୍ୟ ଦେଖିନାହିଁ ।

(ସିଦ୍ଧାର୍ଥ ଶଙ୍କର ରାୟ)

* ବିଜୁ ଥିଲେ ଆମ ଗରିବ ମଲିମୁଣ୍ଡିଆଙ୍କର ବାପମାଆ । ଆମ ପାଇଁ ସେ ଢେର୍ କିଛି କରିଛନ୍ତି ।

(ଦିନ ମଜୁରିଆ)

* ବିଜୁବାବୁ ଆଧୁନିକ ଓଡ଼ିଶାର ସୁଦକ୍ଷ ବିନ୍ଧାଣୀ । ପାରାଦ୍ୱୀପ ତାଙ୍କ କୀର୍ତ୍ତିର କୋଣାର୍କ ।

(ଦିଲ୍ଲୀପ ରାୟ)

* ବିଜୟର ଅନ୍ୟ ନାମ ବିଜୁ । ଓଡ଼ିଆ ଜାତି ଥିବା ଯାଏ ବିଜୁଙ୍କ ନାମ ଅମର ହୋଇ ରହିଥିବ ।

(ଅଟଳ ବିହାରୀ ବାଜପେୟୀ)

* ବିଜୁବାବୁ ଜଣେ ତୁଙ୍ଗ ନେତା । କେବଳ ଉଚ୍ଚତା ଦୃଷ୍ଟିରୁ ସେ ଖୁବ୍ ଡେଙ୍ଗା(ଟେଲ୍) ଥିଲେ ତା ନୁହେଁ, ତାଙ୍କ ଭିତରେ ଭରି ରହିଥିଲା ଅନେକ ଅନୁଭୂତି ।

(ଜର୍ଜ ଫର୍ଣ୍ଣାଡିଜ୍)

* ଓଡ଼ିଶାର ଯାହାକିଛି ସାଧିତ ହୋଇଛି ତାହା ବିଜୁଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ହିଁ ସମ୍ଭବ ହୋଇଛି । ତାଙ୍କୁ ପାଇ ଓଡ଼ିଶାବାସୀ ଗୌରବାନ୍ୱିତ ।

(ଏଲ୍.କେ. ଆଡ୍‌ଭାନୀ)

* ବିଜୁବାବୁ ଥିଲେ ଓଡ଼ିଆମାନଙ୍କର ପରିଚୟ ।

(ଶ୍ରୀ କୃଷ୍ଣକାନ୍ତ)

* ଈସହଙ୍କ ୟରଙ୍କ୍ଷ୍ଟଭଙ୍ଗଷ୍ୱବଷ୍ୱରୟ କ୍ଟ୍ରସ୍ୱସୟର ବଭୟ ଷ୍ଟରକ୍ଷଲ ଷ୍ୱରଙ୍ଗକ୍ଟ୍ରରମଷ୍ୱ କ୍ଟଲ ଷ୍ୱଷର କ୍ଟସ୍ୱସଛବଙ୍କ. ଐର ୟସୟ ଭକ୍ଟଷ୍ୱ ଭରଭୟ କ୍ଟସ୍ୱ ଭକ୍ଟଙ୍ଗ, ମସ୍ୱସଭଶର କ୍ଟସ୍ୱ ମସ୍ୱବଙ୍ଗକ୍ଷ ରଙ୍ଗରଭ ଭରଲକ୍ଟସ୍ୱର ଘରଷରସ୍ୱଙ୍କ, ଓଭୟସସ୍ୱବ କ୍ଟସ୍ୱ ଗକ୍ଟସ୍ୱବସ୍ୱବହରର ଷ୍ୱକ୍ଟ ସ୍ୱରଷ୍ୱବସଭ କ୍ଟ୍ରକ୍ଟଙ୍ଗରସ୍ୱ. ଝଷର କ୍ଟଭକ୍ଷଛ ଙ୍ଗରଙ୍ଗଷ୍ୱରୟ ସଭଷ୍ୱରସ୍ୱରଙ୍ଗଷ୍ୱ ଷର ଷବୟ ଙ୍ଗବଙ୍ଗ ଷ୍ୱଷର ୟସଶଭସଷ୍ୱଛ ବଭୟ ଷକ୍ଟଭକ୍ଟଙ୍କସ୍ୱ କ୍ଟଲ ଷ୍ୱଷର କ୍ଟସ୍ୱସଛବଙ୍ଗ.ଈସହଙ୍କ ଷ୍ୱଷର ଙ୍କକ୍ଟଙ୍ଗଷ୍ୱ ଙ୍ଗକ୍ଟମବକ୍ଷ କ୍ଟ୍ରସ୍ୱକ୍ଟକ୍ଟ୍ରକ୍ଟଭରଭଷ୍ୱ କ୍ଟଲ କ୍ଟସ୍ୱସଙ୍ଗଙ୍ଗବ'ଙ୍ଗ କ୍ଟ୍ରସ୍ୱସୟର ବଭୟ କ୍ଟ୍ରସ୍ୱରଙ୍ଗଷ୍ୱସଶର, ଶକ୍ଷକ୍ଟସ୍ୱଛ ବଭୟ ଶସ୍ୱରବଷ୍ୱ-ଭରଙ୍ଗଙ୍ଗ, ଷ୍ଟରକ୍ଷଲ ସ୍ୱରଙ୍ଗକ୍ଟ୍ରରମଷ୍ୱ ବଭୟ ଷ୍ଟରକ୍ଷଲ କ୍ଟ୍ରସ୍ୱସୟର କ୍ଟଲ ଷ୍ୱଷର କ୍ଟସ୍ୱସଛବଙ୍ଗ ସଭ ଷ୍ୱଷର ସ୍ୱର-ମରଭଷ୍ୱ କ୍ଟ୍ରବଙ୍ଗଷ୍ୱ. ଐର ଷ୍ଟଙ୍କମମରରୟଙ୍ଗ ଟଷ୍ୱଲବକ୍ଷ ଏବଙ୍କସ୍ୱବଙ୍ଗ ଗବୟଷଙ୍କଙ୍ଗଙ୍କୟବଭ ଙ୍ଗଷକ୍ଟ ସଙ୍ଗ ଷ୍ୱଷର ଙ୍କକ୍ଟଙ୍ଗଷ୍ୱ ମକ୍ଟଭଙ୍ଗକ୍ଟ୍ରସମଙ୍କଙ୍ଗକ୍ଟଙ୍କଙ୍ଗ ମଷବଙ୍କକ୍ଟ୍ରସକ୍ଟଭ କ୍ଟଲ କ୍ଟସ୍ୱସଛବ'ଙ୍ଗ ଷକ୍ଟଭକ୍ଟଙ୍କସ୍ୱ ବଭୟ ଶକ୍ଷକ୍ଟସ୍ୱଛ.

(ଐଙ୍କକ୍ଷଷବଙ୍ଗବ ଈରଷରସ୍ୱବ)

ଈଙ୍କଷ୍ୱଷକ୍ଟସ୍ୱ କ୍ଟଲ "ଈସହଙ୍କ ଚବଷ୍ୱଭବସଳ, ଷ୍ୱଷର କ୍ଷରଶରଭୟବସ୍ୱଛ
କ୍ଟ୍ରସକ୍ଷକ୍ଟଷ୍ୱ ବଭୟ କ୍ଷସଙ୍ଗର ଙ୍ଗସସ୍ୱର କ୍ଟ୍ରକ୍ଟକ୍ଷଷ୍ୱସମସବଭ."

## ବିଜୁଙ୍କ ମୁଖର ବାଣୀ

ବିଜୁ ଥିଲେ ଭାରି ଏକ ଜିଦିଆ । ଯାହା ଭାବୁଥିଲେ ତାହାକୁ କାର୍ଯ୍ୟରେ ପରିଣତ କରିବାକୁ ଉଦ୍ୟମ କରୁଥିଲେ । ସେ କେବେ ଶ୍ରୋତା ହେବାକୁ ପସନ୍ଦ କରନ୍ତିନି । ନିଜେ ବକ୍ତା ହୋଇ କହି ଚାଲନ୍ତି । ତାଙ୍କ ସାମନାରେ ଅନ୍ୟମାନେ କହିବାକୁ ସାହସ କରିପାରନ୍ତି ନାହିଁ । ଅଜବ ଖିଆଲ ତାଙ୍କର । କେତେବେଳେ କାହାକୁ ପ୍ରଶଂସାରେ ପୋତି ପକାନ୍ତି ତ କେତେବେଳେ କାହାକୁ ମନଇଚ୍ଛା ଗାଳି ଦିଅନ୍ତି । ତାଙ୍କର କର୍ମୀ, ସମର୍ଥକମାନେ ଠିକ୍‌ଭାବରେ ଜାଣିଥିଲେ ତାଙ୍କ ସ୍ୱଭାବ । କେତେକ ତାଙ୍କୁ ବଦ୍‌ମିଜାଜୀ ସମ୍ରାଟ କହନ୍ତି । କେତେକ

କହନ୍ତି ବିଜୁଙ୍କ କଥାସବୁ ବଦ୍ଧ ପାଗଳର ପ୍ରଳାପ । ସେ ଅନେକ ସମୟରେ ଅନେକ ବିବୃ ି ଦେଇ ସମାଲୋଚିତ ହୋଇଛନ୍ତି । କଥାକଥାକେ ତାଙ୍କ ମୁହଁରୁ "ଇକ୍ଷକ୍ଟକ୍ଟୟଛ" 'ଓୟସକ୍ଟସ୍ବ' ଆଦି ଶବ୍ଦ ବାହାରିପଡ଼େ । ସେ ଯାହା କହନ୍ତି ମୁହେଁ ମୁହେଁ । ପଛଆଡ଼େ କହିବାର ପ୍ରକୃତି ତାଙ୍କର ନଥିଲା । କିଏ ଭଲଭାବୁ ବା ଖରାପଭାବୁ ସେ ବିଚାର କରନ୍ତି ନାହିଁ । ତାଙ୍କ ମନକୁ ଯାହା ଆସେ କହିଯାଆନ୍ତି । ଏଠାରେ ତାଙ୍କ ତୁଣ୍ଡର କିଛି କଥାର ଅବତାରଣା କରାଯାଉଛି ।

* ଉଦ୍ଧତ ବ୍ରିଟିଶ କର୍ଣ୍ଣେଲଙ୍କୁ ସେ ବିମାନରେ କହିଥିଲେ ଛକ୍ଟଙ୍କ ଭକ୍ଷକ୍ଟକ୍ଟୟଛ. ଝକ୍ଷଙ୍କସ୍ବ ଙ୍କକ୍ତ୍ର ଛକ୍ଟଙ୍କ ଙ୍କକ୍ଟଭ କ୍ଟଲ ବ ଭସସ୍ବମକ୍ଷ, ବକ୍ଟ୍ରକ୍ଟକ୍ଷକ୍ଟଶସକ୍ଟର ସଙ୍କଙ୍କରୟସବସ୍ବରକ୍ଷଛ କ୍ଟକ୍ସ ଓ କ୍ଟକ୍ଷକ୍ଟକ୍ଟସ୍ବ.

* ଇଣ୍ଡୋନେସିଆର ସଂଗ୍ରାମୀ ମାନଙ୍କୁ ନିଜ ଡାକୋଟାରେ ଉଦ୍ଧାର କରି ଆଣିବାର ଦୁଃସାହସ କରି ସେ ନେହେରୁଙ୍କୁ କହିଥିଲେ, ଝସକ୍ସ, ଓ ବଙ୍କ ସ୍ବକ୍ଷର କ୍ଟ୍ରକ୍ଟକ୍ଟକ୍ସ ଭକ୍ଷକ୍ଟକ୍ଟୟଛ ଓଭୟସବଭ ସ୍ବକ୍ଷବସ୍ବ ମବଭ ମକ୍ସଙ୍କସକ୍ଟର ଭରସ୍ବଙ୍ଗରରଭ ଉହବଳବକ୍ସସ୍ବବ ବଭୟ ଉରକ୍ଷକ୍ଷସ ସଭ ସ୍ବକ୍ଷର ଲବମର କ୍ଟଲ ବକ୍ଷକ୍ଷ କ୍ଟୟୟକ୍ଟ ବଭୟ ମବଭ ସ୍ବକ୍ଷକ୍ସକ୍ଟଙ୍ଗ ୟଙ୍କକ୍ଟସ୍ବ ସଭ ସ୍ବକ୍ଷର ଉଙ୍କସ୍ବମକ୍ଷ ରଛରକ୍ଟ ସ୍ବକ୍ଟ ଶରସ୍ବ କ୍ଟବକ୍ଷବକ୍ସସଛବକ୍ସ ବଭୟ ଐବସ୍ବସ୍ବବ କ୍ଟବଲର ସଭ ୟରକ୍ଷକ୍ଷସ.

* ଡଚ କମାଣ୍ଡର ଯେତେବେଳେ ବିଜୁଙ୍କୁ କହିଲେ, ଛକ୍ଟଙ୍କ ଭକ୍ଷକ୍ଟକ୍ଟୟଛ କ୍ଟ୍ରସକ୍ଷକ୍ଟସ୍ବ, ଭର ୟକ୍ଟଙ୍ଗଭ କ୍ଟକ୍ସ ଓ କ୍ଟକ୍ଷକ୍ଟକ୍ଟସ୍ବ ସେତେବେଳେ ବିଜୁ କହିଥିଲେ, ଇରଙ୍ଗବକ୍ସର ଛକ୍ଟଙ୍କ ଭକ୍ଷକ୍ଟକ୍ଟୟଛ ଲକ୍ଟକ୍ଟକ୍ଷ. ତୁ ମୋତେ ଏକା ଯାହା କିଛି କରିପାରିବୁ କିନ୍ତୁ ମନେରଖ ମୁଁ ଦିଲ୍ଲୀ ନଫେରିଲେ ଗୋଟିଏ ହେଲେ ଡଚ ବିମାନ ଦିଲ୍ଲୀ ଅତିକ୍ରମ କରି ଆସି ପାରିବ ନାହିଁ । ସବୁ ତଳକୁ ଖସାଇ ଦିଆଯିବ ।

* ମୁଁ ସମସ୍ତଙ୍କ ପାଇଁ ଟାଇଲ ଛପର ଘର କରିଦେବି । ଗାଁରୁ ଗାଁକୁ ବିଜୁଳୀବତୀ ଖଞ୍ଜିଦେବି । ଓଡ଼ିଶାକୁ ବମ୍ବେ ବନେଇ ଦେବି ।
* ପାରାଦ୍ୱୀପ ବନ୍ଦର ନିଶ୍ଚିନ୍ତ ହେବ । କେନ୍ଦ୍ର ସରକାର ମଞ୍ଜୁରୀ ନଦେଲେ ମଧ୍ୟ ମୁଁ କରିବି ।
* ଯେଉଁମାନେ କହୁଛନ୍ତି ମୁଁ ଖାଇଗଲି, ନେଇଗଲି ବୋଲି ସେମାନେ ଖାଆନ୍ତୁ । ସବୁ ବୋହି ନିଅନ୍ତୁ । ନିଜ ତାକତ ଦେଖେଇ ଆଉ ଗୋଟେ ବନ୍ଦର ଗଢ଼ି ଦିଅନ୍ତୁ ।
* ମୁଁ ସରକାର । ମୋ ଇଚ୍ଛା ମୁଁ ଟଙ୍କାଏ ଦରମା ନେବି । କିଏ ମୋତେ କ'ଣ କହିବ ?
* ରିକ୍ସାବାଲାକୁ ଶହେଟଙ୍କା ଦେଲିତ କ'ଣ କ୍ଷତି ହୋଇଗଲା ? ବିଚରା ଗରିବ ଲୋକଟା । ତାକୁ ମୁଁ ନ ଦେବିତ କିଏ ଦେବ ?
* ରବିବାରରେ କେହି ସରକାରୀ ଗାଡ଼ି ଚଢ଼ି ପାରିବେନି । ନିଜ ପରିବାର ଲୋକଙ୍କୁ ଧରି ସରକାରୀ ଗାଡ଼ିରେ କୁଆଡ଼େ ଯାଇ ପାରିବେନି । ନିଜ ଧନ ଖର୍ଚ୍ଚ କରି ଯାଆନ୍ତୁ ।
* ମୁଁ ମୋ ଭାଇକୁ ମାଡ଼ ଦେଲି ପୁଣି ତାକୁ ହଜାରେ ଟଙ୍କା ପୁରସ୍କାର ଦେଲି । ଏଥିରେ କାହାର କ'ଣ ଯାଏଆସେ ?
* ଦିଲ୍ଲୀ ଯାଇ ମୁଁ ଭୁଲ କରିଛି । ଓଡ଼ିଶା ମୋର ଜନ୍ମଭୂମି, କର୍ମଭୂମି । ମୋ ତୀର୍ଥ ଭୂମି । ଓଡ଼ିଶାର ସର୍ବାଙ୍ଗୀନ ବିକାଶ ମୋର କ ବ୍ୟ ।
* ହାଇକୋର୍ଟ ବାଇବେଲ ନୁହେଁକି ବିଚାରପତି ଭଗବାନ ନୁହଁନ୍ତି ।
* ଭାରତ ପାଇଁ ମିଲିଟାରୀ ଶାସନ ଦରକାର ।
* ମୁଁ ଦେବଗୌଡାକୁ ପ୍ରଧାନମନ୍ତ୍ରୀ ବୋଲି ମାନେ ନାହିଁ ।
* ପୋଲିସମାନେ ପେଟ କମାନ୍ତୁ । ଲା ପରିହାର କରନ୍ତୁ । ମୁଁ ସେମାନଙ୍କୁ ପ୍ରମୋଶନ ଦେବି ।
* ଯୌତୁକ ନିର୍ଯ୍ୟାତନା କ୍ଷେତ୍ରରେ ଶାଶୁକୁ ହାତକଡ଼ି ନଣନ୍ଦକୁ ବେଡ଼ି ପକାଇ ବାନ୍ଧିଆଣ ।
* ଡାକ୍ତରମାନେ ସେବା କରିବେତ ଗ୍ରାମା ଳକୁ ଯାଆନ୍ତୁ ।
* ସଭାରେ ସ୍ତ୍ରୀଲୋକ ନଥିଲେ ମୋତେ ଭଲ ଲାଗେନା ।
* ନାରୀମାନଙ୍କୁ କେହି ଅଶାଳୀନ ବ୍ୟବହାର କରିପାରିବେ ନାହିଁ ।
* ଧର୍ଷଣକାରୀର ଯୌନାଙ୍ଗ ଛେଦନ କରିବାକୁ ମୁଁ ଖାସ୍ ସ୍କ୍ୱାର୍ଡ଼ ଗଠନ କରିବି ।
* ମୋ ରାଜ୍ୟର ଗରିବ ଲୋକଙ୍କୁ ଦୁଇ ଟଙ୍କାରେ ଚାଉଳ ଯୋଗାଇ ଦେବି ।
* ଲା ଖୋର, ଅଳସୁଆ ଅଫିସରଙ୍କୁ ମାଡ଼ ଦେଇ ମୋତେ ଟେଲିଗ୍ରାମ୍ କର ।
* ସାମ୍ବାଦିକମାନେ ସବୁକଥାକୁ ବଢେଇକରି କହନ୍ତି ।
* ରାଜ୍ୟମାନଙ୍କୁ ଆର୍ଥିକ ସାଧୀନତା ମିଳିବା ଦରକାର ।
* ଓଡ଼ିଶା ପ୍ରତି ବୈମାତୃକ ମନୋଭାବ ପୋଷଣ କଲେ ଓଡ଼ିଶା ଜାତୀୟ ସ୍ରୋତରୁ ଅଲଗା ହୋଇଯିବ ।

## ବ୍ୟକ୍ତିତ୍ୱରେ-ବିଜୁ

ନାମ- ବିଜୟାନନ୍ଦ ପଟ୍ଟନାୟକ(ବିଜୁ)
ଜନ୍ମ- ୧୯୧୬ ମାର୍ଚ୍ଚ ୫ ତାରିଖ।
ସ୍ଥାନ- କଟକର ତୁଳସୀପୁରସ୍ଥ ଆନନ୍ଦ ନିବାସ।
ପିତା- ଲକ୍ଷ୍ମୀନାରାୟଣ ପଟ୍ଟନାୟକ (ମୁନ୍‌ସିଫ୍ ଓ ପରେ ସବଜଜ୍)
ମାତା- ଆଶାଲତା ରାୟ।
ଭାଇ- ଶ୍ରଦ୍ଧାନନ୍ଦ ପଟ୍ଟନାୟକ(ଜର୍ଜ), ଜୟାନନ୍ଦ ପଟ୍ଟନାୟକ (ସିଜୁ)
ଭଉଣୀ- ମୁକ୍ତିଦେବୀ

(ଜର୍ଜ ଜଣେ ଦନ୍ତ ଚିକିତ୍ସକ ଥିଲେ ଏବଂ କ୍ରୀଡ଼ାପ୍ରତି ତାଙ୍କର ଯଥେଷ୍ଟ ଉତ୍କଣ୍ଠା ରହିଥିଲା। ସେ ଅନେକ ଦିନଧରି ଓଡ଼ିଶା ଅଲିମ୍ପିକ ଏସୋସିଏସନର ଉପସଭାପତି ରହିଥିଲେ। ଜୟାନନ୍ଦ ଇଣ୍ଡିଆନ ଏୟାରଫୋର୍ସରେ ଯୋଗ ଦେଇଥିଲେ। ମାତ୍ର କ୍ୟାନସର ପୀଡ଼ିତ ହୋଇ ଯୁବାବସ୍ଥାରେ ମୃତ୍ୟୁବରଣ କରିଥିଲେ। ମୁକ୍ତିଦେବୀ ଏମ୍.ଏ. ପାଶ୍ କରି ବିବାହ କରିଥିଲେ )

ବିଜୁଙ୍କ ଶିକ୍ଷାଗତ ଯୋଗ୍ୟତା - ବି.ଏସ୍.ସି. ଏରୋନଟିକାଲ ଇଞ୍ଜିନିୟର
ବୃତ୍ତି - ପ୍ରଥମେ ବୈମାନିକ, ସ୍ୱାଧୀନତା ସଂଗ୍ରାମୀ ଓ ପରେ ଶିଳ୍ପପତି, ରାଜନୈତିକ ନେତା। ବିଧାନସଭାର ସଦସ୍ୟ, ମୁଖ୍ୟମନ୍ତ୍ରୀ, ଲୋକସଭା ସଦସ୍ୟ, କେନ୍ଦ୍ରମନ୍ତ୍ରୀ, ରାଜ୍ୟସଭା ସଦସ୍ୟ, ଯୋଜନା ବୋର୍ଡର ଅଧକ୍ଷ, ବିରୋଧିଦଳ ନେତା।

କୃତି - ପାରାଦ୍ୱୀପ ବନ୍ଦର, ଏକ୍ ସପ୍ରେସ ହାଇୱେ, କଳିଙ୍ଗ ଟିଉବସ୍, କଳିଙ୍ଗ ଏୟାର ଲାଇନସ୍, କଳିଙ୍ଗ ଏ ରପ୍ରାଇଜର୍ସ, କଳିଙ୍ଗ ରିଫ୍ରାକ୍ଟୋରିଜ୍, କଳିଙ୍ଗ ଆଇରନ ୱାର୍କସ୍, କଳିଙ୍ଗ ଫାଉଣ୍ଡେସନ୍, ଓ.ଟି.ଏମ୍. ସୈନିକ ସ୍କୁଲ, ଓଡିଶା କୃଷି ଓ ବୈଷୟିକ ବିଦ୍ୟାଳୟ, ରିଜିଓନାଲ ଇଞ୍ଜିନିୟରିଂ କଲେଜ, ରିଜିଓନାଲ କଲେଜ ଅଫ୍ ଏଜୁକେଶନ, ମିଗ୍ ବିମାନ କାରଖାନା ଏବଂ ଅନେକ ଛୋଟ ବଡ ଶିଳ୍ପ, ପୋଲ, ରାସ୍ତା, ଉଦ୍ୟାନ, ଅଭୟାରଣ୍ୟ ।

ପେଶା- ଶିଳ୍ପ ପ୍ରତିଷ୍ଠା, ଦୁଃସାହାସିକ କାର୍ଯ୍ୟକ୍ରମ, ରାଜନୀତି ।

ବିବାହ- ୧୯୩୮ ରେ ଜ୍ଞାନଦେବୀଙ୍କ ସହିତ ରାଓଲପିଣ୍ଡିରେ ବିବାହ ସଂପର୍ଣ୍ଣ ।

ପରିବାର- ଦୁଇ ପୁତ୍ର, ଏକ କନ୍ୟାର ଜନକ । ଜ୍ୟେଷ୍ଠ ପୁତ୍ର ଶିଳ୍ପପତି ପ୍ରେମ ପଟ୍ଟନାୟକ ଓ କନିଷ୍ଠ ପୁତ୍ର ଲେଖକ ନବୀନ ପଟ୍ଟନାୟକ (ବ ମାନ ଓଡିଶାର ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ସଭାପତି) ଏବଂ କନ୍ୟା ଗୀତା ମେହେଟ୍ଟା ଜଣେ ଆନ୍ତର୍ଜାତୀୟ ଖ୍ୟାତି ସଂପର୍ଣ୍ଣ ଲେଖିକା ।

ରାଜନୈତିକ ଜୀବନ - ୧୯୪୬ରେ ଓଡିଶା ରାଜନୀତିରେ ଯୋଗଦାନ । ୧୯୪୭ ରେ ଓଡିଶାରେ ପ୍ରଥମ କରି ନିର୍ବାଚିତ । ୧୯୬୧ରେ ପ୍ରଦେଶ କଂଗ୍ରେସ ସଭାପତି ନିର୍ବାଚିତ ଜିଣି ମୁଖ୍ୟମନ୍ତ୍ରୀ । ୧୯୬୭-୧୯୯୦ ପର୍ଯ୍ୟନ୍ତ ନାନା ଉତ୍ଥାନ ପ ନରେ ଗତିକରି ୧୯୯୦ରେ ପୁଣି ଦ୍ୱିତୀୟ ବାର ଓଡିଶାର ମୁଖ୍ୟମନ୍ତ୍ରୀ ହେଲେ । ୧୯୯୬ରେ ଆସ୍କାର ଲୋକସଭା ସାଂସଦ ଥିଲେ ।

ମହାପ୍ରୟାଣ -୧୯୯୭ ଏପ୍ରିଲ ୧୭ ତାରିଖରେ ।

-୦-୦-୦-

## ଓଡିଶାରେ ନବନୀ ପଟ୍ଟନାୟକ ନେତୃତ୍ୱାଧିନ ବିଜୁ ଜନତା ଦଳ (ବିଜେଡି) ସରକାରଙ୍କ ସଫଳତା ଓ ସଂକଳ୍ପ

ଓଡ଼ିଶାର ଜନସାଧାରଣଙ୍କୁ ସାମାଜିକ, ନ୍ୟାୟିକ, ଆ ଳିକ ଓ ଧାର୍ମିକ ସୁରକ୍ଷା ପ୍ରଦାନ କରିବା ସହିତ ଏକ କ୍ଷୁଧା ମୁକ୍ତ ସମାଜର ସମସ୍ତ ସୁଫଳ ପ୍ରଦାନ କରିବାରେ ବିଜୁ ଜନତା ଦଳ ସଙ୍କଳ୍ପବଦ୍ଧ । ଆଜି ତାହାର ସଫଳତାର ଚିତ୍ର ସୁସ୍ପଷ୍ଟ ।

**<u>ଆମର ସଫଳତା</u>**

× ଗ୍ରାମା ଳରେ କ୍ଷୁଧାମୁକ୍ତି ନିମନ୍ତେ ରାଜ୍ୟର ପ୍ରତ୍ୟେକ ବିପିଏଲ୍ ପରିବାର ସହ କେବିକେ ଜିଲ୍ଲା ମାନଙ୍କରେ ଏପିଏଲ୍ ପରିବାରଙ୍କୁ କିଲୋ ପ୍ରତି ଦୁଇ ଟଙ୍କାରେ ମାସିକ ୨୫ କିଲୋ ଚାଉଳ ଯୋଗାଣ
× ଅନ୍ତୋଦୟ ଅନ୍ନ ଯୋଜନା ଓ ଅନ୍ନପୂର୍ଣ୍ଣା ଯୋଜନାର ପ୍ରଚଳନ
× ବାର୍ଦ୍ଧକ୍ୟ ଭ । ଯୋଜନାରେ ଅନ୍ତର୍ଭୁକ୍ତ ହେବାକୁ ଯୋଗ୍ୟ ହୋଇ ମଧ ଭ । ପାଉନଥିବା ବରିଷ୍ଠ ନାଗରିକ ମାନଙ୍କୁ ଅନ୍ନପୂର୍ଣ୍ଣା ଯୋଜନା ମାଧମରେ ବିନା ମୂଲ୍ୟରେ ମାସିକ ୧୦ କିଲୋଗ୍ରାମ୍ ଚାଉଳ ଯୋଗାଣ
× ସ୍ୱତନ୍ତ୍ର ପୁଷ୍ଟିକର ଖାଦ୍ୟଯୋଗାଣ କାର୍ଯ୍ୟକ୍ରମ, ମଧାହ୍ନ ଭୋଜନ କାର୍ଯ୍ୟକ୍ରମ ଓ ଜରୁରୀକାଳୀନ ଭୋଜନ କାର୍ଯ୍ୟକ୍ରମ ପ୍ରଚଳନ
× ମହିଳା, ଶିଶୁ ଏବଂ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ନିରାପ ।, ସାମାଜିକ ସୁରକ୍ଷା ଏବଂ କର୍ମ ନିଯୁକ୍ତିର ବ୍ୟାପକ ବ୍ୟବସ୍ଥା
× ଆ ଳିକ ବୈଷମ୍ୟ ଦୂରୀକରଣ ପାଇଁ ସଂଶୋଧିତ ଦୀର୍ଘମିଆଦୀ କ୍ରିୟାଭିମୁଖୀ ଯୋଜନା ଓ ବିଜୁ କେବିକେ ଯୋଜନା, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ, ଗୋପବନ୍ଧୁ ଗ୍ରାମୀଣ ଯୋଜନା, ପଛୁଆ ଅ ଳ ଅନୁଦାନ ପାଣ୍ଠି ପ୍ରଚଳନ
× ମଧୁବାବୁ ପେନ୍ସନ୍ ଯୋଜନା ମାଧମରେ ଅଧିକ ସଂଖ୍ୟକ ବାର୍ଦ୍ଧକ୍ୟ ଭ । ପ୍ରଦାନ
× କୁଶଳୀ, ଅର୍ଦ୍ଧକୁଶଳୀ, ଉଚ୍ଚକୁଶଳୀ ଶ୍ରମିକ ମାନଙ୍କର ସର୍ବନିମ୍ନ ମଜୁରୀ ବୃଦ୍ଧି
× କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକଙ୍କ ପାଇଁ ସରକାରୀ ପରିଚୟ ପତ୍ର ପ୍ରଦାନ ଏବଂ ନିର୍ମାଣ ଖର୍ଚ୍ଚରୁ ଏକ ପ୍ରତିଶତ ସେସ୍ ଆଦାୟ କରି ନିର୍ମାଣ ଶ୍ରମିକ ମଙ୍ଗଳ ପାଣ୍ଠି ଗଠନ କରାଯାଇଛି ।
× ବିଧବା ମହିଳା, କଳାକାର, ଭିନ୍ନକ୍ଷମ, ବୃଦ୍ଧ ଓ ବୃଦ୍ଧା ଇତ୍ୟାଦିଙ୍କୁ ଭ । ପ୍ରଦାନ

× କେନ୍ଦୁପତ୍ର ସଂଗ୍ରହ କାର୍ଯ୍ୟରେ ନିୟୋଜିତ ତୋଳାଳୀ ଓ ବନ୍ଧାଳୀଙ୍କ ପାଇଁ କଲ୍ୟାଣ ପାଣ୍ଠି ଗଠନ, କାର୍ଯ୍ୟରତ ଅବସ୍ଥାରେ ମୃତ୍ୟୁ ବରଣ କରିଥିବା ବ୍ୟକ୍ତିର ଉ ରାଧିକାରୀଙ୍କୁ ପଚାଶ ହଜାର ଟଙ୍କାର କ୍ଷତିପୂରଣ,
× ଅକ୍ଷମକୁ ପଚିଶ ହଜାର ଟଙ୍କାର କ୍ଷତିପୂରଣ ଏବଂ ଗୁରୁତର ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ କୋଡ଼ିଏ ହଜାର ଟଙ୍କାର ଅନୁଦାନ ଦେବାର ବ୍ୟବସ୍ଥା ହୋଇଛି ।
× କେନ୍ଦୁପତ୍ର ତୋଳାଳୀଙ୍କ ସ୍ୱାର୍ଥକୁ ବିଚାରକରି ୨୦ ପତ୍ର ବିଶିଷ୍ଟ ବିଡ଼ା/ କେରୀ ପ୍ରତି ୧୬ ପଇସାରୁ ୨୯ ପଇସାକୁ ବୃଦ୍ଧି
× ବିପିଏଲ୍ ପରିବାରମାନଙ୍କ ପାଇଁ ୫୦୦ ଗ୍ରାମ୍ୟ ଶସ୍ୟ ବ୍ୟାଙ୍କ ୩୦ଟି ଜିଲ୍ଲାରେ ଖୋଲାଯାଇ ପ୍ରତ୍ୟେକ ବ୍ୟାଙ୍କକୁ ମାସିକ ୨୦ କୁଇ ।ଲ ଚାଉଳ ଯୋଗାଣ
× ସମସ୍ତଙ୍କ ପାଇଁ ଆଇନ୍ ସହାୟତା ପ୍ରଦାନ
× ଭିନ୍ନକ୍ଷମଙ୍କୁ ତିନିଚକିଆ ସାଇକେଲ ଯୋଗାଣ
× ଗରିବକୁ ଘରଡିହ ପ୍ରଦାନ
× ମୋ କୁଡ଼ିଆ ଯୋଜନାରେ ଗ୍ରାମା ଳର ଗରିବ ଲୋକମାନଙ୍କୁ ଘର ଯୋଗାଣ
× ଦାରିଦ୍ର୍ୟ ଦୂରୀକରଣ ପାଇଁ ବିଭିନ୍ନ ପରିଯୋଜନା

**ଆମର ସଂକଳ୍ପ**

× ରାଜ୍ୟରେ ଜଣେ ବି ଭୋକିଲା ପେଟରେ ରହିବେ ନାହିଁ
× ଭିନ୍ନକ୍ଷମ ଆୟୋଗ ଗଠନ ମାଧ୍ୟମରେ ସେମାନଙ୍କର ସାମୂହିକ ବିକାଶ (କାର୍ଯ୍ୟକାରୀ କରାଯାଉ ଅଛି)
× ସବୁ ଶ୍ରେଣୀର ଶ୍ରମିକମାନଙ୍କ ପାଇଁ ଶ୍ରମିକ ମଙ୍ଗଳ ପାଣ୍ଠି ଗଠନ (କାର୍ଯ୍ୟକାରୀ କରାଯାଉ ଅଛି)
× ଶ୍ରମିକ ଉନ୍ନୟନ ପରିଷଦ ଗଠନ କରାଯିବା ସହିତ ଶ୍ରମ ବିଭାଗକୁ କ୍ରିୟାଶୀଳ କରାଯିବା (କାର୍ଯ୍ୟକାରୀ କରାଯାଉ ଅଛି)
× ଅସଂଗଠିତ ଶ୍ରମଜୀବୀଙ୍କୁ ସଂଗଠିତ କରାଯିବାକୁ ସଚେତନତା ସୃଷ୍ଟି
× ଓଡ଼ିଶା ବାହାରକୁ ଯାଉଥିବା ଦାଦନ ଶ୍ରମିକମାନଙ୍କର ନିୟନ୍ତ୍ରଣ ବ୍ୟବସ୍ଥା
× କେନ୍ଦୁପତ୍ର ବ୍ୟବସାୟର ଲାଭରୁ କେନ୍ଦୁପତ୍ର ଉତ୍ପାଦନ ଅ ଳର ସାମଗ୍ରିକ ବିକାଶ ପାଇଁ ଆବଶ୍ୟକୀୟ ଅର୍ଥ ଅଗ୍ରାଧିକାର ଭି ିରେ ଖର୍ଚ୍ଚ କରାଯିବ ( କାର୍ଯ୍ୟକାରୀ କରାଯାଉ ଅଛି)

ଆର୍ଥିକ ଅନଟନରେ ଥିବା ପ୍ରତ୍ୟେକ ପରିବାରଙ୍କୁ ଦୁଇଟଙ୍କିଆ ଚାଉଳ ଯୋଗାଇବା ପାଇଁ ବ୍ୟବସ୍ଥା (କାର୍ଯ୍ୟକାରୀ କରାଯାଉ ଅଛି)

## କୃଷି, କୃଷକ ଓ ଜଳସେଚନ

ଓଡ଼ିଶାର ଅର୍ଥନୀତିଗତ ବିକାଶରେ କୃଷି, କୃଷିକ୍ଷେତ୍ର ଓ କୃଷିଜାତ ଦ୍ରବ୍ୟର ସ୍ଥାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଅନ୍ୟାନ୍ୟ ବିକଶିତ ରାଜ୍ୟର କୃଷି ସଂପର୍କୀୟ ଯୋଜନା ଓ ତା'ର ସଫଳତାକୁ ଆଖିରେ ରଖି ଏକ ନୂତନ ଦିଗନ୍ତର ପରିକଳ୍ପନା ବିଜୁ ଜନତା ଦଳର ଅଗ୍ରାଧିକାର ।

**ଆମର ସଫଳତା**

× କୃଷି ଓ କୃଷକର କଲ୍ୟାଣ ପାଇଁ, କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଅଧିକ ପୁଞ୍ଜି ବିନିଯୋଗ
× ଅଧିକ କର୍ମ ନିଯୁକ୍ତି ଓ ଉପାର୍ଜନ ସୃଷ୍ଟିକାରୀ ପନିପରିବା, ଫଳ ଓ ଫୁଲଚାଷ ଇତ୍ୟାଦି କୃଷି ସଂପଦର ପ୍ରଚଳନ
× କୃଷି କ୍ଷେତ୍ରରେ ବ୍ୟାପକ ଜଳସେଚନର ବ୍ୟବସ୍ଥା
× ଜଳ ବିଭାଜିକା ଉନ୍ନୟନ ଯୋଜନାର ପ୍ରଚଳନ
× ଅସମ୍ପୂର୍ଣ୍ଣ ଜଳ ସେଚନ ଯୋଜନାକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟକ୍ଷମ କରିବା
× ପାଣି ପ ାୟତ ମାଧ୍ୟମରେ କୃଷକଙ୍କୁ ଜଳସେଚନ କାର୍ଯ୍ୟରେ ଅଂଶୀଦାର କରିବାର କାର୍ଯ୍ୟକ୍ରମ
× 'ବିଜୁ କୃଷକ ବିକାଶ ଯୋଜନା' ର ପ୍ରଚଳନ
× ଗୁଣାତ୍ମକ ମାନର ଉନ୍ନତ ବିହନ, ଚାରା, ସାର, କୀଟନାଶକ ଔଷଧ ଓ କୃଷି ଉପକରଣ ଉଚିତ୍ ମୂଲ୍ୟରେ କୃଷକମାନଙ୍କୁ ଯୋଗାଣ
× କୃଷି ବୀମା ପ୍ରଚଳନ
× ମରୁଡ଼ି ସହାୟତା ବୀମାର ପ୍ରଚଳନ
× ଖାଦ୍ୟ ସାମଗ୍ରୀର ସଂରକ୍ଷଣ ପାଇଁ ଶୀତଳ ଭଣ୍ଡାର ପ୍ରତିଷ୍ଠା

× କଳାହାଣ୍ଡି, ରାୟଗଡ଼ା, ବଲାଙ୍ଗୀର ଜିଲ୍ଲାର କପାଚାଷୀମାନଙ୍କ ପାଇଁ ଅତ୍ୟାଧୁନିକ ବଜାର ପ୍ରାଙ୍ଗଣ ନିର୍ମାଣ
× କୃଷକମାନଙ୍କୁ କୃଷିଜାତ ଦ୍ରବ୍ୟର ଉଚିତ୍ ମୂଲ୍ୟ ପ୍ରଦାନ ପାଇଁ ବିଜୁ ବିପଣନ ସଂସ୍ଥା ସ୍ଥାପନ ଗ୍ରାମ୍ୟ ହାଟର ଉନ୍ନତିକରଣ
× ସମନ୍ୱିତ ପତିତ ଜମି ଉଦ୍ଧାର କାର୍ଯ୍ୟକ୍ରମ
× ବନ୍ୟା ନିୟନ୍ତ୍ରଣ ଓ କମାଣ୍ଡ ଏରିଆ ଡେଭଲପ୍‌ମେ ମାଧ୍ୟମରେ ଜଳସେଚନ ସାମର୍ଥ୍ୟ ବିନିଯୋଗ
× ଜାତୀୟ ଜଳଛାୟା ତଥା ଅତି କ୍ଷୁଦ୍ର ଜଳଛାୟା ପ୍ରକଳ୍ପ ନିର୍ମାଣ
× ରାଜ୍ୟ କୃଷି ନୀତି - ୨୦୦୭ର ପ୍ରଚଳନ
× ନୂଆପଡ଼ା, କେଉଁଝର, ଅନୁଗୁଳ, ବରଗଡ଼, ରାୟଗଡ଼ା ଓ ସୋନପୁର ଜିଲ୍ଲାରେ ମୃ ିକା ପରୀକ୍ଷାଗାର ପ୍ରତିଷ୍ଠା କରାଯାଇ ଚଳିତ ବର୍ଷ ୮୫ ହଜାର ମୃ ିକା ପରୀକ୍ଷଣ ପତ୍ର ପ୍ରଦାନ କରାଯାଇଛି
× କୃଷି ଋଣ ଉପରେ ୭% ପରିବ େ ୫% ରିହାତି ସୁଧହାର ପ୍ରଚଳନ ଓ ପରେ ୨% ରିହାତି ସୁଧହାର ପ୍ରଚଳନ
× ପିଆଜ ସଂରକ୍ଷଣ ନିମନ୍ତେ ପ୍ରାୟ ୪ହଜାର ପିଆଜ ସଂରକ୍ଷଣ ଭଣ୍ଡାର ନିର୍ମାଣ
× ପ୍ରାକୃତିକ ଦୁର୍ବିପାକ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ପ୍ରଥମ ଥର ପାଇଁ ୫୦ କୋଟି ଟଙ୍କାର ଆର୍ଥିକ ରିହାତି ପ୍ରଦାନ
× ୧ଲକ୍ଷ ୫୫ ହଜାର ଏକର ଅଧିକ ଜମିରେ ଜଳସେଚନର ସୁବିଧା କରାଯାଇଛି
× ୨୦୦୮ ଡିସେମ୍ବର ଶେଷ ସୁଦ୍ଧା ୧୧ଲକ୍ଷ ୫୫ ହଜାର ଏକର ଜମିରେ ଫିଲ୍ଡ ଚ୍ୟାନେଲ ସୃଷ୍ଟି କରାଯାଇଛି ଏବଂ ୩୦ଲକ୍ଷ ଏକର କମାଣ୍ଡ ଏରିଆ ସୃଷ୍ଟି କରାଯାଇ ୧୫,୯୭୪ ଗୋଟି ପାଣି ପ ାୟତକୁ ବ ନ ବ୍ୟବସ୍ଥାର ପରିଚାଳନା ଏବଂ ମରାମତି ପାଇଁ ହସ୍ତାନ୍ତର କରାଯାଇଛି
× ଜଳସେଚନ କ୍ଷେତ୍ରରେ ବେସରକାରୀ ପୁଞ୍ଜିନିବେଶର ପ୍ରୋତ୍ସାହନ ପାଇଁ ରାଜ୍ୟ ସରକାର ବେସରକାରୀ ଉଠା ଜଳ ସେଚନ ପଏ ଗୁଡ଼ିକର ସବସିଡ୍ ପରିମାଣ ଶତକଡ଼ା ୫୦ ଭାଗକୁ ବୃଦ୍ଧି କରିଛନ୍ତି
× ବୁନ୍ଦା ଜଳସେଚନ ଏବଂ ଅତି କ୍ଷୁଦ୍ର ଜଳସେଚନକୁ ପ୍ରୋତ୍ସାହିତ କରିବା ପାଇଁ ରିହାତି ପରିମାଣ ୭୦ ଭାଗକୁ ବୃଦ୍ଧି
× ବୁନ୍ଦା ଜଳସେଚନ ଅଧୀନରେ ପ୍ରାୟ ଦୁଇହଜାର ଏକର ଅ ଳ ସାମିଲ୍ ହୋଇଅଛି
× ଚଳିତ ବର୍ଷ ୨୦୦୮ ଡିସେମ୍ବର ମାସ ସୁଦ୍ଧା ଜଳନିଧି କାର୍ଯ୍ୟକ୍ରମ ମାଧ୍ୟମରେ ୯୫୧୦ଗୋଟି ଘରୋଇ ଉଠା ଜଳ ସେଚନର ବ୍ୟବସ୍ଥା କରାଯାଇଅଛି
× ନିଶ୍ଚିତ ଜଳସେଚନ ସୁବିଧା ମାଧ୍ୟମରେ ଅଧିକ ୫୦ ହଜାର ଏକର ଅ ଳକୁ ସାମିଲ କରାଯାଇଅଛି
× ବର୍ଷା ପ୍ଲାବିତ ଅ ଳ ଓ ନଦୀ ଉପତ୍ୟକା ପ୍ରକଳ୍ପ ଗୁଡ଼ିକରେ ଜଳଛାୟା ଉନ୍ନୟନ ପ୍ରକଳ୍ପ ସମେତ ବିଭିନ୍ନ ଯୋଜନା ଅଧୀନରେ ଅତି କ୍ଷୁଦ୍ର ଜଳଛାୟା ପ୍ରକଳ୍ପ ଦ୍ୱାରା ପ୍ରାୟ ୪୦ଲକ୍ଷ ଏକର ଜମିକୁ ସଠିକ ଉପଚାର କରାଯାଉଛି
× ୨୦୦୮-୦୯ ଆର୍ଥିକ ବର୍ଷରେ ୪ ଲକ୍ଷ କୁଇ ାଲ୍ ଅଧିକ ପ୍ରମାଣିତ ଧାନ ବିହନ ରିହାତି ଦରରେ ବିକ୍ରି କରାଯାଇଅଛି ଏବଂ ଆସନ୍ତା ବର୍ଷ ୫୦ ପ୍ରତିଶତ ଅଭିବୃଦ୍ଧି ହାସଲ ପାଇଁ ପ୍ରସ୍ତାବ ରଖାଯାଇଅଛି
× ଚିପିଲିମାଠାରେ ଉଦ୍ୟାନ ଓ କୃଷି କଲେଜ ପ୍ରତିଷ୍ଠା
× ୨୦୦୯-୧୦ରେ ଏକ ନୂତନ କୃଷି କଲେଜ ଭବାନୀପାଟଣା ଠାରେ କାର୍ଯ୍ୟକାରୀ ହେବାକୁ ଯାଉଛି
× କନ୍ଧମାଳ ଜିଲ୍ଲାରେ କୃଷି ତାଲିମ ଅନୁଷ୍ଠାନ ଓ ବୃହ ନର୍ସରୀ ପ୍ରତିଷ୍ଠା ହେବାକୁ ଯାଉଛି
× ୨୪ଗୋଟି ଜିଲ୍ଲାରେ ଉଦ୍ୟାନ କୃଷି ମିଶନ୍ କାର୍ଯ୍ୟକାରୀ ହେବାକୁ ଯାଉଛି ଓ ଅବଶିଷ୍ଟ ୬ଟି ଜିଲ୍ଲାରେ କୃଷକମାନଙ୍କୁ ଆନୁଷଙ୍ଗିକ ସୁବିଧା ଯୋଗାଇ ଦେଇଛନ୍ତି
× ଏସିଆନ୍ ଡେଭଲପ୍‌ମେ ୍ ବ୍ୟାଙ୍କ ସହାୟତାରେ ବ୍ରାହ୍ମଣୀ-ବୈତରଣୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା ଓ ମହାନଦୀ ଡେଲ୍‌ଟାରେ ୬ଟି ବୃହତ ଜଳସେଚନ ପ୍ରକଳ୍ପ, ୯ଟି ମଧ୍ୟମ ଜଳସେଚନ ପ୍ରକଳ୍ପ ଓ ୧୪୦୦ଟି କ୍ଷୁଦ୍ର ଉଠାଜଳସେଚନ ପ୍ରକଳ୍ପର ଆଧୁନିକୀକରଣ କରାଯାଇଅଛି
× ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଭି ିଭୂମିର ତୁରନ୍ତ ବିକାଶ ପାଇଁ ୧୮୫ କୋଟି ଟଙ୍କା ଯୋଗାଇ ଦିଆଯାଇଛି

## ଆମର ସଙ୍କଳ୍ପ

× ଖାଦ୍ୟ ପଦାର୍ଥ ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବନଶୀଳ ହେବାପାଇଁ ବଦ୍ଧ ପରିକର

- କୃଷି ପାଇଁ ନିଶୁଳ୍କ ବିଦ୍ୟୁତ୍ ଯୋଗାଣ (କାର୍ଯ୍ୟକାରୀ କରାଯାଉ ଅଛି)
- ପନିପରିବା, ଫୁଲଚାଷ ଇତ୍ୟାଦି ଅର୍ଥକାରୀ ଫସଲ ଉତ୍ପାଦନ ନିମନ୍ତେ ପ୍ରୋତ୍ସାହନ
- ବିଜୁ କୃଷକ ବଜାର ମାଧ୍ୟମରେ କୃଷକମାନଙ୍କୁ ସଂପୃକ୍ତ କରି କୃଷି ଉତ୍ପାଦନର ସଂରକ୍ଷଣ ଓ ଉପଯୁକ୍ତ ଦରରେ ବିକ୍ରୟ ପାଇଁ ରାଜ୍ୟ ଭିତରେ ଓ ବାହାରେ ସୁଯୋଗ ସୃଷ୍ଟି କରାଯାଇ ପାରିଅଛି ।
- ରିହାତି ଋଣ ମାଧ୍ୟମରେ ଜଳସେଚନ ବିକାଶ ପାଇଁ ଗଭୀର ନଳକୂପ, ପମ୍ପସେଟ୍ ଓ ପୋଖରୀ ଖନନ ନିମନ୍ତେ ପ୍ରୋତ୍ସାହନ
- କୃଷି ସମ୍ପ୍ରସାରଣ ପାଇଁ କୃଷି ଅଧିକାରୀଙ୍କୁ ଅଧିକ କ୍ଷମତା ପ୍ରଦାନ ଏବଂ ବିଭିନ୍ନ ବ୍ଲକରେ କୃଷିର ବିକାଶ ପାଇଁ ସେମାନଙ୍କୁ ଉ ରଦାୟୀ କରାଯିବ
- ପଶ୍ଚିମ ଓଡ଼ିଶାରେ ଦୀର୍ଘମିଆଦୀ ଜଳସେଚନ ଯୋଜନା ସ ାଳନ
- କୃଷି ଋଣ ଉପରେ କେନ୍ଦ୍ର ସ୍ତରରେ ୭% ସୁଧ ହାର ଧାର୍ଯ୍ୟ ହୋଇଥିବା ବେଳେ ଓଡ଼ିଶାରେ ୩% ସୁଧହାର ପ୍ରଚଳନ ଓ ପରେ ୨% ସୁଧହାର ପ୍ରଚଳନ କରାଗଲାଣି ।
- ଉଠା ଜଳସେଚନ ଉପଲବ୍ଧ ଅ ଳରେ ୫୦% ରିହାତିରେ ଯନ୍ତ୍ରପାତି ଯୋଗାଣ କାର୍ଯ୍ୟକାରୀ ହେଲାଣି
- ପ୍ରତ୍ୟେକ ବ୍ଲକରେ ମୃ ିକା ପରୀକ୍ଷା ବ୍ୟବସ୍ଥା ଓ ଚାରା ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରାଯାଇ ଅଛି
- ପ୍ରତି ପ ାୟତ ସ୍ତରରେ ରିହାତି ଦରରେ ପରୀକ୍ଷିତ ଉନ୍ନତମାନର ବିହନ ଯୋଗାଇବା ବ୍ୟବସ୍ଥା
- ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇଁ ପର୍ଯ୍ୟାୟକ୍ରମେ ପ ାୟତ ସ୍ତରରେ ଶସ୍ୟ ବୀମାର ପ୍ରଚଳନ କରାଯାଇ ଅଛି
- ଜୈବିକ କୃଷି ପଦ୍ଧତିର ଉପାଦେୟତା ସମ୍ପର୍କରେ ସଚେତନତା ସୃଷ୍ଟି ଓ ପ୍ରଚଳନ
- କୃଷକ ମାନଙ୍କର ଅର୍ଥନୈତିକ ବିକାଶ ପାଇଁ ପ୍ରତ୍ୟେକ ଗ୍ରାମରେ କୃଷକ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇ ଅଛି
- ଆଗାମୀ ପା ବର୍ଷ ପାଇଁ 'ବିଜୁ କୃଷକ ଯୋଜନା'ର ଅବଧି ବୃଦ୍ଧି କରାଯାଉ ଅଛି ।
- କେବିକେ ଓ ପଶ୍ଚିମ ଓଡ଼ିଶାର ଜଳସେଚନ ନିମନ୍ତେ ଅଧିକ ଜଳଭଣ୍ଡାର ନିର୍ମାଣ କରାଗଲାଣି
- ରାଜ୍ୟକୁ ଦୁଗ୍ଧ, ମତ୍ସ୍ୟ ଏବଂ ଅଣ୍ଡା ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ନିମି ପଦକ୍ଷେପ ନିଆଯାଇଛି
- ପ୍ରତ୍ୟେକ ବ୍ଲକରେ ଅନ୍ୟୁନ ୩୫% ଜମିରେ ଜଳସେଚନ ବ୍ୟବସ୍ଥାର ତ୍ୱରିତୀକରଣ କାର୍ଯ୍ୟ କରାଯାଇ ଅଛି
- ଚକବନ୍ଦୀ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବାକୁ ପଦକ୍ଷେପ ନିଆଯିବାର ଯୋଜନା ସବୁ ରହିଛି ।

**ଶିଳ୍ପ ଓ ବାଣିଜ୍ୟ**

ଓଡ଼ିଶାକୁ ରତ୍ନଗର୍ଭା କୁହାଯାଇଛି, ମାତ୍ର ଏହାର ଜଙ୍ଗଲ ସମ୍ପଦ, ଜଳସମ୍ପଦ ଓ ସାମୁଦ୍ରିକ ସମ୍ପଦ ମଧ୍ୟ ଅନୁରୂପ ଭାବରେ ପ୍ରଚୁର ଏବଂ ଅଦ୍ୟାବଧି ଅବ୍ୟବହୃତ । ଓଡ଼ିଶାର ଅର୍ଥନୈତିକ ସମୃଦ୍ଧି ଏବଂ ଓଡ଼ିଆମାନଙ୍କର ହାରାହାରି ଆୟ ବୃଦ୍ଧି ମାଧ୍ୟମରେ ଜୀବନ ଧାରଣର ମାନବୃଦ୍ଧି ପାଇଁ ଏହି ସମ୍ପଦର ବିନିଯୋଗ ଏକାନ୍ତ ପ୍ରୟୋଜନ । କେବଳ କୃଷି, ଖାଦ୍ୟ ପଦାର୍ଥରେ ସ୍ୱାବଲମ୍ବନଶୀଳ କରାଯାଇପାରେ କିନ୍ତୁ ଆର୍ଥିକ ବିକାଶ ପାଇଁ କର୍ମନିଯୁକ୍ତି ପାଇଁ ବୈଷୟିକ ଜ୍ଞାନକୌଶଳର ବିନଯୋଗ ଏବଂ ଉତ୍ପାଦିତ ଦ୍ରବ୍ୟର ସୁଲଭ ପ୍ରାପ୍ତି ପାଇଁ ବିଜୁ ଜନତା ଦଳ ଶିଳ୍ପାୟନ ଉପରେ ଗୁରୁତ୍ୱ ପ୍ରଦାନ କରିଅଛି । ଶିଳ୍ପ ଅର୍ଥାତ୍, ଯନ୍ତ୍ର ଶିଳ୍ପ, କୁଟୀର ଶିଳ୍ପ, ବୟନ ଶିଳ୍ପ ଓ ଶିଳ୍ପୀଙ୍କର ବିକାଶରେ ବ୍ୟାପକ ଉତ୍ସାହଜନକ କାର୍ଯ୍ୟକ୍ରମ ବିଜୁ ଜନତା ଦଳ ଦ୍ୱାରା ନିଆଯାଇଅଛି ।

## ଆମର ସଫଳତା

ଖଣିଜ ସମ୍ପଦର ଉ ୋଳନ ପରିବହନ ଏବଂ ଖଣିଜ ସମ୍ପଦଭି ିକ କାରଖାନା ପ୍ରତିଷ୍ଠା ନିମନ୍ତେ ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତିକ ଶିଳ୍ପ ସଂସ୍ଥାମାନଙ୍କ ସହିତ ୪୯ ଗୋଟି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଅଛି । ସେମାନଙ୍କ ମଧ୍ୟରେ ଜଗତସିଂହପୁର ଜିଲ୍ଲାରେ ପୋସ୍କୋ ଏବଂ ଏସାର ଇସ୍ପାତ କାରଖାନା, ଗଞ୍ଜାମ ଜିଲ୍ଲାରେ ଏସ୍. ଏସ୍. ଏଲ୍ ଏନର୍ଜି ଲିମିଟେଡ୍, ଯାଜପୁରରେ ଟାଟା ଷ୍ଟିଲ୍ ଲିମିଟେଡ୍, ଅନୁଗୁଳରେ ଜିନ୍ଦଲ ଷ୍ଟିଲ ଆଣ୍ଡ୍ ପାୱାର, କେନ୍ଦୁଝରରେ ମି ଲ ଷ୍ଟିଲ୍ ଲିମିଟେଡ୍, ଉ ମ ଗାଲଭାସ ଷ୍ଟିଲ୍ ଲିମିଟେଡ୍ ଏବଂ ଷ୍ଟେରଲାଇଟ୍ ଆଇରନ୍ ଏଣ୍ଡ୍ ଷ୍ଟିଲ୍ ଲିମିଟେଡ୍, କଟକରେ ୱେଲ୍ ସ୍ୱନ୍ ପାୱାର ଆଣ୍ଡ୍ ଷ୍ଟିଲ୍, ଢେଙ୍କାନାଳରେ ଭୂଷଣ ଷ୍ଟିଲ୍ ଲିମିଟେଡ୍ ଇତ୍ୟାଦି ଅନ୍ୟତମ । ଏହି ସମସ୍ତ କାରଖାନ ପ୍ରତିଷ୍ଠା ପାଇଁ ୬ଲକ୍ଷ କୋଟି ଟଙ୍କା ବିନିଯୋଗ କରାଯିବାର ଯୋଜନା କରାଯାଇଅଛି ।

- ପ୍ରସ୍ତାବିତ ବୃହତ ଶିଳ୍ପରୁ ବାର୍ଷିକ ୭୫.୬୬ ନିୟୁତ ଟନ୍ ଇସ୍ପାତ ଉତ୍ପାଦନର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି ।
- ବୁଝାମଣା ସ୍ୱାକ୍ଷରିତ ହୋଇଥିବା ବୃହତ ଇସ୍ପାତ ଶିଳ୍ପ ମଧ୍ୟରୁ ୨୮ ଗୋଟି କାରଖାନା ଉତ୍ପାଦନକ୍ଷମ ହୋଇ

୪୭ହଜାର ୧୮ ୧ ଜଣଙ୍କୁ ନିଯୁକ୍ତି ଦିଆଯାଇଛି ।

× ବୃହତ ଶିଳ୍ପ ଗୁଡ଼ିକର ପ୍ରତିଷ୍ଠା ଯୋଗୁ ବିସ୍ଥାପିତମାନଙ୍କୁ ଥଇଥାନ ଏବଂ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବା ସଙ୍ଗେ ସଙ୍ଗେ ଉକ୍ତ ଅ ଳର ପରିବେଶକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇଛି ।

× ସୂଚନା ପ୍ରଯୁକ୍ତି ବିଦ୍ୟାର ପ୍ରସାର ପାଇଁ ଇନ୍ଫୋସିସ୍, ଓ୍ୱିପ୍ରୋ, ସତ୍ୟମ୍, ଆଇବି ଏମ୍ ଏବଂ ଟିସିଏସ୍ ଇତ୍ୟାଦି ସଂସ୍ଥାମାନଙ୍କର ଓଡ଼ିଶାରେ ଶାଖା ପ୍ରତିଷ୍ଠା କରାଯାଇ କାର୍ଯ୍ୟକ୍ଷମ କରାଯାଇ ପାରିଛି ।

× ଓଡ଼ିଶା ଅର୍ଥ ନିଗମକୁ ପୁନର୍ଗଠନ କରାଯାଇ ଏକକାଳୀନ ଋଣ ପରିଶୋଧ ମାଧ୍ୟମରେ ରାଜ୍ୟରେ ଥିବା ରୁଗ୍ଣ ଶିଳ୍ପମାନଙ୍କୁ ପୁନରୁଦ୍ଧାର କରାଯାଇ ଉତ୍ପାଦନକ୍ଷମ କରିବାର ବ୍ୟାପକ କାର୍ଯ୍ୟକ୍ରମ ନିଆଯାଇଛି ।

× ରାଜ୍ୟର ବିଦ୍ୟୁତ୍ ଚାହିଦା ମେ ।ଇବା ସଙ୍ଗେ ସଙ୍ଗେ ଓଡ଼ିଶାକୁ ଏକ ବଳକା ବିଦ୍ୟୁତ୍ ଉତ୍ପାଦକ ରାଜ୍ୟରେ ପରିଣତ କରିବା ପାଇଁ ୨ ୧ ଗୋଟି ଥର୍ମାଲ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ଏକ ଲକ୍ଷ ପା ହଜାର କୋଟି ଟଙ୍କା ବିନିଯୋଗ କରି ୨୬୦୦୦ ମେଗାଓ୍ୱାଟ୍ ବିଜୁଳି ଉତ୍ପାଦନ କରିବା ପାଇଁ ବୁଝାମଣା ପତ୍ର ସାକ୍ଷରିତ ହୋଇଅଛି ।

× ଆମ ସରକାର ଓଡ଼ିଶା ଥର୍ମାଲ ପାଓ୍ୱାର ଲିମିଟେଡ୍ ଗଠନ କରି ୨୦୦୦ ମେଗାଓ୍ୱାଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିବାକୁ କାର୍ଯ୍ୟ ଆରମ୍ଭ କରିଛନ୍ତି ।

କଳିଙ୍ଗ ପୁରସ୍କାରରେ ପୁରସ୍କୃତ ହେଉଥିବା ବ୍ୟକ୍ତିଙ୍କୁ ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ପକ୍ଷରୁ କଳିଙ୍ଗ ଚେୟାର ପ୍ରଦାନ କରାଯାଇଥାଏ । ଏଥି ସହିତ ପୁରସ୍କାର ବିଜେତାଙ୍କୁ ଦୁଇରୁ ଚାରି ସପ୍ତାହ ସାରା ଭାରତ ଭ୍ରମଣ କରିବା ସହିତ ବିଭିନ୍ନ ବୈଜ୍ଞାନିକ ଓ ବିଜ୍ଞାନ ଲେଖକଙ୍କୁ ସାକ୍ଷାତ୍ କରିବାର ସୁଯୋଗ ମିଳିଥାଏ । ଭାରତୀୟ ଜୀବନଶୈଳୀ ଓ ସଂସ୍କୃତି ସହିତ ସୁପରିଚିତ ହେବା ନିମନ୍ତେ ଏହି ପୁରସ୍କାର ବିଜେତାଙ୍କୁ ପର୍ଯ୍ୟାପ୍ତ ସୁଯୋଗ ପ୍ରଦାନ କରାଯାଇଥାଏ । ତାଙ୍କୁ ୫,୦୦୦ ଆମେରିକୀୟ ଡଲାର ପ୍ରଦାନ କରାଯିବା ସହିତ ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟ, ଭାରତୀୟ ବିଜ୍ଞାନ ସମାଜ ବିଶେଷ କରି ଭାରତୀୟ ବିଜ୍ଞାନ କଂଗ୍ରେସର ସହଯୋଗୀ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ବିଭିନ୍ନ ବୈଠକରେ ଯୋଗଦେବାର ସୁଯୋଗ ମିଳିଥାଏ । ଏହି ଅବସରରେ ବିଜୟୀ ବ୍ୟକ୍ତି ଭାରତୀୟ ଚଳଣି, ଶିକ୍ଷା, ସଂସ୍କୃତିରେ ବିଜ୍ଞାନର ଉପାଦେୟତା ସମ୍ପର୍କରେ ଶିକ୍ଷା ପ୍ରଦାନ କରାଯାଇଥାଏ । ତେଣୁ ବିଜୟୀ ବ୍ୟକ୍ତିଙ୍କର ଇଂରାଜୀ ଭାଷାରେ ଦକ୍ଷତା ରହିବା ଆବଶ୍ୟକ ।

**ବିଚାରକ ମଣ୍ଡଳୀ**

* ପା  ଜଣ ସ୍ୱାଧୀନ ସଦସ୍ୟଙ୍କୁ ନେଇ କଳିଙ୍ଗ ପୁରସ୍କାର ବିଚାରକ ମଣ୍ଡଳୀ ଗଠିତ । ସାଧାରଣ ନିର୍ଦ୍ଦେଶକଙ୍କ ଦ୍ୱାରା ମନୋନୀତ ବିଭିନ୍ନ ଦେଶର ନାଗରିକ ବିଚାରକ ମଣ୍ଡଳୀରେ ସ୍ଥାନ ପାଇଥାନ୍ତି । ଦେଶର ଭୌଗଳିକ ଅବସ୍ଥିତି ଓ ଲିଙ୍ଗ ଭି ିରେ ବିଚାରକ ମାନଙ୍କୁ ଚୟନ କରାଯାଇଥାଏ ।
* କଳିଙ୍ଗ ପୁରସ୍କାରର ବିଚାରକ ଥିବା ବ୍ୟକ୍ତିଙ୍କୁ କୌଣସି ପାରିଶ୍ରମିକ ପ୍ରଦାନ କରାଯାଇନଥାଏ । ମାତ୍ର ଚୟନ ପ୍ରକ୍ରିୟା ନିମନ୍ତେ ୫୦୦ ଆମେରିକୀୟ ଡଲାର ପର୍ଯ୍ୟନ୍ତ ସହାୟତା ରାଶି ପ୍ରଦାନ କରାଯାଇଥାଏ ।
* ବୁଝାମଣା ଭି ିରେ କିମ୍ବା ଅଧିକ ବ୍ୟକ୍ତିଙ୍କ ଦ୍ୱାରା ମନୋନୀତ ବ୍ୟକ୍ତିଙ୍କୁ ପୁରସ୍କାର ପ୍ରଦାନ କରାଯାଇଥାଏ ।

## ପୁରସ୍କାର ପ୍ରଦାନ

* ୟୁନେସ୍କୋ ପକ୍ଷରୁ ବିଶ୍ୱ ବିଜ୍ଞାନ ଦିବସ ପାଳନ ଅବସରରେ ଏହାର ସାଧାରଣ ନିର୍ଦ୍ଦେଶକଙ୍କ ଦ୍ୱାରା ୨୦,୦୦୦ ଡଲାର ଅର୍ଥରାଶି, ଏକ ପ୍ରମାଣପତ୍ର ଏବଂ ୟୁନେସ୍କୋ ଆଲବର୍ଟ ଆଇନଷ୍ଟାଇନ୍ ସିଲ୍‌ଭର ମେଡାଲ ପ୍ରଦାନ କରାଯାଇଥାଏ ।
* ଏହି ପୁରସ୍କାର କେବଳ ଜଣେ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଥାଏ । ବିଜ୍ଞାନ ସମ୍ପର୍କିତ କୌଣସି ଉଲ୍ଲେଖନୀୟ କାର୍ଯ୍ୟରେ ଦୁଇ ତିନିଜଣଙ୍କର ସମ୍ପୃକ୍ତି ବିଚାରକୁ ନିଆଯାଇ ନଥାଏ ।
* ପୁରସ୍କାର ପ୍ରଦାନ ପୂର୍ବରୁ କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ହେଲେ ବ୍ୟକ୍ତିଙ୍କ ପରିବାରବର୍ଗଙ୍କୁ ମରଣୋ  ର ସମ୍ମାନ ପ୍ରଦାନ କରାଯାଏ

## ୟୁନେସ୍କୋ କଳିଙ୍ଗ ପୁରସ୍କାର- ୨୦୧୧

ବିଜ୍ଞାନକୁ ଲୋକପ୍ରିୟ କରିବା ନିମନ୍ତେ ମେକ୍ସିକୋର ପ୍ରସିଦ୍ଧ ବୈଜ୍ଞାନିକ ଡଃ ରେନେ ରଲ ଡ୍ରକରଙ୍କୁ ୨୦୧୧ ବର୍ଷ ପାଇଁ ୟୁନେସ୍କୋ କଳିଙ୍ଗ ପୁରସ୍କାରରେ ପୁରସ୍କୃତ କରାଯିବ । ଡଃ ଡ୍ରକର ୨୦୦୦ -୦୧ ପର୍ଯ୍ୟନ୍ତ ମେକ୍ସିକାନ୍ ଏକାଡେମୀ ଅଫ୍ ସାଇନ୍ସର ସଭାପତି ଭାବେ କାର୍ଯ୍ୟଭାର ସମ୍ଭାଳିଛନ୍ତି । ବ୍ରେନ୍ କେମିଷ୍ଟ୍ରି ଆଣ୍ଡ ଫଙ୍କ୍‌ସନ୍‌ସ, ଶୟନ ପ୍ରକ୍ରିୟା, ନ୍ୟୁଟ୍ରାଲ୍ ଟ୍ରାନ୍ସମିଶନ୍, ବ୍ରେନ୍ ଫିଜିଓଲୋଜି ଏବଂ ନ୍ୟୁରୋ ହରମୋନ୍ ଉପରେ ସେ ଗବେଷଣା କରିଛନ୍ତି । ଚଳିତବର୍ଷ (୨୦୧୨)ରେ ୟୁନେସ୍କୋ କଳିଙ୍ଗ ପୁରସ୍କାର ଏହାର ୬୦ ବର୍ଷ ପୂରଣ କରୁଥିବାବେଳେ ଜାନୁୟାରୀ ୩ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେଉଥିବା ଭାରତୀୟ ବିଜ୍ଞାନ କଂଗ୍ରେସର ୯୯ତମ ଉତ୍ସବ ସହିତ ମିଳିତ ଭାବେ ଏହି ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ବିଜ୍ଞାନକୁ ସାଧାରଣ ଲୋକଙ୍କ ନିକଟରେ ପହ  ାଇବା ନିମନ୍ତେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା କଳିଙ୍ଗ ପୁରସ୍କାର ଟ୍ରଷ୍ଟ ପ୍ରତିଷ୍ଠା କରାଯାଇ ୧୯୫୨ ରେ ପ୍ରଥମଥର ନିମନ୍ତେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ୨୦୦୯ ଠାରୁ ଏହା ୟୁନେସ୍କୋ-କଳିଙ୍ଗ ପୁରସ୍କାର ଭାବେ ପରିଚୟ ପାଇଆସୁଛି । ଅନ୍ତର୍ଜାତୀୟ ବିଚାରକ ମଣ୍ଡଳୀର ପରାମର୍ଶରେ ୟୁନେସ୍କୋର ସାଧାରଣ ନିର୍ଦ୍ଦେଶକ ବିଜେତା ନିର୍ଣ୍ଣୟ କରିଥାନ୍ତି । ବ ର୍ମାନ ସୁଦ୍ଧା ପା  ଜଣ ଭାରତୀୟଙ୍କ ସମେତ ୨୩ଟି ଦେଶର ୬୬ଜଣ ବିଶିଷ୍ଟ ବୈଜ୍ଞାନିକ ଏଥିରେ ପୁରସ୍କୃତ ହୋଇସାରିଛନ୍ତି ।

## କେଉଁଦେଶ କେତେଥର

ବ ର୍ମାନ ସୁଦ୍ଧା ୨୨ଟି ଦେଶରୁ ପ୍ରାୟ ୬୫ଜଣ ବୈଜ୍ଞାନିକଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ୟୁନାଇଟେଡ୍ କିଙ୍ଗଡମ୍ (ସଂଯୁକ୍ତ ରାଜ୍ୟ) ର ୧୦ଥର, ଯୁକ୍ତରାଷ୍ଟ୍ର ଆମେରିକା ୯ଥର, ଫ୍ରାନ୍ସର ୬ଥର, ଭାରତ, ରୁଷିଆ ଓ ବ୍ରାଜିଲ୍‌ର ୫ଥର, ଭେନେଜୁଆଲା ୪ଥର, ମେକ୍ସିକୋ ୩ଥର, ପାକିସ୍ଥାନ, ଜର୍ମାନୀ, ଇଟାଲି ଏବଂ କାନାଡା ୨ଥର ଲେଖାଏଁ, ଅଷ୍ଟ୍ରେଲିଆ, ବାଙ୍ଗଲାଦେଶ, ଫିନ୍‌ଲ୍ୟାଣ୍ଡ, ଇଜିପ୍ଟ, ରୋମାନିଆ, ଚେକ୍ ରିପବ୍ଲିକ୍, ଫିଲିପାଇନ୍ସ, ଘାନା, ଆର୍ମେନିଆ ଥରେ ଲେଖାଏଁ ଏହି ପୁରସ୍କାର ପାଇବା ନିମନ୍ତେ ସକ୍ଷମ ହୋଇଛନ୍ତି ।

କଳିଙ୍ଗ ପୁରସ୍କାର ପାଇଥିବା ମୋଟ ୬୫ଜଣଙ୍କ ମଧ୍ୟରୁ ୬୦ଜଣ ପୁରୁଷ ହୋଇଥିବାବେଳେ ୫ଜଣ ମହିଳା । ଏମାନଙ୍କ ମଧ୍ୟରେ ଅଛନ୍ତି ଲୁଇସ୍ ଡି ବ୍ରଗଲି (୧୯୫୨), ଜୁଲିଆନ୍ ହକ୍ସଲି (୧୯୫୩), ଜର୍ଜ ଗାମୋ (୧୯୫୬), ବରଟ୍ରାଣ୍ଡ୍ ରସେଲ (୧୯୫୭), କାର୍ଲ ଭନ୍ ଫ୍ରିସ୍ (୧୯୫୮), ଅରଥର ସି.କ୍ଲାର୍କ (୧୯୬୧), ଫ୍ରେଡ୍ ହଲେ (୧୯୬୭), ଏବଂ ସରଗେଇ କାପିଟଜା (୧୯୭୯) ।

## ଭାରତୀୟ ରାଜନୀତିରେ ଆ  ଳିକ ଦଳ ଭାବେ ବିଜୁ ଜନତା ଦଳ (ବିଜେଡି) ଏକ ନମ୍ବର !

ସଂପ୍ରତି ଭାରତୀୟ ରାଜନୀତିରେ ଆ  ଳିକ ଦଳଗୁଡ଼ିକର ପ୍ରାଧାନ୍ୟ ବେଶ୍ ବୃଦ୍ଧି ପାଇଛି । କେନ୍ଦ୍ରର ୟୁପିଏ ସରକାର ଆ  ଳିକ ଦଳଗୁଡ଼ିକୁ ନେଇ ମେ   ବାନ୍ଧିଥିବା ବେଳେ ବିଭିନ୍ନ ରାଜ୍ୟରେ ମଧ ଏହାର ପ୍ରତିଫଳନ ଘଟିଛି । ସେହି କ୍ରମରେ ଓଡ଼ିଶାର ବିଜୁ ଜନତା ଦଳ ଜାତୀୟ ରାଜନୀତିରେ ଏକ ପ୍ରମୁଖ ସ୍ଥାନ ଅଧିକାର କରିବା ସହ ଆ  ଳିକ ଦଳଗୁଡିକ ମଧରେ ଏକ ନମ୍ବରରେ ରହିଥିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଓଡ଼ିଶାକୁ ବାଦ୍ ଦେଲେ ବିହାର, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ଉ   ରପ୍ରଦେଶ ସମେତ ଅନ୍ୟାନ୍ୟ ରାଜ୍ୟଗୁଡ଼ିକରେ ଏବେ ଆ  ଳିକ ଦଳଗୁଡ଼ିକର ରାଜୁତି ଚାଲିଛି । ତେବେ ସେହି ସବୁ ରାଜ୍ୟରେ ଆ  ଳିକ ଦଳଗୁଡ଼ିକ ମଧରେ ଉତ୍‌ଥାନ ପତନ ଲାଗିରହିଥିବାବେଳେ ଓଡ଼ିଶାରେ ବିଜେଡି ଏକାକୀ ଲଗାତାର ୩ଥର ଶାସନ ଡୋରିକୁ ନିଜ ହାତରେ ରଖିବାରେ ସମର୍ଥ ହୋଇଛି । ତାମିଲ୍‌ନାଡୁରେ ଏଆଇଡିଏମ୍‌କେ ଏବଂ ଡିଏମ୍‌କେ ପ୍ରତି ୫ବର୍ଷରେ ଥରେ ଲେଖାଏଁ ଶାସନଗାଦି ଅକ୍ତିଆର କରୁଥିବାବେଳେ ଉ   ର ପ୍ରଦେଶରେ ସମାଜବାଦୀପାର୍ଟି ଓ ବହୁଜନ ସମାଜପାର୍ଟି ମଧ ଏକା ଧରଣର ଅବସ୍ଥା ମଧରେ ଗତି କରୁଛନ୍ତି । ସେହିପରି ବିହାରରେ ଜେଡିୟୁ ଏବଂ ଆର୍‌ଜେଡି ଶାସନ କ୍ଷମତାରେ ମଧ ପରିବ   ନ ଘଟୁଛି । ଏମାନେ ସମସ୍ତେ ଲୋକଙ୍କ ପାଇଁ କାମ କରୁଥିବାର କହୁଥିବା ବେଳେ ଶାସନରେ ପରିବ   ନ ନେଇ କିଛିଟା ବ୍ୟତିକ୍ରମ ରହୁଛି, ଯାହାକି ସେମାନଙ୍କୁ ଥରକରେ ପରିବ   ନ କରିବା ପାଇଁ ବାଧ କରୁଛି । କିନ୍ତୁ ଓଡ଼ିଶାରେ ବିଜୁ ଜନତା ଦଳ ଏପରି କିଛି ପରିବ   ନର ସ୍ୱାଦ ଏପର୍ଯ୍ୟନ୍ତ ଚାଖିନାହିଁ । ଯଦିଓ ଏହି ଦଳ ବିରୋଧରେ କିଛିଟା ଅଭିଯୋଗ ଆସୁଛି ତାହା ସାମୟିକ ହୋଇଥିଲେ ମଧ ସାମଗ୍ରିକଭାବେ ଏହାର ସେତେଟା ପରବ୍ୟାପ୍ତି ନାହିଁ । ଯାହାବି ଅଭିଯୋଗ ଆସୁଛି ତାକୁ ଦୃଢତାର ସହିତ ସାମ୍ନା କରାଯାଉଛି । ସେହିପରି ଗତ ରାଷ୍ଟ୍ରପତି ନିର୍ବାଚନରେ କେତୋଟି ରାଜ୍ୟରେ କ୍ରସ୍ ଭୋଟିଂ ହୋଇଥିବାର ଖବର ମିଳିଥିବା ବେଳେ ଓଡ଼ିଶାରେ ଏହାର ବ୍ୟତିକ୍ରମ ଦେଖାଦେଇଛି । ଯାହାକି ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ପାଇଁ ଏକ ପ୍ଲସ୍ ପଏ  ୍ ହୋଇଛି । ଅନ୍ୟ ରାଜ୍ୟଗୁଡ଼ିକରେ ଆ  ଳିକ ଦଳଗୁଡ଼ିକ ମଧରେ ବିଭେଦ ସୃଷ୍ଟି ହୋଇଥିବାର ଦେଖାଦେଉଥିବାବେଳେ ଓଡ଼ିଶାରେ ବିଜୁ ଜନତା ଦଳରେ ତାହାର ପ୍ରଭାବ ଆଦୌ ନାହିଁ କହିଲେ ଚଳେ । ସେ କ୍ଷେତ୍ରରେ ରାଜନୀତି ଗଣିତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦକ୍ଷତା, ଅଭିଜ୍ଞତା ଓ ପାରଦର୍ଶୀତାକୁ ଆଉ ବୁଝିବାକୁ ବାକି ନାହିଁ । ଯେଉଁମାନେ ତାଙ୍କୁ ରାଜନୀତିରେ ନବାଗତ ଓ ଅପରିପକ୍ୱ ବୋଲି କହିବୁଲୁଥିଲେ ସେମାନଙ୍କ ମୁହଁ ଏବେ ଚୁପ୍ । ଠିକ୍ ସମୟରେ ଠିକଣା ପଦକ୍ଷେପ ଓ ନିଷ୍ପ   କରିବା ସହ ବିରୋଧୀଙ୍କ ମନୋବଳକୁ ଫିକା କରିଦେଇଛି । ଦୀର୍ଘ ୧୫ବର୍ଷର ରାଜନୈତିକ କ୍ୟାରିଅର ତାଙ୍କୁ ଜଣେ ଦକ୍ଷ, ଅଭିଜ୍ଞତା ସଂପନ୍ନ ନେତା ଭାବେ ଗଢି ତୋଳିଥିବା ବେଳେ ତାଙ୍କର କେତେକ ଐତିହାସିକ ନିଷ୍ପ   ତାଙ୍କୁ ଜାତୀୟ ସ୍ତରରେ ମଧ ଜଣେ ଚର୍ଚ୍ଚିତ ନେତା ଭାବେ ପ୍ରତିପାଦିତ କରିଛି । ନବୀନ ସରକାର ଦଳିତ ଓ ଆଦିବାସୀ ବିରୋଧୀ ବୋଲି ବିରୋଧୀଦଳ ବାରମ୍ବାର ଯେଉଁ ଅଭିଯୋଗ କରି ଆସୁଥିଲେ ନବୀନଙ୍କ ଗୋଟିଏ ନିଷ୍ପ   ସେହି ଅଭିଯୋଗକୁ ଠପ୍ କରିଦେଇଛି ବୋଲି ରାଜନୈତିକ ପର୍ଯ୍ୟବେକ୍ଷକ ମହଲ ମତ ଦେଇଛନ୍ତି । ଗତ ରାଷ୍ଟ୍ରପତି ନିର୍ବାଚନରେ ଦେଶର ଜଣେ ବିଶିଷ୍ଟ ଆଦିବାସୀ ନେତା ତଥା ଲୋକସଭାର ପୂର୍ବତନ ବାଚସ୍ପତି ପି.ଏ. ସାଙ୍ଗମାଙ୍କୁ ବିଜେଡିର ପ୍ରାର୍ଥୀ କରି ସେ ଦେଖାଇଦେଇଛନ୍ତି ଯେ ସେ କିମ୍ବା ତାଙ୍କ ସରକାର କେବେ ବି ଆଦିବାସୀ ବିରୋଧୀ ନୁହଁନ୍ତି । ଏହା ତାଙ୍କୁ ଜାତୀୟ ରାଜନୀତି କ୍ଷେତ୍ରରେ ମଧ ବହୁ ଚର୍ଚ୍ଚିତ କରାଇଛି । ରାଜନୀତି ଖେଳରେ ହାରିବା, ଜିତିବା ଯଦିଓ ବଡ କଥା ନୁହେଁ, ତେବେ ସେ  ସାଙ୍ଗମାଙ୍କୁ ପ୍ରାର୍ଥୀ କରି ତାଙ୍କର ଆଦିବାସୀମାନଙ୍କ ପ୍ରତି ଥିବା ଦରଦୀ ମନୋଭାବକୁ ପ୍ରତିପାଦିତ କରିଛନ୍ତି । ବିରୋଧୀ ଦଳଙ୍କ ସମାଲୋଚନା ସ  ୍ୱ ସାଙ୍ଗମାଙ୍କ ପ୍ରାର୍ଥିତ୍ୱ ତାଙ୍କ ରାଜନୈତିକ ପ୍ରେକ୍ଷାପଟରେ ଆଉପାଦେ ଆଗକୁ ଯିବାକୁ ରାସ୍ତା ଦେଖାଇଛି । ନବୀନଙ୍କ ଦୀର୍ଘ ଦିନର ରାଜନୈତିକ ଇତିହାସକୁ ତର୍ଜମା କଲେ ସ୍ପଷ୍ଟ ବାରିହୋଇ ପଡେ ଯେ ସେ ହେଉଛନ୍ତି ବିଜେଡିର ଏକମାତ୍ର ଅପ୍ରତିଦ୍ୱନ୍ଦୀ ନେତା । ତାଙ୍କ ନେତୃତ୍ୱକୁ ଚାଲେଞ୍ଜ୍ କଲା ଭଳି ଦଳରେ ଆଉ କେହି ନାହାଁନ୍ତି । ଆଉ ଯେଉଁମାନେ ବି ତାଙ୍କ ଅଗୋଚରରେ ତାଙ୍କ ନେତୃତ୍ୱକୁ ସମାଲୋଚନା କରିଛନ୍ତି ଅଥବା କରୁଛନ୍ତି ସେମାନେ ତା'ର ପରାଭବ ଭୋଗିଛନ୍ତି ଅବା ଭୋଗୁଛନ୍ତି । ନିକଟ ଅତୀତର ଘଟଣାରୁ ତାହା ସ୍ପଷ୍ଟ ହୋଇଯାଇଛି । ଅତୀତରେ ମଧ ଏହିପରି ବହୁ ନଜିର୍ ସେ ଛାଡ଼ି ଯାଇଛନ୍ତି ଯାହାକି ଦଳ ମଧରେ ସମସ୍ତଙ୍କୁ ଏକତାର ରଜ୍ଜୁରେ ବାନ୍ଧି ରଖିବାରେ ସମର୍ଥ ହୋଇଛି ବୋଲି ରାଜନୈତିକ

ବିଶାରଦମାନେ ମତ ଦେଇଛନ୍ତି । କେବଳ ଦଳ ଭିତରେ ନୁହେଁ, ସାରା ରାଜ୍ୟବାସୀ ମଧ ତାଙ୍କ ନେତୃତ୍ୱ ପ୍ରତି ଅଙ୍ଗୀକାରବଦ୍ଧତା ପ୍ରଦର୍ଶନ କରିଛନ୍ତି । ତାଙ୍କର ନିର୍ମଳ, ସ୍ୱଚ୍ଛ ଭାବମୂର୍ତି ତଥା ଦୁର୍ନୀତିମୁକ୍ତ ଶାସନ ବିଜୁଜନତା ଦଳକୁ ଲୋକଙ୍କ ନିକଟରେ କରିପାରିଛି । ବିରୋଧୀଦଳଙ୍କ ଶତ ହଲ୍ଲାଗୁଲ୍ଲା, ରଣହୁଙ୍କାର ତାଙ୍କ ସ୍ୱଚ୍ଛ ଭାବମୂର୍ତିକୁ ଟିକିଏ ବି ମଳିନ କରିପାରିନି । ବରଂ ତାଙ୍କର ଠିକଣା ସମୟରେ ଠିକଣା ଗୋଟି ଚାଳନା ରାଜ୍ୟରେ ବିରୋଧୀଦଳଙ୍କୁ ବହୁ ପଛକୁ ଠେଲି ଦେଇଛି । ବିଜେଡି ସରକାର ବିରୋଧରେ ବିରୋଧୀଦଳ ଯେତେ ସବୁ ଅଭିଯୋଗ ଆଣିଛନ୍ତି ସେ ସବୁକୁ ପ୍ରତିହତ କରି ସେ ନିଜ ରାଜନୈତିକ ଅଭିଜ୍ଞତାର ପରିଚୟ ଦେବାରେ ସମର୍ଥ ହୋଇଛନ୍ତି । ବିଷାକ୍ତ ଔଷଧଜନିତ ମୃତ୍ୟୁ ମାମଲା ହେଉକି, ପିପିଲି ଗଣବଳାତ୍କାର ଅଥବା ମାଟ୍ରିକ୍ ପ୍ରଶ୍ନପତ୍ର ଚୋରି ମାମଲା କିମ୍ବା ଖଣି , କୋଇଲା ଓ ଡାଲି ଦୁର୍ନୀତି ମାମଲା ସବୁଥିରେ ଭିଜିଲାନ୍ସ, କ୍ରାଇମବ୍ରା ଓ ବିଚାର ବିଭାଗୀୟ କମିଶନ ବସାଇ ଦୋଷୀକୁ ଖୋଜିବାରେ ପ୍ରୟାସ ତାଙ୍କ ଦୁର୍ନୀତିମୁକ୍ତ ଶାସନର ଆଉ ଏକ ନମୁନା ବୋଲି କୁହାଯାଇପାରେ । ସେହିପରି ରାଜ୍ୟର ସର୍ବାଙ୍ଗୀନ ବିକାଶ ସହ ରାଜ୍ୟରେ ଥିବା ଦଳିତ ଓ ଆଦିବାସୀ ତଥା ମହିଳାମାନଙ୍କ ଉନ୍ନତି କଳ୍ପେ ସେ ବହୁବିଧ ଯୋଜନା ସଶକ୍ତୀକରଣ ପାଇଁ ପ ।ୟତ ନିର୍ବାଚନଠୁ ପୌର ନିର୍ବାଚନ ଯାଏ ମହିଳାଙ୍କ ପାଇଁ ୫୦% ସ୍ଥାନ ସଂରକ୍ଷଣ ତାଙ୍କ ରାଜନୈତିକ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିଛି । ସେହିପରି ଆଦିବାସୀ ବହୁଳ ଜିଲ୍ଲା ଗୁଡ଼ିକରେ ଅଧିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା ସହ ସେମାନଙ୍କ ଆର୍ଥିକ ବିକାଶ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିବା ତଥା ଏଥିପାଇଁ କେନ୍ଦ୍ରର ସହାୟତା ଉପରେ ନିର୍ଭର ନ କରି ରାଜ୍ୟ ପାଣ୍ଠିରୁ ବ୍ୟୟ ବରାଦ କରିବା ତାଙ୍କ ସରକାରର ଏକ ବରିଷ୍ଠ ପଦକ୍ଷେପ ବୋଲି ରାଜନୈତିକ ମହଲ ମତ ଦେଇଛନ୍ତି । କେନ୍ଦ୍ରର ୟୁପିଏ ସରକାର ସବୁ କ୍ଷେତ୍ରରେ ଓଡ଼ିଶାକୁ ଅବହେଳା କରିଆସୁଥିବା ବେଳେ ନବୀନ କିନ୍ତୁ ରାଜ୍ୟର ହକ୍ ପାଇଁ ବାରମ୍ବାର ଦାବି କରିବା ଓ ଏଥିନେଇ ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ କେନ୍ଦ୍ରମନ୍ତ୍ରୀଙ୍କ ନିକଟକୁ ବାରମ୍ବାର ଚିଠି ଲେଖିବା ଓ ସ୍ଥଳ ବିଶେଷରେ ହକ୍ ହାସଲ କରିବା ରାଜ୍ୟବାସୀଙ୍କ ପାଇଁ ତାଙ୍କ ଦରଦୀ ମନୋଭାବକୁ ପ୍ରମାଣିତ କରେ । ସେହିପରି କେନ୍ଦ୍ର ସରକାର ରାଜ୍ୟମାନଙ୍କ ମୌଳିକ ଅଧିକାର ଓ କ୍ଷମତାକୁ ସଂକୁଚିତ କରିବା ପାଇଁ ବାରମ୍ବାର ପ୍ରୟାସ କରୁଥିବା ବେଳେ ନବୀନ ଏକମାତ୍ର ମୁଖ୍ୟମନ୍ତ୍ରୀ ଯେକି ପ୍ରଥମେ ଏହାର ବିରୋଧ କରୁଛନ୍ତି । ବହୁଚର୍ଚ୍ଚିତ ଏନ୍‌ସିଟିସି ପ୍ରସଙ୍ଗରେ ସେ ପ୍ରଧାନମନ୍ତ୍ରୀଙ୍କୁ ୩ଥର ଚିଠି ଲେଖିବା ପରେ ଏହାକୁ ଅନ୍ୟରାଜ୍ୟର ମୁଖ୍ୟମନ୍ତ୍ରୀମାନେ ସମର୍ଥନ କରି ଦୃଢ଼ ବିରୋଧ କରିବା ସତ୍ତ୍ୱ ଏହାକୁ କେନ୍ଦ୍ର ସରକାର କାର୍ଯ୍ୟକାରୀ କରିପାରିନାହାଁନ୍ତି । ସେହିପରି ଖଣି ରୟାଲ୍‌ଟି ପ୍ରସଙ୍ଗରେ କେନ୍ଦ୍ରର ନିଷ୍ପତ୍ତିକୁ ରାଜ୍ୟ ମାନିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ଭାବରେ କହିଛନ୍ତି । କେନ୍ଦ୍ରର ରାଜ୍ୟ ବିରୋଧୀ କାର୍ଯ୍ୟକୁ ସେ କୌଣସି ପ୍ରକାରେ ଗ୍ରହଣ କରିବେ ନାହିଁ ବୋଲି ରୋକ୍ ଠୋକ୍ କହିବା ଏବଂ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଜଗିବା ତାଙ୍କ ରାଜନୈତିକ ଅଭିଜ୍ଞତାକୁ ପ୍ରଦର୍ଶିତ କରିବାରେ ସହାୟକ ହୋଇଛି ବୋଲି ରାଜନୈତିକ ବିଶାରଦ ମତ ଦେଇଛନ୍ତି । ଅତଏବ, ଏସବୁ ଦୃଷ୍ଟିକୋଣରୁ ବିଚାର କଲେ, ସ୍ପଷ୍ଟ ବାରି ହୋଇପଡୁଛି ଯେ, ସବୁ କ୍ଷେତ୍ରରେ ଦୃଢ଼ ନିଷ୍ପତ୍ତି ନେବାରେ ନବୀନ ଧୁରନ୍ଧର । ତାଙ୍କ ରାଜନୈତିକ ପ୍ରତିଭାର ଏହି ପରିଚୟକୁ ନେଇ ସେ ଯେ ଜାତୀୟ ରାଜନୀତିରେ ବିଜେଡିକୁ ଏକ ନମ୍ବର ସ୍ଥାନ ରଖିବାରେ ସଫଳ ହୋଇଛନ୍ତି ଏଥିରେ ସନ୍ଦେହର ଅବକାଶ ନାହିଁ ।

# ଜାତୀୟ ରାଜନୀତିରେ ନବୀନ ପଟ୍ଟନାୟକ
## (ନବୀନଙ୍କ ତୃତୀୟ ସାମ୍ମୁଖ୍ୟର ପରିକଳ୍ପନା)

### ତୃତୀୟ ସାମ୍ମୁଖ୍ୟରେ ରହିବେ କେଉଁ ଦଳ ?

ଜାତୀୟ ସ୍ତରରେ ବାମମେ , ବିହାରରେ ଜେଡିୟୁ, କର୍ଣ୍ଣାଟକରୁ ଧର୍ମନିରପେକ୍ଷ ଜନତା ଦଳ, ପଶ୍ଚିମବଙ୍ଗରୁ ତୃଣମୂଳ କଂଗ୍ରେସ, ତାମିଲନାଡୁରୁ ଏଆଇଏଡିଏମ୍‌କେ, ଆନ୍ଧ୍ରପ୍ରଦେଶରୁ ତେଲଗୁଦେଶମ୍ ପାର୍ଟି, ମହାରାଷ୍ଟ୍ରରୁ ଶିବସେନା, ହରିଆନାରୁ ଭାରତୀୟ ଲୋକଦଳ, ପଞ୍ଜାବରୁ ଅକାଳିଦଳ, ଆସାମରୁ ଆସାମ ଗଣପରିଷଦ, ମାୟାବତୀଙ୍କ ବହୁଜନ ସମାଜପାର୍ଟି, ମୁଲାୟମଙ୍କ ସମାଜବାଦୀ ପାର୍ଟି, ଲାଲୁଙ୍କ ରାଷ୍ଟ୍ରୀୟ ଜନତା ଦଳ, ପାଶ୍ୱାନ୍‌ଙ୍କ ଲୋକଜନଶକ୍ତି ପାର୍ଟି ।

କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ଓ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏକୁ ବାଦ୍ ଦେଇ ଦେଶରେ ଏକ ତୃତୀୟ ସାମ୍ମୁଖ୍ୟ ଗଠନ କରିବାର ସୂଚନା ବିଜେଡି ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେବା ପରେ ଏହାକୁ ନେଇ ରାଜନୈତିକ ଆକାଂ ଜୋର ଧରିଛି ।

ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ସୋମବାର ଦିନ ତୃଣମୂଳ କଂଗେସ ନେତ୍ରୀ ତଥା ପଶ୍ଚିମବଙ୍ଗ୍ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହିତ ଟେଲିଫୋନ୍‌ରେ ଆଲୋଚନା କରିଥିଲେ । କହିବା ବାହୁଲ୍ୟ ଟେଲିଫୋନ୍ କଲ୍‌ଟି ମମତାଙ୍କ ପକ୍ଷରୁ ଆସିଥିଲା । ନବୀନ ତାଙ୍କ ସହ ଆଲୋଚନା କଲା ପରେ ଜାତୀୟ ଆତଙ୍କବାଦ ମୁକାବିଲା କେନ୍ଦ୍ର (ଏନ୍‌ସିଟିସି) ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କୁ କଡ଼ା ଚିଠି ଲେଖିଥିଲେ ।

ମଙ୍ଗଳବାର ଦିନ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା ଏଆଇଏଡିଏମ୍‌କେ ନେତ୍ରୀ ଡକ୍ଟର ଜୟଲଳିତାଙ୍କୁ ଫୋନ୍ କଲେ । ଫୋନ୍‌ରେ ଢେର୍ ସମୟ ନବୀନ କଥା ହେଲେ । ପରେ ନବୀନ ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ତେଲଗୁଦେଶମ ପାର୍ଟିର ନେତା ଏନ୍.ଚନ୍ଦ୍ରବାବୁ ନାଇଡୁଙ୍କୁ ଫୋନ୍ କରି କଥା ହେଲେ ଓ ଏନ୍‌ସିଟିସି ପ୍ରସଙ୍ଗରେ କେନ୍ଦ୍ରର ନିଷ୍ପ ିକୁ ଦୃଢ଼ ବିରୋଧ କରିବାକୁ କହିଲେ ।

ସୋମବାର ଓ ମଙ୍ଗଳବାରର ଏହି ପ୍ରକ୍ରିୟା ଶେଷ ପରେ ବୁଧବାର ଅର୍ଥାତ୍ ଆଜି ମୁଖ୍ୟମନ୍ତ୍ରୀ ଦେଶରେ ଏକ ତୃତୀୟ ସାମ୍ମୁଖ୍ୟର ଆବଶ୍ୟକତା ଥିବା ଘୋଷଣା କରିଦେଲେ । ଏକଥା ମଧ କହିଲେ ଯେ କଂଗେସ ନେତୃତ୍ୱାଧୀନ ୟୁପିଏ ସରକାର ଦୁର୍ନୀତିରେ ବଦନାମ ହୋଇଯାଇଛି । ସେହିପରି ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସାଂପ୍ରଦାୟିକ କଳଙ୍କ ମୁଣ୍ଡାଇଛି । ତେଣୁ ଦେଶରେ ଏକ ସ୍ୱଚ୍ଛ, ଦୁର୍ନୀତିମୁକ୍ତ ଓ ଧର୍ମନିରପେକ୍ଷ ସାମ୍ମୁଖ୍ୟ ବା ମେ ର ଆବଶ୍ୟକତା ରହିଛି ।

୩ ଦିନର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହି ଘଟଣାକ୍ରମକୁ ଦୃଷ୍ଟିରେ ରଖି ରାଜନୈତିକ ପର୍ଯ୍ୟବେକ୍ଷକମାନେ ଭିନ୍ନ ମତ ପ୍ରକାଶ କରୁଛନ୍ତି । ସେମାନଙ୍କ ମତରେ ବ ମାନ ଦେଶରେ ସେପରି କୌଣସି ଜାତୀୟ ରାଜନୈତିକ ଓଲଟପାଲଟ ପରିସ୍ଥିତି ନାହିଁ । ତୃତୀୟ ସାମ୍ମୁଖ୍ୟ ଗଠନର ଅବକାଶ ମଧ ନାହିଁ । ଏପରିକି କହିବାକୁ ଗଲେ ତୃତୀୟ ସାମ୍ମୁଖ୍ୟର ଆବଶ୍ୟକତା ବି ନାହିଁ । କିନ୍ତୁ ଏହିପରି ଏକ ସମୟରେ ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ତୃତୀୟ ସାମ୍ମୁଖ୍ୟ ଆବଶ୍ୟକତା ଘୋଷଣା ନିଶ୍ଚିତ ଭାବେ ଏକ ରାଜନୈତିକ ସମୀକରଣର ସୂଚନା ମାତ୍ର ।

ରାଜନୈତିକ ବିଶେଷକମାନେ କହିଛନ୍ତି ଯେ , ହୋଇପାରେ ଦେଶ ନିର୍ଦ୍ଧାରିତ ସମୟ ପୂର୍ବରୁ ସାଧାରଣ ନିର୍ବାଚନକୁ, ସମ୍ମୁଖୀନ ହେବାକୁ ଯାଉଛି । ୟୁପିଏ ସରକାରରେ ପ୍ରମୁଖ ଭାଗୀଦାର ଥିବା ମମତା ବାନାର୍ଜୀଙ୍କ ତୃଣମୁଳ କଂଗ୍ରେସ ସମର୍ଥନ ପ୍ରତ୍ୟାହାର କରିବାର ଆଶଙ୍କା ସୃଷ୍ଟି ହୋଇଛି । ଏହା ହେଲେ ଯେମିତି ୟୁପିଏ ଅନ୍ୟ କୌଣସି ଅଣକଂଗ୍ରେସ-ଅଣବିଜେପି ରାଜନୈତିକ ଦଳର ସମର୍ଥନ ନ ନେଇପାରିବ ସେଥିପାଇଁ ଏହି ତୃତୀୟ ସାମ୍ମୁଖ୍ୟର ଆବଶ୍ୟକତା ଦେଖାଦେଇଛି ।

ଜାତୀୟ ରାଜନୈତିକ ଦୃଶ୍ୟପଟ୍ଟରେ ମମତାଙ୍କ ତୃଣମୂଳ କଂଗ୍ରେସକୁ ବାଦ୍ ଦେଲେ ଉଭୟ ୟୁପିଏ ଏବଂ ଏନ୍‌ଡିଏ ଠାରୁ ନିଜକୁ ଦୂରେଇ ରଖିଥିବା ବଡ ଦଳ ମଧରେ ଅଛନ୍ତି ଏଥର ଏଡିଏମ୍‌କେ, ବିଜେଡି, ଟିଡିପି ପ୍ରମୁଖ ଯଦିଓ ବହୁଜନ

ସମାଜପାର୍ଟି ଓ ସମାଜବାଦୀ ପାର୍ଟି ୟୁପିଏରେ ନାହାଁନ୍ତି ତେବେ ଉ ର ପ୍ରଦେଶରେ ଏହି ଦୁଇ ଦଳ ସହ କଂଗ୍ରେସ ବ ମାନ ନିର୍ବାଚନ ଲଢୁଛି । ତେଣୁ ତୃଣମୁଳ କଂଗ୍ରେସ ସମର୍ଥନ ପ୍ରତ୍ୟାହାର କଲେ ସ୍ୱାଭାବିକ ଭାବେ ୟୁପିଏ ସରକାର ଏଆଇଡିଏମ୍‌କେ, ବିଜେଡି କିମ୍ବା ଟିଡିପି (ତେଲଗୁଦେଶମ୍ ପାର୍ଟି) ର ସମର୍ଥନ ଲୋଡିବ । ସେହି ହେତୁ ଆଗୁଆ ବାଟ ବନ୍ଦ କରିବାକୁ ମମତା ଓ ନବୀନ ଅ । ଭିଡିଛନ୍ତି । କେନ୍ଦ୍ରର କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର ବିଭିନ୍ନ ଦୁର୍ନୀତିରେ ଏବେ ବଦନାମ ହୋଇଯାଇଛି । ୟୁପିଏ ସରକାରର ବରିଷ୍ଠ ମନ୍ତ୍ରୀମାନେ ସର୍ବାଧିକ ବଦନାମ ହୋଇଛନ୍ତି । ମନ୍ତ୍ରୀଙ୍କ କାର୍ଯ୍ୟକଳାପକୁ ନେଇ ବିବାଦ ପିଛା ଛାଡୁନି । ସାରା ଦେଶରେ କଂଗ୍ରେସ ପ୍ରତି ଲୋକେ ବିମୁଖ ହେଉଛନ୍ତି । ଅପର ପକ୍ଷରେ ସାଂପ୍ରଦାୟିକତା ଓ ନେତୃତ୍ୱରେ ଅପାରଗତା ପାଇଁ ମୁଖ୍ୟ ବିରୋଧୀ ଦଳ ବିଜେପି ନେତୃତ୍ୱାଧୀନ ଏନଡିଏ ମଧ୍ୟ ଲୋକଙ୍କ ସମର୍ଥନ ହାସଲ କରିବା ସ୍ଥିତିରେ ନାହିଁ । ତେଣୁ ଏହିପରି ଏକ ସମୟରେ ତୃତୀୟ ସାମ୍ମୁଖ୍ୟ ଗଢି ଦେଶର ଜନସାଧାରଣଙ୍କ ଆଗରେ ବିକଳ୍ପ ସରକାର ରଖିବାକୁ ହୁଏତ ପ୍ରୟାସ ଆରମ୍ଭ ହେଉଛି ।

ନବୀନ ଓ ମମତାଙ୍କ ଏହି ପ୍ରୟାସରେ ଉଭୟ କଂଗ୍ରେସ ଏବଂ ବିଜେପି ଠାରୁ ଦୁରରେ ରହିଥିବା ବହୁଦଳ ସାମିଲ ହେବାରେ କିଛି ଅସଂଗତି ନାହିଁ । ଏପରିକି ବିଜେପି ସହିତ ରହିଥିବା ଧର୍ମନିରପେକ୍ଷ ଦଳମାନେ ମଧ୍ୟ ସାଙ୍ଗ ଛାଡ଼ି ଦେଇପାରନ୍ତି । ଓଡ଼ିଶାରୁ ବିଜେଡି, ବିହାରରୁ ଜେଡିୟୁ, କର୍ଣ୍ଣାଟକରୁ ଧର୍ମନିରପେକ୍ଷ ଜନତା ଦଳ, ପଶ୍ଚିମବଙ୍ଗରୁ ତୃଣମୁଳ କଂଗ୍ରେସ, ତାମିଲନାଡୁରୁ ଏଆଇଏଡିଏମ୍‌କେ, ଆନ୍ଧ୍ରପ୍ରଦେଶରୁ ତେଲଗୁଦେଶମ୍ ପାର୍ଟି, ମହାରାଷ୍ଟ୍ରରୁ ଶିବସେନା, ହରିଆନାରୁ ଭାରତୀୟ ଲୋକଦଳ, ପଞ୍ଜାବରୁ ଅକାଳି ଦଳ, ଆସାମରୁ ଆସାମ ଗଣପରିଷଦ ପ୍ରଭୃତି ସିଧାସଳଖ ଏହି ତୃତୀୟ ସାମ୍ମୁଖ୍ୟକୁ ଆସିବାରେ ଅସୁବିଧା ନାହିଁ ।

ଆ ଳିକ ଦଳଗୁଡ଼ିକୁ ଛାଡ଼ିଦେଲେ ଜାତୀୟ ସ୍ତରରେ ବାମପନ୍ଥୀ ମେ ତୃତୀୟ ସାମ୍ମୁଖ୍ୟରେ ରହିବା ନିଶ୍ଚିତ । ସେହିପରି ଉ ର ପ୍ରଦେଶରେ ଦୁଇ ବୃହତ ଦଳ ମାୟାବତୀଙ୍କ ବହୁଜନ ସମାଜପାର୍ଟି ଓ ମୁଲାୟମ ସିଂ ଯାଦବଙ୍କ ସମାଜବାଦୀ ପାର୍ଟି ମଧ୍ୟ ତୃତୀୟ ସାମ୍ମୁଖ୍ୟରେ ସାମିଲ ହୋଇପାରନ୍ତି । ଏହାଛଡ଼ା ବିହାରର ଲାଲୁ ପ୍ରସାଦ ଯାଦବଙ୍କ ରାଷ୍ଟ୍ରୀୟ ଜନତା ଦଳ ଓ ରାମବିଳାସ ପାଶ୍ୱାନ୍‌ଙ୍କ ଲୋକଜନଶକ୍ତି ପାର୍ଟି ମଧ୍ୟ ଏହି ସାମ୍ମୁଖ୍ୟକୁ ଆସିବାରେ ଅସୁବିଧା ନାହିଁ । ନିକଟ ଭବିଷ୍ୟତରେ ଯେ ଏଭଳି ଏକ ବଡ଼ ରାଜନୈତିକ ସମୀକରଣ ନଘଟିବ ତାହା କହିହେଉ ନାହିଁ । ବ ମାନର ପରିସ୍ଥିତିରେ ଯଦି ଆଗୁଆ ନିର୍ବାଚନ ହୁଏ ଓ ଏହି ନିର୍ବାଚନରେ ଉପରୋକ୍ତ ଦଳଗୁଡ଼ିକ ମିଶି ଏକ ସ୍ୱଚ୍ଛ, ଦୁର୍ନୀତିମୁକ୍ତ ତଥା ନିରପେକ୍ଷ ବିକଳ୍ପ ଲୋକଙ୍କ ଆଗରେ ରଖନ୍ତି ତେବେ ନିଶ୍ଚିତ ଭାବେ ଶାସନର ଭାର ବଦଳିଯିବ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମତବ୍ୟକ୍ତ କରିଛନ୍ତି ।

## ଏନ୍‌ସିପି ରଖିବ ବନ୍ଧୁତା

ନବୀନଙ୍କ ତୃତୀୟ ସାମ୍ମୁଖ୍ୟ ସାକାର ରୂପ ନେଲେ ଶରଦ ପାୱାରଙ୍କ ନେତୃତ୍ୱାଧୀନ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି(ଏନ୍‌ସିପି) ମଧ୍ୟ ଏଥିରେ ରହିବ ବୋଲି ରାଜନୈତିକ ସମୀକ୍ଷକମାନେ ମତବ୍ୟକ୍ତ କରିଛନ୍ତି । ଯେହେତୁ ଏନ୍‌ସିପି ବିଭିନ୍ନ ରାଜ୍ୟରେ କଂଗ୍ରେସ ବିରୋଧରେ ମେ ରେ ରହିଛି ତେଣୁ ତୃତୀୟ ସାମ୍ମୁଖ୍ୟରେ ରହିବାରେ ତାକୁ ଅସୁବିଧା ହେବ ନାହିଁ । ଗତ ସାଧାରଣ ନିର୍ବାଚନ ବେଳେ ଓଡ଼ିଶାରେ ନବୀନଙ୍କ ସହ ଶରଦ୍ ମେ କରିଥିଲେ ।

## ବିଜୁ ଜନତା ଦଳ (ବିଜେଡି)ର ସାଙ୍ଗଠନିକ ନିର୍ବାଚନ

### ପ୍ରତିଷ୍ଠାତା ସଭାପତି ଠାରୁ ଲଗାତର ୫ମ ଥର ସଭାପତି ପଦବୀରେ ନବୀନ ପଟ୍ଟନାୟକ

### ନବୀନଙ୍କ ନୂଆ ଟିମ୍‌ରେ ୯ ଉପସଭାପତି, ୧୦ ସାଧାରଣ ସମ୍ପାଦକ ଓ ୧୦ ସମ୍ପାଦକ ସାମିଲ । କାର୍ଯ୍ୟକାରୀ କମିଟିରେ ୮୧ ସଦସ୍ୟ ।

ବିଜୁ ଜନତା ଦଳ (ବିଜେଡି) ର ଚାଲିଥିବା ସାଂଗଠନିକ ନିର୍ବାଚନ କାର୍ଯ୍ୟ ସୋମବାର ଶେଷ ହୋଇଛି । ରାଜ୍ୟ ପରିଷଦ ବୈଠକ ଡକାଯାଇ ନବୀନ ପଟ୍ଟନାୟକ ଏକମାତ୍ର ପ୍ରାର୍ଥୀ ହୋଇଥିବାରୁ ତାଙ୍କୁ ସଭାପତି ଭାବେ ସର୍ବସମ୍ମତକ୍ରମେ ନିର୍ବାଚିତ କରାଯାଇଛି । ରାଜ୍ୟ ନିର୍ବାଚନ ଅଧିକାରୀ ପ୍ରଭାତ କୁମାର ତ୍ରିପାଠୀ ପ୍ରଥମେ ନବୀନ ପଟ୍ଟନାୟକଙ୍କ ନାମ ସଭାପତି ଭାବେ ଘୋଷଣା କରିବା ପରେ ବୈଠକର ସମସ୍ତ ସଦସ୍ୟ ତାହାକୁ ସମର୍ଥନ ଜଣାଇଥିଲେ । ସେ ଲଗାତାର ଦଳର ସଭାପତି ଭାବେ ପ ମ ଥର ପାଇଁ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏଥିସହ ପରିଷଦ ବୈଠକରେ ରାଜ୍ୟ କାର୍ଯ୍ୟକାରୀ କମିଟିକୁ ୮୧ ଜଣ ସଦସ୍ୟଙ୍କୁ ନିର୍ବାଚିତ କରାଯାଇଛି । ସଭାପତି ନିର୍ବାଚିତ ହେବା ପରେ ନବୀନ୍ ତାଙ୍କର ନୂଆ ଟିମ୍ ଗଠନ କରିଛନ୍ତି । ଏଥିରେ ରାଜ୍ୟ କର୍ମକ ୀ ଭାବେ ୯ଜଣ ଉପ ସଭାପତି, ୧୦ଜଣ ସାଧାରଣ ସମ୍ପାଦକ, ୧୦ ଜଣ ସମ୍ପାଦକ ଓ ଜଣେ କୋଷାଧକ୍ଷ ରହିଛନ୍ତି । ଉଭୟ କାର୍ଯ୍ୟକାରୀ କମିଟି ଓ ରାଜ୍ୟ କର୍ମକ ୀରେ ମହିଳା, ଅନୁସୂଚିତ ଜାତି, ଜନଜାତି ଓ ପଛୁଆ ଶ୍ରେଣୀକୁ ପ୍ରାଧାନ୍ୟ ଦିଆଯାଇଛି । ଉପସଭାପତି ପଦବୀରେ ୪ ଜଣ, ସାଧାରଣ ସମ୍ପାଦକରେ ୫ ଜଣ ଓ ସମ୍ପାଦକ ପଦବୀରେ ୫ ଜଣ ନୂଆ ବ୍ୟକ୍ତିଙ୍କୁ ନିଆଯାଇଛି । କୋଷାଧକ୍ଷ ମଧ ନୂଆ ହୋଇଛନ୍ତି । କର୍ମକ ୀ ତାଲିକାରେ ୧୧ ଜଣ ମନ୍ତ୍ରୀ, ଜଣେ ଏମ୍‌ପି ଏବଂ ୧୧ ଜଣ ବିଧାୟକଙ୍କୁ ସାମିଲ କରାଯାଇଛି । ଉପସଭାପତି ପଦବୀରେ ପୂର୍ବରୁ ଅନଙ୍ଗ ଉଦୟ ସିଂଦେଓ, ଦାମୋଦର ରାଉତ, ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ପ୍ରସନ୍ନ ଆଚାର୍ଯ୍ୟ, ପ୍ରସନ୍ନ କୁମାର ପାଟଶାଣୀ ଥିବାବେଳେ ଏବେ କାଳିନ୍ଦୀ ବେହେରା, କଳ୍ପତରୁ ଦାସ, ରଘୁନାଥ ମହାନ୍ତି, ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ସାମିଲ କରାଯାଇଛି । ନୂଆ କୋଷାଧକ୍ଷ ଭାବେ ଲାଲ ବିହାରୀ ହିମିରିକାଙ୍କୁ ନିଆଯାଇଛି । ସାଧାରଣ ସମ୍ପାଦକ ପଦବୀରେ ପୂର୍ବରୁ ବଦ୍ରିନାରାୟଣ ପାତ୍ର, ଦେବାଶିଷ ସାମନ୍ତରାୟ, ନଗେନ୍ଦ୍ର ପ୍ରଧାନ, ନରେନ୍ଦ୍ର କୁମାର ସ୍ୱାଇଁ, ରବି ନାରାୟଣ ନନ୍ଦ ଥିବାବେଳେ ଏବେ ଅରୁଣ କୁମାର ସାହୁ, ଦେବୀ ପ୍ରସାଦ ମିଶ୍ର, ପଦ୍ମନାଭ ବେହେରା, ରାଜେନ୍ଦ୍ର ଜୋଲକିଆ, ସରୋଜିନୀ ହେମ୍ବ୍ରମ୍ ସାମିଲ୍ ହୋଇଛନ୍ତି । ସେହିପରି ସମ୍ପାଦକ ପଦବୀରେ ପୂର୍ବରୁ ଝିନ୍ ହିକ୍କା, ମଦନ ମୋହନ ପ୍ରଧାନ, ମୁଜିବୁଲା ଖାଁ, ରାମମୂ ି ଗମାଙ୍ଗୋ, ଟି ଗୋପୀ ରହିଥିଲାବେଳେ ନୂତନ ଭାବେ ଦେବେନ୍ଦ୍ର କହଁର, ପ୍ରଦୀପ ପାଣିଗ୍ରାହୀ, ପ୍ରେମାନନ୍ଦ ନାୟକ, ଶେଷ କୁମାର ମେହେର, ସୁଶାନ୍ତ ସିଂ ସ୍ଥାନ ପାଇଛନ୍ତି । ସାଧାରଣ ସମ୍ପାଦକ ଥିବା ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଓ ରଘୁନାଥ ମହାନ୍ତିଙ୍କୁ ପଦୋନ୍ନତି ଦିଆଯାଇଥିବା ଉପସଭାପତି କରାଯାଇଥିବା ବେଳେ ଅତନୁ ସବ୍ୟସାଚୀ ନାୟକ, ବୈଷ୍ଣବ ପରିଡ଼ା ଓ ଯଜ୍ଞେଶ୍ୱର ବାବୁଙ୍କୁ ବାଦ୍ ଦିଆଯାଇଛି । ସମ୍ପାଦକ ଥିବା ଗୌରୀ  ପ୍ରହରାଜ, ଆଶିଷ ଚକ୍ରବ ୀ ଓ ରଘୁନାଥ ମହାନ୍ତି (ଝିନ) ବାଦ୍ ପଡ଼ିଛନ୍ତି ।

### ବିଜେଡି ରାଜ୍ୟ କାର୍ଯ୍ୟକାରୀ କମିଟିକୁ ୮୧ ସଦସ୍ୟ ନିର୍ବାଚିତ

ବିଜେଡି ରାଜ୍ୟ ପରିଷଦ ବୈଠକ ସୋମବାର ଦଳର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇ କାର୍ଯ୍ୟକାରୀ କମିଟିକୁ ୮୧ ଜଣ ସଦସ୍ୟଙ୍କୁ ନିର୍ବାଚିତ କରାଯାଇଛି । ଏଥିରେ ଅଣ ଏମ୍‌ପି ଓ ଅଣ ବିଧାୟକଙ୍କ ସଂଖ୍ୟା ୩୨ ଥିବାବେଳେ ୮ ଜଣ ଏମ୍‌ପି ଓ ୪୧ ଜଣ ବିଧାୟକ ସାମିଲ ଅଛନ୍ତି । ୨୭ ଜଣଙ୍କୁ ନୂତନ ଭାବେ ସାମିଲ କରାଯାଇଛି । ରାଜ୍ୟ ପରିଷଦର ୩୩୧ ଜଣ ସଦସ୍ୟଙ୍କ ମଧ୍ୟରୁ ୩୦୮ ଜଣଙ୍କର ଭୋଟ ଦେବାର ଥିଲା । ପ୍ରାୟ ୩୦୦ ସଦସ୍ୟ ଉପସ୍ଥିତ ଥିଲେ ।

**ଅଣ ଏମ୍‌ପି ଓ ଅଣ ବିଧାୟକ**

ଆନନ୍ଦ ଆଚାର୍ଯ୍ୟ, ଅନନ୍ତ ନାରାୟଣ ଜେନା, ଆଶିଷ କୁମାର ସାହୁ, ବିଜୟ କୁମାର ନାୟକ, ବୃନ୍ଦାବନ ମାଝି, ବିଜୟ କୁମାର ମହାନ୍ତି, ଧର୍ମାନନ୍ଦ ବେହେରା, ଦୟାନିଧି କିଷାନ, ହାଜି ମହମ୍ମଦ ଆୟୁବ୍ ଖାଁ, ହମିଦ୍ ହୁସେନ୍, ଯୁଗଳ କିଶୋର ନାୟକ, ଜଗନ୍ନାଥ ସାଇଁ, ଯୋଗେନ୍ଦ୍ର ବେହେରା, ମଦନ ମୋହନ ପ୍ରଧାନ, ମୁଜିବୁଲ୍ଲା ଖାଁ (ମୁନା), ମହେଶ ସାହୁ, ଏନ୍ ଭାସ୍କର ରାଓ, ନଗେନ୍ଦ୍ର ପ୍ରଧାନ, ନରେନ୍ଦ୍ର କୁମାର ସାଇଁ, ପ୍ରଶାନ୍ତ ଜଗଦେବ, ପଦ୍ମିନୀ ଶେଖର ଦେଓ, ରାମମୂର୍ତ୍ତି ଗମାଙ୍ଗୋ, ରବୀନ୍ଦ୍ର କୁମାର ସାମଲ, ରାନିନ୍ଦ୍ର ନାଥ ଭୋଇ, ସନାତନ ବିଶି, ସିଦ୍ଧାର୍ଥ ଦାସ, ଶେଷ କୁମାର ମେହେର, ଟି.ଗୋପୀ, କୀର୍ତ୍ତନ ସାହୁ, ପ୍ରେମାନନ୍ଦ ନାଏକ ଓ ଉପେନ୍ଦ୍ର ପାଢୀ।

**ଏମ୍ ପି**

ତଥାଗତ ସତପଥୀ, ଭର୍ତ୍ତୃହରି ମହତାବ, ବୈଜୟନ୍ତ ପଣ୍ଡା, ଦୀଲିପ ତିର୍କୀ, ନିତ୍ୟାନନ୍ଦ ପ୍ରଧାନ, ପ୍ରସନ୍ନ କୁମାର ପାଟଶାଣୀ, ରୁଦ୍ର ମାଧମ ରାୟ ଓ ଶଶିଭୂଷଣ ବେହେରା, ଯଶୋବନ୍ତ ଲାଗୁରି, ।

**ବିଧାୟକ**

ନବୀନ ପଟ୍ଟନାୟକ, ଅନଙ୍ଗ ଉଦୟ ସିଂଦେଓ, ଅରୁଣ ସାହୁ, ଅତନୁ ସବ୍ୟସାଚୀ ନାୟକ, ଅଶୋକ ଚନ୍ଦ୍ର ପଣ୍ଡା, ବିଜୟଶ୍ରୀ ରାଉତରାୟ, ଭାଗୀରଥି ବଡ଼ଜେନା, ବଦ୍ରିନାରାୟଣ ପାତ୍ର, ବିକ୍ରମ କେଶରୀ ଆରୁଖ, ବେଦପ୍ରକାଶ ଅଗ୍ରୱାଲ, ଦେବାଶିଷ ସାମନ୍ତରାୟ, ଦେବୀ ପ୍ରସାଦ ମିଶ୍ର, ଦେବେନ୍ଦ୍ର କହଁର, ଦାମୋଦର ରାଉତ, ଦେବାଶିଷ ନାୟକ, ଝିନ ହିକ୍‌କା, କଳ୍ପତରୁ ଦାସ, ଖଗେଶ୍ୱର ବେହେରା, କାଳିନ୍ଦୀ ବେହେରା, ଲାଲ ବିହାରୀ ହିମିରିକା,ମନୋହର ରନ୍ଧାରି, ପ୍ରଫୁଲ୍ଲ କୁମାର ସାମଲ, ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ପ୍ରସନ୍ନ ଆଚାର୍ଯ୍ୟ, ପ୍ରଦୀପ ମହାରଥୀ, ପ୍ରଦୀପ ପାଣିଗ୍ରାହୀ, ପ୍ରଫୁଲ୍ଲ ମଲ୍ଲିକ, ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ପୁଷ୍ପେନ୍ଦ୍ର ସିଂଦେଓ, ପ୍ରମିଳା ମଲ୍ଲିକ, ପଦ୍ମନାଭ ବେହେରା, ରଘୁନାଥ ମହାନ୍ତି, ରବି ନାରାୟଣ ନନ୍ଦ, ରାଜେନ୍ଦ୍ର ଢୋଲକିଆ, ସୁବ୍ରତ ତରାଇ, ସରୋଜିନୀ ହେମ୍ବ୍ରମ୍ , ସୂର୍ଯ୍ୟନାରାୟଣ ପାତ୍ର, ସଞ୍ଜୟ କୁମାର ଦାସବର୍ମା, ସୁଶାନ୍ତ ସିଂ, ଉଷା ଦେବୀ ଓ ଭି.ସୁଜ୍ଞାନ କୁମାରୀ ଦେଓ।

-୦-୦-୦-୦-

## ଓଡିଶାର ପୌରସଭା ନିର୍ବାଚନରେ ବିଜେଡି

## ପୁଣି ବିଜେଡିର ବାଜିମାତ୍ ୬୫ ରୁ ୪୧ ନଗରପାଳ ପଦବୀ ଦଖଲ

* ବିନା ମେ , ବିନା ପ୍ୟାରୀରେ ନବୀନଙ୍କ ଶକ୍ତି ପ୍ରଦର୍ଶନ
* ବିଜେଡି ହାତରୁ ଖସିଗଲା ପିପିଲି, ଜଗତସିଂହପୁର, ନୟାଗଡ଼
* ଯାଜପୁର, ଟିକିଟି, ପୁରୁଷୋ ମପୁର ପୋଛିନେଲା ବିଜେଡି

ରାଜ୍ୟରେ ଅନୁଷ୍ଠିତ ପୌର ନିର୍ବାଚନରେ ଶାସକ ବିଜୁ ଜନତା ଦଳ ବିପୁଳ ବିଜୟ ହାସଲ କରିଛି । ବ୍ରହ୍ମପୁର ମହାନଗର ନିଗମ ସମେତ ୪୧ଟି ପୌର ସଂସ୍ଥାରେ ଶାସକ ଦଳ ସଂଖ୍ୟାଗରିଷ୍ଠତା ହାସଲ କରି ପରିଷଦ ଗଠନ କରିବାକୁ ସମର୍ଥ ହୋଇଥିବାବେଳେ ପ୍ରମୁଖ ବିରୋଧୀ ଦଳ କଂଗ୍ରେସ ବହୁ ପଛରେ ପଡ଼ିଯାଇଛି । ନିର୍ବାଚନ ହୋଇଥିବା ମୋଟ ୬୫ଟି ପୌରା ଳ ମଧ୍ୟରୁ ଦଳକୁ ମାତ୍ର ୧୦ଟି ସିଟ୍‌ରେ ସଂଖ୍ୟାଗରିଷ୍ଠତା ମିଳିଛି । ଅନ୍ୟତମ ବିରୋଧୀ ଦଳ ବିଜେପି ଏହି ନିର୍ବାଚନରେ ଏକ ପ୍ରକାର ମୂଳପୋଛ ହୋଇଯାଇଛି । ଏହା କେବଳ ଗୋଟିଏ ପୌରସଂସ୍ଥାରେ ଏକକ ସଂଖ୍ୟାଗରିଷ୍ଠତା ପାଇଛି । ଗତ ଥର ଅପେକ୍ଷା ଶାସକ ବିଜେଡିର ପ୍ରଦର୍ଶନ ଭଲ ହୋଇନଥିଲେ ମଧ୍ୟ ଏହାର ଫାଇଦା ଉଠାଇବାରେ ବିରୋଧୀ ଦଳ ବିଫଳ ହୋଇଛନ୍ତି । ତେବେ କଂଗ୍ରେସ ପାଇଁ ଆଶ୍ୱାସନାର ବିଷୟ ହେଲା ଏହାର ପ୍ରଦର୍ଶନ ଗତ ଥର ଅପେକ୍ଷା ସାମାନ୍ୟ ଭଲ ହୋଇଛି ।

ସମାଲୋଚନା, ବିରୋଧ କିଛି କାମ ଦେଲାନି । ବିଜେଡି ପୁଣି ଥରେ ଅଗ୍ନିପରୀକ୍ଷାରେ ସଫଳ ହୋଇଛି । ସାଧାରଣ ନିର୍ବାଚନ ପୂର୍ବରୁ ସେମିଫାଇନାଲ ବିବେଚିତ ହେଉଥିବା ଏହି ପୌର ଭୋଟରେ ବିଜେଡି ବିଜୟଲାଭ କରିଛି । ବ୍ରହ୍ମପୁର ମହାନଗର ନିଗମ ସମେତ ରାଜ୍ୟର ୬୬ଟି ପୌର ସଂସ୍ଥା ପାଇଁ ଅନୁଷ୍ଠିତ ନିର୍ବାଚନ ମଧ୍ୟରୁ ୬୫ଟିର ଫଳ ଶୁକ୍ରବାର ପ୍ରକାଶ ପାଇଛି । ଫଳାଫଳ ନେଇ ସାଧାରଣରେ ଯାହା ଧାରଣା ଥିଲା ନିର୍ବାଚନରେ ତାହା ହିଁ ପ୍ରତିଫଳିତ ହୋଇଛି । ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡି ସରକାର ପାଇଁ ଏ ନିର୍ବାଚନ ଏକ ଆହ୍ୱାନ ସୃଷ୍ଟି କରିଥିଲା । ଦଳ ସେ ଆହ୍ୱାନର ସମ୍ମୁଖୀନ ହେବା ସହିତ ଫଳ ନିଜ ସପକ୍ଷରେ ନେଇପାରିଛି । ରାଜନୈତିକ ମହଲରେ ଚର୍ଚ୍ଚା ଚାଲିଥିଲା ଏଥର ବିନା ପ୍ୟାରୀରେ ବିଜେଡି ବଡ଼ ଅଡୁଆ ପରିସ୍ଥିତିର ସାମ୍ନା କରିବ; ହେଲେ ବିଜେଡି ମୁଖିଆ ନବୀନ ପଟ୍ଟନାୟକଙ୍କ ତୋଫାନୀ ନିର୍ବାଚନ ପ୍ରଚାର ପରେ ଏଭଳି ଧାରଣା ଭୁଲ୍ ପ୍ରମାଣିତ ହୋଇଛି । ଏଥର ବିନା ପ୍ୟାରୀ ଓ ବିନା ମେ ରେ ବିଜେଡି ମୁଖିଆ ନିଜର ପାରିବାପଣିଆ ଦେଖାଇଛନ୍ତି । ୬୬ଟି ପୌରସଂସ୍ଥା ଭିତରୁ ବିଜେଡି ହାତକୁ ୪୧ଟି ଯାଇଥିବାବେଳେ ଆଉ ଗୋଟିଏରେ ଆଗରେ ରହିଛି । ତେବେ ସ୍ୱାଧୀନଙ୍କ ସମର୍ଥନରେ ବିଜେଡି ୪୪ଟି ପୌରସଂସ୍ଥାରେ ପରିଷଦ ଗଢ଼ିବ ବୋଲି ଦଳ ପକ୍ଷରୁ କୁହାଯାଇଛି । ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ୧୦ଟି ପୌର ସଂସ୍ଥାରେ ଜିତିଥିବାବେଳେ ଅନ୍ୟ ଦୁଇଟିରେ ପରିଷଦ ଗଢ଼ିବା ସ୍ଥିତିରେ ଅଛି । ବିଜେପି ମାତ୍ର ଗୋଟିଏ ଆସନରେ ପରିଷଦ ଗଢ଼ିବାକୁ ଯୋଜନା ରଖିଛି । ୧୨ଟି ପୌରସଂସ୍ଥାରେ କାହାରିକୁ ସ୍ପଷ୍ଟ ବହୁମତ ମିଳି ନଥିବାବେଳେ ଏଠାରେ ବିଭିନ୍ନ ଦଳ ସ୍ୱାଧୀନ ପ୍ରାର୍ଥୀଙ୍କୁ ନେଇ ପରିଷଦ ଗଢ଼ିବାର ଯୋଜନା ରଖିଛନ୍ତି । କୋଦଳା, ଉଦଳା ଓ ଆନନ୍ଦପୁରରେ ସ୍ୱାଧୀନ ପ୍ରାର୍ଥୀଙ୍କ ସପକ୍ଷରେ ଅଧିକ ଆସନ ଥିବାବେଳେ କୋଟପାଡ଼, ଜଟଣୀ ଓ ସୋରରେ ସ୍ଥିତି ଅସ୍ପଷ୍ଟ ରହିଛି । କୋରାପୁଟ ଓ ଯୋଡ଼ାରେ ଉଭୟ ବିଜେଡି ଓ କଂଗ୍ରେସ ୧୦ଟି ଲେଖାଏଁ ସିଟ୍‌ରେ ଜିତିଥିବାରୁ ଏଠାରେ କିଏ ପରିଷଦ ଗଢ଼ିବ ତାହା ସ୍ୱାଧୀନଙ୍କ ସମର୍ଥନ ଉପରେ ନିର୍ଭର କରୁଛି । ବ୍ରହ୍ମପୁର ମହାନଗର ନିଗମ କଂଗ୍ରେସ ହାତରୁ ବିଜେଡି ଛଡ଼ାଇନେଇଛି । ବ୍ରହ୍ମପୁରରେ ମୋଟ ୪୦ଟି କାଉନ୍‌ସିଲ୍ ମଧ୍ୟରୁ ବିଜେଡି ୨୪ଟିରେ ବିଜୟୀ ହୋଇଥିବାବେଳେ କଂଗ୍ରେସ ୧୫ ଓ ସ୍ୱାଧୀନ ପ୍ରାର୍ଥୀ ଗୋଟିଏ ସିଟ୍‌ରେ ଜିତିଛନ୍ତି । ଗଞ୍ଜାମ ଜିଲ୍ଲାର ମୋଟ ୧୮ଟି ପୌର ସଂସ୍ଥା ଭିତରୁ ପୋଲସରା ଓ ବୁଗୁଡାକୁ ଛାଡ଼ିଦେଲେ ଅନ୍ୟ ୧୬ଟିରେ ବିଜେଡି ସଂଖ୍ୟାଗରିଷ୍ଠ ଆସନରେ ଜିତି ପରିଷଦ ଗଢ଼ିବାକୁ ଯାଉଛି । ଗଞ୍ଜାମ ଜିଲ୍ଲା ବିଶେଷ କରି ବ୍ରହ୍ମପୁର ମହାନଗର ନିଗମରେ ଘମାଘୋଟ ଲଢେଇ ଭିତରେ ବିଜୟର ଶ୍ରେୟ ଯାଇଛି ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ପାଖକୁ । ବିଜେଡି ପାଇଁ ସବୁଠୁ ଦୁର୍ଭାଗ୍ୟପୂର୍ଣ୍ଣ କଥା ହେଉଛି ମହାରଥୀ ଥିବା ସ େ ପିପିଲିକୁ ଏବଂ ବିଜେଡିର ତୁଙ୍ଗ ନେତା ଅରୁଣ ଥିବା ସ େ ନୟାଗଡ଼କୁ କଂଗ୍ରେସ ଛଡାଇନେଇଛି ।

ସେହିଭଳି ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ଓ ପୂର୍ବତନ ମନ୍ତ୍ରୀ ବିଷ୍ଣୁ ଦାସଙ୍କ ଆସନରେ କଂଗ୍ରେସକୁ ଜିତାପଟ ମିଳିଛି । ୨୦୦୮ ନିର୍ବାଚନ ତୁଳନାରେ ଉଭୟ ବିଜେଡି ଓ କଂଗ୍ରେସ ତୁଳନାତ୍ମକ ଭାବେ ଭଲ ପ୍ରଦର୍ଶନ କରିଛନ୍ତି । ଗତ ଥର ୬୬ଟି ପୌର ସଂସ୍ଥା ଭିତରୁ କଂଗ୍ରେସ ଭାଗରେ ୯ଟି ପଡ଼ିଥିଲା, ଏଥର ତାହା ୧୨କୁ ବୃଦ୍ଧି ପାଇଛି । ଏ ସଂଖ୍ୟା ୧୪କୁ ଚଢ଼ିବ ବୋଲି କଂଗ୍ରେସ ଦାବି କରୁଛି

। କାରଣ କୋରାପୁଟ ଓ ଯୋଡ଼ାରେ କଂଗ୍ରେସ ଓ ବିଜେଡି ସମାନ ସ୍ଥିତିରେ ଥିବାବେଳେ ସେଠାରେ ସ୍ୱାଧୀନ ପ୍ରାର୍ଥୀଙ୍କ ସମର୍ଥନ କଂଗ୍ରେସ ସପକ୍ଷରେ ଯିବ ବୋଲି ଦଳର ସଭାପତି କହିଛନ୍ତି । ନିର୍ବାଚନରେ ପିସିସି ସଭାପତି ଜୟଦେବ ଜେନା ଓ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଗଡ଼ କୁହାଯାଉଥିବା ଆନନ୍ଦପୁରରେ କାହାରିକୁ ସ୍ପଷ୍ଟ ବହୁମତ ମିଳିନାହିଁ । ଏଠାରେ ବିଜେଡିକୁ ୬ଟି ସିଟ୍ ମିଳିଥିବାବେଳେ କଂଗ୍ରେସକୁ ୩ଟି ଏବଂ ସ୍ୱାଧୀନଙ୍କୁ ୭ଟି ସିଟ୍ ମିଳିଛି । ଏଠାରେ ପରିଷଦ ଗଠନ ସ୍ୱାଧୀନଙ୍କ ସମର୍ଥନ ଉପରେ ନିର୍ଭର କରୁଛି । ବିଜେଡି ସମସ୍ତଙ୍କଠାରୁ ଆଗରେ ଥିଲେ ବି ଦଳ ହାତରେ ଥିବା କେତେକ ଗୁରୁତ୍ୱପୂର୍ଣ୍ଣ ପୌର ସଂସ୍ଥା କଂଗ୍ରେସ ହାତକୁ ଚାଲି ଯାଇଛି । ଜଗତସିଂହପୁରରୁ କଂଗ୍ରେସ ବିଜେଡି ହାତରୁ ଛଡାଇ ନେଇଥିବାବେଳେ ଢେଙ୍କାନାଳ, ଅନୁଗୋଳ, ଜଳେଶ୍ୱର, ପାରଳାଖେମୁଣ୍ଡି, ବଡ଼ବିଲ କଂଗ୍ରେସ ହାତକୁ ଚାଲିଯାଇଛି । ଦଳୀୟ କନ୍ଦଳ ଯୋଗୁଁ ଜଗତସିଂହପୁର ବିଜେଡି ହାତରୁ ଖସିଯାଇଥିବାବେଳେ ପ୍ୟାରୀଙ୍କ ପ୍ରଭାବ ଢେଙ୍କାନାଳ, ଅନୁଗୋଳରେ କାମ ଦେଲା ବୋଲି ଚର୍ଚ୍ଚା ହେଉଛି । ବିଜେଡି ଚିକିଟି(୧୨), ଯାଜପୁର(୧୮), ପୁରୁଷୋ  ମପୁର(୧୪) ରେ ସବୁ ସିଟ୍ ହାତେଇନେଇଛି । କୋଦଳାରେ ସ୍ୱାଧୀନ ଅଧିକ ସିଟ୍‌ରେ ଜିତିଛନ୍ତି । ଖୋର୍ଦ୍ଧାରେ ମଧ୍ୟ ବିଜେଡି କ୍ଷମତାକୁ ଆସିଛି । ଉପକୂଳ ଅ  ଳରେ ସବୁଠୁ ଅଧିକ ଚର୍ଚ୍ଚା ହେଉଥିବା ଏବଂ ବହୁ ବର୍ଷ ଧରି କଂଗ୍ରେସ ହାତରେ ଥିବା ବାଙ୍କି ପୌରସଂସ୍ଥା ବିଜେଡି ଅକ୍ତିଆର କରିଛି । ଚୌଦ୍ୱାରକୁ ନେଇଥିବା ସନ୍ଦେହ ଦୂର ହୋଇଛି । ଏଠାରେ ପ୍ରଭାତ ବିଶ୍ୱାଳ ବିଜେଡିକୁ ଜିତାଇବାରେ ସଫଳ ହୋଇଛନ୍ତି ।

କେନ୍ଦ୍ରାପଡ଼ାର ପଟ୍ଟାମୁଣ୍ଡାଇ ପୌର ସଂସ୍ଥା ବିଜେଡି ହାତକୁ ଚାଲିଯାଇଛି । ଦକ୍ଷିଣ ଓଡ଼ିଶାରେ କଂଗ୍ରେସ ଦୁର୍ଗ ଭୁଷୁଡ଼ି ପଡ଼ିଥିବାବେଳେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ବିଜେଡିକୁ ବେଶ ଫାଇଦା ମିଳିଛି । ଜୟପୁର, ନବରଙ୍ଗପୁର ଓ ରାୟଗଡା ବିଜେଡି ହାତକୁ ଚାଲିଯାଇଥିବାବେଳେ କୋରାପୁଟରେ ବିଜେଡି କଂଗ୍ରେସ ସମାନ ସ୍ଥିତିରେ ଅଛନ୍ତି । ତଥାପି ଏ ସବୁ ଅ  ଳରେ ବିଜେଡି ଓ କଂଗ୍ରେସ ଭିତରେ ଘମାଘୋଟ ଲଢେଇ ହୋଇଥିଲା । ବିଜେପିର ମୋଦି ମନ୍ତ୍ର କିଛି କାମ ଦେଇନାହିଁ । କାରଣ ପୂର୍ବରୁ ବିଜେପି ହାତରେ ଥିବା ସବୁ ଆସନ ଅନ୍ୟ ଦଳ ଛଡାଇନେଇଛନ୍ତି । ବାଲୁଗାଁ ଓ ବାଣପୁର ଏନ୍ଏସିରେ ପୂର୍ବରୁ ବିଜେପି ଥିବାବେଳେ ଏଥର ତାହା ବିଜେଡି ହାତକୁ ଚାଲିଯାଇଛି । ୨୦୦୮ରେ ବିଜେପି-ବିଜେଡି ମେ   ନିର୍ବାଚନକୁ ସାମ୍ନା କରିଥିଲେ । ଏଥର ନିର୍ବାଚନ ହୋଇଥିବା ୬୬ଟି ଆସନ ଭିତରେ ସେତେବେଳେ ବିଜେଡି ୩୯ ରେ ଜିତିଥିବାବେଳେ ବିଜେପି ୯ ରେ ଜିତିଥିଲା । କଂଗ୍ରେସ ମଧ୍ୟ ୯ଟି ପୌର ସଂସ୍ଥା ଅକ୍ତିୟାର କରିଥିଲା । ଏଥର ନିର୍ବାଚନରେ ବିଜେଡି ଲାଭବାନ ହୋଇଥିବାବେଳେ କଂଗ୍ରେସ ସ୍ଥିତିରେ ମଧ୍ୟ ଉନ୍ନତି ଘଟିଛି । କିନ୍ତୁ ୯ଟି ଆସନ ପାଇଥିବା ବିଜେପି ଏଥର ଗୋଟିଏ ପୌର ସଂସ୍ଥା ମଧ୍ୟ କଷ୍ଟେ ମଷ୍ଟେ ଗଢିବାକୁ ଯାଉଛି ।

## ମୁଖ୍ୟମନ୍ତ୍ରୀ ଜଣାଇଲେ ଧନ୍ୟବାଦ

ବିଜେଡି ବିପୁଳ ଭୋଟରେ ଜିତିବା ପରେ ଶୁକ୍ରବାର ନବୀନ ନିବାସଠାରୁ ଆରମ୍ଭ କରି ଦଳୀୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ନାଚ, ଗୀତ, ବାଜା, ବାଣର ରୋଷଣିରେ ନେତା ଓ କର୍ମୀ ବେଶ୍ ଝୁମିଥିଲେ । ନବୀନ ନିବାସରେ ଫୁଲତୋଡା ଓ ମିଠା ଧରିଥିବା ଦଳୀୟ ସମର୍ଥକଙ୍କ ଭିଡ଼ ଜମିଥିଲା । ମୁଖ୍ୟମନ୍ତ୍ରୀ ଫଳାଫଳ ଜାଣିବା ପରେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ସେ କହିଥିଲେ, 'ବିଜେଡିକୁ ଜିତାଇଥିବାରେ ଉଦ୍ୟମ କରିଥିବା ଦଳର ସବୁ ସମର୍ଥକ, ଭୋଟଦାତାଙ୍କୁ ଧନ୍ୟବାଦ । ବିଜେଡି ରାଜ୍ୟ କାର୍ଯ୍ୟାଳୟରେ ସବୁ ଛାମୁଆ ସଙ୍ଗଠନର କର୍ମକ  ୀ, ସମର୍ଥକ ବିଜୟ ଉତ୍ସବ ପାଳିଥିଲେ । ନବୀନ ନିବାସ ପରିସରରେ ଆଦିବାସୀ ନୃତ୍ୟ ମଧ୍ୟ ପରିବେଷଣ ହୋଇଥିଲା । ଦଳୀୟ କାର୍ଯ୍ୟାଳୟରୁ କର୍ମୀମାନେ ବାଜାବାଣ ରୋଷଣୀ ସହିତ ଶୋଭାଯାତ୍ରାରେ ନବୀନ ନିବାସ ଯାଇଥିଲେ । ସେଠାରେ ମୁଖ୍ୟମନ୍ତ୍ରୀଙ୍କୁ ମନ୍ତ୍ରୀ, ବିଧାୟକ ଓ ସମର୍ଥକ ଅଭିନନ୍ଦନ ଜଣାଇଥିଲେ ।

| କ୍ର.ନଂ | ଜିଲ୍ଲାର ନାମ | ବିଜ୍ଞାପିତ ଅ  ଳ  ନାମ | ୱାର୍ଡ ସଂଖ୍ୟା | ବିଜେଡି | କଂଗ୍ରେସ | ଭାଜପା | ଅନ୍ୟ | ସ୍ୱାଧୀନ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ୧. | ଅନଗୁଳ | ଅନଗୁଳ,ମୁନିସିପାଲିଟି | ୨୩ | ୯ | ୧୪ | - | - | - |
| | | ଆଠମଲ୍ଲିକ ଏନ୍ଏସି | ୧୧ | ୧ | ୯ | - | - | ୧ |
| | | ତାଳଚେର ମୁନିସିପାଲିଟି | ୨୧ | ୧୦ | ୪ | ୫ | - | ୨ |
| ୨. | ବାଲେଶ୍ୱର | ବାଲେଶ୍ୱର ମୁନିସିପାଲିଟି | ୩୧ | ୧୭ | ୬ | ୧ | - | ୭ |
| | | ଜଳେଶ୍ୱର ଏନ୍ଏସି | ୧୭ | ୨ | ୧୨ | ୧ | - | ୧ |
| | | ସୋରୋ ଏନ୍ଏସି | ୧୯ | ୫ | ୮ | ୬ | - | - |
| | | ନିଳଗିରି ଏନ୍ଏସି | ୧୩ | ୭ | ୨ | ୧ | - | ୩ |

| କ୍ର.ନଂ | ଜିଲ୍ଲାର ନାମ | ବିଜ୍ଞାପିତ ଅ ଳ ନାମ | ୱାର୍ଡ ସଂଖ୍ୟା | ବିଜେଡି | କଂଗ୍ରେସ | ଭାଜପା | ଅନ୍ୟ | ସାଧୀନ |
|---|---|---|---|---|---|---|---|---|
| ୩. | ଭଦ୍ରକ | ବାସୁଦେବପୁର ଏନ୍‌ଏସି | ୨୩ | ୭ | ୧୬ | - | - | - |
| | | ଭଦ୍ରକ ମୁନିସ୍‌ପାଲ୍‌ଟି | ୩୦ | ୧୮ | ୧୧ | ୧ | - | - |
| ୪. | ବୌଦ | ବୌଦ ଏନ୍‌ଏସି | ୧୭ | ୧୧ | ୪ | - | - | ୨ |
| ୫. | କଟକ | ଆଠଗଡ଼ ଏନ୍‌ଏସି | ୧୮ | ୧୫ | ୩ | - | - | - |
| | | ବାଙ୍କି ଏନ୍‌ଏସି | ୧୭ | ୧୨ | ୫ | - | - | - |
| | | ଚୌଦ୍ୱାର ମୁନିସିପାଲିଟି | ୧୯ | ୧୩ | ୧ | - | - | ୫ |
| ୬. | ଢେଙ୍କାନାଳ | ଢେଙ୍କାନାଳ ମୁନିସିପାଲିଟି | ୨୩ | ୬ | ୧୧ | ୫ | ୧ | - |
| | | ଭୁବନ ଏନ୍‌ଏସି | ୧୫ | ୭ | ୪ | ୨ | - | ୧ |
| | | କାମାକ୍ଷାନଗର ଏନ୍‌ଏସି | ୧୫ | ୯ | ୪ | - | - | ୨ |
| ୭. | ଗଜପତି | କାଶୀନଗର ଏନ୍‌ଏସି | ୧୩ | ୮ | ୩ | - | - | ୨ |
| | | ପାରଳାଖେମୁଣ୍ଡି ମୁନିସିପାଲିଟି | ୧୬ | ୬ | ୯ | ୧ | - | - |
| ୮. | ଗଞ୍ଜାମ | ବ୍ରହ୍ମପୁର ପୌରପାଳିକା | ୪୦ | ୨୪ | ୧୫ | - | - | ୧ |
| | | ଚିକିଟି ଏନ୍‌ଏସି | ୧୨ | ୧୨ | -- | - | - | - |
| | | ଦିଗପହଣ୍ଡି ଏନ୍‌ଏସି | ୧୧ | ୬ | ୪ | - | - | ୧ |
| | | ଗୋପାଳପୁର ଏନ୍‌ଏସି | ୧୧ | ୮ | ୩ | - | - | - |
| | | ଆସ୍କା ଏନ୍‌ଏସି | ୧୮ | ୧୬ | ୨ | - | - | - |
| | | ବେଲଗୁଣ୍ଠା ଏନ୍‌ଏସି | ୧୩ | ୭ | ୫ | - | - | ୧ |
| | | ଭଞ୍ଜନଗର ଏନ୍‌ଏସି | ୧୫ | ୧୨ | ୩ | - | - | - |
| | | ବୁଗୁଡା ଏନ୍‌ଏସି | ୧୩ | ୪ | ୭ | - | - | ୨ |
| | | ସୋରଡା ଏନ୍‌ଏସି | ୧୧ | ୯ | ୨ | - | - | - |
| | | ଛତ୍ରପୁର ଏନ୍‌ଏସି | ୧୪ | ୯ | ୩ | - | ୧ | ୧ |
| | | ଗଞ୍ଜାମ ଏନ୍‌ଏସି | ୧୨ | ୬ | - | ୪ | - | ୨ |
| | | ହିଞ୍ଜିଳିକାଟୁ ଏନ୍‌ଏସି | ୨୧ | ୧୬ | ୧ | - | - | ୪ |
| | | କବିସୂର୍ଯ୍ୟନଗର ଏନ୍‌ଏସି | ୧୮ | ୧୪ | ୧ | - | - | ୩ |
| | | ଖଲିକୋଟ ଏନ୍‌ଏସି | ୧୨ | ୧୦ | ୨ | - | - | - |
| | | କୋଦଳା ଏନ୍‌ଏସି | ୧୩ | ୨ | - | - | - | ୧୦ |
| | | ପୋଲସରା ଏନ୍‌ଏସି | ୧୯ | ୨ | ୧୭ | - | - | - |
| | | ପୁରୁଷୋ ମପୁର ଏନ୍‌ଏସି | ୧୪ | ୧୪ | - | - | - | - |
| | | ରମ୍ଭା ଏନ୍‌ଏସି | ୧୩ | ୮ | ୧ | ୧ | - | ୩ |
| ୯. | ଜଗତସିଂପୁର | ଜଗତସିଂପୁର ମୁନିସିପାଲିଟି | ୨୧ | ୯ | ୧୨ | - | - | - |
| ୧୦. | ଯାଜପୁର | ବ୍ୟାସନଗର ମୁନିସିପାଲିଟି | ୦ | - | - | - | - | - |
| | | ଯାଜପୁର ମୁନିସିପାଲିଟି | ୧୮ | ୧୮ | - | - | - | - |
| ୧୧. | କେନ୍ଦ୍ରାପଡ଼ା | ପଟ୍ଟାମୁଣ୍ଡାଇ ଏନ୍‌ଏସି | ୨୦ | ୧୨ | ୬ | - | ୧ | - |
| ୧୨. | କେନ୍ଦୁଝର | ଆନନ୍ଦପୁର ମୁନିସିପାଲିଟି | ୧୬ | ୬ | ୩ | - | ୭ | - |
| | | ବଡ଼ବିଲ ମୁନିସିପାଲିଟି | ୧୫ | ୫ | ୭ | ୨ | - | ୧ |
| | | ଯୋଡା ମୁନିସିପାଲିଟି | ୧୪ | ୭ | ୭ | - | - | - |
| | | କେନ୍ଦୁଝର ମୁନିସିପାଲିଟି | ୨୧ | ୧୪ | ୬ | ୧ | - | - |

| କ୍ର.ନଂ | ଜିଲ୍ଲାର ନାମ | ବିଜ୍ଞାପିତ ଅ ଳ ନାମ | ୱାର୍ଡ ସଂଖ୍ୟା | ବିଜେଡି | କଂଗ୍ରେସ | ଭାଜପା | ଅନ୍ୟ | ସାଧୀନ |
|---|---|---|---|---|---|---|---|---|
| ୧୩. | ଖୋରଧା | ଜଟଣୀ ମୁନିସିପାଲିଟି | ୨୩ | ୮ | ୪ | - | - | ୧୧ |
| | | ବାଲୁଗାଁ ଏନ୍‌ଏସି | ୧୧ | ୮ | - | ୩ | - | - |
| | | ବାଣପୁର ଏନ୍‌ଏସି | ୧୫ | ୧୪ | ୧ | - | - | - |
| | | ଖୋରଧା ମୁନିସିପାଲିଟି | ୨୨ | ୧୫ | ୨ | - | - | ୫ |
| ୧୪. | କୋରାପୁଟ | କୋଟପାଡ ଏନ୍‌ଏସି | ୧୩ | ୫ | ୬ | - | - | ୨ |
| | | ଜୟପୁର ମୁନିସିପାଲିଟି | ୨୮ | ୨୫ | ୨ | - | - | ୧ |
| | | କୋରାପୁଟ ଏନ୍‌ଏସି | ୨୧ | ୧୦ | ୧୦ | - | - | ୧ |
| ୧୫. | ମାଲକାନାଗିରି | ମାଲକାନାଗିରି ଏନ୍‌ଏସି | ୧୯ | ୧୦ | ୯ | - | - | - |
| ୧୬. | ମୟୂରଭଞ୍ଜ | ରାଇରଙ୍ଗପୁର ଏନ୍‌ଏସି | ୧୫ | ୩ | ୪ | ୭ | - | ୧ |
| | | ଉଦଳା ଏନ୍‌ଏସି | ୧୨ | ୦ | ୨ | ୪ | - | ୬ |
| | | କରଞ୍ଜିଆ ଏନ୍‌ଏସି | ୧୫ | ୭ | ୩ | ୩ | - | - |
| ୧୭. | ନବରଙ୍ଗପୁର | ନବରଙ୍ଗପୁର ମୁନିସିପାଲିଟି | ୧୭ | ୧୪ | ୩ | - | - | - |
| | | ଉମରକୋଟ ଏନ୍‌ଏସି | ୧୪ | ୯ | ୪ | ୧ | - | - |
| ୧୮. | ନୟାଗଡ଼ | ଖଣ୍ଡପଡ଼ା ଏନ୍‌ଏସି | ୧୩ | ୭ | ୪ | - | - | ୨ |
| | | ନୟାଗଡ଼ ଏନ୍‌ଏସି | ୧୩ | ୬ | ୭ | - | - | - |
| ୧୯. | ପୁରୀ | କୋଣାର୍କ ଏନ୍‌ଏସି | ୧୩ | ୭ | ୪ | - | - | ୨ |
| | | ନିମାପଡ଼ା ଏନ୍‌ଏସି | ୧୧ | ୬ | - | - | - | ୫ |
| | | ପିପିଲି ଏନ୍‌ଏସି | ୧୬ | ୬ | ୧୦ | - | - | - |
| | | ପୁରୀ ମୁନିସିପାଲିଟି | ୩୨ | ୨୨ | ୪ | ୨ | - | ୪ |
| ୨୦. | ରାୟଗଡ଼ା | ଗୁଡାରି ଏନ୍‌ଏସି | ୧୧ | ୧୦ | - | - | - | ୧ |
| | | ଗୁଣୁପୁର ଏନ୍‌ଏସି | ୧୭ | ୧୪ | ୧ | - | - | ୨ |
| | | ରାୟଗଡ଼ା ମୁନିସିପାଲିଟି | ୨୪ | ୨୧ | ୩ | - | - | - |
| ୨୧. | କନ୍ଧମାଳ | ଫୁଲବାଣୀ ମୁନିସିପାଲିଟ୍ | ୦୯ | ୦୨ | - | - | - | ୨ |
| | | ଜି.ଉଦୟଗିରି ଏନ୍.ଏ.ସି. | ୧୦ | ୦୨ | - | - | - | ୧ |
| | | **ମୋଟ** | **୧୧୪୦** | **୬୪୬** | **୩୧୮** | **୪୭** | **୧୦** | **୧୦୪** |

## ବିଜେଡିକୁ ଟ୍ରିପଲ୍ ଝଟ୍‌କା
## ୧୨ ବର୍ଷ ପରେ ବିପର୍ଯ୍ୟୟ

ସାଧାରଣ ନିର୍ବାଚନକୁ ନେଇ ଅଙ୍କକଷା ଚାଲିଥିବାବେଳେ ମୁଖ୍ୟ ନାଟକର ରିହର୍ସାଲ୍ ସରିଯାଇଛି । ୨୦୧୪ ଯଥେଷ୍ଟ ପୂର୍ବରୁ ରାଜ୍ୟ ବିଧାନସଭା ନିର୍ବାଚନ ହେବ ବୋଲି ଭବିଷ୍ୟବାଣୀ କରୁଥିବା ପଣ୍ଡିତମାନଙ୍କ ପାଇଁ ମିଳିଯାଇଛି ରୋଚକ ଖୋରାକ୍ । ନବଗଠିତ ତିନୋଟି ଏନ୍‌ଏସି ନିର୍ବାଚନରେ ଶାସକଦଳ ଯେଉଁ ଝଟ୍‌କା ପାଇଛି, ତାହାର ପ୍ରଭାବ ଆସନ୍ତା କିଛି ମାସର ଘଟଣାବଳୀକୁ କିଭଳି ପ୍ରଭାବିତ କରିବ ତାହା ସ୍ପଷ୍ଟ ହୋଇଯାଇଛି ।

ବରଗଡ଼ ଜିଲ୍ଲାର ଅତାବିରା, ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଓ ନୁଆପଡ଼ାରେ ଅନୁଷ୍ଠିତ ନବଗଠିତ ଏନ୍‌ଏସି ନିର୍ବାଚନ ଫଳ ଶାସକ ଦଳକୁ ବିଫଳତାର ସ୍ୱାଦ ଚଖାଇଛି । ଗୁରୁବାର ପ୍ରକାଶିତ ନିର୍ବାଚନ ଫଳ ଜଣାଉଛି, ୪୨ଟି ୱାର୍ଡ ମଧ୍ୟରୁ କଂଗ୍ରେସକୁ ମିଳିଛି ୨୦ଟି, ବିଜେଡିକୁ ମିଳିଛି ୧୨ଟି ଓ ବିଜେପିକୁ ୪ଟି । ଅତାବିରାରେ ବିଜେଡି ଓ କଂଗ୍ରେସ ୬ଟି ଲେଖାଏଁ ଆସନ ପାଇ ସ୍ଥିତି ବରାବର

ରଖିଛନ୍ତି । ତେବେ ଅତାବିରା ଏନ୍‌ଏସି ଅଧକ୍ଷ ପଦବୀ ସଂରକ୍ଷିତ ହୋଇଥିବା ବେଳେ ସେଠାରେ ବିଜେଡିର କେହି ସଂରକ୍ଷିତ ଜାତିର ପ୍ରାର୍ଥୀ ଜିତି ନାହାନ୍ତି । ତେଣୁ କଂଗ୍ରେସ ସେଠାରେ ଅଧକ୍ଷ ପଦବୀ ହାତେଇବାର ଯଥେଷ୍ଟ ସଂଭାବନା ଥିବା କୁହାଯାଉଛି । ମାତ୍ର ହିନ୍ଦୋଳରେ ସ୍ଥିତି ସମ୍ପୂର୍ଣ୍ଣ ଅଲଗା ହୋଇଛି । ୧୬ଟି ୱାର୍ଡ ମଧ୍ୟରୁ କଂଗ୍ରେସକୁ ୭ଟି, ସାଧୀନ ପ୍ରାର୍ଥୀଙ୍କୁ ୬ଟି ଆସନ ମିଳିଥିବା ବେଳେ ବିଜେଡିକୁ ୨ଟି ଓ ବିଜେପିକୁ ଗୋଟିଏ ଆସନ ପାଇ ସନ୍ତୁଷ୍ଟ ହେବାକୁ ପଡିଛି । ନୂଆପଡାରେ କଂଗ୍ରେସକୁ ୭ଟି ଆସନ ମିଳିଥିବା ବେଳେ ବିଜେଡିକୁ ୪ଟି ଓ ବିଜେପିକୁ ୩ଟି ଆସନ ମିଳିଛି । ଏହି ଏନ୍‌ଏସିରେ ମଧ ବିଜେଡିର ଜଣେ ହେଲେ ସଂରକ୍ଷିତ ସଂପ୍ରଦାୟର ପ୍ରାର୍ଥୀ ବିଜୟୀ ହୋଇନାହାଁନ୍ତି । ଏହି ନିର୍ବାଚନ ଜଣାଇଦେଲା ଯେ ନବୀନ ସରକାରଙ୍କ ଉପରେ ଏହି ବର୍ଗର ଯେଉଁ ଆସ୍ଥା ଥିଲା ତାହା ଆଉ ନାହିଁ । ତେବେ କଂଗ୍ରେସକୁ ଯେଉଁ ୨୦ଟି ଆସନ ମିଳିଛି ତାହା ନକାରତ୍ମକ ଭୋଟିଂ ଯୋଗୁ ମିଳିଛି ।

-୦-୦-୦-

## ଓଡିଶାର ପ ାୟତିରାଜ ନିର୍ବାଚନରେ ବିଜେଡି

### ବିଜେଡି ରଚିଲା ଇତିହାସ

ଚଳିତ ପ ାୟତ ନିର୍ବାଚନରେ ବିଜେଡି ନୂଆ ଇତିହାସ ରଚନା କରିଛି । ବିଗତ ନିର୍ବାଚନଗୁଡ଼ିକର ସବୁ ଫଳାଫଳକୁ ବିଜେଡି ଓଲଟପାଲଟ କରିଦେଇଛି । ୮୫୪ ଜିଲ୍ଲା ପରିଷଦ ଆସନରୁ ଏକାକୀ ବିଜେଡି ୬୪୯ରୁ ଅଧିକ ଆସନରେ ବିଜୟୀ ହୋଇ ନୂଆ ରେକର୍ଡ ପ୍ରତିଷ୍ଠା କରିଛି ।

୧୯୯୭ ମସିହାରେ ବିଜୁବାବୁଙ୍କ ଦେହାନ୍ତ ପରେ ବିଜୁ ଜନତାଦଳ ଗଠନ କରାଯାଇଥିଲା । ତେବେ ଏହି ଦଳ ଗଠନ ପୂର୍ବରୁ ସେହିବର୍ଷ ହୋଇଥିବା ପ ାୟତ ନିର୍ବାଚନରେ ୮୫୪ ଜିଲ୍ଲା ପରିଷଦ ଆସନ ମଧ୍ୟରୁ ତତ୍କାଳୀନ ଜନତାଦଳ ମାତ୍ର ୧୯୧ଟି ଆସନ ପାଇଥିଲା । ସେତେବେଳେ କଂଗ୍ରେସ ୪୪୪ ଆସନ ଅଧିକାର କରି ଏକ ନମ୍ବର ଦଳ ଭାବେ ରହିଥିଲା । ବିଜେପି ଭାଗରେ ପଡ଼ିଥିଲା ୧୧୯, ସିପିଆଇ-୧୧, ସିପିଏମ୍-୪, ଜେଏମ୍ଏମ୍-୧୭, ସମାଜବାଦୀ ଜନତାପାର୍ଟିର-୧୨ଟି ଆସନ । ୫୬ଟି ଆସନରେ ସ୍ୱାଧୀନ ପ୍ରାର୍ଥୀମାନେ ବିଜୟୀ ହୋଇଥିଲେ ।

୫ ବର୍ଷ ପରେ ୨୦୦୨ରେ ଯେତେବେଳେ ପ ାୟତ ନିର୍ବାଚନ ହୋଇଥିଲା, ସେତେବେଳେ ରାଜ୍ୟରେ ବିଜେଡି ଓ ବିଜେପି ସରକାର ଥିଲା । ତେବେ ସେହି ନିର୍ବାଚନରେ ବିଜେଡି ୨୯୧ଟି ଜିଲ୍ଲା ପରିଷଦ ଆସନ ଅଧିକାର କରି କଂଗ୍ରେସକୁ ପଛରେ ପକାଇଥିଲା । କଂଗ୍ରେସ ପାଇଥିଲା ୨୮୩ ଆସନ । ବିଜେପି ୧୮୩ଟି ଆସନରେ ଜିତିଥିବାବେଳେ ସିପିଆଇ-୪, ସିପିଏମ୍-୩, ଅନ୍ୟାନ୍ୟ ଦଳ ୩୯ଟି ଆସନ ଅଧିକାର କରିଥିଲେ । ୫୧ଟି ଆସନରେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଥିଲେ । ପରବ ୀ ୫ ବର୍ଷ ପରେ ୨୦୦୭ ନିର୍ବାଚନରେ ପୁଣି ବିଜେଡି ସପକ୍ଷରେ ଫଳାଫଳ ଯାଇଥିଲା । କିନ୍ତୁ ୨୦୧୨ ନିର୍ବାଚନ ପରି ଫଳାଫଳ ହୋଇନଥିଲା । ୨୦୦୭ରେ ବିଜେଡି ଏକାକୀ ୩୪୫ ଆସନରେ ଜିତିଥିଲା । କଂଗ୍ରେସ ୩୦୩ ଆସନ ପାଇଥିବାବେଳେ ବିଜେପି-୧୨୯, ଜେଏମ୍ଏମ୍-୨୪, ସିପିଏମ୍- ୪, ବହୁଜନ ସମାଜପାର୍ଟି-୧ ଓ ସ୍ୱାଧୀନ ପ୍ରାର୍ଥୀ- ୩୯ଟି ଆସନରେ ବିଜୟୀ ହୋଇଥିଲେ । ଅନ୍ୟାନ୍ୟ ଦଳ ପକ୍ଷରୁ ୮ଟି ଆସନ ଅଧିକାର କରାଯାଇଥିଲା । ଏଥର ନିର୍ବାଚନରେ ମିଳିଥିବା ଅସମ୍ପୂର୍ଣ୍ଣ ଖବର ଅନୁଯାୟୀ ସମସ୍ତଙ୍କୁ ବହୁ ପଛରେ ପକାଇ ବିଜେଡି ଏକାକୀ ୬୦୦ରୁ ଅଧିକ ଆସନରେ ନିଜର ବିଜୟ ସାବ୍ୟସ୍ତ କରିଛି । କଂଗ୍ରେସ ଓ ବିଜେପି ବିଗତ ନିର୍ବାଚନ ଗୁଡ଼ିକର ଫଳାଫଳ ତୁଳନାରେ ଏଥର ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି । ସେହିପରି ଜେଏମ୍ଏମ୍, ସିପିଆଇ, ସିପିଏମ୍ ପ୍ରଭୃତି ଦଳ ମଧ ଆଶାନୁରୂପ ଭଲ ପ୍ରଦର୍ଶନ କରିପାରିନାହାନ୍ତି ।

ଜିଲ୍ଲାୱାରୀ ଜିଲ୍ଲାପରିଷଦ ଫଳାଫଳ

| ଜିଲ୍ଲା | ଜିଲ୍ଲାପରିଷଦ ସଂଖ୍ୟା | ବିଜେଡି | କଂଗ୍ରେସ | ବିଜେପି | ସପିଆଇ | ସିପିଏମ୍ | ଜେଏମ୍ଏମ୍ | ସ୍ୱାଧୀନ |
|---|---|---|---|---|---|---|---|---|
| ଅନୁଗୁଳ | ୨୮ | ୨୦ | ୪ | ୨ | | | | ୨ |
| ବାଲେଶ୍ୱର | ୪୫ | ୩୪ | ୧୧ | | | | | |

| ଜିଲ୍ଲା | ଜିଲ୍ଲାପରିଷଦ ସଂଖ୍ୟା | ବିଜେଡି | କଂଗ୍ରେସ | ବିଜେପି | ସପିଆଇ | ସିପିଏମ୍ | ଜେଏମ୍ଏମ୍ | ସ୍ୱାଧୀନ |
|---|---|---|---|---|---|---|---|---|
| ବରଗଡ଼ | ୩୪ | ୩୧ | ୩ | | | | | |
| ଭଦ୍ରକ | ୨୮ | ୨୬ | | ୧ | | | | ୧ |
| ବୌଦ | ୯ | ୫ | ୩ | | | | | |
| ବଲାଙ୍ଗୀର | ୩୪ | ୨୬ | ୩ | ୫ | | | | ୧ |
| କଟକ | ୪୬ | ୪୩ | ୧ | ୧ | | | | ୧ |
| ଦେଓଗଡ଼ | ୭ | ୭ | | | | | | |
| ଢେଙ୍କାନାଳ | ୨୭ | ୨୩ | ୨ | ୨ | | | | |
| ଗଞ୍ଜାମ | ୬୯ | ୬୦ | ୪ | ୨ | ୨ | ୧ | | |
| ଗଜପତି | ୧୪ | ୭ | ୪ | ୩ | | | | |
| ଯାଜପୁର | ୩୯ | ୩୫ | ୩ | | | | | ୧ |
| ଝାରସୁଗୁଡା | ୯ | ୧ | ୮ | | | | | |
| ଜଗତସିଂହପୁର | ୨୬ | ୨୩ | ୩ | | | | | |
| କଳାହାଣ୍ଡି | ୩୬ | ୨୮ | ୩ | ୫ | | | | |
| କନ୍ଧମାଳ | ୧୮ | ୬ | ୯ | ୩ | | | | |
| କେନ୍ଦ୍ରାପଡ଼ା | ୩୨ | ୨୫ | ୬ | ୧ | | | | |
| କେନ୍ଦୁଝର | ୩୭ | ୩୩ | ୩ | ୧ | | | | ୧ |
| ଖୋର୍ଦ୍ଧା | ୩୦ | ୨୫ | ୧ | ୨ | | | | ୨ |
| କୋରାପୁଟ | ୨୯ | ୧୪ | ୧୪ | | | | | ୧ |
| ମାଲକାନାଗିରି | ୧୫ | ୮ | ୬ | ୧ | | | | |
| ମୟୂରଭଞ୍ଜ | ୫୬ | ୪୦ | ୨ | ୧ | | | ୧୦ | ୩ |
| ନବରଙ୍ଗପୁର | ୨୬ | ୨୦ | ୬ | | | | | |
| ନୟାଗଡ଼ | ୨୪ | ୨୩ | | ୧ | | | | |
| ନୂଆପଡ଼ା | ୧୪ | ୯ | | ୫ | | | | |
| ପୁରୀ | ୩୩ | ୨୬ | ୫ | | | | | ୨ |
| ରାୟଗଡ଼ା | ୨୨ | ୧୨ | ୭ | | | | | ୩ |
| ସମ୍ବଲପୁର | ୧୯ | ୧୦ | ୮ | ୧ | | | | |
| ସୁବର୍ଣ୍ଣପୁର | ୧୩ | ୧୨ | ୧ | | | | | |
| ସୁନ୍ଦରଗଡ଼ | ୩୫ | ୧୯ | ୮ | | | | ୧ | ୭ |
| **ସମୁଦାୟ** | **୮୫୪** | **୬୫୧** | **୧୨୮** | **୩୬** | **୨** | **୧** | **୧୧** | **୨୩** |

-୦-୦-୦-୦-

# ବିଜେଡିରେ ବିଦ୍ରୋହ:- କ'ଣ ନୂଆ କଥା ?

ରାଜନୀତିରେ 'ଶତ୍ରୁ' ଓ 'ମିତ୍ର' ନାହାନ୍ତି । ଏଇ ମନ୍ତ୍ର ରାଜନୀତି ନବୀଶ ନବୀନ ପଟ୍ଟନାୟକଙ୍କୁ ଆରମ୍ଭରୁ ଶିଖାଇ ଆସିଥିଲେ ପରାମର୍ଶଦାତା ପ୍ୟାରୀମୋହନ ମହାପାତ୍ର । ଆଜି ତେଣୁ କିଏ ବି କାହାକୁ 'ବିଶ୍ୱାସଘାତକ' ବା 'ବେଇମାନ' କହିବା ନିଷ୍ପ୍ରୟୋଜନ ମନେ ହୁଏ । ଯେଉଁ ଅସ୍ଥିର, ଅବିଶ୍ୱାସ ଏବଂ ନୀତି ସଂଘାତରୁ ନବୀନ ପଟ୍ଟନାୟକଙ୍କ ରାଜନୈତିକ ଜୀବନ ଆରମ୍ଭ ହୋଇଥିଲା ତାହା କାଳକ୍ରମେ ଅଧିକ କ୍ରୁର, କୁଟିଳ ଏବଂ ସମୟୋଚିତ ସାବ୍ୟସ୍ତ ହୋଇଛି । ଅତୀତରେ ଯେ ବିଜେଡି ଦଳ ଭିତରେ ବିଦ୍ରୋହ ହୋଇନାହିଁ ତାହା ନୁହେଁ । ଅନେକବାର ଏ ବିଦ୍ରୋହ ଉଠିଛି ପୁଣି ସମାଧି ବି ନେଇଛି । କୌଶଳରେ କ୍ରୁର ଭାବେ ବିଦ୍ରୋହ ଦମନ ଶୈଳୀ ନବୀନଙ୍କୁ ଶିଖାଇଥିବା ପ୍ୟାରୀମୋହନ ଆଜି ନିଜ ପାଠର ଶିକାର ହେବା ମଧ୍ୟ କିଛି ବିଡ଼ମ୍ବନା ନୁହେଁ ।

ଏପ୍ରିଲ୍, ୧୯୯୭ରେ ବିଜୁବାବୁଙ୍କ ମହାପ୍ରୟାଣ ଘଟେ । ବିଶାଳ ଶୋକାଚ୍ଛନ୍ନ ଜନସମୁଦ୍ରରେ ବିଜୁବାବୁଙ୍କ ଅନ୍ତିମ ସଂସ୍କାର ପୁରୀ ସ୍ୱର୍ଗଦ୍ୱାରରେ ହେବା ପରେ ପରେ ଦୁଇ ପୁତ୍ର ପ୍ରେମ ଏବଂ ନବୀନଙ୍କୁ ନେଇ ବିଜୁ ରାଜନୈତିକ ଧରୋହର ବା ବିଜୁ ଲିଗାସି ତିଆରି କରିବାକୁ ଉଦ୍ୟମ କରନ୍ତି ବହୁ ବିଜୁପ୍ରେମୀ । ନିଜ ପିତାଙ୍କ ଦଳ 'ଜନତା ଦଳ' ଟିକଟରେ ଶୂନ୍ୟ ଆସିକା ଲୋକସଭା ଆସନ ପାଇଁ ଉପନିର୍ବାଚନରେ ଜିଣି ପ୍ରତିନିଧିତ୍ୱ କରନ୍ତି ନବୀନ । ପ୍ରଧାନମନ୍ତ୍ରୀ ଆଇ. କେ. ଗୁଜରାଲ ଏବଂ ତାଙ୍କର ୧୧ମାସର ଶାସନରେ ଶ୍ରୀକାନ୍ତ ଜେନା କେନ୍ଦ୍ରମନ୍ତ୍ରୀ ଏବଂ ନବୀନ ପଟ୍ଟନାୟକ ବହୁ ଗୁରୁତ୍ୱପୂର୍ଣ୍ଣ କମିଟିର ସଭ୍ୟ ଥାଆନ୍ତି । ବିଜୁବାବୁଙ୍କ ଦେହାନ୍ତ କ୍ରମରେ 'ବିଶ୍ୱାସଘାତକ' ଆଖ୍ୟା ପାଇସାରିଥିବା ଶ୍ରୀକାନ୍ତ ଜେନାଙ୍କ ପ୍ରଭାବ ଓଡ଼ିଶାରେ ଥାଏ । ବିଜୁ ନିଜ ଜୀବିତାବସ୍ଥାରେ ଜନତାଦଳ ଓଡ଼ିଶା ଶାଖାର ସଭାପତି ଭାବେ ବସାଇଥିବା ବରିଷ୍ଠ ନେତା ଅଶୋକ ଦାସ ତାଙ୍କ ଆବ ମାନରେ ଦାମୋଦର ରାଉତ, ପ୍ରଫୁଲ୍ଲ ଘଡାଇ, ଶରତ କରଙ୍କ ଭଳି ପ୍ରମୁଖ ନେତାଙ୍କୁ ନେଇ ଦଳକୁ ଆ  କରିଥାନ୍ତି ।

ଆଇ.କେ.ଗୁଜୁରାଲ ସରକାରର ପତନ ନିଶ୍ଚିତ ଜାଣି ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଭାରତୀୟ ଜନତା ପାର୍ଟି ଏନ୍‌ଡିଏ ସହ ପ୍ରାକ୍ ନିର୍ବାଚନୀ ମେ  ପାଇଁ ଆଲୋଚନା କରୁଥିବା ଏବଂ ଏଥିପ୍ରତି ନବୀନ, ଦିଲୀପ ଏବଂ ବିଜୟଙ୍କ ସମର୍ଥନ କରୁଥିବା ଅଶୋକ ଦାସ ବରଦାସ୍ତ କରିବା ଅବସ୍ଥାରେ ନଥାନ୍ତି । ଜନତା ଦଳର ଓଡ଼ିଶା ନେତାଙ୍କ ଏପରି ମନୋଭାବ ଜାଣି ବିଜେପିର 'ପୋଷ୍ଟର ବୟ' କୁହାଯାଉଥିବା ପ୍ରମୋଦ ମହାଜନ ବିଜୁ ଲିଗାସୀକୁ ବ ।ଇ ରଖିବା ପାଇଁ ବିଜୁବାବୁଙ୍କ ନାମରେ ଏକ ଆ ଳିକ ଦଳ ଗଠନ ପ୍ରସ୍ତାବ ଦିଅନ୍ତି । ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ  ଦିଲ୍ଲୀପ ରାୟ, ରାମକୃଷ୍ଣ ପଟ୍ଟନାୟକ, ବିଜୟ ମହାପାତ୍ର ଏବଂ ନଳିନୀକାନ୍ତ ମହାନ୍ତିଙ୍କ ଭଳି ଆଗଧାଡ଼ିର ନେତାଙ୍କୁ ନେଇ ୨୬ ଡିସେମ୍ବର ୧୯୯୭ରେ ଗଢ଼ାହୁଏ ବିଜୁ ଜନତା ଦଳ । ୧୧ମାସର ଗୁଜରାଲ ସରକାରର ପତନ ହୁଏ ଏବଂ ୧୯୯୮ ଫେବୃୟାରୀରେ ହୁଏ ସାଧାରଣ ନିର୍ବାଚନ । ଭାରତୀୟ ଜନତା ପାର୍ଟି ସହ ବୁଝାମଣାରେ ବିଜୁ ଜନତା ଦଳ ଓହ୍ଲାଏ ସାଧାରଣ ନିର୍ବାଚନକୁ । ସଭାପତି ନବୀନଙ୍କ ସମେତ ୯ଜଣ ବିଜେଡି ନେତା ଲୋକସଭାକୁ ନିର୍ବାଚିତ ହୋଇଥିବାବେଳେ ବିଜେପିର ୭ ନେତା ନିର୍ବାଚିତ ହୁଅନ୍ତି । ନବୀନ ପଟ୍ଟନାୟକ କେନ୍ଦ୍ର କ୍ୟାବିନେଟ୍‌ରେ ଇସ୍ପାତ ମନ୍ତ୍ରୀ ହୁଅନ୍ତି ।

ନବୀନ ପଟ୍ଟନାୟକ ଦିଲ୍ଲୀରେ ରହିଥିବାବେଳେ ଓଡ଼ିଶା ରାଜନୀତିରେ ବିଜୟ ମହାପାତ୍ର ଏବଂ ନଳିନୀକାନ୍ତ ମହାନ୍ତିଙ୍କ ପ୍ରାଦୁର୍ଭାବର ଖବର ପହଂ  ତାଙ୍କ ପାଖରେ । କୁହାଯାଏ, ଦଳୀୟ ନେତାଙ୍କ ପ୍ରଭାବ ବୃଦ୍ଧି ସଭାପତି ପଦ ପାଇଁ ଆହ୍ୱାନ ସୃଷ୍ଟି କରୁଛି ବୋଲି ନବୀନ ଆଶଙ୍କା କରିବା ପରେ ମାଆ ଜ୍ଞାନ ପଟ୍ଟନାୟକ ଏବଂ ବଡ଼ ଭାଇ ପ୍ରେମ ପଟ୍ଟନାୟକଙ୍କ ପରାମର୍ଶକ୍ରମେ ପ୍ୟାରୀମୋହନଙ୍କ ସହଯୋଗ ଚାହିଁଲେ । ୧୯୯୦ରେ ବିଜୁବାବୁ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଆଇ.ଏ.ଏସ୍ ଅଫିସର ପ୍ୟାରୀମୋହନ ମହାପାତ୍ର ଥିଲେ ତାଙ୍କ ବ୍ୟକ୍ତିଗତ ସଚିବ ତଥା ଅମଲାତନ୍ତ୍ର ଖସଡ଼ାରେ ଦ୍ୱିତୀୟ ନମ୍ବର ଅଧିକାରୀ । ୧୯୯୫ରେ ବିଜୁବାବୁ ପରାଜିତ ହେବା ପରେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସରକାରର ଶିକାର ହୋଇଥିଲେ ପ୍ୟାରୀମୋହନ । ତାଙ୍କୁ ପ୍ରଶାସନିକ ପ୍ରଶିକ୍ଷଣ କେନ୍ଦ୍ର ଗୋପବନ୍ଧୁ ଏକାଡେମୀକୁ ବଦଳି କରାଗଲା । ବିଜୁବାବୁଙ୍କର ଅତ୍ୟନ୍ତ ଅନୁଗତ ଥିବା ଏହି ଅଧିକାରୀ ନବୀନଙ୍କୁ ଠିକଣା ପରାମର୍ଶ ଦେବେ ବୋଲି ନବୀନଙ୍କ ପରିବାର ଭାବିଥିଲେ । ୧୯୯୯ ଲୋକସଭା ନିର୍ବାଚନରେ ବିଜେଡି ୧୦ଟି ଆସନ ପାଇଥିଲା । ନବୀନ ହେଲେ କେନ୍ଦ୍ରର ଇସ୍ପାତ ଏବଂ ଖଣି ମନ୍ତ୍ରୀ ।

୧୯୯୯ ଶେଷ ଭାଗରେ ପ୍ୟାରୀ ନବୀନଙ୍କ ଅଘୋଷିତ ପରାମର୍ଶଦାତା ବନିଲେ ଏବଂ ୨୦୦୦ ସାଧାରଣ ନିର୍ବାଚନରେ ନବୀନଙ୍କ ପ୍ରତି ଆହ୍ୱାନ ପାଲଟିଥିବା ବିଜୟ ମହାପାତ୍ରଙ୍କୁ ଦଳୀୟ ଟିକଟ ନଦେବାକୁ ପରାମର୍ଶ ଦେଲେ । ତାହା ହିଁ ହେଲା । ବିଜୁ ଜନତା ଦଳ ବିଜେପି ସହ ପ୍ରାକ୍ ନିର୍ବାଚନୀ ମେ  କରି ଓହ୍ଲାଏ ନିର୍ବାଚନ ରଣକ୍ଷେତ୍ରକୁ । ବିଜେଡି ପାଇଲା ୭୮ଟି ଆସନ ଏବଂ

ମେ   ସହଯୋଗୀ ବିଜେପି ହାତେଇଲା ୩୮ଟି । ନବୀନ ପଟ୍ଟନାୟକ ଲୋକସଭା ସାଂସଦ ପଦରୁ ଇସ୍ତଫା ଦେଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେଲେ ଏବଂ ତାଙ୍କ ଆସିକା ଆସନରୁ ଉପନିର୍ବାଚନ ଲଢ଼ିବା ପାଇଁ ଦଳର ବରିଷ୍ଠ ନେତା ରାମକୃଷ୍ଣ ପଟ୍ଟନାୟକଙ୍କ ପତ୍ନୀ କୁମୁଦିନୀ ପଟ୍ଟନାୟକଙ୍କ ନାମ ସୁପାରିଶ କଲେ । କୁମୁଦିନୀ ନିର୍ବାଚନ ଜିଣି ସାଂସଦ ହେଲେ । ୨୦୦୧ରେ ରାଜ୍ୟସଭା ସାଂସଦ ତଥା କେନ୍ଦ୍ର କୋଇଲା ରାଷ୍ଟ୍ରମନ୍ତ୍ରୀ ଦିଲ୍ଲୀପ ରାୟଙ୍କୁ କ୍ୟାବିନେଟ୍‌ରୁ ହଟାଇବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ପରାମର୍ଶ ଦେଲେ । ଏହାର ବର୍ଷକ ପରେ ଦିଲ୍ଲୀପ ବିଜେଡିର ବିଦ୍ରୋହୀ ଭାବେ ତଥା ସ୍ୱାଧୀନ ଭାବେ ରାଜ୍ୟସଭା ପାଇଁ ନିର୍ବାଚନ ଲଢ଼ିବାର ନିଷ୍ପ ି ନିଅନ୍ତି । ନିର୍ବାଚନର ଠିକ୍ ୧୦ଦିନ ପୂର୍ବରୁ ନବୀନ ପଟ୍ଟନାୟକ ଦିଲ୍ଲୀପଙ୍କୁ ଦଳରୁ ନିଲମ୍ବନ କରନ୍ତି । ଏହା ସ େ ଦିଲ୍ଲୀପ ୧୪ ବିଜେଡି ବିଧାୟକ, ୮ ବିଜେପି, କଂଗ୍ରେସର ୦୨ ଏବଂ ଜଣେ ଲେଖାଏଁ ଜେଏମ୍‌ଏମ୍ ଏବଂ ସ୍ୱାଧୀନ ବିଧାୟକଙ୍କ ଭୋଟ ନେଇ ବିଜୟୀ ହୁଅନ୍ତି । ବୋଧହୁଏ ନବୀନଙ୍କ ବିଦ୍ରୋହୀ ଭାବେ ଦିଲ୍ଲୀପ ହିଁ ପ୍ରଥମ ଆହ୍ୱାନ ଦେଇ ସଫଳ ହୋଇଥିଲେ । ଏହାପରେ ଦିଲ୍ଲୀପ ବିଜେଡିକୁ ବିଭାଜନ କରିବା ପାଇଁ ବିଜୟଙ୍କ ସହ ହାତ ମିଳାଇଲେ । ସାଂସଦ ତଥାଗତ ଶତପଥୀ ବିଜୟ ମହାପାତ୍ରଙ୍କ ଓଡ଼ିଶା ଗଣ ପରିଷଦରେ ଯୋଗ ଦେଇଥିବାବେଳେ ଦିଲ୍ଲୀପ ରାୟଙ୍କ ସହ ସମ୍ପର୍କ ରଖିଥିବା ଅଭିଯୋଗରେ ନବୀନ ସାଂସଦ କୁମୁଦିନୀ ପଟ୍ଟନାୟକ, ପ୍ରଭାତ ସାମନ୍ତରାୟ ଏବଂ ଜଗନ୍ନାଥ ମଲ୍ଲିକଙ୍କୁ ଦଳରୁ ନିଲମ୍ବନ କରନ୍ତି । ଏହା ଅସନ୍ତୋଷ କୁହୁଳିବାକୁ ଦିଏ ।

ନବୀନ ଦଳ ବିଭାଜନ ହେବା ଆଶଙ୍କାରେ ଚାରି ମନ୍ତ୍ରୀଙ୍କୁ ବାଦ୍ ଦେଇ ୮ ଜଣଙ୍କୁ ସାମିଲ କଲେ ଏବଂ କ୍ୟାବିନେଟର ବରିଷ୍ଠ ମନ୍ତ୍ରୀ ତଥା ଅର୍ଥ ମନ୍ତ୍ରୀ ରାମକୃଷ୍ଣ ପଟ୍ଟନାୟକ ନୂଆ କରି  ସାମିଲ ହୋଇଥିବା ୮ ମନ୍ତ୍ରୀଙ୍କ ବିରୋଧରେ ଅପରାଧ ମାମଲା ଥିବା ଅଭିଯୋଗ ଆଣି ଇସ୍ତଫା ଦିଅନ୍ତି ।  ଏହାପରେ ବିଦ୍ରୋହ ଆହୁରି ତୀବ୍ର ହୁଏ । ୨୦୦୨ ସେପ୍ଟେମ୍ବର ୧୮ ତାରିଖରେ ୬ଜଣ ବିଜେଡି ସାଂସଦ (ନିଲମ୍ବିତ ତିନିଙ୍କ ସହିତ ପ୍ରସନ୍ନ ପାଟଶାଣୀ, ଭ ୍ହରି ମହତାବ ଏବଂ ପ୍ରସନ୍ନ ଆଚାର୍ଯ୍ୟ) ମିଳିତ ଦସ୍ତଖତ କରି ଲୋକସଭାରେ ବିଜେଡି ସଂସଦୀୟ ଦଳ ନେତା ଥିବା ଅର୍ଜ୍ଜୁନ ସେଠୀଙ୍କୁ ହଟାଇ  ପ୍ରସନ୍ନ ଆଚାର୍ଯ୍ୟଙ୍କୁ ନେତା କରିବାକୁ ବାଚସ୍ପତି ମନୋହର ଯୋଶୀଙ୍କୁ ନିବେଦନ କଲେ । ଦଳରେ ବିଭାଜନ ଆଶଙ୍କା କରି ନବୀନ ପୁଣି ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ପାଇଁ ଘୋଷଣା କରନ୍ତି । ଦିଲ୍ଲୀପ ଏବଂ ବିଜୟଙ୍କ ଅଭିଯାନ ସିନା ସଫଳ ହୁଏ ନାହିଁ କିନ୍ତୁ ସନ୍ଦେହରେ ନବୀନ ଜଣକ ପରେ ଜଣେ ମନ୍ତ୍ରୀଙ୍କୁ  ବିଦା କରିବାର ପ୍ରକ୍ରିୟା ଆରମ୍ଭ କରିଦିଅନ୍ତି । ପୁଣି ସହଯୋଗୀ ବିଜେପି ମଧ ବିଦ୍ରୋହ ଘୋଷଣା କରେ । ନବୀନଙ୍କର ୧୨ବର୍ଷର ଶାସନରେ ୨୬ଜଣ ମନ୍ତ୍ରୀ ବିଦା ହୋଇଥିବାବେଳେ  ଅନେକ ବରିଷ୍ଠ ନେତାଙ୍କୁ ଦଳୀୟ ଟିକଟରୁ ବ ୍ଚିତ କରାଯାଇଛି । ୨୦୦୪ ନିର୍ବାଚନରେ ପୂର୍ବତନ ବିଧାନସଭା ବାଚସ୍ପତି  ଶରତ କର ଏବଂ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀଙ୍କୁ ଦଳୀୟ ଟିକଟରୁ ବ ୍ଚିତ କରାଯାଏ । ୨୦୦୯ ରେ ବିଜେଡି ଏନ୍‌ସିପି ସହ ପ୍ରାକ୍ ନିର୍ବାଚନୀ ମେ   କରିବା ନେଇ ଦଳର ପ୍ରାଦେଶିକ ସଭାପତି ଥିବା ବିଜୟ ମହାପାତ୍ର ନିଜ ପଦରୁ ଇସ୍ତଫା ଦିଅନ୍ତି ।

ପୁଣି ଦଳରୁ ନିଲମ୍ବନ ନହୋଇ 'ବିଜୁ ବିଚାର ମ  ' ଗଠନ କରି ନବୀନଙ୍କୁ ଆହ୍ୱାନ ଦେଇଥିବା ଦାମୋଦର ରାଉତଙ୍କ ନିୟନ୍ତ୍ରଣରେ ଆଜି ନବୀନ ବୋଲି କୁହାଯାଉଛି । ଦଳର ସାଂସଦ ବୈଜୟନ୍ତ ଏବଂ ପିନାକୀ ନବୀନଙ୍କ ସହ ଦିଲ୍ଲୀରୁ ଗୋଟିଏ ବିମାନରେ ଆସି ନିଜର ପତିଆରା ଦେଖାଇବାକୁ ଉଦ୍ୟମ କରିଛନ୍ତି । ଏକଦା ଦଳରୁ ନିଲମ୍ବିତ ହୋଇ ବିଜୟ ମହାପାତ୍ରଙ୍କ ସହ ସାମିଲ ହୋଇଥିବା ଏବଂ ଏକ ପାକ୍ଷିକ ପତ୍ରିକାର ବିତର୍କ ମ  ରେ ନବୀନଙ୍କ ବିରୋଧରେ ବିଷୋଦ୍‌ଗାର କରିଥିବା ତଥାଗତ ବି ଅଛନ୍ତି ନବୀନଙ୍କ 'କୋଟେରି' ରେ ।

କାଲି ଯେଉଁ ସବୁ  'ପାପ' ପାଇଁ ପ୍ୟାରୀମୋହନଙ୍କୁ ଦାୟୀ କରାଯାଇଥିଲା ଆଜି ସେଇ ପ୍ରକାର ମୁଣ୍ଡାଇବା ପାଇଁ ପ୍ରସ୍ତୁତ ହୋଇଯାଇଛନ୍ତି ଏକଦା ନବୀନଙ୍କୁ ଆହ୍ୱାନ ଦେଇଥିବା ନେତାଗଣ । ଇତିହାସ ସେଇ ମୋଡ଼ରେ ଛିଡ଼ା କରିଛି ପ୍ୟାରୀମୋହନ ମହାପାତ୍ରଙ୍କୁ ଯାହା ସେ  ଅନ୍ୟମାନଙ୍କ ଉପରେ ପ୍ରୟୋଗ କରିସାରିଛନ୍ତି । ଏବେ ଦେଖିବାକୁ ବାକି ରହିଲା ନବୀନ ବିରୋଧୀ ଅଭିଯାନକୁ ନିଜେ ନବୀନ କିଭଳି ପ୍ରତିହତ କରୁଛନ୍ତି ।

୧୯୯୭ ମସିହାରୁ ବିଜେଡି ଏକ ଆ  ଳିକ ଦଳଭାବେ ଗଠନ ହୋଇଥିଲା । ଯେଉଁ ଆଭିମୁଖ୍ୟ ନେଇ ଏହି ଆ  ଳିକ ଦଳ ଗଠନ ହୋଇଥିଲା ତାହା ଓଡ଼ିଶାର ପ୍ରଗତି କ୍ଷେତ୍ରରେ କେତେ ସହାୟକ ହୋଇଛି ଏବେ ସମୀକ୍ଷାର ସମୟ ଆସିଛି । ବିରୋଧିଦଳରେ ନବୀନଙ୍କ ଭଳି କେହି ବିକଳ୍ପ ନେତୃତ୍ୱ ନାହାନ୍ତି ବୋଲି ଓଡ଼ିଶାର ଲୋକେ ନବୀନଙ୍କ ପଛରେ ଅଛନ୍ତି କିମ୍ବାଏହା ନବୀନଙ୍କ ପ୍ରତି ଲୋକପ୍ରିୟତା ଥିବାରୁ ବିଜେଡି କ୍ରମାଗତ ତିନିଥର ସରକାର ଗଢ଼ିବାରେ ସଫଳ ହୋଇଛି , ତାହା ରାଜନୈତିକ ବିଶେଷଜ୍ଞମାନେ ବିବେଚନା କରିବା ଆବଶ୍ୟକ । ବିଧାନସଭା ବା ଲୋକସଭା ଅଥବା ପ  ାୟତ, ପୌର ନିର୍ବାଚନରେ ବିଜେଡି ତାର ପୂର୍ବ ଲୋକପ୍ରିୟତା ବଜାୟ ରଖିଛି ।

ଏହି ନିକଟରେ ବିଜେଡିରେ ଦେଖାଦେଇଥିବା ବିଦ୍ରୋହ ଓ ଦଳରୁ ବରିଷ୍ଠ ନେତା ପ୍ୟାରୀମୋହନ ଏବଂ ତାଙ୍କ ଅନୁଗତ ଦୁଇଜଣ ନିଲମ୍ବିତ ହୋଇଛନ୍ତି । ଏବେବି ଦଳ ଭିତରେ ଅବିଶ୍ୱାସ ବାତାବରଣ ବସା ବାନ୍ଧିଛି । ଯେଉଁମାନେ ଦଳରୁ ନିଲମ୍ବିତ ହୋଇଛନ୍ତି, ଆଗକୁ ଅନ୍ୟ କେତେକ ହେବାର ଆଶଙ୍କା ରହିଛି । ଏହା ସ ୍ ବିରୋଧି ଦଳ ଓ ବିଦ୍ରୋହୀ ମାନେ ନବୀନଙ୍କ ଲୋକପ୍ରିୟତା ପ୍ରତିଛବିରେ କେତେଦୂର କାଳିମା ବୋଳିବେ ତାହା ଆଗକୁ ଜଣାପଡ଼ିବ ।

-୦-୦-୦-୦-

# ବିଜେଡିରେ କୁଚକ୍ରୀଙ୍କ ବଳୟ

ଦୀର୍ଘ ୧୨ ବର୍ଷର ଶାସନ ପରେ ବିଜେଡିରେ ସୃଷ୍ଟି ହୋଇଥିବା ହଟଚମଟ ରାଜ୍ୟ ରାଜନୀତିକୁ ସରଗରମ ରଖୁଛି । ଦୈନିକ ନୂଆ ନୂଆ ଘଟଣା ଘଟି ଚାଲିଛି । ଆଗକୁ କ'ଣ ହେବ, କେଉଁ ନୀତି ବିଜେଡି ଆପଣେଇବ, କେଉଁମାନେ ଦଳକୁ ଆସିବେ ସେ ସମ୍ପର୍କରେ ଦଳର ବରିଷ୍ଠ ନେତାମାନେ ମନ୍ତବ୍ୟଦେଇ ଚାଲିଛନ୍ତି । ଏକଦା ପ୍ୟାରୀଙ୍କ ଅନୁଗତ ଥିବା ଏହି ନେତାମାନେ ଏବେ ନବୀନଙ୍କ ନିକଟତର ହେବାପାଇଁ ଉଦ୍ୟମ ଚଳାଇଛନ୍ତି ।

ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ପରିବ ି ତ ରୂପ ଦେଖି ନେତା, ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସାଧାରଣ ଜନତା ଆଚମ୍ବିତ । ୧୨ବର୍ଷ ଶାସନ ଗାଦିରେ ବସିଥିଲେ ମଧ ତାଙ୍କର ଏପରି ହାବ-ଭାବ ପୂର୍ବରୁ କେବେ ଦେଖିବାକୁ ମିଳିନଥିଲା । ଏବେ ସେ ନିଜେ ରାଜନୀତି ରଣ କ୍ଷେତ୍ରକୁ ଓହ୍ଲାଇ ଗୋଟିଏ ପରେ ଗୋଟିଏ ନିଷ୍ପ ି ନେଇ ଚାଲିଛନ୍ତି । ସେ ସ୍ୱପ୍ନରେ ସୁଦ୍ଧା ଭାବି ପାରିନଥିଲେ ତାଙ୍କ ବିରୋଧରେ ଏପରି ଅପରେସନ ଚାଲିଥିବ ବୋଲି । ଖୋଳପାରୁ ବାହାରି ଏବେ ସେ ରାଜନୀତିର ପ୍ରକୃତ ସ୍ୱାଦ ଉପଭୋଗ କରିବାରେ ଲାଗିଛନ୍ତି । ତାଙ୍କ ପଛରେ ରଚାଯାଇଥିବା ଷଡ଼ଯନ୍ତ୍ର ଆଖି ଖୋଲିଦେଇଛି । ତେବେ ଏବେକାର ଘଟଣା ପାଇଁ ଅନ୍ୟ କେହି ନୁହେଁ ସ୍ୱୟଂ ମୁଖ୍ୟମନ୍ତ୍ରୀ ହିଁ ଦାୟୀ । ଦଳରେ ସାଂସଦ ପ୍ୟାରୀମୋହନଙ୍କ ଆବିର୍ଭାବ ହୋଇଥିଲା ୨୦୦୦ମସିହାରେ । ସେତେବେଳେ ନବୀନ ରାଜନୀତିରେ ନୂଆ ଥିଲେ । କିପରି ତାଙ୍କୁ ବଶ କରାଯାଇ କ୍ଷମତା ଉପଭୋଗ କରାଯାଇ ପାରିବ ଏହି ବିଚକ୍ଷଣ ପ୍ରଶାସକଙ୍କୁ ଜଣାଥିଲା । ଗୋଟିଏ ମୂଳକରେ ଯେପରି ଜଣେ ରାଜା ନିଜ ଆଧିପତ୍ୟ ବିସ୍ତାର କରେ ଓ ପ୍ରତିଦ୍ୱନ୍ଦୀଙ୍କୁ କୌଶଳକ୍ରମେ ହଟାଇଦିଏ ଠିକ୍ ସେହିପରି ପ୍ୟାରୀ ବାବୁ ନିଜ କୂଟନୈତିକ ଗୋଟି ଚାଳନା ଆରମ୍ଭ କଲେ । କିପରି ନିଜେ ସର୍ବେସର୍ବା ହେବେ ଓ ନବୀନଙ୍କୁ ଗାଦିରେ ବସାଇ ସ୍ୱୟଂ କ୍ଷମତା ଉପଭୋଗ କରିବେ ସେଥିପାଇଁ ସୁଦୂରପ୍ରସାରି ଯୋଜନା ପ୍ରସ୍ତୁତ କଲେ । ପ୍ରଥମେ ଖୋଜିଲେ କୁହାଳିଆ ବିଜୁ ଅନୁଗତମାନଙ୍କୁ । ଏମାନେ ରହିଲେ ବିଜୁଙ୍କ ନାମ ନେଇ ନବୀନଙ୍କୁ ଭୁଲ୍‌ରାସ୍ତାରେ ନେଇ ପାରନ୍ତି କିମ୍ବା ତାଙ୍କୁ ନବୀନଙ୍କ ଠାରୁ ଦୂରେଇ ଦେଇପାରନ୍ତି । ତେଣୁ ଦୀର୍ଘଦିନ ହେବ ବିଜୁଙ୍କ ସହ ସମ୍ପର୍କଥିବା ବିଜୟ ମହାପାତ୍ର, ଶ୍ରୀକାନ୍ତ ଜେନା, ସ୍ୱର୍ଗତ ନଳିନି ମହାନ୍ତି ଓ ଦିଲ୍ଲୀପ ରାୟ ପ୍ରମୁଖଙ୍କୁ କୌଶଳକ୍ରମେ ଦଳରୁ ବହିଷ୍କାର କରାଗଲା । ଏମାନେ ଥିଲେ ତତ୍‌କାଳୀନ ଓଡ଼ିଶା ରାଜନୀତିର ବରିଷ୍ଠ ରାଜନେତା ତଥା ବିଜୁ ଅନୁରାଗୀ । ଏମାନଙ୍କୁ ହଟାଇଲେ ନବୀନଙ୍କ ଉପରେ ନିଜର ଆଧିପତ୍ୟ ଜାହିର୍ କରିହେବ ବୋଲି ପ୍ୟାରୀ ଭାବିଲେ । କାରଣ ନବୀନ ଯେତେବେଳେ ଓଡ଼ିଶା ରାଜନୀତିରେ ନୂଆ ଓ ପ୍ୟାରୀ ବାବୁ ଥିଲେ ବିଚକ୍ଷଣ ପ୍ରଶାସନ ଓ ରାଜ୍ୟ ରାଜନୀତିକୁ ଖୁବ୍ ନିକଟରୁ ପରଖି ଥିବା ବ୍ୟକ୍ତି । ନବୀନଙ୍କ ପରିଧି ଭିତରକୁ ନିଜ ଛଡ଼ା ଯେପରି ଅନ୍ୟ କେହି ପ୍ରବେଶ କରି ନ ପାରନ୍ତି ପ୍ୟାରୀ ବାବୁ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇଥିଲେ । ୨୦୦୪ ନିର୍ବାଚନ ପରେ ସେ ପାଲଟି ଯାଇଥିଲେ ନବୀନଙ୍କ ଫ୍ରେଣ୍ଡ୍, ଫିଲୋସପର ଓ ଗାଇଡ୍ । ଏହା ଦେଖି ଦଳର ନେତାମାନେ ନବୀନଙ୍କୁ ଛାଡି ପ୍ୟାରୀଙ୍କୁ ନିଜର ନେତା ମଣିଲେ । ସକାଳେ ସଞ୍ଜେ ପ୍ୟାରୀଙ୍କ ଘରେ ଗହଳି ଲାଗିଲା । ଦଳର ଟିକଟ ବ ନ ଠାରୁ ଆରମ୍ଭ କରି ସମସ୍ତ କାର୍ଯ୍ୟ ପ୍ୟାରୀ କରୁଥିଲେ । ଏ ସମ୍ପର୍କରେ ନବୀନ ଦିନଟିଏ ବି ମୁହଁ ଖୋଲିନଥିଲେ । ଏଥିରେ କିଛି ନେତା ଅସନ୍ତୁଷ୍ଟ ଥିଲେ । ଦଳରୁ ବିତାଡିତ ହେବା ଭୟରେ କିଛି କହିପାରୁ ନଥିଲେ । ତେବେ ବିଜୁବାବୁଙ୍କ ସମୟର କିଛି ନେତା ଏହା ସହ୍ୟ କରିପାରୁ ନଥିଲେ । ଦଳର ଦ୍ୱିତୀୟ କ୍ଷମତା କେନ୍ଦ୍ରକୁ ବରଖାସ୍ତ କରିବା ଯାହା ନିଜର ସ୍ୱାଭିମାନକୁ ପ୍ୟାରୀବାବୁଙ୍କ ପାଦ ତଳେ ଅଜାଡ଼ିଦେବା ତାହା ବୋଲି ଏମାନେ ଭାବୁଥିଲେ । ତେଣୁ ପ୍ୟାରୀଙ୍କ କ ୃତ୍ୱକୁ ଏମାନେ ଖୋଲାଖୋଲି ଚାଲେଞ୍ଜ୍ କଲେ । ତେବେ ଯିଏ ଯାହା କହିଲେ ବି ପ୍ୟାରୀ ଥିଲେ ସେତେବେଳେ ଦଳ ମଧରେ ସର୍ବୋଚ୍ଚ ନେତା । ଦୁଇ ଦୁଇଟି ନିର୍ବାଚନରେ ସେ ନବୀନଙ୍କୁ ବିଜୟର ସ୍ୱାଦ ଚଖାଇଥିଲେ । ଏଥିଯୋଗୁଁ ପ୍ୟାରୀଙ୍କ ନିଷ୍ପ ି ଉପରେ ମୁଖ୍ୟମନ୍ତ୍ରୀ ମଧ ହସ୍ତକ୍ଷେପ କରୁନଥିଲେ । ତେବେ ଚିରଦିନ ଏହି କ୍ଷମତା ଉପଭୋଗ ପାଇଁ ସ୍ୱପ୍ନ ଦେଖୁଥିବା ପ୍ୟାରୀବାବୁ ଶେଷରେ ନିଜେ ଖୋଳିଥିବା ଗାତରେ ପଡ଼ିଗଲେ । ଆଉ ପୂର୍ବରୁ ଅସନ୍ତୋଷ ଗୋଷ୍ଠୀରେ ସାମିଲ ହୋଇଥିବା ନେତାମାନେ ତାଙ୍କୁ ମାଡ଼ିବସିଲେ । ତେବେ ପ୍ୟାରୀବାବୁଙ୍କ ନିଲମ୍ବନ ପରେ ଦଳର ସଭାପତି ବିକଳିଆ ହୋଇ ପଡ଼ିଛନ୍ତି ଯେ ଯେଉଁମାନଙ୍କୁ ଦୁର୍ନୀତିର ଦ୍ୱାହି ଦେଇ ବିତାଡିତ କରିଥିଲେ ପୁନଃ ସେମାନଙ୍କୁ ଦଳରେ ସାମିଲ କରିବାରେ ଲାଗିଲେଣି । ନବୀନଙ୍କ ସୁରକ୍ଷା ପାଇଁ ପ୍ୟାରୀବାବୁ ଯେଉଁମାନଙ୍କୁ ଦଳରୁ କାଢିଥିଲେ ଏବେ ସେମାନେ ଦଳକୁ ଫେରିବା ସମ୍ଭାବନା ଦେଖାଦେଇଛି ।

ସେତେବେଳେ  ନବୀନଙ୍କୁ ବଶ କରି ପ୍ୟାରୀ ଓ ତାଙ୍କ ଅନୁଗତ କ୍ଷମତା ଉପଭୋଗ କରୁଥିଲେ । ଏବେ ଜଣେ ଦଳୀୟ ସାଂସଦ ନବୀନଙ୍କୁ ପରାମର୍ଶ ଦେଉଥିବା ଦେଖିବାକୁ ମିଳୁଛି । ସେତେବେଳେ ପ୍ୟାରୀବାବୁ ନବୀନଙ୍କ କାନ୍ଧରେ ବନ୍ଧୁକ ରଖି ଫୁଟାଉଥିଲେ । ଏବେ ଏହି ସାଂସଦ ଜଣକ ବନ୍ଧୁକ ସଜାଡ଼ିବାରେ ବ୍ୟସ୍ତ । ଏଭଳି ନେତାମାନଙ୍କୁ ପ୍ୟାରୀ କୁଚକ୍ରୀ ବୋଲି ସମ୍ବୋଧନ କରୁଛନ୍ତି । ନିଜର ପ୍ରଭାବ ଜାହିର କରିବା ଓ ମୁଖ୍ୟମନ୍ତ୍ରୀଙ୍କ ନିକଟତର ହେବାପାଇଁ ଯାଥାସାଧ ଉଦ୍ୟମ ଚଳାଇଛନ୍ତି ଏହିପରି କିଛି ନେତା । ଗୋଳିଆ ପାଣିରୁ କିପରି ଫାଇଦା ଉଠାଇହେବ ସେଥିପାଇଁ ଚାଲିଛି ମନ୍ତ୍ରଣା । ଏକଦା ଯେଉଁ ନେତାମାନେ ପ୍ୟାରୀଙ୍କ ବଶତା ସ୍ୱୀକାର କରିଥିଲେ ପରିବର୍ତ୍ତିତ ରାଜନୈତିକ ପାଣିପାଗରେ ଏବେ ନବୀନଙ୍କ ଦ୍ୱାରସ୍ଥ । ତଥା କଥିତ କୁଚକ୍ରୀ ନେତାଙ୍କ ବକ୍ର ଦୃଷ୍ଟି ଯଦି ମୁଖ୍ୟମନ୍ତ୍ରୀଙ୍କ ଉପରେ ପଡ଼େ ଏବଂ ପ୍ୟାରୀବାବୁଙ୍କୁ ଅଖଣ୍ଡ କ୍ଷମତାଶାଳୀ କରିବା ପରି ଏମାନଙ୍କୁ ଯଦି ସେପରି କରାଯାଏ ତେବେ ବିଜେଡିରେ ପୁନଃ ଝଡ଼ ସୃଷ୍ଟି ହୋଇପାରେ ।

-୦-୦-୦-୦-

# ଓଡିଶା ବିଧାନସଭାରେ ୧୦୮ ଜଣିଆ ବିଜେଡି ୨୧ ମନ୍ତ୍ରୀ, ୨୩ ପୂର୍ବତନ ମନ୍ତ୍ରୀ

୧୦୮ ଜଣିଆ ବିଜେଡି ବିଧାୟକଦଳରେ ମନ୍ତ୍ରୀଙ୍କ ଅପେକ୍ଷା ପୂର୍ବତନ ମନ୍ତ୍ରୀଙ୍କ ସଂଖ୍ୟା ଅଧିକ । ପୁନର୍ଗଠନପରେ ମନ୍ତ୍ରୀଙ୍କ ସଂଖ୍ୟା ୨୧ ହୋଇଥିବାବେଳେ ପୂର୍ବତନ ମନ୍ତ୍ରୀଙ୍କ ସଂଖ୍ୟା ୨୩ କୁ ବୃଦ୍ଧିପାଇଛି ।

ମନ୍ତ୍ରୀମଣ୍ଡଳ ପୁନର୍ଗଠନରେ ଡାକ୍ତର ଦାମୋଦର ରାଉତ ଓ ବିଜୟଶ୍ରୀ  ରାଉତରାୟଙ୍କ ଭଳି ଦୁଇଜଣ ପୂର୍ବତନ ମନ୍ତ୍ରୀଙ୍କୁ ନିଆଯାଇଥିବାବେଳେ ପ୍ରଫୁଲ୍ଲଚନ୍ଦ୍ର ଘଡ଼ାଇ, ପ୍ରଫୁଲ୍ଲଚନ୍ଦ୍ର ସାମଲ, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଜେନା ଓ ପୁଷ୍ପେନ୍ଦ୍ର ସିଂହଦେଓ ମନ୍ତ୍ରୀମଣ୍ଡଳରୁ ଅପସରିଛନ୍ତି । ଯେଉଁ ୨୩ ଜଣ ପୂର୍ବତନ ମନ୍ତ୍ରୀ ବିଜେଡି ବିଧାୟକ ଅଛନ୍ତି ସେମାନଙ୍କ ମଧ୍ୟରୁ ୨୨ଜଣ ବିଭିନ୍ନ ସମୟରେ ନବୀନଙ୍କ ସରକାରରେ ମନ୍ତ୍ରୀଥିଲେ । କେବଳ ଭଦ୍ରକ ବିଧାୟକ ଯୁଗଳ କିଶୋର ପଟ୍ଟନାୟକ , ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ କଂଗ୍ରେସ ସରକାର ସମୟରେ ମନ୍ତ୍ରୀ ରହିଥିଲେ । ଏହି ପୂର୍ବତନ ମନ୍ତ୍ରୀମାନଙ୍କ ମଧ୍ୟରୁ କେତେଜଣ ବିଭିନ୍ନ ସମୟରେ ଇସ୍ତଫା ଦେଇଥିବାବେଳେ ଆଉ କେତେକଙ୍କୁ ନିଜେ ନବୀନ ମନ୍ତ୍ରୀପରିଷଦରୁ ବରଖାସ୍ତ କରିଥିଲେ । ବିଜେଡିର ଏହି ୨୩ ଜଣିଆ ଲମ୍ବା ପୂର୍ବତନ ମନ୍ତ୍ରୀ ତାଲିକାରେ ଯେଉଁ ବିଧାୟକ ମାନେ ଅଛନ୍ତି ସେମାନେ ହେଲେ ବିଜୟ ରଞ୍ଜନ ସିଂହବରିହା, ସାରଦା ପ୍ରସାଦ ନାୟକ, ପ୍ରବୀଣଚନ୍ଦ୍ର ଭଞ୍ଜଦେଓ, ପ୍ରଫୁଲ୍ଲ ସାମଲ, ଯୁଗଳ କିଶୋର ପଟ୍ଟନାୟକ, ପ୍ରମିଳା ମଲ୍ଲିକ, ଦେବାଶିଷ ନାୟକ, ଅମର ପ୍ରସାଦ ଶତପଥୀ, ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ଅଞ୍ଜଳି ବେହେରା, ସଞ୍ଜୀବ କୁମାର ସାହୁ, ପଦ୍ମନାଭ ବେହେରା, ଅନଙ୍ଗ ଉଦୟ ସିଂହଦେଓ, ପୁଷ୍ପେନ୍ଦ୍ର ସିଂହଦେଓ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କାଳିନ୍ଦି ବେହେରା, ପ୍ରତାପ ଜେନା, ବେଦପ୍ରକାଶ ଅଗ୍ରୱାଲା, ଅତନୁ ସବ୍ୟସାଚୀ ନାୟକ, ବିଷ୍ଣୁ ଚରଣ ଦାସ, ପ୍ରଦୀପ ମହାରଥୀ, ଅରବିନ୍ଦ ଢାଲି ଓ ପ୍ରଶାନ୍ତ ନନ୍ଦ । ଏମାନଙ୍କ ବ୍ୟତୀତ ନବୀନଙ୍କ ସରକାରର ଆଉ କେତେକ ପୂର୍ବତନ ମନ୍ତ୍ରୀ ଅଛନ୍ତି । ସେମାନଙ୍କ ଭିତରୁ କିଛି ଏବେ ବିଜେଡିରେ ଥିବାବେଳେ ଆଉ କେତେକ ଦଳଛାଡ଼ି କଂଗ୍ରେସକୁ  ଚାଲିଯାଇଛନ୍ତି । ନହେଲେ ଏଭଳି ତାଲିକା ଆହୁରି ଲମ୍ବା ହୋଇଥାନ୍ତା ।

ପୂର୍ବତନ ମନ୍ତ୍ରୀଙ୍କ ମଧ୍ୟରେ ସର୍ବାଧିକ ଚାରିଜଣ ଅଛନ୍ତି ଯାଜପୁର ଜିଲ୍ଲାରୁ । ଏମାନେ ହେଲେ ପ୍ରଫୁଲ, ଅମର, ଦେବାଶିଷ ଓ ପ୍ରମିଳା । ସେହିପରି ଏନ୍‌ସିପି ଟିକଟରେ ନିର୍ବଚନ ଜିଣି ସଦ୍ୟ ବିଜେଡିରେ ସାମିଲ ହୋଇଥିବା ଚାରିଜଣ ବିଧାୟକଙ୍କ ମଧ୍ୟରେ ଦୁଇଜଣ ବି ପୂର୍ବରୁ ନବୀନଙ୍କ ସରକାରରେ ମନ୍ତ୍ରୀଥିଲେ । ଏମାନଙ୍କୁ ଏଥର ମନ୍ତ୍ରୀମଣ୍ଡଳ ପୁନର୍ଗଠନରେ ସ୍ଥାନ ମିଳିନାହିଁ । ଏ ଦୁଇଜଣ ହେଲେ ପ୍ରଶାନ୍ତ ନନ୍ଦ ଓ ଅମର ପ୍ରସାଦ ଶତପଥୀ ।

ବିଧାୟକ ଥିବା ଏହି ପୂର୍ବତନ ମନ୍ତ୍ରୀ ମାନଙ୍କ ମଧ୍ୟରୁ କେତେକ ଏବେ ବି ବିଜେଡିର ରାଜ୍ୟ ଓ ଜିଲ୍ଲାସ୍ତରୀୟ କାର୍ଯ୍ୟକର୍ତ୍ତା ଅଛନ୍ତି । ଅନେକଙ୍କର ସାଂଗଠନିକ ଦକ୍ଷତା ଓ ଅଭିଜ୍ଞତା ଥିବାରୁ ସେମାନଙ୍କୁ ସରକାର ଅପେକ୍ଷା ସାଂଗଠନିକ କାର୍ଯ୍ୟରେ ଦଳ ବ୍ୟବହାର କରିବ ବୋଲି କୁହାଯାଉଛି ।

# ବିଜୁ ଜନତା ଦଳ (ବିଜେଡି) ଛାଡିଥିବା ନେତା ରାଜନୈତିକ ଅନିଶ୍ଚିତତା ଭିତରେ

ରାଜନୈତିକ ବ୍ୟକ୍ତିମାନେ ସାଧାରଣ ଲୋକଙ୍କ ପାଖରେ ନିଜ ବ୍ୟକ୍ତିତ୍ୱ ଏବଂ ନେତୃତ୍ୱ ବଳରେ ହିଁ ଲୋକପ୍ରିୟ ହୋଇଥାନ୍ତି । ଦଳୀୟ ଚିହ୍ନ ସେମାନଙ୍କୁ ନିର୍ବାଚନ ଜିତିବାରେ କିଛି ମାତ୍ରାରେ ସାହାଯ୍ୟ କରିଥାଏ । କିନ୍ତୁ, ବିଜେଡିରେ ପ୍ରାୟତଃ ନେତାମାନଙ୍କ ପାଇଁ ନବୀନ ପଟ୍ଟନାୟକଙ୍କ ନାମ ଏବଂ 'ଶଙ୍ଖ' ଚିହ୍ନ ଶେଷ ସମ୍ବଳ ହୋଇଛି । ଗତ ଏକ ଦଶନ୍ଧୀ ଧରି ଅଧିକାଂଶ ନେତାଙ୍କ ଅବସ୍ଥା ଏହିଭଳି । ଦଳର ଚିହ୍ନ ଓ ନବୀନଙ୍କୁ ବାଦ୍ ଦେଇ ଜଣେ ହେଲେ ବିଧାୟକ ନିର୍ବାଚନ ମଇଦାନ ପାରିହେବା କଷ୍ଟ । ଏହା ପୂର୍ବରୁ ଅନେକ ନେତା ବିଭିନ୍ନ କାରଣରୁ ଦଳଛାଡ଼ି ଯାଇଛନ୍ତି , ହେଲେ ସେଭଳି ନିର୍ବାଚନୀ ସଫଳତା ପାଇଥିବାର ନଜିର ନାହିଁ । କିଏ ବିଜେପିକୁ ଯାଇଛି ତ କିଏ କଂଗ୍ରେସ ଦଳକୁ । କିନ୍ତୁ ପରବ ୀ ସମୟରେ ଦେଖାଯାଇଛି ବିଜେଡିରୁ ଗଲାପରେ ଜଣେ କି ଦୁଇଜଣ ଥରେ ଅଧେ ଜିତିକରି ଆସିଛନ୍ତି ।

ପ୍ରଥମେ ଦେଖାଯାଉ **ବିଜୟ ମହାପାତ୍ରଙ୍କୁ** । ଅନ୍ୟମାନଙ୍କ ତୁଳନାରେ ବିଜୟ ମହାପାତ୍ରଙ୍କର ଜଣେ ପ୍ରବୀଣ ରାଜନୈତିକ ବ୍ୟକ୍ତିଭାବେ ରାଜ୍ୟରେ ପ୍ରତିଷ୍ଠା ରହିଛି । ସରକାରଙ୍କ ଦୋଷ ଦୁର୍ବଳତା ଦର୍ଶାଇ ଜଣେ ବିରୋଧିଦଳ ନେତା ଭାବେ ବିଜୟ ମହାପାତ୍ର ନିଜ ରାଜନୈତିକ ପଟିଆରା ସୃଷ୍ଟି କରିଛନ୍ତି । କିନ୍ତୁ, ତାଙ୍କ ଲୋକପ୍ରିୟତା ଭୋଟରେ ପରିବ ିତ ହେଉନାହିଁ । ସେହିଭଳି **ରାମକୃଷ୍ଣ ପଟ୍ଟନାୟକ** । ଓଡ଼ିଶା ରାଜନୀତିରେ ଅଣ କଂଗ୍ରେସ ନେତା ଭାବେ ରାମକୃଷ୍ଣ ବିଜୁ ପଟ୍ଟନାୟକଙ୍କ ସହ ଦୀର୍ଘ ରାଜନୈତିକ ଲମ୍ବା ରାସ୍ତା ଅତିକ୍ରମ କଲାପରେ ବିଜେଡି ଗଠନବେଳେ ନବୀନଙ୍କ ସହ ରହି ନିର୍ବାଚନ କରିଥିଲେ । ସେତେବେଳେ ଜିତିବାର ସଫଳତା ମିଳିଥିଲା । ନବୀନଙ୍କ ସହ ମନୋମାଳିନ୍ୟ ଯୋଗୁଁ ଦଳ ଛାଡ଼ି କଂଗ୍ରେସରେ ଯୋଗଦେବା ପରେ ଯେଉଁ ଭୋଟରମାନେ ତାଙ୍କ ନିର୍ବାଚନ ମଣ୍ଡଳିରେ ତାଙ୍କ ସହ ଦୀର୍ଘଦିନ ସମ୍ପର୍କ ରକ୍ଷା କରିଥିଲେ ସେମାନେ ତାଙ୍କୁ ଛାଡ଼ି ଦେଲେ । ଫଳରେ ସେ ନିର୍ବାଚନୀ ସଫଳତା ପାଇ ନ ଥିଲେ । ପୂର୍ବତନ ମନ୍ତ୍ରୀ **ପ ାନନ କାନୁନ୍‌ଗୋ** ବିଜେଡିରେ ଥିଲା ପର୍ଯ୍ୟନ୍ତ ନିର୍ବାଚନ ଜିତିବା କଷ୍ଟ ହୋଇନଥିଲା । ଦଳ ଓ ନବୀନଙ୍କୁ ଛାଡ଼ିଲା ପରେ ସମୃଦ୍ଧ ଓଡ଼ିଶା ଦଳ ପକ୍ଷରୁ ନିର୍ବାଚନ ଲଢ଼ିଥିଲେ । ତେବେ ଜଣେ ଅଭିଜ୍ଞ ରାଜନୀତିଜ୍ଞ ଭାବେ ଯେଭଳି ଭୋଟ ସେ ପାଇବା କଥା ତାହା ସମ୍ଭବ ହୋଇନଥିଲା । ପୂର୍ବତନ ମନ୍ତ୍ରୀ **କମଳା ଦାସ** ଦୁର୍ନୀତି ଅଭିଯୋଗରେ ମନ୍ତ୍ରୀ ପଦରୁ ବାଦ୍ ପଡ଼ିଥିଲେ । ପରବ ୀ ସମୟରେ ତାଙ୍କର ରାଜନୈତିକ ଭବିଷ୍ୟତ ଅନିଶ୍ଚିତ ହୋଇପଡ଼ିଛି । ପୂର୍ବତନ କେନ୍ଦ୍ରମନ୍ତ୍ରୀ **ବ୍ରଜ ତ୍ରିପାଠୀ** ଗତ ଲୋକସଭା ନିର୍ବାଚନରେ ବିଜେଡି ଦଳରୁ ଟିକେଟ ନପାଇ ବିଜେପିରେ ଯୋଗଦେଇଥିଲେ । ହେଲେ ଯେଉଁ ପୁରୀ ଲୋକସଭା ଆସନରେ ସାଧାରଣ ଜନତାଙ୍କ ସେ ପ୍ରିୟ ଥିଲେ, ଦଳ ଛାଡ଼ିଲା ପରେ ସେହି ଲୋକମାନେ ବ୍ରଜକିଶୋର ତ୍ରିପାଠୀଙ୍କ ଠାରୁ ଦୂରେଇ ଯାଇଛନ୍ତି । **ଦିଲୀପ ରାୟ**ଙ୍କ ଭଳି କେତେକ ନେତା ବିଜେଡିରୁ ଦୂରେଇ ଗଲାପରେ ନିଜର ରାଜନୈତିକ ପ୍ରତିଷ୍ଠା ପ୍ରତିପାଦିତ କରିବା କଷ୍ଟ ହୋଇପଡ଼ିଛି । ସ୍ୱର୍ଗତ **ନଳିନୀ ମହାନ୍ତି** ବିଜେଡି ଛାଡ଼ି କଂଗ୍ରେସରେ ଯୋଗ ଦେଇଥିଲେ । ଥରଟିଏ କଂଗ୍ରେସରୁ ଜିତିଥିଲେ । ପରବ ୀ ସମୟରେ ସେ ନିଜକୁ ବିଜେଡି ଠାରୁ ଦୂରେଇ ରହିଥିବାରୁ ଦୁଶ୍ଚିନ୍ତାରେ ଥିଲେ ।

ବିଜେଡିରୁ ଯେଉଁମାନେ ସ୍ୱଇଚ୍ଛାରେ ଯାଇଛନ୍ତି କିମ୍ବା ନିଲମ୍ବିତ ହୋଇଛନ୍ତି ସେମାନେ ପୁନର୍ବାର ନିଜ ନିର୍ବାଚନ ମଣ୍ଡଳିରେ ସାଧାରଣ ଲୋକଙ୍କର ପ୍ରିୟଭାଜନ ହୋଇ ନିର୍ବାଚନ ବୈତରଣୀ ପାରିହେବା କଷ୍ଟସାଧ ହୋଇଛି । ଗତ ୨୦୦୦ମସିହାରେ ୧୨ବର୍ଷ ଧରି ଓଡ଼ିଶା ରାଜନୀତିରେ ଯେଉଁ ଅଭୁତପୂର୍ବ ପରିବ ିନ ଦେଖାଦେଇଛି ତାହା ନା ଜନତା କିମ୍ବା ରାଜନୈତିକ ନେତା ସମୀକ୍ଷା କରିବା ପାଇଁ ସମୟ ପାଇନାହାଁନ୍ତି । ଅତୀତରେ କଂଗ୍ରେସ ସମୟରେ **ଜାନକୀବଲ୍ଲଭ ପଟ୍ଟନାୟକ** ମୁଖ୍ୟମନ୍ତ୍ରୀ ଥିବା ସମୟରେ ତାଙ୍କ ବିରୋଧରେ ଯେତେ ସବୁ ଅଭିଯୋଗ ଆସିଥିଲା ଏବେ ନବୀନଙ୍କ ବିରୋଧରେ ତାହାଠାରୁ ଦଶଗୁଣରେ ଅଧିକ ଅଭିଯୋଗ ବିରୋଧୀଦଳ ଆଣିଛନ୍ତି । ତେବେ ଜନମାନସରେ ନବୀନଙ୍କ ଛବି ମଳିନ କରିବାରେ ସମର୍ଥ ହୋଇନାହାଁନ୍ତି । ଏଇଭଳି ବିଜେପି ସହ ମେ   ବେଳେ ଯେଭଳି ସଂଖ୍ୟାରେ ନିର୍ବାଚନ ଜିତିକରି ଆସିଥିଲେ, ମେ   ଭାଙ୍ଗିଲା ପରେ ବିଜେପିକୁ ରାଜ୍ୟରେ ସେତିକି ସଫଳତା ମିଳିନଥିଲା । ଗତ ନିର୍ବାଚନରେ ଏନ୍‌ସିପି ବିଜେଡି ସହ ମେ   କରିଥିଲା । ରାଜ୍ୟରେ ଚାରିଗୋଟି ଆସନ ପାଇବାରେ ସଫଳ ହୋଇଥିଲା । ଆଗକୁ ରାଜନୈତିକ ଅନିଶ୍ଚିତତା ଆଶଙ୍କାରେ ଚାରିଜଣ ବିଧାୟକ ବିଜେଡିରେ ଯୋଗଦେଇ ନବୀନଙ୍କ ଲୋକପ୍ରିୟତାର ଲାଭ ଉଠାଇବା ଆଶା କରିଛନ୍ତି । ସେହିଭଳି ରାଜ୍ୟ ବିଜେପିରେ କେତେକ ବିଧାୟକ ଦଳଛାଡ଼ି ବିଜେଡିରେ ଯୋଗଦେବାର ଚର୍ଚ୍ଚା ହେଉଛି । ତେବେ ଆଗକୁ ନବୀନଙ୍କ ଏହି ଲୋକପ୍ରିୟତା କେତେଦୂର ରହିବ କହିହେବ ନାହିଁ ।

-୦-୦-୦-

## କେନ୍ଦ୍ରରେ କଂଗ୍ରେସ ନେତୃତ୍ୱାଧିନ ୟୁପିଏ ସରକାରଙ୍କ ରାଜ୍ୟପ୍ରତି ପାନ୍ତର ଅନ୍ତର ନୀତି ବିରୁଦ୍ଧରେ ବିଜେଡିର ନୂଆଦିଲ୍ଲୀରେ ବିଶାଳ ଜନ ସମାବେଶ - ଅସ୍ମିତା ବନାମ ହକ୍

**ପ୍ରଥମଥର ପାଇଁ ଓଡ଼ିଶାର କୌଣସି ଆ ଳିକ ଦଳ ଏଭଳି ଏକ ସଫଳ ବିଶାଳ ସମାବେଶ କରିବାରେ ସକ୍ଷମ ହୋଇଛି । ଏହି ସଫଳତା ପାଇଁ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନ୍ୟ ଆ ଳିକ ଦଳର ମୁଖ୍ୟ ଓ ରାଜନେତାମାନଙ୍କଠାରୁ ଅଭିନନ୍ଦନର ସୁଅ ଛୁଟିଛି । ଏହି ସମାବେଶକୁ ସଫଳ ପାଇଁ ବିଜେଡି ଆପ୍ରାଣ ଉଦ୍ୟମ କରିଥିଲା ।**

କେନ୍ଦ୍ର ପକ୍ଷପାତିତା କରୁଛି, ୟୁପିଏ ରାଜନୈତିକ ଭେଦଭାବ କରି ଓଡ଼ିଶାକୁ ହକ୍‌ରୁ ବ ୍ଚିତ କରୁଛି । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବି ଅନୁଦାନ ଦେଉନି । କୋଟି କୋଟି ଟଙ୍କା ରାଜସ୍ୱ ଆକାରରେ ନେଇ କେନ୍ଦ୍ର ଓଡ଼ିଶାକୁ ତା'ର ହକ୍ ଦେବାରେ କୁଣ୍ଠିତ ହେଉଛି । ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପାଇଁ ସବୁ ମାନଦଣ୍ଡ ଥିଲେ ମଧ୍ୟ ଅଧିକାରରୁ ବ ୍ଚିତ । ଦେଶକୁ ସମୃଦ୍ଧ କରିବାରେ ଓଡ଼ିଶା ସବୁକ୍ଷେତ୍ରରେ ଉଲ୍ଲେଖନୀୟ ସହଯୋଗ କରି ଆସିଥିଲେ ବି ଓଡ଼ିଆଙ୍କ ହକ୍ ଓ ଅସ୍ମିତାକୁ ବାରମ୍ବାର କୁଠାରଘାତ କରାଯାଉଛି.... ଆଦି କହି ରଣହୁଙ୍କାର ଦେଇଛି ବିଜେଡି । ଦିଲ୍ଲୀର ଛାତି ଉପରେ ଠିଆହୋଇ ଦିଲ୍ଲୀ ଦରବାରକୁ ବିଜେଡି ନେତାଙ୍କ ଏହି ଖୋଲାଖୋଲି ଯୁଦ୍ଧ ଆହ୍ୱାନ ୟୁପିଏ ସରକାର ବିଚଳିତ କରିଦେଇଛି ।

ରାମଲୀଳା ମଇଦାନରେ ବିଜେଡି ସ୍ୱାଭିମାନ ସମାବେଶ କରି ୪ କୋଟି ଓଡ଼ିଆଙ୍କ ଅସ୍ମିତାର ଲଢେଇକୁ ଆଗାମୀ ଦିନରେ ଗାଁ ଗାଁରେ ବ୍ୟାପକ କରାଯିବ ଓ ହକ୍ ହାସଲ ନହେବା ପର୍ଯ୍ୟନ୍ତ ଲଢେଇ ଜାରି ରହିବ ବୋଲି ଚେତାବନୀ ଦେଇଛି । ପ୍ରଥମଥର ପାଇଁ ଓଡ଼ିଶାର କୌଣସି ଆ ଳିକ ଦଳ ଏଭଳି ଏକ ସଫଳ ବିଶାଳ ସମାବେଶ କରିବାରେ ସକ୍ଷମ ହୋଇଛି । ଏହି ସଫଳତା ପାଇଁ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନ୍ୟ ଆ ଳିକ ଦଳର ମୁଖ୍ୟ ଓ ରାଜନେତାମାନଙ୍କଠାରୁ ଅଭିନନ୍ଦନର ସୁଅ ଛୁଟିଛି । ଏହି ସମାବେଶକୁ ସଫଳ ପାଇଁ ବିଜେଡି ଆପ୍ରାଣ ଉଦ୍ୟମ କରିଥିଲା । ଓଡ଼ିଶାରୁ କର୍ମୀଙ୍କୁ ନେବାଆଣିବା ସହ ଦିଲ୍ଲୀରେ ପ୍ରବାସୀ ଓଡ଼ିଆଙ୍କୁ ଏକଜୁଟ କରିବା ଆଦି ଯୋଗୁଁ ସମାବେଶରେ ବହୁ ସଂଖ୍ୟାରେ ଲୋକ ଏକଜୁଟ ହୋଇଥିବାର ଦେଖିବାକୁ ମିଳିଥିଲା । ନବୀନଙ୍କୁ ଏହି କାରଣ ପାଇଁ ଅନ୍ୟ ଦଳର ନେତାଙ୍କ ଅଭିନନ୍ଦନ ଓ ସମର୍ଥନର ସୁଅ ପରୋକ୍ଷରେ ସମାବେଶ ସଫଳ ବୋଲି କୁହାଯାଇପାରେ । ରାଜନୈତିକ ବିଶେଷଜ୍ଞଙ୍କ କହିବାନୁସାରେ ଯଦିଓ ଦିଲ୍ଲୀରେ ଏଭଳି ଏକ ସଫଳ ସମାବେଶ ବିଜେଡି କରିବାରେ ସକ୍ଷମ ହୋଇଛି , ସେଥିପାଇଁ ଦଳ ନିଶ୍ଚିତଭାବେ ଧନ୍ୟବାଦର ପାତ୍ର । କିନ୍ତୁ ସମାବେଶରେ ଦଳର କିଛି ନେତାଙ୍କ ରଙ୍ଗଢଙ୍ଗ ପରୋକ୍ଷରେ ଓଡ଼ିଆଙ୍କ ଅସ୍ମିତା, ସ୍ୱାଭିମାନର ପରିପନ୍ଥୀ ହୋଇଛି । ସ୍ପଷ୍ଟ ଓଡ଼ିଆ କହି ନଜାଣିଲେ ବି ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିଲ୍ଲୀ ମାଟିରେ ନିଜ ମାତୃଭାଷା(ଓଡ଼ିଆ)ରେ ଦଳୀୟ କର୍ମୀଙ୍କୁ ସମ୍ବୋଧନ କରିଥିଲେ । ସମାବେଶରେ ଦୁଇ ମହିଳା ବିଧାୟକଙ୍କ ସମେତ ମୋଟ ୧୭ଜଣ ନେତାଙ୍କୁ ଉଦ୍‌ବୋଧନ ଦେଇଥିଲେ ଓ କୌଣସି ରାଜ୍ୟସଭା ସାଂସଦଙ୍କୁ କହିବାର ସୁଯୋଗ ମିଳିନଥିଲା । ଗୋଟିଏପଟେ ନବୀନ ଓଡ଼ିଆ ଭାଷାରେ ବିଜେଡି କର୍ମୀଙ୍କୁ ଓଡ଼ିଶାର ଐତିହ୍ୟ, ପରମ୍ପରା ଓ ଅସ୍ମିତାର କଥା କହି ସ୍ୱତନ୍ତ୍ର ପାହ୍ୟା ଆମର ହକ୍ ଏବଂ ଏଥିରୁ କେହି ଆମକୁ ବ ୍ଚିତ କରିପାରିବେ ନାହିଁ ବୋଲି ଦୃଢୋକ୍ତି ପ୍ରକାଶ କରିଥିବାବେଳେ ମାତୃଭାଷାକୁ ଦିଲ୍ଲୀ ଦରବାରରେ ଭୂଲୁଣ୍ଠିତ କରିବାକୁ ଦଳର ତିନିଜଣ ବରିଷ୍ଠ ନେତା ପଛାଇ ନାହାଁନ୍ତି । ଅନ୍ୟ ଆ ଳିକ ଦଳର ନେତାମାନେ ନିଜ ଭାଷାକୁ ନେଇ ଦିଲ୍ଲୀ ଦରବାରରେ ଗର୍ବ କରିବାର ନଜିର ରହିଛି କିନ୍ତୁ ଓଡ଼ିଆଙ୍କ ସ୍ୱାଭିମାନ ଓ ଅସ୍ମିତାର କଥା କହୁଥିବା ଉକ୍ତ ତିନି ବରିଷ୍ଠ ନେତା ରାମଲୀଳା ମଇଦାନରେ ଓଡ଼ିଆଙ୍କୁ ସମ୍ବୋଧିତ କରୁଥିଲେ ନା ଗଣମାଧ୍ୟମରେ ଚର୍ଚ୍ଚାରେ ରହିବା ପାଇଁ ଏଭଳି କରୁଥିଲେ ତାହା ସେମାନଙ୍କୁ ଜଣା । ପ୍ରସନ୍ନ ଆଚାର୍ଯ୍ୟ, ଏ.ୟୁ ସିଂହଦେଓ ଓ ପିନାକୀ ମିଶ୍ରଙ୍କ ପରି ବରିଷ୍ଠ ନେତା ହିନ୍ଦିରେ ଭାଷଣ ଦେଇଥିଲେ । ଗୋଟିଏପଟେ ଦଳର ସୁପ୍ରିମୋ ଓଡ଼ିଶାର ଗୌରବମୟ ଇତିହାସ କା ୍ଚ ଅଭିଯାନରେ ଜଗନ୍ନାଥ ମହାପ୍ରଭୁଙ୍କ ସାମିଲ, ବିଜୟୀ ସମ୍ରାଟ ଖାରବେଳଙ୍କ ଦ୍ୱାରା ଅନୁପ୍ରାଣୀତ ତଥା ଓଡ଼ିଆ ଭାଷାର ସୁଦୃଢ଼ ପ୍ରହରୀ ସାଜିଥିବା ମଧୁସୂଦନ ଦାସ, ପରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ଫକୀର ମୋହନ ସେନାପତିଙ୍କ କଥା ଉଲ୍ଲେଖ କରି ସେମାନଙ୍କ ପ୍ରଶଂସା କରୁଥିବାବେଳେ ଏହି ତିନିନେତା ନିଜ ଲୋକଙ୍କୁ ମାତୃଭାଷାରେ ସମ୍ବୋଧନ କରିବା ପରିବର୍ତ୍ତେ ଜାତୀୟ ଭାଷାର ଉପଯୋଗ କରିବା କ'ଣ ଓଡ଼ିଆଙ୍କ ସ୍ୱାଭିମାନ୍ ? ଦିଲ୍ଲୀ ସର୍କଲରେ ସର୍ବଦା ଘୁରି ବୁଲୁଥିବା ବୈଜୟନ୍ତ ପଣ୍ଡା ଓ ଅନ୍ୟ ବରିଷ୍ଠ ନେତାମାନେ ତ ପୁଣି ଓଡ଼ିଆ ଭାଷାରେ ଉଦ୍‌ବୋଧନ ଦେଇପାରିଲେ ? ନିଜ ମନ ଭିତରେ ଓଡ଼ିଆ ଭାଷା ପ୍ରତି ହୀନମନ୍ୟତା ରଖିଥିବା ଏଭଳି ନେତାଙ୍କଠାରୁ ଓଡ଼ିଆଙ୍କ ଅସ୍ମିତା, ସ୍ୱାଭିମାନର କଥା ଆଶ କରାଯାଇ ନପାରେ । ଓଡ଼ିଆ କଦାପି ନିଜର ଅସ୍ମିତା ଓ ଆତ୍ମସମ୍ମାନ ସହ ସାଲିସ୍ କରନ୍ତି ନାହିଁ ବୋଲି ଦଳର ସୁପ୍ରିମୋ ନିଜ ଭାଷଣରେ କହିଥିଲେ । କିନ୍ତୁ ଦଳର ବରିଷ୍ଠ ନେତାମାନେ ତାହା ବୁଝିଲେ ତ ହେଲା ? ସେହିପରି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରସଙ୍ଗରେ ବିଜେଡି ସର୍ବସମ୍ମତକ୍ରମେ ବିଧାନସଭା ଗତ ଏପ୍ରିଲ ମାସରେ ଏକ ସଂକଳ୍ପ ପ୍ରସ୍ତାବ ଗୃହୀତ କରିଥିଲା । ପୂର୍ବରୁ ମଧ୍ୟ ନୀଳମଣି ରାଉତରାୟ ଓ ଜାନକୀ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଏଭଳି

ସଂକଳ୍ପ ଗୃହୀତ ହୋଇଛି । ମାତ୍ର ଦିଲ୍ଲୀ ଦରବାରରେ ଏତେବଡ଼ ସମାବେଶ ଏହି ପ୍ରସଙ୍ଗରେ ଅଦ୍ୟାବଧି ହୋଇନଥିଲା । ବିଜେଡି ଏହି ହକ୍‌ର ଲଢ଼େଇକୁ ବ୍ୟାପକ କରି କୋଟିଏ ଦସ୍ତଖତ ଅଭିଯାନ ଓ ଦିଲ୍ଲୀରେ ସମାବେଶ କରିଛି । ଆଗାମୀ ଦିନରେ ମଧ୍ୟ ଏହାକୁ ଜୋରଦାର ପାଇଁ ଘୋଷଣା କରିଛି । ତେବେ ରାଜନୈତିକ ବିଶେଷଜ୍ଞଙ୍କ ମତରେ ବିଜେଡିର ସମାବେଶ ଯଦିଓ ଦିଲ୍ଲୀରେ ସଫଳ ହୋଇଛି ତଥାପି ରାଜ୍ୟର ବୃହ ର ସ୍ୱାର୍ଥ ଦୃଷ୍ଟିରୁ ଏଥିରେ ଦଳମତବର୍ଣ୍ଣ ନିର୍ବିଶେଷରେ ସବୁବର୍ଗକୁ ସାମିଲ କରିବାର ଆବଶ୍ୟକତା ଥିଲା । ଅବଶ୍ୟ ଦସ୍ତଖତ ଅଭିଯାନରେ ସବୁବର୍ଗଙ୍କ ସାମିଲ କରାଯାଇଛି ବୋଲି ବିଜେଡି ସଫେଇ ଦେଇଛି ମାତ୍ର ଦିଲ୍ଲୀ ସମାବେଶକୁ ଯଦି ଦଳ ରାଜ୍ୟର ସିଭିଲ୍ ସୋସାଇଟି, ଅନ୍ୟ ରାଜନୈତିକ ଦଳ, ସଂଗଠନକୁ ସାମିଲ କରିଥାନ୍ତା ତା'ହେଲେ ଅଧିକ ବାହାବା ସାଉଁଟି ପାରିଥାନ୍ତା । ବିଧାନ ସଭାରେ ସବୁଦଳର ସହମତିରେ ପ୍ରସ୍ତାବ ଗୃହୀତ କରିବାରେ ସକ୍ଷମ ବିଜେଡି ଯଦି ଦିଲ୍ଲୀ ସମାବେଶ ପାଇଁ ଅନୁରୂପଭାବେ ସହଯୋଗ ନିମନ୍ତେ କଂଗ୍ରେସ, ବିଜେପି ଅବା ଅନ୍ୟ ଦଳକୁ ଆନୁଷ୍ଠାନିକ ପ୍ରସ୍ତାବ ଦେଇଥାନ୍ତା ତାହା ଅଧିକ ସଫଳତା ଆଣିଦେଇ ପାରିଥାନ୍ତା । ବିଜେଡି ମଧ୍ୟ ଗୋଟିଏ ଗୁଳିରେ ଦୁଇଟି ଶିକାର ସୁଯୋଗ ପାଇଥାନ୍ତା । ବିଜେଡି ଭଲଭାବେ ଜାଣେ ଯେ ଏଭଳି ପ୍ରସ୍ତାବ ଦେଇଥିଲେ ବି ରାଜନୈତିକ ଉଦ୍ଦେଶ୍ୟ ରଖି ଅନ୍ୟ ଦଳମାନେ ସମାବେଶରେ ସାମିଲ ହୋଇନଥାନ୍ତେ । ଏହା ବିଜେଡି ପାଇଁ ବରଦାନ ସଦୃଶ ହୋଇଥାନ୍ତା । ଯଦିଓ ସ୍ୱତନ୍ତ୍ର ରାଜ୍ୟପାହ୍ୟାକୁ ନେଇ ଏଭଳି କାର୍ଯ୍ୟକ୍ରମକୁ ବିଜେଡି ହକ୍‌ର ଲଢ଼େଇ କହୁଛି ତଥାପି ପରୋକ୍ଷରେ ଏହା ନିର୍ବାଚନ ରଣନୀତିର ଏକ ଅଂଶବିଶେଷ । ତେଣୁ ଅନ୍ୟଦଳକୁ ସମାବେଶରେ ସାମିଲ ପାଇଁ ପ୍ରସ୍ତାବ ଦେଇ ବିଜେଡି ସେମାନଙ୍କର ସାଧୁତା ଓ ରାଜ୍ୟପ୍ରୀତି ପ୍ରତି ଥିବା ନିଷ୍ଠାକୁ ନିର୍ବାଚନରେ ପ୍ରସଙ୍ଗ କରିପାରିଥାନ୍ତା । ବିଜେଡି ଏହା ନକରି ଏକ ସୁଯୋଗକୁ ହାତଛଡ଼ା କଲା ଏବଂ ବିରୋଧୀ ଓ ସିଭିଲ୍ ସୋସାଇଟିକୁ ନିରପେକ୍ଷ ସନ୍ଦେଶ ଦେବାରେ ଅକ୍ଷମ ହେଲା ।

ତେବେ ସେ ଯାହାବି ହେଉ ନବୀନଙ୍କ ନେତୃତ୍ୱରେ ବିଜେଡିର ଏଭଳି ସମାବେଶ ଦିଲ୍ଲୀ ଦରବାରକୁ ବିଚଳିତ କରିଛି ନିଶ୍ଚୟ । ନବୀନଙ୍କୁ ଯେଭଳି ଅନ୍ୟ ପ୍ରମୁଖ ଆ ଳିକ ଦଳର ନେତାମାନେ ସଫଳତା ପାଇଁ ଅଭିନନ୍ଦନ ଜଣାଇଲେ ତାହା କେନ୍ଦ୍ରର ୟୁପିଏ ସରକାରର ନିଦ ହଜାଇ ଦେଇଛି । ରାମଲୀଳା ମଇଦାନରେ ନବୀନଙ୍କ ସମ୍ବୋଧନ ବେଶ୍ ଐତିହାସିକ ଓ ଗ୍ରହଣୀୟ । ଐତିହାସିକ କା ୍ ଅଭିଯାନରୁ ନବୀନ ଭାଷଣ ଆରମ୍ଭ କରି ବନ୍ଦେ ଉତ୍କଳ ଜନନୀରେ ନିଜର ବକ୍ତବ୍ୟ ଶେଷ କରିଥିଲେ । ନବୀନ ନିଜର ଭାଷଣରେ ନିଜ ସରକାରର ସଫଳତା ବଖାଣିବା ସହ ଶାନ୍ତି ଓ ମୈତ୍ରୀରେ ବିଶ୍ୱାସ କରୁଥିବା ଓଡ଼ିଆଙ୍କ ଅସ୍ମିତା ଲଢ଼େଇ ବିଜେଡି ଲଢୁଛି ବୋଲି ସ୍ପଷ୍ଟ କରିଛନ୍ତି । ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି ବିଜେଡିର ନୁହେଁ ବରଂ ୪କୋଟି ଓଡ଼ିଆଙ୍କର ବୋଲି ନବୀନ କହିବା ସହ ଓଡ଼ିଆଙ୍କୁ ତାଙ୍କର ହକ୍ ଦେବା ବ୍ୟତୀତ ଦିଲ୍ଲୀ ଦରବାର ପାଖରେ ଅନ୍ୟ କୌଣସି ବିକଳ୍ପ ନଥିବା ନବୀନ କହିଛନ୍ତି । ଜୁନ୍ ୧୨ ଦିଲ୍ଲୀରେ ଓଡ଼ିଆଙ୍କ ଦିନ ଥିଲା । ସବୁଠି ଓଡ଼ିଶାର ଚର୍ଚ୍ଚା ହେଉଥିଲା । ବିଶେଷକରି ଯୁବ ବିଜେଡି ଏହି ସମାବେଶର ସଫଳତା ଉପରେ ଅଧିକ ଗୁରୁତ୍ୱ ଦେଉଥିବାରୁ ଦିଲ୍ଲୀର ରାମଲୀଳା ମଇଦାନରେ ଯୁବବର୍ଗଙ୍କୁ ଅଧିକ ସଂଖ୍ୟାରେ ଦେଖିବାକୁ ମିଳିଥିଲା । ଦଳର ସବୁ ବିଧାୟକ, ସାଂସଦ ଓ ସବୁସ୍ତରର ନେତାମାନେ ଏଥିରେ ସାମିଲ ହୋଇଥିଲେ । ଏପରିକି ମଇ-୨୯ ଘଟଣା ପାଇଁ ମନ୍ତ୍ରିମଣ୍ଡଳରୁ ବରଖାସ୍ତ ଅଞ୍ଜଳି ବେହେରାଙ୍କୁ ମଧ୍ୟ ନବୀନଙ୍କୁ ରାମଲୀଳା ମଇଦାନରେ ସ୍ୱାଗତ କରିବା ଦେଖାଯାଇଥିଲା । ସ୍ୱତନ୍ତ୍ର ରାଜ୍ୟ ପାହ୍ୟାକୁ ନେଇ ବିଜେଡିର ଅଭିଯାନ ନବୀନଙ୍କ ନେତୃତ୍ୱରେ ଗୋଟିଏ ପାଦ ଅତିକ୍ରମ କରିଥିବାବେଳେ ଏହା ଆଗାମୀ ଦିନରେ କେନ୍ଦ୍ରକୁ ଓଡ଼ିଶାର ଦାବି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବିବଶ କରିବ ବୋଲି ଚର୍ଚ୍ଚା ହେଉଛି ।

-0-0-0-

# ବିଜୁ ଜନତା ଦଳ,
# ଓଡିଶାର ଦଳ, ଓଡିଶାର ବଳ

## ଓଡ଼ିଶାବାସୀଙ୍କ ଆଶା ଓ ଭରସା, ଓଡ଼ିଶାର ନିଜ ଦଳ, ରାଜ୍ୟର ପ୍ରଗତି, ବିକାଶର ସାଥୀ 'ବିଜୁ ଜନତା ଦଳ'।

### ଟଙ୍କାରେ କିଲେ ଚାଉଳ:

ରାଜ୍ୟର ବିପିଏଲ୍ ପରିବାର ଅନ୍ତ୍ୟୋଦୟ ଅନ୍ନଯୋଜନା ହିତାଧିକାରୀ, କେବିକେ ଜିଲ୍ଲାର ଏ.ପି.ଏଲ୍ ପରିବାର, ଆଦିବାସୀ ଛାତ୍ରୀବାସରେ ଅଧ୍ୟୟନରତ ଛାତ୍ରଛାତ୍ରୀ, ଭିନ୍ନକ୍ଷମ, କନ୍ଧମାଳର ଦଂଗାଗ୍ରସ୍ତ ଏ.ପି.ଏଲ୍ ପରିବାର ଏବଂ ଅଲିଭ୍ ରିଡ୍‌ଲେ ସଂରକ୍ଷଣ ଜନିତ କ୍ଷତିଗ୍ରସ୍ତ ମତ୍ସ୍ୟଜୀବି ପରିବାରକୁ ବହୁ ଆଗରୁ ଖାଦ୍ୟ ସୁରକ୍ଷା ଯୋଗାଇ ଆସୁଛି ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର । ଆଗରୁ କେଜି ପ୍ରତି ୨ଟଙ୍କା ମୂଲ୍ୟରେ ଯୋଗାଇ ଦିଆଯାଉଥିଲା ଏହି ଖାଦ୍ୟ ନିରାପ । ସୁବିଧା, ଏବେ ରାଜ୍ୟର ପ୍ରାୟ ୬୦ଲକ୍ଷ ହିତାଧିକାରୀ ପରିବାର ୧ ଫେବୃୟାରୀ ୨୦୧୩ ଠାରୁ ନବୀନ ପଟ୍ଟନାୟକଙ୍କ ଏକ ଯୁଗାନ୍ତକାରୀ ନିଷ୍ପି ବଳରେ ୧ଟଙ୍କାରେ ୧ କିଲୋ ଚାଉଳ ପାଇବା ପାଇଁ ହକ୍‌ଦାର ହୋଇଛନ୍ତି । ସବୁ ଗରିବ ଜନସାଧାରଣଙ୍କ ମୁହଁରେ ସେଇ ଗୋଟିଏ କଥା **'ବିଜେଡି ଥିଲେ ସାଥିରେ, କେହି ରହିବେନି ଭୋକରେ ।'**

### ୩ ଶହ ଟଙ୍କାର ଭ ।, ସାଥିରେ କମ୍ବଳ, ଛତା:

ରାଜ୍ୟର ୨୦ ଲକ୍ଷ ନିରାଶ୍ରୟ ବୁଢା ବୁଢୀ, ବିଧବା,ଭିନ୍ନକ୍ଷମ ଏବଂ ଆରୋଗ୍ୟ ଲାଭ କରିଥିବା କୁଷ୍ଠରୋଗୀ ସାମାଜିକ ସୁରକ୍ଷା ବଳୟ ମଧ୍ୟରେ ରହି ପାଉଛନ୍ତି ମାସକୁ ୩ ଶହ ଟଙ୍କାର ଭ ।। ସାଙ୍ଗରେ ଖରା, ବର୍ଷା, ଶୀତରୁ ରକ୍ଷା କରିବା ପାଇଁ ବର୍ଷକୁ ଥରେ କମ୍ବଳ ଆଉ ଛତା । ସମାଜରେ କାହା ଆଗରେ ଗୋଡ଼ ଭାଙ୍ଗି ଠିଆ ନ ହୋଇ ସ୍ୱାଭିମାନ ଏବଂ ଆତ୍ମସମ୍ମାନର ସହ ବ ଛନ୍ତି ଏବେ ରାଜ୍ୟର ଆପଦଗ୍ରସ୍ତ ବରିଷ୍ଠ ନାଗରିକ, ଅସହାୟ ବିଧବା ଏବଂ ଭିନ୍ନକ୍ଷମ । ନବୀନଙ୍କ ବିଜେଡି ସରକାର **ନିରାଶ୍ରୟର ଆଶା, ଅସହାୟର ଭରସା ।**

### ମା'ପାଇଁ 'ମମତା' :

ଗର୍ଭବତୀ ମା'ମାନଙ୍କୁ (ସରକାରୀ ଉଦ୍ୟୋଗ, ସରକାରୀ ଏବଂ ବ୍ୟାଙ୍କ କର୍ମଚାରୀଙ୍କ ବ୍ୟତୀତ) ପ୍ରଥମ ଦୁଇଟି ଜୀବିତ ଜାତ ଶିଶୁ ପ୍ରସବ ପାଇଁ ୪ଟି କିସ୍ତିରେ ୫ହଜାର ଟଙ୍କାର ସାମୟିକ କର୍ମନିବୃି ସହାୟତା । ମଇ ମାସ ସୁଦ୍ଧା ୧୦ ଲକ୍ଷ ମହିଳାଙ୍କୁ ମିଳିଲାଣି ୩୦୪ କୋଟି ଟଙ୍କାର ସହାୟତା । ନବୀନ ପଟ୍ଟନାୟକଙ୍କ ଦୂରଦର୍ଶିତା ଯୋଗୁଁ ଏଭଳି ଏକ ଅଭିନବ ପ୍ରୟାସର ସୁଫଳ ପାଉଛନ୍ତି ମା'ମାନେ ସବୁଠି ।

### 'ମିଶନ ଶକ୍ତି' : ମିଶ୍ ମହିଳାଙ୍କ ସଶକ୍ତି

'ମିଶନ ଶକ୍ତି' ଅଧୀନରେ ୫୬ ଲକ୍ଷ ମହିଳାଙ୍କୁ ସ୍ୱୟଂ ସହାୟକ ଦଳ ଗଠନ ମାଧ୍ୟମରେ ସଂଗଠିତ କରାଯାଇ ସେମାନଙ୍କର ସାମଗ୍ରିକ ସଶକ୍ତିକରଣ ଲକ୍ଷ୍ୟ । ମଇ ୨୦୧୩ ସୁଦ୍ଧା ୫ ଲକ୍ଷ ୩୨ ହଜାର ସ୍ୱୟଂ ସହାୟକ ଦଳ ଗଠିତ । ଏବେ ୨% ସୁଧ ହାରରେ ସହଜ ଋଣ ଯୋଗାଣ କରି ସେମାନଙ୍କୁ ସ୍ୱାବଲମ୍ବୀ କରାଇବା ନିମନ୍ତେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାରଙ୍କର ଏହା ଏକ ଆନ୍ତରିକ ଉଦ୍ୟମ ।

### ୧୦୮ ସେବା : ଡାକିଦେଲେ ଆସି ଉଭା

ଦୁର୍ଗମ ଏବଂ ଅପହ ଅ ଳରେ ୧୦୧ ମୋବାଇଲ୍ ସ୍ୱାସ୍ଥ୍ୟ ସେବା ସହାୟତାରେ ଚାଲିଛି ରୋଗୀ ଚିକିତ୍ସା । ଏବେ ଆବଶ୍ୟକତା ବେଳେ ମାଗଣା ଜରୁରୀକାଳୀନ ସେବା ଯୋଗାଇ ଦେବା ପାଇଁ ଆରମ୍ଭ କରାଯାଇଛି ୧୦୮ ଆମ୍ବୁଲାନ୍ସ ସେବା । ରାଜ୍ୟବାସୀଙ୍କୁ ସବୁବେଳେ ଆବଶ୍ୟକତା ମୁତାବକ ସ୍ୱାସ୍ଥ୍ୟ ସେବା ମିଳୁ, ଏହାହିଁ ନବୀନ ପଟ୍ଟନାୟକଙ୍କ ଆନ୍ତରିକ ଇଚ୍ଛା ।

## ସ୍କୁଲ ଯିବାକୁ ସାଇକେଲ, ସାଥିରେ ପୋଷାକ, ବହି :

ସମସ୍ତ ସରକାରୀ, ବେସରକାରୀ, ଅନୁଦାନ ପ୍ରାପ୍ତ ହାଇସ୍କୁଲ, ସଂସ୍କୃତ ଟୋଲ ଏବଂ ମଦ୍ରାସାରେ ଦଶମ ଶ୍ରେଣୀରେ ପଢୁଥିବା ସମସ୍ତ ଛାତ୍ରୀ, ତଫସିଲଭୁକ୍ତ ଜନଜାତି ଓ ଜାତି ଏବଂ ବିପିଏଲ୍ ପରିବାରର ଛାତ୍ରଙ୍କୁ ସ୍କୁଲକୁ ଯିବା ଆସିବା କରି ନିରନ୍ତର ଶିକ୍ଷା ଲାଭ କରିବା ପାଇଁ ସାଇକେଲ କିଣିବା ନିମନ୍ତେ ୨୬୦୦ ଟଙ୍କାର ସହାୟତା । ଏ ଯାଏଁ ଉପକୃତ ହେଲେଣି ୬ ଲକ୍ଷ ୭୭ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ । ଏହା ସହିତ ସ୍କୁଲ ପୋଷାକ, ପାଠ୍ୟପୁସ୍ତକ, ସ୍କଲାରସିପ୍ ଏବଂ ଅନ୍ୟାନ୍ୟ ସହାୟତା ଯୋଗାଇ ଦିଆଯାଇଛି । ବାପା 'ମା'ଙ୍କ ଉପରୁ ଶିକ୍ଷା ଖର୍ଚ୍ଚର ବୋଝ କମେଇବା ପାଇଁ ଆଉ ପିଲାମାନଙ୍କୁ ପାଠ ପଢ଼ାରେ ନିରନ୍ତରତା ରକ୍ଷା କରିବା ନିମନ୍ତେ ପ୍ରୋତ୍ସାହିତ କରିବା ପାଇଁ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାରଙ୍କର ବହୁବିଧ ସମୟୋପଯୋଗୀ ଛାତ୍ରହିତୈଷୀ କାର୍ଯ୍ୟକ୍ରମ ।

## ଓଡ଼ିଶା ରଜ୍ୟ ଚିକିତ୍ସା ପାଣ୍ଠି : ଗରିବ ପାଇଁ ଆରୋଗ୍ୟ ପାଣ୍ଠି

ବିପିଏଲ୍ ପରିବାର, ଗ୍ରାମା ଳରେ ୪୦ ହଜାର ଏବଂ ସହରା ଳରେ ୬୦ ହଜାର ଟଙ୍କା ପର୍ଯ୍ୟନ୍ତ ବାର୍ଷିକ ଆୟଥିବା ଏପିଏଲ୍ ପରିବାରର ସଦସ୍ୟ/ ରେଜିଷ୍ଟ୍ରିଭୁକ୍ତ ମାନସିକ, ଅନଗ୍ରସର ଥଇଥାନ କେନ୍ଦ୍ର, ଅନାଥାଶ୍ରମ, ନିରାଶ୍ରୟ ସ୍ଥଳର ଅନ୍ତେବାସୀ ଏବଂ ଦୁର୍ଘଟଣା ଗ୍ରସ୍ତ ଅଜଣା ବ୍ୟକ୍ତିଙ୍କ ଚିକିତ୍ସା ପାଇଁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା । ନବୀନ ସରକାରଙ୍କ ସୁସ୍ଥ ନିରୋଗ ଓଡ଼ିଶା ନିର୍ମାଣ ପ୍ରତି ପ୍ରତିବଦ୍ଧତା ।

## ନିଃସହାୟଙ୍କ ଚିକିତ୍ସା ଆଉ ଶେଷକୃତ୍ୟ :

ନବୀନ ସରକାର ନିଃସହାୟଙ୍କ ଡାକ୍ତରୀ ଚିକିତ୍ସା ନିମନ୍ତେ ୧୦ ହଜାର ଟଙ୍କା ଆଉ ଥଇଥାନ ନିମନ୍ତେ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ଦେଉଛନ୍ତି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ । ଆତ୍ମୀୟ ସ୍ୱଜନଙ୍କ ଶେଷକୃତ୍ୟ ନିମନ୍ତେ ଗରିବ ପରିବାରକୁ ମିଳୁଛି 'ହରିଶ୍ଚନ୍ଦ୍ର' ଆର୍ଥିକ ସହାୟତା । ଗରିବ ଆଉ ନିରାଶ୍ରୟର ଆଶ୍ରା ସାଜିଛି ବିଜେଡି ସରକାର ।

## କୃଷକ ପରିବାରର କଲ୍ୟାଣ : ବିଜୁ କୃଷକ କଲ୍ୟାଣ:

କୃଷକ ଏବଂ ଭୂମିହୀନ କୃଷି ଶ୍ରମିକଙ୍କ ପରିବାର ପାଇଁ ସ୍ୱାସ୍ଥ୍ୟ ବୀମା ସୁରକ୍ଷା । ପରିବାରରୁ ୫ ଜଣଙ୍କ ପାଇଁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସହାୟତା । ୫୦ ଲକ୍ଷ କୃଷକ ପରିବାର ପାଇଁ ୧୦୦ କୋଟି ଟଙ୍କାର ବରାଦ । କୃଷକ, କୃଷି ଶ୍ରମିକ ଏବଂ ତାଙ୍କ ପରିବାର ସୁସ୍ଥ, ସବଳ ଆଉ କର୍ମଠ ଜୀବନ ଯାପନ କରନ୍ତୁ, ସେଥିପାଇଁ ଏ ଆନ୍ତରିକ ଉଦ୍ୟମ ନବୀନ ସରକାରଙ୍କର ।

## ମହିଳା ପୁରୁଷ ସମାନ : ମିଳିଲା ୫୦ ଭାଗ ଆସନ:

ତୃଣମୂଳ ସ୍ତରରେ ମହିଳାମାନଙ୍କୁ ନବୀନ ଦେଇଛନ୍ତି ସମାନ ରାଜନୈତିକ ଅଧିକାର । ଏବେ ପ ାୟତରାଜ ଅନୁଷ୍ଠାନ ଏବଂ ପୌରପାଳିକା ଗୁଡ଼ିକରେ ୫୦ ଭାଗ ସ୍ଥାନ ମହିଳାମାନଙ୍କ ପାଇଁ ସଂରକ୍ଷିତ ରଖି ଇତିହାସ ସୃଷ୍ଟି କରିଛନ୍ତି ନବୀନ ପଟ୍ଟନାୟକ । ପ୍ରବାଦ ପୁରୁଷ 'ବିଜୁ ପଟ୍ଟନାୟକଙ୍କ ଏକ ତୃତୀୟାଂଶ ସ୍ଥାନ ସଂରକ୍ଷଣ ନିଷ୍ପି ପରେ, ଓଡ଼ିଶାର ରାଜନୈତିକ ଇତିହାସରେ ଏଭଳି ଏକ ଐତିହାସିକ ନିଷ୍ପି ନେଇଛନ୍ତି ତାଙ୍କ ସୁପୁତ୍ର ନବୀନ ପଟ୍ଟନାୟକ । ବାପାଙ୍କ ପରି ପୁଅ, ମହିଳାଙ୍କୁ ତାଙ୍କ ନ୍ୟାଯ୍ୟ ଅଧିକାର ଦେବାରେ ଅଦ୍ୱିତୀୟ ।

## ସହରା ଳର ସାହି ଓ ବସ୍ତି ବିଦ୍ୟୁତକରଣ :

ରାଜ୍ୟର ସହରା ଳରେ ବିଦ୍ୟୁତ ଶକ୍ତି ସଂଯୋଗ ନଥିବା ଗ୍ରାମ/ ୱାର୍ଡ ତଥା ବସ୍ତିକୁ 'ବିଜୁ ସହରା ଳ ବିଦ୍ୟୁତିକରଣ ଯୋଜନା' ମାଧ୍ୟମରେ ବିଦ୍ୟୁତ୍ ଶକ୍ତି ଯୋଗାଣ ତ୍ୱରାନ୍ୱିତ କରାଯାଉଛି । ନବୀନ ପଟ୍ଟନାୟକ ସରକାରଙ୍କର ସହରା ଳର ସର୍ବବିଧ ଉନ୍ନତି ନିମନ୍ତେ ଏକ ସମୟୋଚିତ ହସ୍ତକ୍ଷେପ ।

## ଉଚ୍ଚତର ଶିକ୍ଷା ଲାଭପାଇଁ ସାଧନ : ମାଗଣା ଲ୍ୟାପ୍‌ଟପ୍ ଯୋଗାଣ :

'ବିଜୁ ଯୁବ ସଶକ୍ତିକରଣ ଯୋଜନା' ମାଧମରେ +୨ ପରୀକ୍ଷାରେ ଉ ର୍ଣ୍ଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ମେଧା ଭି ିରେ ଯୋଗାଇ ଦିଆଯାଉଛି ଲ୍ୟାପ୍‌ଟପ୍ ମାଗଣାରେ । ଉଚ୍ଚତର ଶିକ୍ଷା ଲାଭ ପାଇଁ ଏଭଳି ସାଧନ ଛାତ୍ରଛାତ୍ରୀଙ୍କୁ ଶିକ୍ଷାରେ ଡିଜିଟାଲ୍ ବ୍ୟବଧାନ କମାଇବାରେ ସହାୟକ ହେବ । ଓଡ଼ିଶାର ଛାତ୍ରଛାତ୍ରୀମାନେ ଉପଯୁକ୍ତ ଶିକ୍ଷା ସୁଯୋଗ ଲାଭକରି ପ୍ରକୃଷ୍ଟ ବୈଷୟିକ ଶିକ୍ଷା ଲାଭ କରନ୍ତୁ ଏବଂ ନିଜ ରାଜ୍ୟ ପାଇଁ ଗର୍ବ ଓ ଗୌରବର କାରଣ ହୁଅନ୍ତୁ, ଏହା ଆନ୍ତରିକତାର ସହ ଚାହାଁନ୍ତି ନବୀନ ସରକାର ।

## କ୍ଲବ୍, ଯୁବକ ସଂଘକୁ ଅନୁଦାନ : ଯୁବଶକ୍ତିର ହେବ ଅଭ୍ୟୁତ୍‌ଥାନ

ଯୁବବର୍ଗଙ୍କ ସଶକ୍ତିକରଣ ସ୍ୱରୂପ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର ଗ୍ରାମା ଳର ୧୦ ହଜାର ଏବଂ ସହରା ଳର ୪ ହଜାର ଯବ ସଂଗଠନକୁ ୧୦ ହଜାର ଟଙ୍କା ଲେଖାଏଁ ଏକକାଳୀନ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି । ଉଦ୍ଦେଶ୍ୟ ଗୋଟିଏ, ଯୁବବର୍ଗ ଏକାଠି ହୁଅନ୍ତୁ, ଯୁବଶକ୍ତି ସମର୍ଥ ହେଉ, ଯୁବ ପୁଞ୍ଜିରେ ଓଡ଼ିଶା ସମୃଦ୍ଧ, ସମୁନ୍ନତ ହେଉ ।

## ଲୋକସେବା ଅଧିକାର ଅଧିନିୟମ : ଜନ ସାଧାରଣଙ୍କ ପାଇଁ ସୁଶାସନ

ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର ଜନସାଧାରଣ ଓ ପ୍ରଶାସନିକ ବ୍ୟବସ୍ଥା ମଧ୍ୟରେ ରହିଥିବା ଦୂରତାକୁ ବହୁବିଧ ପ୍ରଶାସନିକ ସଂସ୍କାର ମାଧ୍ୟମରେ ହ୍ରାସ କରିଛନ୍ତି । ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ ବଳରେ ଜନ ସାଧାରଣ ଏବେ କ୍ଷମତା ପାଇଛନ୍ତି ୧୦ଟି ବିଭାଗର ୬୩ଟି ସେବା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ହାସଲ କରିବା ପାଇଁ । ନାଗରିକଙ୍କୁ ଶାସନର ସୁଫଳ ମିଳୁ, ପ୍ରଶାସନ ଜନସାଧାରଣଙ୍କ ନିକଟତର ହେଉ ଏହାହିଁ ନିରନ୍ତର ଉଦ୍ୟମ କରିଆସିଛନ୍ତି ଜନସାଧାରଣଙ୍କ ପ୍ରିୟନେତା ନବୀନ ପଟ୍ଟନାୟକ ।

## ସହରା ଳରେ ଭି ିଭୂମି ଉନ୍ନୟନ : ସଫଳ ସହରୀକରଣ

ସହରା ଳର ସାହି ଓ ବସ୍ତିରେ ପିଚୁ ଓ କଂକ୍ରିଟ୍ ରାସ୍ତା ନିର୍ମାଣ ସହିତ ଷ୍ଟ୍ରୀଟ୍ ଲାଇଟ୍ ଯୋଗାଣ, ରାସ୍ତା ପ୍ରଶସ୍ତିକରଣ ଏବଂ ଫ୍ଲାଇଓଭର ନିର୍ମାଣ ସହିତ ହାଇମାକ୍ସ ଲାଇଟ୍ ଦ୍ୱାରା ରାସ୍ତା ଆଲୋକୀକରଣ, ନୂତନ ବିଦ୍ୟାଳୟ ତଥା ହସ୍ପିଟାଲ ଗୃହ ନିର୍ମାଣ ଏବଂ ପାନୀୟ ଜଳ ଯୋଗାଣ ଭଳି ମୌଳିକ ଭି ିଭୂମି ସୁବିଧା ସହରା ଳର ଲୋକଙ୍କୁ ଯୋଗାଇ ଦେବାରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର ଉଲ୍ଲେଖନୀୟ ସଫଳତା ହାସଲ କରିଛି । ବିଗତ ଏକ ଦଶନ୍ଧି ଧରି ବିଜେଡି ସରକାରଙ୍କ ନିରବଚ୍ଛିନ୍ନ ଉଦ୍ୟମ ଯୋଗୁଁ ଆଜି ରାଜ୍ୟର ସବୁ ସହରା ଳରେ ଆଖିଦୃଶିଆ ପରିବ ର୍ନ ସମ୍ଭବ ହୋଇପାରିଛି, ସହର ବାସିନ୍ଦାଙ୍କ ଦୈନନ୍ଦିନ ଜୀବନ ଶୈଳୀରେ ପ୍ରଭୂତ ପରିବ ର୍ନ ଅଣାଯାଇପାରିଛି ।

**ସ୍ଥିରତାକୁ ଆପଣାନ୍ତୁ । ପ୍ରଗତିର ଧାରା ବଜାୟ ରହୁ, ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ, ପାରଦର୍ଶୀ ସୁଶାସନର ସୁଫଳ ରାଜ୍ୟବାସୀ ପାଉ ଥାଆନ୍ତୁ । ରାଜ୍ୟବାସୀଙ୍କ ସେବାରେ ଉତ୍ସର୍ଗୀକୃତ 'ବିଜୁ ଜନତା ଦଳ' କୁ ଆପଣଙ୍କ ବଳରେ ବଳୀୟାନ କରନ୍ତୁ । ଓଡ଼ିଶାର ଅଦ୍ୱିତୀୟ ନେତା ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଟାଣ କରନ୍ତୁ, ଓଡ଼ିଶାର ସର୍ବାଙ୍ଗୀନ ବିକାଶରେ ତାଙ୍କୁ ସହଯୋଗ କରନ୍ତୁ ।**

-୦-୦-୦-୦-

## ଓଡିଶା ବିଧାନ ସଭାରେ

## ବିଜୁ ଜନତାଦଳ (ବିଜେଡି) ର ନିର୍ବାଚିତ ବିଧାୟକ (୨୦୦୦-୨୦୦୪)

| କ୍ର.ନଂ | ଆସନ | ବିଧାୟକ/ ବିଧାୟିକା |
|---|---|---|
| ୧୧. | ଭୋଗରାଇ | ଡାକ୍ତର କମଳା ଦାସ |
| ୧୩. | ବସ୍ତା | ରଘୁନାଥ ମହାନ୍ତି |
| ୧୬. | ସିମୁଳିଆ | ପର୍ଶୁରାମ ପାଣିଗ୍ରାହୀ |
| ୧୮. | ଭଣ୍ଡାରିପୋଖରୀ | ରଥ ଦାସ |
| ୧୯. | ଭଦ୍ରକ | ପ୍ରଫୁଲ୍ଲ ସାମଲ |
| ୨୨. | ବାସୁଦେବପୁର | ବିଜୟ ଶ୍ରୀ ରାଉତରାୟ |
| ୨୩. | ସୁକିନ୍ଦା | ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ |
| ୨୫. | ଯାଜପୁର | ସୂର୍ଯ୍ୟମଣି ଜେନା |
| ୨୬. | ଧର୍ମଶାଳା | କଳ୍ପତରୁ ଦାସ |
| ୨୭. | ବଡଚଣା | ଅମର ପ୍ରସାଦ ଶତପଥି |
| ୨୮. | ବରୀ-ଡେରାବିଶ୍ | ଦେବାଶିଷ ନାୟକ |
| ୨୯. | ବିଂଝାରପୁର | ପ୍ରମିଳା ମଲ୍ଲିକ |
| ୩୦. | ଆଳି | ପ୍ରତାପ କେଶରୀ ଦେଓ |
| ୩୧. | ପଟ୍ଟାମୁଣ୍ଡାଇ | ତାପସ ଦାସ |
| ୩୨. | ରାଜନଗର | ନଳିନୀକାନ୍ତ ମହାନ୍ତି |
| ୩୫. | ତିର୍ତୋଲ | ଦେବାଶିଷ ସାମନ୍ତରାୟ |
| ୩୬. | ଏରସମା | ଡାକ୍ତର ଦାମୋଦର ରାଉତ |
| ୩୮. | ଜଗତସିଂହପୁର | ବିଷ୍ଣୁ ଚରଣ ଦାସ |
| ୩୯. | କିଶୋରନଗର | ପ୍ରତାପ ଜେନା |
| ୪୦. | ମାହାଙ୍ଗା | ଶରତ କୁମାର କର |
| ୪୧. | ସାଲେପୁର | ଅଧ୍ୟାପକ କାଳନ୍ଦୀ ବେହେରା |
| ୪୨. | ଗୋବିନ୍ଦପୁର | ପଞ୍ଚାନନ କାନୁନ୍‌ଗୋ |
| ୪୬. | ବାଙ୍କୀ | ପ୍ରଭାତ କୁମାର ତ୍ରିପାଠୀ |
| ୪୭. | ଆଠଗଡ଼ | ରଣେନ୍ଦ୍ର ପ୍ରତାପ ସ୍ୱାଇଁ |
| ୪୮. | ବଡ଼ମ୍ବା | ଦେବୀ ପ୍ରସାଦ ମିଶ୍ର |
| ୪୯. | ବାଲି ପାଟଣା | ରାଘବ ସେଠୀ |
| ୫୨. | ପିପିଲି | ପ୍ରଦୀପ ମହାରଥି |
| ୫୪. | କାକଟପୁର | ସୁରେନ୍ଦ୍ରନାଥ ନାୟକ |
| ୫୬. | ପୁରୀ | ମହେଶ୍ୱର ମହାନ୍ତି |
| ୬୨. | ନୟାଗଡ଼ | ଭାଗବତ ବେହେରା (ଉପ ନିର୍ବାଚନ- ମନ୍ଦାକିନୀ ବେହେରା) |
| ୬୩. | ଖଣ୍ଡପଡ଼ା | ବିଜୟଲକ୍ଷ୍ମୀ ପଟ୍ଟନାୟକ |
| ୬୬. | ଭଞ୍ଜନଗର | ବିକ୍ରମ କୁମାର ଆରୁଖ |
| ୬୮. | ଆସ୍କା | ଦେବରାଜ ମହାନ୍ତି |
| ୭୦. | କୋଦଳା | ରାମକୃଷ୍ଣ ପଟ୍ଟନାୟକ |
| ୭୧. | ଖଲ୍ଲିକୋଟ୍ | ଭି. ସୁଜ୍ଞାନୀ କୁମାରୀ ଦେଓ |

| କ୍ର.ନଂ | ଆସନ | ବିଧାୟକ/ ବିଧାୟିକା |
|---|---|---|
| ୭୩. | ହିଞ୍ଜିଳୀ | ନବୀନ ପଟ୍ଟନାୟକ |
| ୭୪. | ଗୋପାଳପୁର | ରାମଚନ୍ଦ୍ର ସେଠୀ |
| ୭୫. | ବ୍ରହ୍ମପୁର | ଡାକ୍ତର ରମେଶଚନ୍ଦ୍ର ଚାଉ ପଟ୍ଟନାୟକ |
| ୭୬. | ଚିକିଟି | ଉଷା ଦେବୀ |
| ୭୭. | ମୋହନା | ସୂର୍ଯ୍ୟନାରାୟଣ ପାତ୍ର |
| ୮୧. | ବିଷମ କଟକ | ସାରଙ୍ଗଧର କାଡ୍ରାକା |
| ୮୨. | ରାୟଗଡ଼ା | ଲାଲବିହାରି ହିମିରିକା |
| ୮୩. | ଲକ୍ଷ୍ମୀପୁର | ବିଭିଷଣ ମାଝି |
| ୮୪. | ପଟ୍ଟାଙ୍ଗୀ | ଜୟରାମ ପାଙ୍ଗୀ |
| ୮୯. | ଜୟପୁର | ରବି ନାରାୟଣ ନନ୍ଦ |
| ୯୫. | ଖଡ଼ିଆଳ | ଦୁର୍ଯ୍ୟୋଧନ ମାଝି |
| ୯୬. | ଧର୍ମଗଡ଼ | ବୀର ସିପ୍‌କା |
| ୯୭. | କୋକସରା | ରୋସନୀ ସିଂହଦେଓ |
| ୧୦୦. | ନର୍ଲା | ବଳଭଦ୍ର ମାଝି |
| ୧୦୩. | ଉଦୟଗିରି | ସାଲୁଜା ପ୍ରଧାନ |
| ୧୦୪. | ଫୁଲବାଣୀ | ବିଷ୍ଣୁପ୍ରିୟା ବେହେରା |
| ୧୦୬. | ଟିଟିଲାଗଡ଼ | ଯୋଗେନ୍ଦ୍ର ବେହେରା |
| ୧୧୧. | ବଲାଙ୍ଗୀର | ଅନଙ୍ଗ ଉଦୟ ସିଂହଦେଓ |
| ୧୧୨. | ସୋନପୁର | କୁନ୍ଦୁର କୁଶଳ |
| ୧୧୩. | ବିନିକା | ନିରଞ୍ଜନ ପୂଜାରୀ |
| ୧୧୪. | ବୀରମହାରାଜାପୁର | ବୈଷ୍ଣବ ପ୍ରଧାନ(ଉପନିର୍ବାଚନ-ସଂଜୀବ ସାହୁ) |
| ୧୧୫. | ଆଠମଲ୍ଲିକ | ନଗେନ୍ଦ୍ର ପ୍ରଧାନ |
| ୧୧୬. | ଅନୁଗୁଳ | ଅଦ୍ୱୈତ୍ୟ ପ୍ରସାଦ ସିଂହ |
| ୧୧୭. | ହିନ୍ଦୋଳ | ଅଞ୍ଜଳୀ ବେହେରା |
| ୧୧୯. | ଗଁଦିଆ | ନବୀନ ନନ୍ଦ |
| ୧୨୦. | କାମାକ୍ଷାନଗର | ବ୍ରହ୍ମାନନ୍ଦ ବିଶ୍ୱାଳ |
| ୧୨୩. | ପଦ୍ମପୁର | ବିନୟ ରଞ୍ଜନ ସିଂହ ବରିହା |
| ୧୨୫. | ବିଜେପୁର | ଅଶୋକ କୁମାର ପାଣିଗ୍ରାହୀ |
| ୧୨୭. | ବରଗଡ଼ | ଆନନ୍ଦ ଆଚାର୍ଯ୍ୟ |
| ୧୩୦. | ଝାରସୁଗୁଡ଼ା | କିଶୋର ମହାନ୍ତି |
| ୧୩୩. | ରେଢାଖୋଲ | ସନାତନ ବିଶି |
| ୧୩୭. | ରାଜଗାଙ୍ଗପୁର | ମଙ୍ଗଳା କିସାନ୍ |
| ୧୩୯. | ରାଉରକେଲା | ଅଜିତ୍ ଦାସ |
| ୧୪୫. | ତେଲକୋଇ | ନିଳାଦ୍ରୀ ନାୟକ |

-୦-୦-୦-୦-

## ଓଡିଶା ବିଧାନସଭା ବିଜୁ ଜନତା ଦଳ (ବିଜେଡି) ବିଧାୟକ/ବିଧାୟିକା (୨୦୦୪-୨୦୦୯)

| କ୍ର.ନଂ. | ଆସନ | ବିଧାୟକ/ବିଧାୟିକା |
|---|---|---|
| ୧. | କରଞ୍ଜିଆ | ଅଜିତ୍ ହେମ୍ବ୍ରମ୍ |
| ୫. | ବାଙ୍ଗୀରପୋଷି | ଚୈତନ୍ୟ ପ୍ରସାଦ ମାଝି |
| ୧୧. | ଭୋଗରାଇ | ଅନନ୍ତ ଦାସ |
| ୧୩. | ବସ୍ତା | ରଘୁନାଥ ମହାନ୍ତି |
| ୨୨. | ବାସୁଦେବପୁର | ବିଜୟ ଶ୍ରୀ ରାଉତରାୟ |
| ୨୩. | ସୁକିନ୍ଦା | ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ |
| ୨୫. | ଯାଜପୁର | ପରମେଶ୍ୱର ସେଠୀ |
| ୨୬. | ଧର୍ମଶାଳା | କଳ୍ପତରୁ ଦାସ |
| ୨୮. | ବରୀ -ଡେରାବିଶ୍ | ଦେବାଶିଷ ନାୟକ |
| ୨୯. | ବିଂଝାରପୁର | ପ୍ରମିଳା ମଲ୍ଲିକ |
| ୩୦. | ଆଳି | ପ୍ରତାପ କେଶରୀ ଦେଓ |
| ୩୧. | ପଟ୍ଟାମୁଣ୍ଡାଇ | କିଶୋର ଚନ୍ଦ୍ର ତରାଇ |
| ୩୪. | ପାଟକୁରା | ଅତନୁ ସବ୍ୟସାଚୀ ନାୟକ |
| ୩୬. | ଏରସମା | ଡାକ୍ତର ଦାମୋଦର ରାଉତ |
| ୩୮. | ଜଗତସିଂହପୁର | ବିଷ୍ଣୁ ଚରଣ ଦାସ |
| ୩୯. | କିଶନ ନଗର | ପ୍ରତାପ ଜେନା |
| ୪୦. | ମାହାଙ୍ଗା | ଅଧ୍ୟାପକ ବିକ୍ରମ କେଶରୀ ବର୍ମା |
| ୪୧. | ସାଲେପୁର | ଅଧ୍ୟାପକ କାଳିନ୍ଦୀ ବେହେରା |
| ୪୫. | ଚୌଦ୍ୱାର | ଧର୍ମାନନ୍ଦ ବେହେରା |
| ୪୭. | ଆଠଗଡ଼ | ରଣେନ୍ଦ୍ର ପ୍ରତାପ ସ୍ୱାଇଁ |
| ୪୮. | ବଡ଼ମ୍ବା | ଦେବୀ ପ୍ରସାଦ ମିଶ୍ର |
| ୪୯. | ବାଲି ପାଟଣା | ଶଶି ଭୂଷଣ ବେହେରା |
| ୫୧. | ଜଟଣୀ | ଶରତ ପାଇକରାୟ |
| ୫୨. | ପିପିଲି | ପ୍ରଦୀପ ମହାରଥି |
| ୫୪. | କାକଟପୁର | ସୁରେନ୍ଦ୍ରନାଥ ନାୟକ |
| ୫୬. | ପୁରୀ | ମହେଶ୍ୱର ମହାନ୍ତି |
| ୫୯. | ଖୋର୍ଦ୍ଧା | ଜ୍ୟୋତିରିନ୍ଦ୍ର ନାଥ ମିତ୍ର |
| ୬୨. | ନୟାଗଡ଼ | ଅରୁଣ କୁମାର ସାହୁ |
| ୬୩. | ଖଣ୍ଡପଡା | ବିଜୟାଲକ୍ଷ୍ମୀ ପଟ୍ଟନାୟକ |
| ୬୫. | ଜଗନ୍ନାଥପ୍ରସାଦ | ମାଧବାନନ୍ଦ ବେହେରା |
| ୬୬. | ଭଞ୍ଜନଗର | ବିକ୍ରମ କେଶରୀ ଆରୁଖ |
| ୬୭. | ସୋରଡା | କିଶୋର ଚନ୍ଦ୍ର ସିଂଦେଓ |
| ୬୯. | କବିସୂର୍ଯ୍ୟନଗର | ଲତୁକିଶୋର ସ୍ୱାଇଁ |
| ୭୦. | କୋଦଳା | ନିରଞ୍ଜନ ପ୍ରଧାନ |

| କ୍ର.ନଂ. | ଆସନ | ବିଧାୟକ/ବିଧାୟିକା |
|---|---|---|
| ୭୧. | ଖଲ୍ଲିକୋଟ | ଭି.ସୁଜ୍ଞାନୀ କମାରୀ ଦେଓ |
| ୭୩. | ହିଞ୍ଜିଳି | ନବୀନ ପଟ୍ଟନାୟକ |
| ୭୫. | ବ୍ରହ୍ମପୁର | ଡାକ୍ତର ରମେଶଚନ୍ଦ୍ର ଚ୍ୟାଉ ପଟନାୟକ |
| ୭୬. | ଚିକିଟି | ଉଷାଦେବୀ |
| ୭୭. | ମୋହନା | ସୂର୍ଯ୍ୟ ନାରାୟଣ ପାତ୍ର |
| ୮୪. | ପଟାଙ୍ଗୀ | ଜୟରାମ ପାଙ୍ଗୀ |
| ୮୯. | ଜୟପୁର | ରବି ନାରାୟଣ ନନ୍ଦ |
| ୯୨. | ଡାବୁଗାଁ | ରମେଶଚନ୍ଦ୍ର ମାଝି |
| ୯୫. | ଖଡ଼ିଆଳ | ଦୁର୍ଯ୍ୟୋଧନ ମାଝି |
| ୯୬. | ଧର୍ମଗଡ଼ | ବୀର ସିପ୍‌କା |
| ୯୭. | କୋକସରା | ପୁଷ୍ପେନ୍ଦୁ ସିଂହଦେଓ |
| ୧୦୦. | ନର୍ଲା | ବଳଭଦ୍ର ମାଝି |
| ୧୦୪. | ଫୁଲବାଣୀ | ପଦ୍ମନାଭ ବେହେରା |
| ୧୦୫. | ବୌଦ | ପ୍ରଦୀପ କୁମାର ଅମାତ |
| ୧୦୬. | ଟିଟିଲାଗଡ଼ | ଯୋଗେନ୍ଦ୍ର ବେହେରା |
| ୧୦୯. | ସଇଁତଳା | କଳିକେଶ ନାରାୟଣ ସିଂହଦେଓ |
| ୧୧୧. | ବଲାଙ୍ଗୀର | ଅନଙ୍ଗ ଉଦୟ ସିଂହଦେଓ |
| ୧୧୩. | ବିନିକା | ନିରଞ୍ଜନ ପୂଜାରୀ |
| ୧୧୪. | ବିରମହାରାଜାପୁର | ସଂଜୀବ କୁମାର ସାହୁ |
| ୧୧୫. | ଆଠମଲ୍ଲିକ | ନଗେନ୍ଦ୍ର କୁମାର ପ୍ରଧାନ |
| ୧୧୬. | ଅନୁଗୁଳ | ରଜନୀକାନ୍ତ ସିଂହ |
| ୧୧୭. | ହିନ୍ଦୋଳ | ଅଞ୍ଜଳି ବେହେରା |
| ୧୧୯. | ଗଁଦିଆ | ସରୋଜ କୁମାର ସାମଲ |
| ୧୨୦. | କାମାକ୍ଷାନଗର | ପ୍ରଫୁଲ୍ଲ କୁମାର ମଲ୍ଲିକ |
| ୧୨୭. | ବରଗଡ଼ | ଆନନ୍ଦ ଆଚାର୍ଯ୍ୟ |
| ୧୩୦. | ଝାରସୁଗୁଡ଼ା | କିଶୋର କୁମାର ମହାନ୍ତି |
| ୧୩୩. | ରେଢ଼ାଖୋଲ | ସନାତନ ବିଶି |
| ୧୩୯. | ରାଉରକେଲା | ଶାରଦା ପ୍ରସାଦ ନାୟକ |
| ୧୪୫. | ତେଲକୋଇ | ନୀଳାଦ୍ରୀ ନାୟକ |

-୦-୦-୦-୦-

## ଓଡ଼ିଶା ବିଧାନସଭାରେ ବିଜୁ ଜନତା ଦଳ (ବିଜେଡି) ବିଧାୟକଙ୍କ ନାମ ତାଲିକା (୨୦୦୯-୨୦୧୪)

| କ୍ର.ନଂ. | ଆସନ | ବିଧାୟକ/ବିଧାୟିକା |
|---|---|---|
| ୧. | ପଦ୍ମପୁର | ବିଜୟ ରଂଜନ ସିଂ ବରିହା |
| ୫. | ଭଟଲି | ସୁଶାନ୍ତ ସିଂ |
| ୧୧. | ରଘୁନାଥ ପାଲି | ସୁବ୍ରତ ତରାଇ |
| ୧୨. | ରାଉରକେଲା | ସାରଦା ପ୍ରସାଦ ନାୟକ |
| ୧୮. | ରେଢାଖୋଲ | ପ୍ରସନ୍ନ ଆଚାର୍ଯ୍ୟ |
| ୧୯. | ଦେବଗଡ଼ | ସଂଜୀବ କୁମାର ପ୍ରଧାନ |
| ୨୦. | ତେଲକୋଇ | ପ୍ରେମାନନ୍ଦ ନାୟକ |
| ୨୧. | ଘସିପୁରା | ବଦ୍ରୀ ନାରାୟଣ ପାତ୍ର |
| ୨୨. | ଆନନ୍ଦପୁର | ଭାଗିରଥି ସେଠୀ |
| ୨୩. | ପାଟଣା | ହୃଷିକେଶ ନାୟକ |
| ୨୪. | କେନ୍ଦୁଝର | ସୁବର୍ଣ୍ଣ ନାୟକ |
| ୨୬. | ଯଶିପୁର | କମଳକାନ୍ତ ନାଏକ |
| ୨୭. | ସାରସକଣା | ରାମଚନ୍ଦ୍ର ହାଂସଦା (NCP- BJD) |
| ୨୯. | ବାଙ୍ଗିରିପୋଷି | ସରୋଜିନୀ ହେମ୍ବ୍ରମ୍ |
| ୩୦. | କରଂଜିଆ | ବିଜୟ କୁମାର ନାୟକ |
| ୩୧. | ଉଦଳା | ଶ୍ରୀନାଥ ସୋରେନ୍ |
| ୩୨. | ବଡ଼ସାହି | ମନୋରଂଜନ ସେଠୀ |
| ୩୩. | ବାରିପଦା | ସାନନ୍ଦ ମାରାଣ୍ଡି |
| ୩୪. | ମୋରଡ଼ା | ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ |
| ୩୬. | ଭୋଗରାଇ | ଅନନ୍ତ ଦାସ |
| ୩୭. | ବସ୍ତା | ରଘୁନାଥ ମହାନ୍ତି |
| ୩୮. | ବାଲେଶ୍ୱର | ଜୀବନ ପ୍ରଦୀପ ଦାସ |
| ୩୯. | ରେମୁଣା | ସୁଦର୍ଶନ ଜେନା |
| ୪୨. | ସିମୁଳିଆ | ପର୍ଶୁରାମ ପାଣିଗ୍ରାହୀ |
| ୪୩. | ଭଣ୍ଡାରିପୋଖରୀ | ପ୍ରଫୁଲ୍ଲ ସାମଲ |
| ୪୪. | ଭଦ୍ରକ | ଯୁଗଳ କିଶୋର ପଟ୍ଟନାୟକ |
| ୪୫. | ବାସୁଦେବପୁର | ବିଜୟଶ୍ରୀ ରାଉତରାୟ |
| ୪୬. | ଧାମନଗର | ରାଜେନ୍ଦ୍ର କୁମାର ଦାସ |
| ୪୭. | ଚାନ୍ଦବାଲି | ବିଜୟ ନାୟକ |
| ୪୮. | ବିଂଝାରପୁର | ପ୍ରମିଳା ମଲ୍ଲିକ |
| ୪୯. | ବରୀ | ଦେବାଶିଷ୍ ନାୟକ |
| ୫୦. | ବଡ଼ଚଣା | ଅମର ପ୍ରସାଦ ଶତପଥୀ (NCP- BJD) |
| ୫୧. | ଧର୍ମଶାଳା | କଳ୍ପତରୁ ଦାସ |
| ୫୨. | ଯାଜପୁର | ପ୍ରଣବ ପ୍ରକାଶ ଦାସ |

| | | |
|---|---|---|
| ୫୩. | କୋରେଇ | ଇଂ.ପ୍ରୀତିରଂଜନ ଘଡ଼ାଇ |
| ୫୪. | ସୁକିନ୍ଦା | ଡକ୍ଟର ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ |
| ୫୫. | ଢେଙ୍କାନାଳ | ନବୀନ ନନ୍ଦ (NCP- BJD) |
| ୫୬. | ହିନ୍ଦୋଳ | ଅଞ୍ଜଳୀ ବେହେରା |
| ୫୭. | କାମାକ୍ଷାନଗର | ପ୍ରଫୁଲ୍ଲ କୁମାର ମଲ୍ଲିକ୍ |
| ୫୮. | ପରଜଙ୍ଗ | ଡାକ୍ତର ନୃସିଂହ ଚରଣ ସାହୁ |
| ୫୯. | ପାଲଲହଡ଼ା | ରବିନାରାୟଣ ପାଣି |
| ୬୧. | ଅନୁଗୁଳ | ରଜନୀକାନ୍ତ ସିଂହ |
| ୬୨. | ଛେଣ୍ଡିପଦା | ଖଗେଶ୍ୱର ବେହେରା |
| ୬୩. | ଆଠମଲ୍ଲିକ | ସଂଜୀବ୍ କୁମାର ସାହୁ |
| ୬୪. | ବୀରମହାରାଜପୁର | ପଦ୍ମନାଭ ବେହେରା |
| ୬୫. | ସୋନପୁର | ନିରଞ୍ଜନ ପୂଜାରୀ |
| ୬୬. | ଲୋଇସିଂହା | ରମାକାନ୍ତ ସେଠ |
| ୬୮. | ବଲାଙ୍ଗୀର | ଅନଙ୍ଗ ଉଦୟ ସିଂହଦେଓ |
| ୭୧. | ନୂଆପଡ଼ା | ରାଜେନ୍ଦ୍ର ଢୋଲକିଆ |
| ୭୩. | ଉମରକୋଟ | ଜଗବନ୍ଧୁ ମାଝି (ଉପନିର୍ବାଚନ- ସୁବାଷ ଗଣ୍ଡ) |
| ୭୪. | ଝରିଗାମ୍ | ରମେଶ ଚନ୍ଦ୍ର ମାଝି |
| ୭୫. | ନବରଙ୍ଗପୁର | ମନୋହର ରନ୍ଧାରୀ |
| ୭୯. | ଧର୍ମଗଡ଼ | ପୁଷ୍ପେନ୍ଦୁ ସିଂହଦେଓ |
| ୮୪. | ଫୁଲବାଣୀ | ଦେବେନ୍ଦ୍ର କହଁର |
| ୮୫. | କ ।ମାଲ | ଭଗବାନ କହଁର |
| ୮୬. | ବୌଦ୍ଧ | ପ୍ରଦୀପ କୁମାର ଅମାତ୍ତ |
| ୮୭. | ବଡ଼ମ୍ବା | ଦେବୀ ପ୍ରସାଦ ମିଶ୍ର |
| ୮୮. | ବାଙ୍କୀ | ପ୍ରଭାତ କୁମାର ତ୍ରିପାଠୀ |
| ୮୯. | ଆଠଗଡ଼ | ରମେଶ ରାଉତ (ସ୍ୱାଧୀନ-ବିଜେଡି) |
| | | ଉପନିର୍ବାଚନ -ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ବିଜେଡି) |
| ୯୦. | ବାରବାଟୀ(କଟକ) | ଦେବାଶିଷ ସାମନ୍ତରାୟ |
| ୯୧. | ଚୌଦ୍ୱାର (କଟକ) | ପ୍ରଭାତ ରଂଜନ ବିଶ୍ୱାଳ |
| ୯୨. | ନିଆଳି | ଡାକ୍ତର ପ୍ରମୋଦ କୁମାର ମଲ୍ଲିକ |
| ୯୩. | କଟକ ସଦର | ଅଧାପକ କାଳନ୍ଦୀ ବେହେରା |
| ୯୪. | ସାଲେପୁର | ଚନ୍ଦ୍ରସାରଥି ବେହେରା |
| ୯୫. | ମାହାଙ୍ଗା | ପ୍ରତାପ ଜେନା |
| ୯୬. | ପାଟକୁରା | ବେଦପ୍ରକାଶ ଅଗ୍ରୱାଲା |
| ୯୭. | କେନ୍ଦ୍ରାପଡ଼ା | ଡକ୍ଟର ସିପ୍ରା ମଲ୍ଲିକ |
| ୯୮. | ଆଳି | ପ୍ରତାପ କେଶରୀ ଦେଓ |
| ୯୯. | ରାଜନଗର | ଅଲେଖ କୁମାର ଜେନା |
| ୧୦୦. | ମହାକାଳପଡ଼ା | ଅତନୁ ସବ୍ୟସାଚୀ ନାୟକ |
| ୧୦୧. | ପାରାଦୀପ | ଡାକ୍ତର ଦାମୋଦର ରାଉତ |

| | | |
|---|---|---|
| ୧୦୨. | ତିର୍ତ୍ତୋଲ | ରବୀନ୍ଦ୍ରନାଥ ଭୋଇ |
| ୧୦୩. | ବାଲିକୁଦା - ଏରସମା | ପ୍ରଶାନ୍ତ କୁମାର ମୁଦୁଲି |
| ୧୦୪. | ଜଗତସିଂହପୁର | ବିଷ୍ଣୁ ଚରଣ ଦାସ |
| ୧୦୫. | କାକଟପୁର | ରବି ମଲ୍ଲିକ |
| ୧୦୬. | ନିମାପଡ଼ା | ସମୀର ରଂଜନ ଦାସ |
| ୧୦୭. | ପୁରୀ | ମହେଶ୍ୱର ମହାନ୍ତି |
| ୧୦୮. | ବ୍ରହ୍ମଗିରୀ | ସଞ୍ଜୟ ଦାସବର୍ମା |
| ୧୧୦. | ପିପିଲି | ପ୍ରଦୀପ ମହାରଥୀ |
| ୧୧୧. | ଜୟଦେବ | ଅରବିନ୍ଦ ଢାଲି |
| ୧୧୨. | ଭୁବନେଶ୍ୱର (ମଧ୍ୟ) | ବିଜୟ କୁମାର ମହାନ୍ତି |
| ୧୧୩. | ଭୁବନେଶ୍ୱର (ଉତ୍ତର) | ଭାଗିରଥୀ ବଡ଼ଜେନା |
| ୧୧୪. | ଭୁବନେଶ୍ୱର (ଏକାମ୍ର) | ଅଶୋକ ଚନ୍ଦ୍ର ପଣ୍ଡା |
| ୧୧୫. | ଜଟଣୀ | ବିଭୁତି ବଳବନ୍ତ ରାୟ |
| ୧୧୬. | ବେଗୁନିଆଁ | ପ୍ରଶାନ୍ତ ନନ୍ଦ (NCP- BJD) |
| ୧୧୭. | ଖୋର୍ଦ୍ଧା | ରାଜେନ୍ଦ୍ର କୁମାର ସାହୁ (ସାଧିନ-ବିଜେଡି) |
| ୧୧୮. | ଚିଲିକା | ରଘୁନାଥ ସାହୁ |
| ୧୧୯. | ରଣପୁର | ସତ୍ୟନାରାୟଣ ପ୍ରଧାନ |
| ୧୨୦. | ଖଣ୍ଡପଡ଼ା | ସିଦ୍ଧାର୍ଥଶେଖର ସିଂ ମର୍ଦ୍ଦରାଜ |
| ୧୨୧. | ଦଶପଲ୍ଲା | କାଶିନାଥ ମଲ୍ଲିକ |
| ୧୨୨. | ନୟାଗଡ଼ | ଅରୁଣ କୁମାର ସାହୁ |
| ୧୨୩. | ଭଞ୍ଜନଗର | ବିକ୍ରମ କେଶରୀ ଆରୁଖ |
| ୧୨୪. | ପୋଲସରା | ନିରଂଜନ ପ୍ରଧାନ |
| ୧୨୫. | କବିସୂର୍ଯ୍ୟନଗର | ଭି.ସୁଜ୍ଞାନ କୁମାରୀ ଦେଓ |
| ୧୨୬. | ଖଲିକୋଟ | ପୂର୍ଣ୍ଣଚନ୍ଦ୍ର ସେଠୀ |
| ୧୨୮. | ଆସ୍କା | ଦେବରାଜ ମହାନ୍ତି |
| ୧୨୯. | ସୋରଡ଼ା | ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ |
| ୧୩୧. | ହିଞ୍ଜିଲି | ନବୀନ ପଟ୍ଟନାୟକ |
| ୧୩୨. | ଗୋପାଳପୁର | ଡାକ୍ତର ପ୍ରଦୀପ କୁମାର ପାଣିଗ୍ରାହୀ |
| ୧୩୩. | ବ୍ରହ୍ମପୁର | ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ |
| ୧୩୪. | ଦିଗପହଣ୍ଡି | ସୂର୍ଯ୍ୟନାରାୟଣ ପାତ୍ର |
| ୧୩୫. | ଚିକିଟି | ଉଷାଦେବୀ |
| ୧୩୭. | ପାରଳାଖେମୁଣ୍ଡି | କେ. ନାରାୟଣ ରାଓ |
| ୧୩୮. | ଗୁଣୁପୁର | ରାମମୂର୍ତ୍ତି ମୁଟିକା |
| ୧୪୦. | ରାୟଗଡ଼ା | ଲାଲ ବିହାରୀ ଭିମିସିକା |
| ୧୪୧. | ଲକ୍ଷ୍ମୀପୁର | ଝିନ ହିକ୍କା |
| ୧୪୩. | ଜୟପୁର | ରବି ନାରାୟଣ ନନ୍ଦ |
| ୧୪୪. | କୋରାପୁଟ | ରଘୁରାମ ପୋଡାଲ |
| ୧୪୬. | ମାଲ୍‌କାନାଗିରି | ମୁକୁନ୍ଦ ଶୋଡି |

## ଓଡ଼ିଶା ବିଧାନସଭା ଉପନିର୍ବାଚନରେ ବିଜୁ ଜନତାଦଳ (ବିଜେଡି)

| ବିଧାନସଭା ଆସନ | ମସିହା | ବିଜୟୀ ବିଧାୟକ | ଦଳ |
|---|---|---|---|
| ଦଶପଲ୍ଲା | ୧୯୯୭ | ହରିହର ରେଡୀ | ସ୍ୱାଧୀନ |
| ନୂଆପଡ଼ା | ୧୯୯୭ | ଜଗନ୍ନାଥ ପଟ୍ଟନାୟକ | କଂଗ୍ରେସ |
| ବ୍ରଜରାଜ ନଗର | ୧୯୯୮ | କେଶବ ବସୁ | କଂଗ୍ରେସ |
| ଦେଓଗଡ଼ | ୧୯୯୮ | ସୁବାସ ଚନ୍ଦ୍ର ପାଣିଗ୍ରାହି | ବିଜେପି |
| ଭଣ୍ଡାରିପୋଖରୀ | ୧୯୯୮ | କୁମାର ଶ୍ରୀ ଚିରଞ୍ଜିବୀ | କଂଗ୍ରେସ |
| ଖୋର୍ଦ୍ଧା | ୧୯୯୮ | ଦିଲ୍ଲିପ ଶ୍ରୀଚନ୍ଦନ | କଂଗ୍ରେସ |
| ଜୁନାଗଡ଼ | ୧୯୯୮ | ହିମାଂଶୁ ଶେଖର ମେହେର | ବିଜେପି |
| ବରଗଡ଼ | ୧୯୯୮ | ଆନନ୍ଦ ଆଚାର୍ଯ୍ୟ | ବିଜେଡି |
| ବଣାଇ | ୧୯୯୮ | ଜନାର୍ଦନ ଦେହୁରୀ | କଂଗ୍ରେସ |
| ଲକ୍ଷ୍ମୀପୁର | ୧୯୯୮ | ଗିରିଧାରି ଗମାଙ୍ଗ(ମୁଖ୍ୟମନ୍ତ୍ରୀ) | କଂଗ୍ରେସ |
| ରେଢ଼ାଖୋଲ | ୨୦୦୧ | ସନାତନ ବିଶି | ବିଜେଡି |
| ଭଦ୍ରକ | ୨୦୦୨ | ପ୍ରଫୁଲ୍ଲ ସାମଲ | ବିଜେଡି |
| ନୟାଗଡ଼ | ୨୦୦୨ | ମନ୍ଦାକିନୀ ବେହେରା | ବିଜେଡି |
| ବୀରମହାରାଜପୁର | ୨୦୦୩ | ସଂଜୀବ କୁମାର ସାହୁ | ବିଜେଡି |
| ସୁନ୍ଦରଗଡ଼ | ୨୦୦୫ | ସୁଷମା ପଟେଲ | ବିଜେଡି |
| ତଳସରା | ୨୦୦୬ | ଡାକ୍ତର ପ୍ରଫୁଲ୍ଲ ମାଝି | କଂଗ୍ରେସ |
| ଲକ୍ଷ୍ମୀପୁର | ୨୦୦୮ | ପୂର୍ଣ୍ଣଚନ୍ଦ୍ର ମାଝି | କଂଗ୍ରେସ |
| ଉମରକୋଟ | ୨୦୧୧ | ସୁବାଷ ଗଣ୍ଡ | ବିଜେଡି |
| ଆଠଗଡ଼ | ୨୦୧୨ | ରଣେନ୍ଦ୍ର ପ୍ରତାପ ସ୍ୱାଇଁ | ବିଜେଡି |

-୦-୦-୦-୦-

## ବିଜୁ ଜନତା ଦଳ (ବିଜେଡି) ଲୋକସଭା ନିର୍ବାଚନ (୧୯୯୮)

| କ୍ର.ନଂ. | ଆସନ | ସାଂସଦ |
|---|---|---|
| ୧୦. | ଆସ୍କା | ନବୀନ ପଟ୍ଟନାୟକ |
| ୯. | ଭୁବନେଶ୍ୱର | ଡକ୍ଟର ପ୍ରସନ୍ନ କୁମାର ପାଟଶାଣୀ |
| ୮. | ପୁରୀ | ବ୍ରଜ କିଶୋର ତ୍ରିପାଠୀ |
| ୬. | କଟକ | ଭର୍ତ୍ତୃହରି ମହତାବ |
| ୮. | କେନ୍ଦ୍ରାପଡ଼ା | ପ୍ରଭାତ ସାମନ୍ତରାୟ |
| ୯. | ଭଦ୍ରକ | ଅର୍ଜ୍ଜୁନ ଚରଣ ସେଠୀ |
| ୪. | ଯାଜପୁର | ଜଗନ୍ନାଥ ମଲ୍ଲିକ |
| ୧୭. | ସମ୍ବଲପୁର | ପ୍ରସନ୍ନ ଆଚାର୍ଯ୍ୟ |
| ୧୨. | ଢେଙ୍କାନାଳ | ତଥାଗତ ସତପଥୀ |

## ବିଜୁ ଜନତା ଦଳ (ବିଜେଡି) ଲୋକସଭା ନିର୍ବାଚନ (୧୯୯୯)

| କ୍ର.ନଂ. | ଆସନ | ସାଂସଦ |
|---|---|---|
| ୧୦. | ଆସ୍କା (୨୦୦୦) | ନବୀନ ପଟ୍ଟନାୟକ<br>(ଉପ ନିର୍ବାଚନ) କୁମୁଦିନୀ ପଟ୍ଟନାୟକ |
| ୯. | ଭୁବନେଶ୍ୱର | ଡକ୍ଟର ପ୍ରସନ୍ନ କୁମାର ପାଟଶାଣୀ |
| ୮. | ପୁରୀ | ବ୍ରଜ କିଶୋର ତ୍ରିପାଠୀ |
| ୬. | କଟକ | ଭର୍ତ୍ତୃହରି ମହତାବ |
| ୭. | ଜଗତସିଂହପୁର | ତ୍ରିଲୋଚନ କାନୁନ୍‌ଗୋ |
| ୫. | କେନ୍ଦ୍ରାପଡ଼ା | ପ୍ରଭାତ ସାମନ୍ତରାୟ |
| ୩. | ଭଦ୍ରକ | ଅର୍ଜ୍ଜୁନ ଚରଣ ସେଠୀ |
| ୧୫. | ଫୁଲବାଣୀ | ପଦ୍ମନାଭ ବେହେରା |
| ୪. | ଯାଜପୁର | ଜଗନ୍ନାଥ ମଲ୍ଲିକ |
| ୧୭. | ସମ୍ବଲପୁର | ପ୍ରସନ୍ନ ଆଚାର୍ଯ୍ୟ |

## ବିଜୁ ଜନତା ଦଳ (ବିଜେଡି) ର ଲୋକସଭା ସାଂସଦ ନିର୍ବାଚନ (୨୦୦୪)

| କ୍ର.ନଂ. | ଆସନ | ସାଂସଦ |
|---|---|---|
| ୩. | ଭଦ୍ରକ | ଅର୍ଜ୍ଜୁନ ଚରଣ ସେଠୀ |
| ୪. | ଯାଜପୁର | ମୋହନ ଜେନା |
| ୫. | କେନ୍ଦ୍ରାପଡ଼ା | ଅର୍ଚ୍ଚନା ନାୟକ |
| ୬. | କଟକ | ଭର୍ତ୍ତୃହରି ମହତାବ |
| ୭. | ଜଗତସିଂହପୁର | ଆଡ୍‌ଭୋକେଟ ବ୍ରହ୍ମାନନ୍ଦ ପଣ୍ଡା |
| ୮. | ପୁରୀ | ବ୍ରଜ କିଶୋର ତ୍ରିପାଠୀ |
| ୯. | ଭୁବନେଶ୍ୱର | ଡକ୍ଟର ପ୍ରସନ୍ନ କୁମାର ପାଟଶାଣୀ |
| ୧୦. | ଆସ୍କା | ହରିହର ସ୍ୱାଇଁ |
| ୧୫. | ଫୁଲବାଣୀ | ସୁଗ୍ରୀବ ସିଂହ |
| ୧୭. | ସମ୍ବଲପୁର | ପ୍ରସନ୍ନ ଆଚାର୍ଯ୍ୟ |
| ୧୯. | ଢେଙ୍କାନାଳ | ତଥାଗତ ସତପଥୀ |

## ବିଜେଡି ର ନିର୍ବାଚିତ ଲୋକସଭା ସାଂସଦ (୨୦୦୯)

| କ୍ର.ନଂ | ଆସନ ନାମ | ସାଂସଦଙ୍କ ନାମ |
|---|---|---|
| ୪. | କେନ୍ଦୁଝର | ଯଶୋବନ୍ତ ସିଂ ଲାଗୁରୀ |
| ୫. | ମୟୁରଭଞ୍ଜ | ଲକ୍ଷ୍ମଣ ଟୁଡୁ |
| ୭. | ଭଦ୍ରକ | ଅର୍ଜୁନ ଚରଣ ସେଠୀ |
| ୮. | ଯାଜପୁର | ମୋହନ ଜେନା |
| ୯. | ଢେଙ୍କାନାଳ | ତଥାଗତ ସତପଥୀ |
| ୧୦. | ବଲାଙ୍ଗୀର | କଳିକେଶ ନାରାୟଣ ସିଂହଦେଓ |
| ୧୩. | କନ୍ଧମାଳ | ରୁଦ୍ର ମାଧବ ରାୟ |
| ୧୪. | କଟକ | ଭର୍ତ୍ତୃହରି ମହତାବ |
| ୧୫. | କେନ୍ଦ୍ରାପଡ଼ା | ବୈଜୟନ୍ତ ପଣ୍ଡା |
| ୧୭. | ପୁରୀ | ପିନାକୀ ମିଶ୍ର |
| ୧୮. | ଭୁବନେଶ୍ୱର | ଡକ୍ଟର ପ୍ରସନ୍ନ କୁମାର ପାଟଶାଣୀ |
| ୧୯. | ଆସ୍କା | ନିତ୍ୟାନନ୍ଦ ପ୍ରଧାନ |
| ୨୦. | ବ୍ରହ୍ମପୁର | ଡକ୍ଟର ସିଦ୍ଧାନ୍ତ ମହାପାତ୍ର |
| ୨୧. | କୋରାପୁଟ | ଜୟରାମ ପାଙ୍ଗୀ |

-୦-୦-୦-୦-

## ଓଡ଼ିଶାରୁ ରାଜ୍ୟସଭା ସାଂସଦ ଭାବେ ବିଜେଡି ସଭ୍ୟ

| | | | |
|---|---|---|---|
| ୧. | ବିରଭଦ୍ର ସିଂହ | - | ୩.୪.୨୦୦୦ ରୁ ୨.୪.୨୦୦୬ |
| ୨. | ଦିଲ୍ଲିପ କୁମାର ରାୟ (JD- BJD) | - | ୩.୪.୧୯୯୬ ରୁ ୨.୪.୨୦୦୨ |
| | (ସ୍ୱାଧୀନ) | - | ୩.୪.୨୦୦୨ ରୁ ୨.୪.୨୦୦୮ |
| ୩. | ଫ୍ରିଡା ଟପ୍ପୋ (JD- BJD) | - | ୩.୪.୧୯୯୬ ରୁ ୨.୪.୨୦୦୨ |
| ୪. | ମୌରିସ୍ କୁଜୁର (JD- BJD) | - | ୩.୪.୧୯୯୬ ରୁ ୨.୪.୨୦୦୨ |
| ୫. | ପ୍ରମିଳା ବହିଦାର | - | ୩.୪.୨୦୦୨ ରୁ ୨.୪.୨୦୦୮ |
| ୬. | ରାହସ ବିହାରୀ ବାରିକ (JD- BJD) | - | ୩.୪.୧୯୯୪ ରୁ ୨.୪.୨୦୦୦ |
| ୭. | ସନାତନ ବିଶି (JD- BJD) | - | ୩.୪.୧୯୯୪ ରୁ ୨.୪.୨୦୦୦ |
| ୮. | ଏସ୍.ଆର୍. ବୋମାଇ | - | ୨.୭.୧୯୯୨ ରୁ ୨.୪.୧୯୯୮ |
| ୯. | ଶୁଶ୍ରୀଦେବୀ | - | ୩.୪.୨୦୦୨ ରୁ ୨.୪.୨୦୦୮ |
| ୧୦. | ପ୍ୟାରୀମୋହନ ମହାପାତ୍ର (BJD.) | - | ୨.୭.୨୦୦୪ ରୁ ୧.୭.୨୦୧୦ |
| | (୦୨.୦୬.୨୦୧୨ ରୁ ସ୍ୱାଧିନ) | | ୧.୭.୨୦୧୦ ରୁ ୧.୭.୨୦୧୬ |
| ୧୧. | ବୈଜୟନ୍ତ ପଣ୍ଡା | - | ୩.୪.୨୦୦୦ ରୁ ୨.୪.୨୦୦୬ |
| | | - | ୩.୪.୨୦୦୬ ରୁ ୨.୪.୨୦୧୨ |
| ୧୨. | ରେଣୁବାଳା ପ୍ରଧାନ | - | ୩.୪.୨୦୦୮ ରୁ ୨.୪.୨୦୧୪ |
| ୧୩. | ମଙ୍ଗଳ କିଷାନ | - | ୩.୪.୨୦୦୮ ରୁ ୨.୪.୨୦୧୪ |
| ୧୪. | ଶଶିଭୂଷଣ ବେହେରା | - | ୧.୭.୨୦୧୦ ରୁ ୧.୭.୨୦୧୬ |
| ୧୫. | ବୈଷ୍ଣବ ଚରଣ ପରିଡ଼ା | - | ୧.୭.୨୦୧୦ ରୁ ୧.୭.୨୦୧୬ |
| ୧୬. | ପଦ୍ମଶ୍ରୀ ଦିଲ୍ଲିପ ତିର୍କୀ | - | ୧୭.୩.୨୦୧୨ ରୁ ୧୭.୩.୨୦୧୮ |
| ୧୭. | ରବି ନାରାୟଣ ମହାପାତ୍ର | | |
| ୧୮. | ଭି.ଭି.ସ୍ୱାମୀ (BJD- Supt.) | | |

-୦-୦-୦-୦-

# କବିଙ୍କ ମାନସପଟରେ ନବୀନ ପଟ୍ଟନାୟକ

ଡକ୍ଟର ସୁବାଷ ନାୟକ

ନବୀନ ପଟ୍ଟନାୟକ,
ତୁମେ ତ ଜଣେ
ଅଣନୀତି ସଂଗ୍ରାମୀ ଜଗନ୍ନାଥ ପଟ୍ଟନାୟକଙ୍କର
ପୁଣି ନୀତି ଅଟନ୍ତି ବିଚାରପତି ଲକ୍ଷ୍ମୀନାରାୟଣ
ଓ ଆଶାଲତା ଦେବୀଙ୍କର
ତୁମେ ତ ସେହି ସୁଯୋଗ୍ୟ ସନ୍ତାନ
ଇଣ୍ଡୋନେସିଆ ରାଷ୍ଟ୍ରର ଭୂମିପୁତ୍ର
କଳିଙ୍ଗ ସମ୍ରାଟ ପାଇଲଟ୍ ବିଜୁ ପଟ୍ଟନାୟକଙ୍କର
ତମେ ପରା ସେହି
ନୟନ ପିତୁଳା ଜ୍ଞାନ ଦେବୀଙ୍କର
ନବୀନ ପଟ୍ଟନାୟକ
ତୁମେତ ଜଣେ
ଆଦରର ତଥା ସ୍ନେହର
ଶ୍ରଦ୍ଧେୟ ସାନଭାଇ
ଶିଳ୍ପପତି ପ୍ରେମ ବାବୁ ଓ ଲେଖିକା ଗୀତା
ମେହେଟାଙ୍କର
ସମ୍ମାନୀୟ କାକା
ପୁତୁରା ବରୁଣଙ୍କ ଗହଣେ
ପୂଜ୍ୟଷ୍ପଦ ମାମୁଁ
ଭଗିନୀ ଗୀତାଦେବୀଙ୍କର
ପୁତ୍ରଙ୍କ ଗହଣେ
ନବୀନ ପଟ୍ଟନାୟକ
ତୁମେତ ଜଣେ
ବୁଦ୍ଧିମତା ଛାତ୍ର
ଡେରାଡୁନ୍‌ର ଡୁନ୍ ବିଦ୍ୟାଳୟେ
ତୁମେ ତ ଜଣେ
ଇତିହାସ ସମ୍ମାନର ଛାତ୍ର
ଦିଲ୍ଲୀ ବିଶ୍ୱବିଦ୍ୟାଳୟେ ।
ନବୀନ ପଟ୍ଟନାୟକ
ତୁମେ ତ ଜଣେ
ଆନ୍ତର୍ଜାତୀୟ ଖ୍ୟାତି ସଂପନ୍ନ
ଲେଖକ ବିଶ୍ୱଦରବାରେ
ତୁମର କଲମ ମୁନର ସ୍ପର୍ଶ
ବୁଦ୍ଧିମନ୍ତ କରେ ବିଶ୍ୱ ଜଗତରେ
ଇଂରାଜୀ ଭାଷା ସାହିତ୍ୟରେ
ତୁମର ସେହି ସାରସ୍ୱତ କୃତୀ
'ସେକେଣ୍ଡ ପାରାଡାଇଜ୍'
ଡେଜାର୍ଟ କିଙ୍ଗ୍‌ଡମ୍
ଓ ଗାର୍ଡେନ୍ ଅଫ୍ ଲାଇଫ୍
ଭରିଦିଏ ସବୁରି ପ୍ରାଣେ
ଭାରତୀୟ ସଂସ୍କୃତି, ପରମ୍ପରା
ଓ ଇତିହାସ ବିଷୟରେ ।

ନବୀନ ପଟ୍ଟନାୟକ
ତୁମେତ ଜଣେ
ଜାତୀୟ ନେତା-
ଭାରତୀୟ ସଂସଦୀୟ ଲୋକସଭାରେ
ସାଂସଦ ଭାବରେ
ତୁମେ ପୁଣି
କେନ୍ଦ୍ର ମନ୍ତ୍ରୀ- ଇସ୍ପାତ ଓ ଖଣି
ମନ୍ତ୍ରଣାଳୟେ, ଭାରତ ସରକାରରେ ।
ନବୀନ ପଟ୍ଟନାୟକ
ତୁମେ ତ ଜଣେ
ସଭାପତି- ରାଜନୈତିକ
ଆ ଳିକ ଦଳେ
'ବିଜୁ ଜନତା ଦଳ, ଓଡ଼ିଶା
ଲୋକଙ୍କର ବଳେ
ବିଗତ ୧୪ ବର୍ଷ ଶାସନ କାଳେ ।
ନବୀନ ପଟ୍ଟନାୟକ
ତୁମେ ତ ଜଣେ
ଜନପ୍ରିୟ ମହାନାୟକ
କ୍ରମାଗତ ତୃତୀୟ ଥର
ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆସନେ
ସମଗ୍ର ଓଡ଼ିଶାର ବିକାଶ ପଥରେ
ପିତା ପ୍ରବାଦପୁରୁ ବିଜୁବାବୁଙ୍କର
ଅଧୁରା ସ୍ୱପ୍ନକୁ ସାକାର
କରିବା ପଥରେ ଅଗ୍ରସରେ ।
ନବୀନ ପଟ୍ଟନାୟକ
ତୁମେ ତ ଜଣେ
ଭୂଷଣପ୍ରାପ୍ତ ଗବେଷକ ଗୁରୁ
ମାନସ ନାୟକଙ୍କୁ
ଡକ୍ଟର କା କ ଚନ୍ଦ୍ର ମିଶ୍ରଙ୍କ ଗହଣେ
"ନବୀନ ପଟ୍ଟନାୟକ ଜଣେ ଭାରତୀୟ
ଇତିହାସ ଓ ସଂସ୍କୃତିର
ଜଣେ ସାରସ୍ୱତ ସାଧକ ଭାବେ ଉ ର ଓଡ଼ିଶା
ବିଶ୍ୱବିଦ୍ୟାଳୟେ ।

ସା/ପୋ- ଶ୍ରୀରାମ ନିବାସ, ଭୁବନ
ଜିଲ୍ଲା- ଢେଙ୍କାନାଳ-୭୫୯୦୧୭
ମୋ- ୯୪୩୮୧୦୯୮୭୨
ଆଜୀବନ ସଭ୍ୟ- ଉତ୍କଳ ସାହିତ୍ୟ ସମାଜ
ଆଜୀବନ ସଭ୍ୟ- ଓଡିଆ ଗବେଷଣା ପରିଷଦ
ସଂଗଠନ ସଂପାଦକ- ବାଣୀ ସାହିତ୍ୟ ସଂସଦ, ଭୁବନ



ଭାରତୀୟ ରାଷ୍ଟ୍ରପତି ନିର୍ବାଚନରେ ଲୋକସଭାର ପୂର୍ବତନ ବାଚସ୍ପତି ପି. ଏ. ସାଙ୍ଗମା
ବିଜୁ ଜନତା ଦଳ ସମର୍ଥିତ ରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ବିଜେଡି କାର୍ଯ୍ୟାଳୟରେ ସଭାପତି ନବୀନ
ପଟ୍ଟନାୟକ ସମ୍ମାନୀତ କରୁଛନ୍ତି । ନିକଟରେ ବିଜେଡିର ବରିଷ୍ଠ ନେତୃବୃନ୍ଦ ।




ଭାରତବର୍ଷର ରାଜଧାନୀ ନୂଆଦିଲ୍ଲୀ ଠାରେ ବିଜେଡି ପକ୍ଷରୁ ଓଡ଼ିଶାକୁ ସ୍ୱତନ୍ତ୍ରରାଜ୍ୟ
ପାହ୍ୟା ପ୍ରଦାନ ନିମନ୍ତେ କେନ୍ଦ୍ର ସରକାରଙ୍କ ବୈମାତୃକ ନୀତି ବିରୁଦ୍ଧରେ ବିଶାଳ
ସମାବେଶରେ ବିଜେଡିର ବରିଷ୍ଠ ନେତୃବର୍ଗ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।




ଅନୁଗୁଳ ଜିଲ୍ଲା- ଖମାରଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ
'ବିଜୁ କୃଷକ କଲ୍ୟାଣ ଯୋଜନା'ର ଶୁଭାରମ୍ଭ କରୁଛନ୍ତି ।




ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ଏକ ନିର୍ବାଚନ ସଭାରେ ବରିଷ୍ଠ ବିଜେଡି ନେତା ରାମଚନ୍ଦ୍ର ନାୟକ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରୁଛନ୍ତି ।




"ବିଜୁ ଜନତା ଦଳ ଓଡିଶା ଜନମାନସର ସେବକ" ପୁସ୍ତକର ଲେଖକ ଡକ୍ଟର ସୁଭାଷ ନାୟକ ପୁସ୍ତକ ରଚନା ସମ୍ବନ୍ଧୀୟ ସୂଚନା କାଗଜାତ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରି ଆଲୋଚନା କରୁଅଛନ୍ତି ।

# ପୁସ୍ତକର ମାର୍ଗଦର୍ଶକ



ଶ୍ରୀ ରାମଚନ୍ଦ୍ର ନାୟକ- ଜନ୍ମ- ତା.୨୩.୦୭.୧୯୪୬, ବାପା- ସ୍ୱର୍ଗତ ବାବାଜୀ ନାୟକ, ମା- ସ୍ୱର୍ଗତା ଭୂତି ଦେବୀ, ସା/ପୋ.ଅ- ଶ୍ରୀରାମ ନିବାସ, ଭୁବନ, ଜିଲ୍ଲା- ଢେଙ୍କାନାଳ । ଶୈଶବ ଅବସ୍ଥାରୁ ପିତୃହରା ହୋଇ ପ୍ରାକ୍ ପ୍ରାଥମିକ ଶିକ୍ଷା ପରେ ନିଜର ଜୀବିକା ଭାବରେ କାଠଶିଳ୍ପୀ ଭାବେ ଆଦରି ନେଇ ଦୀର୍ଘ ୫୦ ବର୍ଷର ଅଭିଜ୍ଞତା ସଂପୂର୍ଣ୍ଣ କାଠଶିଳ୍ପୀ ଭାବରେ ଅଧୁନା ଓଡ଼ିଶାରେ ପରିଚିତ । ଭାରତର ପୂର୍ବତନ ପ୍ରଧାନ ମନ୍ତ୍ରୀ ତଥା ଭାରତୀୟ ଜନତା ପାର୍ଟି (ବିଜେପି) ର ପ୍ରତିଷ୍ଠାତା ସଭାପତି ଶ୍ରୀ ଅଟଳ ବିହାରୀ ବାଜପାୟୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପିରେ ଯୋଗଦାନ କରନ୍ତି - ସଭ୍ୟ ସଂଖ୍ୟା- ୭୫୦୫/ ତା.୦୫.୦୭.୧୯୮୪ ମସିହାରେ ଏବଂ ଏକ ରାଜନୈତିକ କାରାବରଣ କରି ୧୯ ଦିନ କାଳ ଓଡ଼ିଶାର ପ୍ରଥମ ବିଜେପି ବିଧାୟକ କାମାକ୍ଷାନଗରଙ୍କୁ ୧୯୮୫ ବିଜୟୀ କରିବାରେ ମଧ ତାଙ୍କର ପ୍ରମୁଖ ଭୂମିକା ଥିଲା । ସେ ବିଜେପି- ଢେଙ୍କାନାଳ ଜିଲ୍ଲାର ଜିଲ୍ଲା ଉପସଭାପତି ଥିଲେ । ରାଜ୍ୟସଭା ସାଂସଦ ଓ ଢେଙ୍କାନାଳ ଲୋକସଭା ସାଂସଦଙ୍କ ନୋମିନୀ ଭାବେ ଭୁବନ ଅ  ଳରେ ଜନସାଧାରଣଙ୍କ ସେବାରେ ନିୟୋଜିତ ଥିଲେ । ବିଜେପିର ରାଷ୍ଟ୍ରୀୟ ସଭାପତି ରାଜନାଥ ସିଂହ ଶ୍ରୀ ନାୟକଙ୍କର ରାଜନୈତିକ ସାଂଗଠନିକ ଅଭିଜ୍ଞତାକୁ ରାଜ୍ୟସ୍ତରୀୟ ସଂଗଠନରେ ବିନିଯୋଗ ପାଇଁ ପତ୍ରାଙ୍କ ସଂଖ୍ୟା- ୧୭୫/BJP/P/୦୧.୦୮.୨୦୦୭ ରେ ରାଜ୍ୟ ନେତୃତ୍ୱଙ୍କୁ ପ୍ରଦାନ କରିଥିଲେ, ମାତ୍ର ରାଜ୍ୟନେତୃତ୍ୱ ଏହାକୁ ଗୁରୁତ୍ୱ ନଦେବାରୁ ସେ ଦୀର୍ଘ ୨୫ ବର୍ଷର ବିଜେପି ଦଳ ତ୍ୟାଗକରି ଓଡ଼ିଶାର ଜନପ୍ରିୟ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ସଭାପତି- ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ବିଜେଡିରେ ପ୍ରାଥମିକ ସଭ୍ୟସଂଖ୍ୟା ୭୩୫୬୦୨ ତା ୧୧.୦୯.୨୦୦୮ ଯୋଗଦେଇ ଅଦ୍ୟାବଧି କାମାକ୍ଷାନଗର ବିଧାନସଭା କ୍ଷେତ୍ରର ଜଣେ ବରିଷ୍ଠ ନେତା ଭାବେ କାର୍ଯ୍ୟରତ ଏବଂ ଏ ପୁସ୍ତକର ମାର୍ଗଦର୍ଶକ । କାମାକ୍ଷାନଗର ବିଜେଡି ନେତା ଶ୍ରୀ ନାୟକ ନିକଟରେ ପ୍ରଧାନମନ୍ତ୍ରୀ ଡଃ ମନମୋହନ ସିଂଙ୍କ ନିକଟକୁ ଏକ ପତ୍ର ଦେଇ ବିଶ୍ୱରେ ଇଣ୍ଡୋନେସିଆ ରାଷ୍ଟ୍ରର ଜନକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆଧୁନିକ ଓଡିଶାର ନିର୍ମାତା ⁄ ବିଜୁ ପଟ୍ଟନାୟକଙ୍କୁ ମରଣୋ  ର " ଭାରତରତ୍ନ" ପ୍ରଦାନ କରିବାକୁ ପତ୍ରରେ ଅନୁରୋଧ ସହ ଓଡିଶାର ମହାମହିମ ରାଜ୍ୟପାଳ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଉକ୍ତ ପତ୍ରର ଏକକିତା କପି ପ୍ରଦାନକରି ବିଧି କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଛନ୍ତି । ଶ୍ରୀ ନାୟକଙ୍କ ଏକମାତ୍ର କନ୍ୟା ଲେଖିକା ଜୟନ୍ତୀ ନାୟକ, ଜ୍ୱାଇ- ସାମ୍ବାଦିକ ମହେନ୍ଦ୍ର କୁମାର ଲେଙ୍କା, ବଡ଼ପୁଅ ସାହିତ୍ୟିକ ଡକ୍ଟର ସୁବାଷ ନାୟକ, ମଧମ ପୁତ୍ର ଆଡ୍‌ଭୋକେଟ୍ ପ୍ରକାଶ ନାୟକ, ସାନ ପୁତ୍ର- ଗବେଷକ ମାନସ ନାୟକ (ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସାରସ୍ୱତ କୃତି ଉପରେ ଗବେଷଣାରତ ତଥା ଜଣେ ଲେଖକ ଏକ ପୁସ୍ତକ "ଗୀତା ମେହେଟ୍ଟା ଜଣେ ଅନ୍ତର୍ଜାତୀୟ ଖ୍ୟାତିସଂପନ୍ନ  ଲେଖିକା" ଏବଂ ପତ୍ନୀ ଭାରତୀ ଦେବୀଙ୍କୁ ନେଇ ତାଙ୍କର ସଂସାର ।



ପୁସ୍ତକର ଲେଖକ- ଡକ୍ଟର ସୁବାଷ ନାୟକ (୧୪।୦୪।୧୯୭୭), ବାପା- ରାମଚନ୍ଦ୍ର ନାୟକ, ମା ଭାରତୀ ଦେବୀ, ସା/ପୋ.ଅ- ଶ୍ରୀରାମ ନିବାସ, ଭୁବନ, ଜିଲ୍ଲା- ଢେଙ୍କାନାଳ । ଉତ୍କଳ ବିଶ୍ୱବିଦ୍ୟାଳୟରୁ ଓଡ଼ିଆ ଭାଷା ଓ ସାହିତ୍ୟରେ ଏମ୍.ଏ. ପାଶ୍ ପରେ "ଓଡ଼ିଆ ସାହିତ୍ୟକୁ ନନ୍ଦିନୀ ଶତପଥୀଙ୍କ ଅବଦାନ" ପ୍ରସଙ୍ଗରେ ଗବେଷଣା କରି (ପିଏଚ୍.ଡି.) ଉପାଧିପ୍ରାପ୍ତ । ସଂପ୍ରତି- ଓଡ଼ିଆ ଭାଷା ସାହିତ୍ୟର ଉଚ୍ଚତର ଗବେଷଣା(ଡି.ଲିଟ୍) ପାଇଁ ପ୍ରୟାସଯୁକ୍ତ ଏକ ଗବେଷଣାଧର୍ମୀ ସାହିତ୍ୟ ସମାଲୋଚନା ପ୍ରବନ୍ଧ ପୁସ୍ତକ 'ସୃଜନ ପ୍ରଭା' ଏକ କବିତା ସଂକଳନ 'ପ୍ରିୟା' ପ୍ରକାଶନ ଅପେକ୍ଷାରେ- "ସାରସ୍ୱତସାଧିକା ନନ୍ଦିନୀ ଶତପଥୀ"- ପୁସ୍ତକର ଲେଖକ- ଯାହାର କି ପ୍ରକାଶକ ଓଡଶା ସାହିତ୍ୟ ଏକାଡେମୀ, ପୁସ୍ତକଟି ପ୍ରକାଶନ ଅପେକ୍ଷାରେ । ବିଜୁ ଜନତା ଦଳ- ଓଡ଼ିଶାର ଜନମାନସର ସେବକ ତାଙ୍କର ଏକ ରାଜନୈତିକଧର୍ମୀ ପୁସ୍ତକ ଅଟେ । ଅନେକ ପ୍ରବନ୍ଧ- କବିତା ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ପତ୍ରପତ୍ରିକାରେ ପ୍ରକାଶିତ । ଉତ୍କଳ ସାହିତ୍ୟ ସମାଜର ଆଜୀବନ ସଭ୍ୟ । ଓଡ଼ିଆ ଗବେଷଣା ପରିଷଦର ଆଜୀବନ ସଭ୍ୟ ସହ ଭୁବନର ବାଣୀ ସାହିତ୍ୟ ସଂସଦର ସଂଗଠନ ସଂପାଦକଭାବେ କାର୍ଯ୍ୟରତ ।

## ଲେଖକଙ୍କ କଲମରୁ ...........



[illegible]

[illegible]

[illegible]

[illegible]

[illegible]

ପ୍ରଫେସର ଡକ୍ଟର ସୁଭାଷ ନାୟକ



ଚିତ୍ର ପରିଚୟ ଦକ୍ଷ- ଓଡ଼ିଶା ଜନ ମାନସର ଜୋଟକ-ପ୍ରକାଶର ଲେଖକ ଡକ୍ଟର ସୁଭାଷ ନାୟକ -ପ୍ରଣୀତ ଚିତ୍ରୁ ଶ୍ରୀ ନବୀନ ପଟ୍ଟନାୟକ, ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡ଼ିଶା ତଥା ସଭାପତି ବିଜେଡି ଓଡ଼ିଶାଙ୍କ କରକମଳରେ ଅର୍ପଣ କରୁଛନ୍ତି । ସ୍ଥାନ- ଶଙ୍ଖ ଭବନ ବିଜେଡି କାର୍ଯ୍ୟାଳୟ, ଭୁବନେଶ୍ୱର, ତା- ୨୬-୧୨-୨୦୧୩.